# ୬

# ଭାରତୀୟ ଭାଷା ଓ ସାହିତ୍ୟ–୧

ଗୋଟିଏ ଛୁଟି କଟାଇବା ପାଇଁ ସାଗର ଓ ସମୀର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଯାଇଥିଲେ । ସମୁଦ୍ରରେ ଖେଳି ଓ ଅନେକଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ଦେଖି ସେମାନଙ୍କର ସେଠାରେ ବହୁତ ଭଲରେ ସମୟ କଟିଲା । କିନ୍ତୁ ସେମାନେ କିଛି ସମସ୍ୟାର ମଧ୍ୟ ସମ୍ମୁଖୀନ ହେଲେ । ସେଠାକାର ସ୍ଥାନୀୟ ଲୋକ ଯେଉଁ ଭାଷା କହୁଥିଲେ ସେମାନେ ତାହା ବୁଝି ପାରିଲେ ନାହିଁ । ଯାହା ଫଳରେ ଆଦିବାସୀମାନେ ସେମାନଙ୍କୁ ନିଜ ବିଷୟରେ ଯାହା କହିଥାନ୍ତେ ସେଗୁଡ଼ିକୁ ସେମାନେ ହରେଇଲେ । ଏଥିରୁ ତୁମେ ଭାଷାର ଗୁରୁତ୍ୱ ବୁଝିପାରିବ ।

ଭାଷା ଭାବ ପରିପ୍ରକାଶର ଏକ ସଂଗଠିତ ମାଧ୍ୟମ ହୋଇଥିବା ବେଳେ ସାହିତ୍ୟ ହେଉଛି ସମାଜକୁ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ମାନବୀୟ ଚିନ୍ତନ ଓ ଦର୍ଶନତତ୍ତ୍ୱର ଏକ ପ୍ରୟୋଗାତ୍ମକ ପୃଷ୍ଠଭୂମି । କହିବା ଅନାବଶ୍ୟକ ଯେ – ସାହିତ୍ୟ ସମାଜର ଦର୍ପଣ ସ୍ୱରୂପ । ଏଣୁ କୌଣସି ନିର୍ଦ୍ଦିଷ୍ଟ ସଂସ୍କୃତି ଓ ଏହାର ଐତିହ୍ୟ ସଂପର୍କରେ ଜାଣିବାକୁ ହେଲେ ଭାଷାର କ୍ରମବିକାଶ ଓ ଉକ୍ତ ସାହିତ୍ୟର ବିଭିନ୍ନ ବିଭାଗ ଯଥା – ଗଦ୍ୟ, ନାଟକ, ଧର୍ମୀୟ ଓ ଅଣଧର୍ମୀୟ ପୁସ୍ତକ ଆଦି ରଚନାବଳୀକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକୁ ନେବାକୁ ହେବ । ଏହି ପାଠ୍ୟକ୍ରମରେ ବିଭିନ୍ନ ଭାଷାସବୁ କେଉଁଭଳି ଭାବେ ଆମ ଭାରତୀୟ ସଂସ୍କୃତି ଓ ଐତିହ୍ୟର ମିଶ୍ରିତ ସ୍ୱରୂପ ସୃଷ୍ଟିକରି ଆମ ଦେଶ ଭାରତର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରତିପାଦିତ କରିବାରେ ସଫଳ ହୋଇଛନ୍ତି ସେ ସଂପର୍କରେ ଜାଣିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଢ଼ିସାରିବା ପରେ ତୁମେ ନିମ୍ନୋକ୍ତ ବିଷୟରେ ଜାଣିପାରିବ :

- ଭାରତର ସମୃଦ୍ଧ ସାହିତ୍ୟିକ ପରମ୍ପରାର ଅନୁଶୀଳନ କରିବା,
- ଭାରତ ବର୍ଷର ପ୍ରଚଳିତ ବିବିଧ ଭାଷା ଓ ସାହିତ୍ୟ ସଂପର୍କରେ ଅବଗତ ହେବା,
- ଭିନ୍ନ ଭିନ୍ନ ଭାଷା ଓ ସାହିତ୍ୟ କୃତିର ତାଲିକା ପ୍ରସ୍ତୁତ କରିବା,
- ଭାରତର ବିଭିନ୍ନ ଭାଷା ଓ ସାହିତ୍ୟର ବିବିଧ ରୂପ ମଧ୍ୟରେ ଅନ୍ତର୍ନିହିତ ଏକତ୍ୱକୁ ଚିତ୍ରଣ କରିବା, ଓ
- ବିଶ୍ୱ ସାହିତ୍ୟକୁ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ସଂପର୍କରେ ପର୍ଯ୍ୟାଲୋଚନା କରିବା ।

## ୬.୧ ଭାରତୀୟ ଭାଷା ସମୂହ : ସଂସ୍କୃତର ଭୂମିକା

ମଣିଷ ଯେବେଠାରୁ ଅକ୍ଷର ଓ ଲିଖନ ପ୍ରଣାଳୀ ଉଦ୍ଭାବନ କଲାଣି, ସେହି ସମୟରୁ ନିଜର ରଚନାବଳୀ ମାଧ୍ୟମରେ ସମସାମୟିକ ସମାଜର ସଂସ୍କୃତି, ଜୀବନଯାପନ ଶୈଳୀ, ସାମାଜିକ ରୀତିନୀତି, ରାଜନୈତିକ ଗତିବିଧି ସମୂହକୁ

ପ୍ରତିଫଳିତ କରିଆସିଅଛି । ଏହିଭଳି କ୍ରମାଗତ ଭାବେ ପ୍ରତ୍ୟେକ ସଂସ୍କୃତି ତା'ର ନିଜସ୍ୱ ଭାଷା ସାହିତ୍ୟକୁ ପ୍ରାକୃତିକ ଭାବେ କ୍ରମଶଃ ବିକଶିତ କରି ବିପୁଳ ସଂଖ୍ୟକ ସାହିତ୍ୟିକ ଭିତ୍ତିଭୂମି ସଂରଚନା କରିଅଛି । ଗୋଟିଏ ସଭ୍ୟତାର ଏହି ସାହିତ୍ୟିକ ଭିତ୍ତିଭୂମି, ପ୍ରତ୍ୟେକଟି ଭାଷା ଓ ସଂସ୍କୃତିର ବିବର୍ତ୍ତନ ଧାରା ଯାହା ଗୋଟିଏ ଶତାବ୍ଦୀରୁ ଅନ୍ୟ ଶତାବ୍ଦୀ ମଧ୍ୟଦେଇ କେଉଁଭଳି ଭାବେ ପରିବ୍ୟାପ୍ତ ଓ ଗତିଶୀଳ ସେ ସଂପର୍କୀୟ ସମସ୍ତ ତଥ୍ୟ ପ୍ରଦାନ କରିଥାଏ ।

ସଂସ୍କୃତଭାଷା ଅନେକ ଭାରତୀୟ ଭାଷାର ଜନ୍ମଦାତ୍ରୀ । ବେଦ, ଉପନିଷଦ, ପୁରାଣ ଓ ଧର୍ମସୂତ୍ର ସମୂହ ସଂସ୍କୃତ ଭାଷାର ଭିନ୍ନ ଭିନ୍ନ ଶୈଳୀରେ ରଚିତ । ଆହୁରି ମଧ୍ୟ ଅନେକ ପ୍ରକାରର ଧର୍ମ ନିରପେକ୍ଷ ଓ ଆଞ୍ଚଳିକ ସାହିତ୍ୟ ଦେଖିବାକୁ ମିଳିଥାଏ । ଅତୀତରେ ସୃଷ୍ଟି ହୋଇଥିବା ଭାଷା ଓ ସାହିତ୍ୟ ସଂପର୍କରେ ଅଧ୍ୟୟନ କଲେ, ଆମେ ଆମର ସଭ୍ୟତାକୁ ଅଧିକତର ଭାବେ ଅନୁଧ୍ୟାନ ଓ ଅନୁଶୀଳନ କରି ଆମ ସଂସ୍କୃତିର ସୁସମୃଦ୍ଧ ବିବିଧ ବିଭାଗର ଉତ୍କର୍ଷକୁ ଉପଲବ୍ଧ କରିବାକୁ ସକ୍ଷମ ହୋଇପାରିବା ।

ସଂସ୍କୃତ ଆମ ଦେଶର ସର୍ବପ୍ରାଚୀନ ଭାଷା । ଭାରତୀୟ ସମ୍ବିଧାନରେ ସନ୍ନିବେଶିତ ଏକୋଇଶିଟି ଭାଷା ମଧ୍ୟରୁ ଏହା ଅନ୍ୟତମ । ସଂସ୍କୃତ ଭାଷାରେ ସୃଷ୍ଟ ସାହିତ୍ୟ ବହୁ ବ୍ୟାପକ ଓ ବିସ୍ତୃତ । ଯାହାର ଅୟମାରମ୍ଭ ସର୍ବପ୍ରାଚୀନ ଚିନ୍ତାଚେତନା ସନ୍ନିବିଷ୍ଟ ହୋଇଥିବା ଋକ୍‌ବେଦ, ଯାହା ମଣିଷ ସମାଜର ସର୍ବପ୍ରାଚୀନ ସାହିତ୍ୟିକ ପରମ୍ପରାର ନିଦର୍ଶନ ସ୍ୱରୂପ ବିଦ୍ୟମାନ ଓ ଜେନ୍ଦାଭେସ୍ତା ପରି ଦୃଷ୍ଟ ହୋଇଥାଏ । ଅଷ୍ଟାଦଶ ଶତାବ୍ଦୀରେ ସଂସ୍କୃତ ଭାଷା, ଭାଷାତତ୍ତ୍ୱକୁ ବୈଜ୍ଞାନିକ ପଦ୍ଧତିରେ ଅଧ୍ୟୟନ କରିବା ନିମିତ୍ତ ପ୍ରେରଣା ଯୋଗାଉଥିଲା । ଶ୍ରେଷ୍ଠ ବୈୟାକରଣ ପାଣିନୀ ସଂସ୍କୃତ ଭାଷାକୁ ବିଶ୍ଳେଷଣ କରିଥିଲେ ଓ ଏହି ଭାଷାରେ ଶବ୍ଦ ଗଠନ ନିମିତ୍ତ ସମସ୍ତ ସୂତ୍ର ତାଙ୍କର ବର୍ଣ୍ଣନାମୂଳକ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟାକରଣ ପୁସ୍ତକ 'ଅଷ୍ଟାଧ୍ୟାୟୀ'ରେ ସନ୍ନିବେଶିତ କରିଥିଲେ ।

ସମ୍ଭବତଃ ସଂସ୍କୃତ ଏକମାତ୍ର ଭାଷା, ଯାହା ଆଞ୍ଚଳିକ ସୀମା ସରହଦ ଅତିକ୍ରମ କରିଥିଲା । ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ, ଭାରତର ଏପରି ସ୍ଥାନ ନଥିଲା ଯାହାର ସଂସ୍କୃତ ଭାଷା ପ୍ରତି ଅବଦାନ ନଥିଲା ଅଥବା ସଂସ୍କୃତ ଭାଷା ଦ୍ୱାରା ପ୍ରଭାବିତ ହୋଇନଥିଲା । କାଶ୍ମୀର କବି କହ୍ଲଣଙ୍କ ପ୍ରତିଷ୍ଠିତ ଗ୍ରନ୍ଥ ''ରାଜତରଙ୍ଗିଣୀ''ରେ କାଶ୍ମୀର ରାଜା ଓ ରାଜବଂଶର ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ । ଅପରପକ୍ଷେ ପୃଥ୍ୱୀରାଜଙ୍କର ଗୌରବଗାଥାରେ ''ଜୋନାରାଜା'' ଗ୍ରନ୍ଥଟି ପରିପୂର୍ଣ୍ଣ । ମହାକବି କାଳିଦାସଙ୍କ ରଚନାବଳୀ ସଂସ୍କୃତ ଭାଷାକୁ ସୌନ୍ଦର୍ଯ୍ୟ ମଣ୍ଡିତ କରିବା ସହିତ ଭାଷା ଭଣ୍ଡାରକୁ ସୁସମୃଦ୍ଧ କରିଅଛି ।

ଭାରତୀୟ ସାହିତ୍ୟର ସୁବର୍ଣ୍ଣଯୁଗକୁ ମାଧୁର୍ଯ୍ୟମଣ୍ଡିତ କରିଥିବା ସାହିତ୍ୟ-କୃତି ମଧ୍ୟରେ ମହାକବି କାଳିଦାସଙ୍କ ଦ୍ୱାରା ରଚିତ ''ଅଭିଜ୍ଞାନ ଶାକୁନ୍ତଳମ୍'' ଓ ''ମେଘଦୂତମ୍'', ଶୁଦ୍ରକଙ୍କର ''ମୃଚ୍ଛକଟିକମ୍'', ଭାସଙ୍କର ''ସ୍ୱପ୍ନ ବାସବଦତ୍ତମ୍'' ଏବଂ କବି ଶ୍ରୀହର୍ଷଙ୍କର ''ରତ୍ନାବଳୀ'' ଆଦି ଅନ୍ୟତମ । ପରବର୍ତ୍ତୀ ସମୟରେ ଚାଣକ୍ୟଙ୍କର ସୁପ୍ରସିଦ୍ଧ ''ଅର୍ଥଶାସ୍ତ୍ର'' ଓ ଋଷି ବାତ୍ସାୟନଙ୍କ ''କାମସୂତ୍ର'' ସଂସ୍କୃତ ଭାଷା ଓ ସାହିତ୍ୟର ମହନୀୟତାକୁ ପ୍ରତିପାଦିତ କରେ ।

## ପାଠଗତ ପ୍ରଶ୍ନାବଳୀ – ୬.୧

୧. ସର୍ବପ୍ରାଚୀନ ଭାରତୀୟ ଭାଷାର ନାମ ଲେଖ ।





୨. ମଣିଷ ସମାଜର ସର୍ବପ୍ରାଚୀନ ସାହିତ୍ୟିକ ଐତିହ୍ୟ ବୋଲି କାହାକୁ କୁହାଯାଏ ?

________________________________________

## ୬.୨ ବେଦ ସମୂହ

ବେଦ ସମୂହ ଭାରତର ସର୍ବପ୍ରାଚୀନ ସାହିତ୍ୟ ଭାବେ ପରିଚିତ । ଏହା ସବୁ ସଂସ୍କୃତର ଏକ ନିର୍ଦ୍ଦିଷ୍ଟ ଧାରାରେ ରଚିତ ହୋଇ ଗୋଟିଏ ପୁରୁଷରୁ ପରବର୍ତ୍ତୀ ପୁରୁଷକୁ ମୌଖିକ ଭାବେ ଗତିଶୀଳ ହେଉଥିଲା । ଲିଖନ ପ୍ରଣାଳୀ ଉଦ୍‌ଭାବିତ ହୋଇ ନଥିବାରୁ ଏହାକୁ ଶୁଣିଶୁଣି ମନେ ରଖିବାକୁ ପଡୁଥିଲା । ତେଣୁ ଏହାର ନାମ ମଧ୍ୟ ‘‘ଶ୍ରୁତି’’ ଥିଲା । ବେଦପରି ଏକ ଦୁର୍ମୂଲ୍ୟ ସର୍ବପ୍ରାଚୀନ ସାହିତ୍ୟକୃତିକୁ ଆଜି ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିପାରିବା ନିଶ୍ଚୟରୂପେ ମାନବ ସମାଜର ଏକ ସର୍ବୋତ୍ତମ ସଫଳତା । ବେଦ ଶବ୍ଦର ଆକ୍ଷରିକ ଅର୍ଥ ହେଲା ଜ୍ଞାନ । ଭାରତୀୟମାନେ ବିଶ୍ୱାସ କରନ୍ତି ବେଦ ମନୁଷ୍ୟକୃତ ନୁହେଁ । ଏହା ଶାଶ୍ୱତ ଓ ଅପୌରୁଷେୟ । ହିନ୍ଦୁ ସଂସ୍କୃତିରେ ବେଦକୁ ଚିରନ୍ତନ, ସ୍ୱର୍ଗୀୟ, ଐଶୀଶକ୍ତିର ପରିପ୍ରକାଶ ବୋଲି ବିଚାର କରାଯାଉଥିଲା । ବେଦକୁ ଚାରିଭାଗରେ ବିଭକ୍ତ କରାଯାଇଥିଲା ଯଥା – ଋକ୍‌ବେଦ, ଯଜୁଃବେଦ, ସାମବେଦ ଓ ଅଥର୍ବବେଦ । ‘‘ବସୁଧୈବ କୁଟୁମ୍ବକମ୍’’ ଅର୍ଥାତ୍ ସମଗ୍ର ମାନବ ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ଯେଉଁ ମହାଭାରତୀୟ ଚେତନା, ତାହା ପ୍ରଥମେ ବେଦରେ ଉଚ୍ଚାରିତ ହୋଇଥିଲା । ପ୍ରତ୍ୟେକ ବେଦ, ବ୍ରାହ୍ମଣ, ଉପନିଷଦ ଓ ଆରଣ୍ୟକ ଏହିପରି ତିନିଭାଗରେ ବିଭକ୍ତ ହୋଇଥିଲା । ଋକ୍, ସାମ ଓ ଯଜୁଃ – ଏହି ତିନି ବେଦକୁ ସାମୂହିକ ଭାବେ ‘‘ତ୍ରୟୀ’’ ବୋଲି କୁହାଯାଏ । ପରବର୍ତ୍ତୀ ସମୟରେ ଅଥର୍ବ ବେଦକୁ ଏଥିରେ ସଂଯୋଜିତ କରାଯାଇଥିଲା ।

### ଋକ୍ ବେଦ

ଚତୁର୍ବେଦ ମଧ୍ୟରେ ଋକ୍‌ବେଦ ପ୍ରାଚୀନତମ ମୌଳିକ ଗ୍ରନ୍ଥ । ଋକ୍‌ବେଦ ସଂହିତାର ୧୦୨୮ଟି ସୂକ୍ତ ଦଶଟି ମଣ୍ଡଳରେ ବିଭକ୍ତ । ଏଗୁଡ଼ିକ ଉପାସ୍ୟ ଦେବତାମାନଙ୍କ ପାଇଁ ଉଦ୍ଦିଷ୍ଟ ହେଲେ ହେଁ, ବିଷୟ ବିନ୍ୟାସରେ ସମାଜବ୍ୟବସ୍ଥା ଓ ରାଜନୈତିକ ଅବସ୍ଥାର ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି । ଏହି ସ୍ତୋତ୍ରଗୁଡ଼ିକ ମଧ୍ୟରୁ ଅନେକ ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ପରିପୂର୍ଣ୍ଣ । ଏହା ମଧ୍ୟରେ ଥିବା ପ୍ରାର୍ଥନାଗୁଡ଼ିକ ସାଂସାରିକ ପାର୍ଥିବ ଜୀବନର ସୁଖ ସମୃଦ୍ଧି ଲାଭ ପାଇଁ ବୃହଦାଂଶରେ ଉଦ୍ଦିଷ୍ଟ । ବୈଦିକ ଯୁଗରେ ମୁନି ଋଷିମାନଙ୍କର ଏହି ସ୍ତୋତ୍ର ଆବୃତ୍ତିଗୁଡ଼ିକ ଭାବୋଚ୍ଛ୍ୱାସର ସ୍ୱାଭାବିକ ପରିପ୍ରକାଶ ବୋଲି ବିଶ୍ୱାସ କରାଯାଉଥିଲା । ଏହା ମାନସିକ ସ୍ତରରେ କଠୋର ସାଧନା ଓ ତପସ୍ୟାର ଫଳସ୍ୱରୂପ ଇନ୍ଦ୍ରିୟାତୀତ ଜଗତରେ ଉପଲବ୍ଧ ଜ୍ଞାନର ସ୍ୱତଃସ୍ଫୁର୍ତ୍ତ ଭାବୋଚ୍ଛ୍ୱାସ ରୂପେ ପ୍ରତିଷ୍ଠିତ । ଏହି ବିଖ୍ୟାତ ତପସ୍ୱୀମାନଙ୍କ ମଧ୍ୟରୁ ବଶିଷ୍ଠ, ଗୌତମ, ବାମଦେବ, ବିଶ୍ୱାମିତ୍ର, ଅତ୍ରି ପ୍ରଭୃତି ପ୍ରଧାନ । ଋକ୍‌ବେଦରେ ବର୍ଣ୍ଣିତ ପ୍ରସିଦ୍ଧ ଦେବତାମାନେ ହେଉଛନ୍ତି ଇନ୍ଦ୍ର, ଅଗ୍ନି, ବରୁଣ, ରୁଦ୍ର, ଆଦିତ୍ୟ, ବାୟୁ, ଅଦିତି ଓ ଅଶ୍ୱିନୀ କୁମାର ଭ୍ରାତୃଦ୍ୱୟ । କେତେକ ପ୍ରତିଷ୍ଠିତ ଦେବୀମାନେ ହେଲେ ଉଷା – ପ୍ରଭାତ ସମୟର ଦେବୀ, ବାକ୍‌ଦେବୀ – କଥନ ପ୍ରଣାଳୀର ଦେବୀ ଓ ପୃଥ୍ୱୀ – ଧରଣୀର ଦେବୀ । ଋକ୍‌ବେଦରୁ ପ୍ରାଚୀନ ଭାରତର ସମାଜ, ଧର୍ମ, ରାଜନୈତିକ ସଂଗଠନ, ଅର୍ଥନୈତିକ ଅବସ୍ଥା ଆଦି ବିଷୟରେ ସୂଚନା ମିଳେ । ଏତଦ୍‌ବ୍ୟତୀତ ଋକ୍‌ବେଦରେ ରଚିତ ସ୍ତୋତ୍ର ସମୂହରେ – ସତ୍ୟଶୀଳତା, ସଚ୍ଚୋଟତା, ନିଷ୍ପାପରତା, ତ୍ୟାଗ, ସଂଯମତା, ଆଦି ବଳିଷ୍ଠ ମୌଳିକ ମାନବୀୟ ମୂଲବୋଧ ସଂପର୍କରେ ଉଲ୍ଲେଖ ଅଛି ।





## ଯଜୁଃ ବେଦ

ଯଜୁର୍ ଶବ୍ଦର ଅର୍ଥ ହେଉଛି ତ୍ୟାଗ କିମ୍ବା ଦାନଯୁକ୍ତ ସାମୂହିକ ଉପାସନା । ଏହି ବେଦରେ ମୁଖ୍ୟତଃ ଧାର୍ମିକ ଅନୁଷ୍ଠାନର ବିଧିବିଧାନ ଓ ଯଜ୍ଞାନୁଷ୍ଠାନ ନିମିତ୍ତ ବୈଦିକ ମନ୍ତ୍ର ସମୂହ ସମଷ୍ଟିଗତ ଭାବରେ ସନ୍ନିବେଶିତ ହୋଇଅଛି । ଯଜ୍ଞ ଅନୁଷ୍ଠାନଗୁଡ଼ିକ ଏହା ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା । ଏହା ଉଭୟ ଗଦ୍ୟ ଓ ପଦ୍ୟ ଆକାରରେ ପରିବେଷଣ କରାଯାଉଥିଲା । ଧାର୍ମିକ କର୍ମାନୁଷ୍ଠାନ କର୍ମକାଣ୍ଡର ଏହା ଲିଖିତ ଗ୍ରନ୍ଥ ହୋଇଥିବାରୁ ଚାରିବେଦ ମଧ୍ୟରେ ଏହା ଅଧିକ ଲୋକପ୍ରିୟ । ଏହି ଯଜୁର୍ବେଦ ଶୁକ୍ଳ ଯଜୁର୍ବେଦ ଓ କୃଷ୍ଣ ଯଜୁର୍ବେଦ ନାମରେ ଦୁଇଟି ଶାଖାରେ ବିଭକ୍ତ । ତତ୍‌କାଳୀନ, ଭାରତର ସାମାଜିକ ଓ ଧର୍ମୀୟ ବ୍ୟବସ୍ଥା ଯଜୁର୍ବେଦରେ ପ୍ରତିଫଳିତ ।

## ସାମ ବେଦ

ସାମ ଶବ୍ଦର ଅର୍ଥ ହେଉଛି ଶ୍ରୁତି ମଧୁର ସଙ୍ଗୀତ । ଏହି ବେଦରେ ୧୬୦୦୦ ରାଗ ଓ ରାଗିଣୀ ସମୂହ ସନ୍ନିବେଶିତ । ୧୮୭୫ଟି ସୂକ୍ତ ମଧ୍ୟରୁ ମାତ୍ର ୭୫ଟି ଏହାର ନିଜସ୍ୱ ମୌଳିକ ସୃଷ୍ଟି ଏବଂ ଅନ୍ୟ ସମସ୍ତ ଋକ୍‌ବେଦରୁ ଆସିଅଛି । ଋକ୍‌ବେଦର ସ୍ତୋତ୍ରଗୁଡ଼ିକୁ ଆବୃତ୍ତି କରିବା ନିମିତ୍ତ ନିର୍ଦ୍ଦିଷ୍ଟ ପଦ୍ଧତିର ଗାୟନ ଶୈଳୀଗୁଡ଼ିକ ସାମବେଦରେ ନିର୍ଦ୍ଧାରଣ କରାଯାଇଛି । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିବର୍ତ୍ତନ ଇତିହାସର ସାମବେଦ ଏକ ପ୍ରାମାଣିକ ଦସ୍ତାବିଜ୍ ।

## ଅଥର୍ବ ବେଦ

ଅଥର୍ବ ବେଦ ମଧ୍ୟ ବ୍ରହ୍ମବେଦ ନାମରେ ପରିଚିତ । ଏହି ବେଦରେ ଅନେଶତଟି ରୋଗର ଚିକିତ୍ସା ବିଧାନ ପ୍ରଣୀତ ହୋଇଅଛି । ଏହି ବେଦର ସ୍ରଷ୍ଟା ଓ ତଥ୍ୟ ପ୍ରଦାନକାରୀ ଭାବେ ଦୁଇଜଣ ତପସ୍ୱୀ ଅଥର୍ବଃ ଓ ଅଙ୍ଗୀରସ ସୁପ୍ରତିଷ୍ଠିତ ।

ଏହି ବେଦକୁ ଅନୁଶୀଳନ କରିବାକୁ ହେଲେ ପ୍ରଥମେ ବେଦାଙ୍ଗ ବା ବେଦର ଶାଖା କର୍ମକାଣ୍ଡକୁ ଭଲ ଭାବରେ ଅଧ୍ୟୟନ କରିବା ଆବଶ୍ୟକ । ଏହି ବେଦ ଅଧ୍ୟୟନକୁ ଅଧିକ ସରଳ ଓ ଉପଯୋଗୀ କରିବା ପାଇଁ ଧ୍ୱନୀ ବିଜ୍ଞାନ (ଶିକ୍ଷା), ବ୍ୟାକରଣ କର୍ମକାଣ୍ଡ (କଳ୍ପ), ଶବ୍ଦର ଉତ୍ପତ୍ତି ଓ ବିକାଶ ବିଷୟକ ଗବେଷଣା ଶାସ୍ତ୍ର ବା ବ୍ୟୁତ୍ପତ୍ତି ତତ୍ତ୍ୱ (ନିରୁକ୍ତ) ଛନ୍ଦ ଓ ଜ୍ୟୋତିଷ ଶାସ୍ତ୍ର ପ୍ରଭୃତି ବିଭାଗଗୁଡ଼ିକୁ ସୃଷ୍ଟି କରିଅଛି । ଏହି ବିଷୟବସ୍ତୁ ସବୁକୁ ଆଧାରକରି ବହୁ ସଂଖ୍ୟକ ସାହିତ୍ୟିକ ରଚନାବଳୀର ସୃଷ୍ଟି ଓ ବିକାଶ ସମ୍ଭବ ହୋଇପାରିଛି । ଏହାସବୁ ଆଚରଣ ବିଧି ଓ ଉପଦେଶ ସ୍ୱରୂପ ସୂତ୍ରଶୈଳୀରେ ଲେଖାଯାଇଛି । ଗୋଟିଏ ଆଚରଣ ବିଧିକୁ ତା'ର ସଂକ୍ଷିପ୍ତତା ଦୃଷ୍ଟିରୁ ସୂତ୍ର ବୋଲି କୁହାଯାଉଥିଲା । ଏହାର ପ୍ରସିଦ୍ଧ ଶ୍ରେଷ୍ଠ ଉଦାହରଣ ହେଉଛି ପାଣିନୀଙ୍କର ବ୍ୟାକରଣ ଗ୍ରନ୍ଥ'' ଅଷ୍ଟାଧ୍ୟାୟୀ ଯାହାର ଅଧ୍ୟୟନ, ଉଲ୍ଲିଖିତ ବ୍ୟାକରଣ ଶାସ୍ତ୍ରର ନିୟମ ସହିତ ସମସାମୟିକ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ୱରୂପ ସଂପର୍କରେ ସମ୍ୟକ୍ ଆଲୋକପାତ କରିଥାଏ ।

## ବ୍ରାହ୍ମଣ ଓ ଆରଣ୍ୟକ

ଚତୁର୍ବେଦକୁ ଛାଡ଼ିଦେଲେ, ଅନ୍ୟ ଅନେକ ଶାସ୍ତ୍ର ମଧ୍ୟ ବିକାଶ ଲାଭ କରିଥିଲା । ତାହା ସବୁ ବ୍ରାହ୍ମଣ୍ୟ ନାମରେ ପ୍ରତିଷ୍ଠା ଅର୍ଜନ କରିଥିଲା । ଏହି ଗ୍ରନ୍ଥ ସମୂହରେ ବୈଦିକ କର୍ମକାଣ୍ଡ, ବିଧିବିଧାନ, ନୀତି, ନିୟମ ଓ ପୂଜା ପଦ୍ଧତି ସଂପର୍କୀୟ ସମସ୍ତ ସୂଚନା ସନ୍ନିବେଶିତ ଥିଲା । ଆରଣ୍ୟକ, ବ୍ରାହ୍ମଣ୍ୟର ପରିଶିଷ୍ଟ ବିଭାଗ ଥିଲା ଓ ଅନେକ ଗଭୀର ଦର୍ଶନ ତତ୍ତ୍ୱ ସମ୍ବଳିତ ଦାର୍ଶନିକ ସାହିତ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା । ଆରଣ୍ୟକରେ ଉଚ୍ଚକୋଟୀର ଦାର୍ଶନିକ ତତ୍ତ୍ୱମାନ ପରିବେଷଣ କରାଯାଇଛି । ବାନପ୍ରସ୍ଥ କାଳରେ ବ୍ୟୟସାଧ୍ୟ ଯଜ୍ଞାନୁଷ୍ଠାନ ବଦଳରେ ଆରଣ୍ୟକରେ ବର୍ଣ୍ଣିତ ସ୍ତୋତ୍ରମାନଙ୍କର ପଠନ କରାଯାଉଥିଲା । ଆରଣ୍ୟକର ଅନ୍ତିମଭାଗ, ଯେଉଁଥିରେ ଦାର୍ଶନିକ ତତ୍ତ୍ୱ ବର୍ଣ୍ଣିତ, ତାହାକୁ

'ବେଦାନ୍ତ' ବା 'ଉପନିଷଦ୍' କୁହାଯାଏ । ଚାରିବେଦରୁ ପ୍ରତ୍ୟେକ ବେଦର ନିଜସ୍ୱ ବ୍ରାହ୍ମଣ ଗ୍ରନ୍ଥ ରହିଛି । ଋକବେଦର କଉଷିଟକୀ ଓ ଐତ୍ରେୟ । କୃଷ୍ଣଜଜୁର୍ବେଦର ତୈତ୍ତେରିୟ ଓ ଶୁକ୍ଳ ଜଜୁର୍ବେଦ ଶତତାଣ୍ଡବ, ପଞ୍ଚଭିଷ ଓ ଜୟମାନିଆ ଅଥର୍ବ ବେଦର ବ୍ରାହ୍ମଣ । ଏହି ଗ୍ରନ୍ଥମାନଙ୍କରୁ ସେହି ସମୟର ସାମାଜିକ, ରାଜନୈତିକ ଓ ଧାର୍ମିକ ଜୀବନର ସୂଚନା ମିଳେ । ଏହା ବୈଦିକ ଯୁଗର ଶେଷ ଭାଗରେ ରଚିତ ହୋଇଥିଲା । ଏଥିରେ ଗଭୀର ଦାର୍ଶନିକ ତତ୍ତ୍ୱାବଳୀ ପ୍ରଦତ୍ତ ହୋଇଛି । ପ୍ରଧାନ ଉପନିଷଦ୍‌ମାନଙ୍କ ମଧ୍ୟରେ "ଈଶୋପନିଷଦ", ମାଣ୍ଡୁକ୍ୟ ଉପନିଷଦ, ଐତରେଇ ଉପନିଷଦ, ଛାନ୍ଦୋଗ୍ୟ ଉପନିଷଦ ଓ ବୃହଦକାରଣ୍ୟକ ଉପନିଷଦର ନାମ ଉଲ୍ଲେଖ ଯୋଗ୍ୟ । ଉପନିଷଦରେ ପରମାର୍ଥିକ ସତ୍ୟ ଓ ତତ୍‌ସହ ଦୃଶ୍ୟମାନ ଜଗତର ସଂପର୍କାଦି ଗୂଢ଼ ଦାର୍ଶନିକ ତତ୍ତ୍ୱଗୁଡ଼ିକର ଅବତାରଣା କରାଯାଇଛି । ଆରଣ୍ୟକ ଗ୍ରନ୍ଥରେ ଆତ୍ମା, ଜନ୍ମ, ମୃତ୍ୟୁ ଓ ତଦୁର୍ଦ୍ଧ୍ୱ ଜୀବନ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ବାନପ୍ରସ୍ଥ ଜୀବନରେ ମୁନିଋଷିମାନେ ଏସବୁର ଅଧ୍ୟୟନ ଓ ଶିକ୍ଷାଲାଭ କରାଯାଉଥିଲା ।

ଏହି ସବୁ କୃତୀ ସଂସ୍କୃତ ଭାଷାରେ ସୃଷ୍ଟି ହୋଇଥିଲା । ପ୍ରାରମ୍ଭରେ ଏହା ମୌଖିକ ଭାବେ ଜଣକ ପାଖରୁ ଅନ୍ୟ ଜଣକୁ ହସ୍ତାନ୍ତରିତ ହେଉଥିଲା । ଏହାକୁ ଶୁଣି ଶୁଣି ମନେ ରଖିବାକୁ ପଡୁଥିଲା । ତେଣୁ ଏହାକୁ ଶୃତି କୁହାଯାଉଥିଲା । ଏହା ସୃଷ୍ଟିର ବହୁବର୍ଷ ପରେ ଲିଖିତ ଆକାରରେ ପ୍ରକାଶିତ ହୋଇଥିଲା ।

> ବେଦର ରଚନାକାଳ ସଂପର୍କରେ କୌଣସି ସଠିକ୍ ପ୍ରମାଣ ମିଳେ ନାହିଁ । ମାକ୍ସ୍ ମୁଲର୍ ବେଦ ଖ୍ରୀ:ପୂ: ୧୦୦୦ରେ ରଚିତ ହୋଇଥିବା ମତପୋଷଣ କରନ୍ତି । ମାତ୍ର ଲୋକମାନ୍ୟ ତିଳକ ଖ୍ରୀ:ପୂ: ୬୦୦୦ରେ ବେଦ ରଚିତ ହୋଇଥିବାର ଦାବି କରନ୍ତି ।

### ଶ୍ରୁତି ଓ ସ୍ମୃତି ମଧ୍ୟରେ ପାର୍ଥକ୍ୟ

ଉଭୟ ଶ୍ରୁତି ଓ ସ୍ମୃତି ସମାନ ପର୍ଯ୍ୟାୟର ଗ୍ରନ୍ଥ ଯାହାକି ହିନ୍ଦୁ ପରମ୍ପରାରେ ପ୍ରଚଳିତ ନିୟମ ଓ ଅନୁଶାସନକୁ ବ୍ୟାଖ୍ୟା କରେ । ଶ୍ରୁତି ମୂଳତଃ ଏକ ଶାଶ୍ୱତ ଶାସ୍ତ୍ର ଏବଂ ଏହା କୌଣସି ନିର୍ଦ୍ଦିଷ୍ଟ ତତ୍ତ୍ୱର ବ୍ୟାଖ୍ୟା କରେ ନାହିଁ । ଏହାର ଉତ୍ସ ଶାଶ୍ୱତ ତଥା ସ୍ୱର୍ଗୀୟ ହୋଇଥିବାରୁ ଏହା ମୁଖ୍ୟତଃ ଆବୃତ୍ତି ପାଇଁ ଉଦ୍ଦିଷ୍ଟ । ମାତ୍ର ସ୍ମୃତିରେ ଏକ ମୌଖିକ ପରଂପରାର ବିଶ୍ଳେଷଣ ଦେଖିବାକୁ ମିଳିଥାଏ ।

## ପାଠଗତ ପ୍ରଶ୍ନାବଳୀ ୬.୨

୧. "ବେଦ" ଶବ୍ଦର ଅର୍ଥ କ'ଣ ?

_______________

୨. ଚାରି ବେଦର ନାମ ଲେଖ ।

_______________

୩. "ଯଜୁର୍"ର ମାନେ କ'ଣ ?

_______________

୪. ସାମବେଦରେ କେତୋଟି ସଙ୍ଗୀତର ସ୍ୱର ସୃଷ୍ଟି ହୋଇଛି ?

## ୬.୩ ଉପନିଷଦ ସମୂହ

ଉପନିଷଦ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ, 'ଉପ' ଅର୍ଥ ନିକଟ ଓ 'ନିଷଦ' ଅର୍ଥ ବସିବା ଯାହା ''ନିକଟରେ ଉପବେଶନ''କୁ ବୁଝାଇଥାଏ । ଦଳ କିମ୍ବା ଗୋଷ୍ଠୀବଦ୍ଧ ଶିକ୍ଷାର୍ଥୀମାନେ ଗୁରୁଙ୍କ ନିକଟରେ ବସି ଶିକ୍ଷାଲାଭ କରୁଥିଲେ, ଯାହା ଗୁରୁ ଶିଷ୍ୟ ପରଂପରାକୁ ବୁଝାଇଥାଏ ।

ଉପନିଷଦ ସମୂହ ହେଉଛି ଭାରତୀୟ ତାତ୍ତ୍ୱିକ ଭାବନାର ଶୀର୍ଷ ପର୍ଯ୍ୟାୟ ଓ ବେଦର ଅନ୍ତିମ ବିଭାଗ । ଯେହେତୁ ଉପନିଷଦଗୁଡ଼ିକ ଦୁର୍ବୋଧ୍ୟ, ନିଗୂଢ, ଚୂଡ଼ାନ୍ତ ଦର୍ଶନତତ୍ତ୍ୱ ସମ୍ବଳିତ କଠିନ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ପର୍ଯ୍ୟାଲୋଚନାରେ ପରିପୂର୍ଣ୍ଣ, ସେଗୁଡ଼ିକୁ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣର ଅନ୍ତିମ ପର୍ଯ୍ୟାୟରେ ଶିକ୍ଷା ଦିଆଯାଇଥାଏ । ସେଥିପାଇଁ ଉପନିଷଦଗୁଡ଼ିକୁ ବେଦର ଅନ୍ତିମ ଭାଗ ବୋଲି କୁହାଯାଇଥାଏ । ବେଦର ପ୍ରାରମ୍ଭିକ ସ୍ତୋତ୍ରସବୁ, ଦୃଶ୍ୟମାନ ପ୍ରକୃତିର ଉପାସନାରେ ପର୍ଯ୍ୟବସିତ ସମସ୍ତ ସ୍ୱଚ୍ଛ ସୁସ୍ପଷ୍ଟ ସିଦ୍ଧାନ୍ତ ସମୂହ କାଳକ୍ରମେ ଅଦୃଶ୍ୟମାନ ଶକ୍ତି ସମୂହର ଉପାସନା ଦିଗରେ ଧୀରେ ଧୀରେ ପରିବର୍ତ୍ତିତ ହୋଇଥିଲା । ୨୦୦ରୁ ଅଧିକ ଉପନିଷଦ ଅଛି । ତନ୍ମଧ୍ୟରୁ ମୁକ୍ତିକ ୧୦୮ ଉପନିଷଦର ତାଲିକା ଦିଏ । ଏହି ୧୦୮ ସଂଖ୍ୟା ହିନ୍ଦୁ ଧର୍ମର ଜପାମାଳିର ୧୦୮ ମାଳି ବା କଣ୍ଠି ସଦୃଶ ।

ଉପନିଷଦ ସମୂହ ଆମର ପାରମ୍ପରିକ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ-ବିଶେଷ । ଏହି ଉପନିଷଦଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ପ୍ରସଙ୍ଗକୁ ପରିଚାଳିତ କରିଥାଏ । ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ମୂଳଉତ୍ସ ବା ଉତ୍ପତ୍ତି, ଜୀବନ ଓ ମୃତ୍ୟୁ, ପାର୍ଥିବ ଓ ଅପାର୍ଥିବ ପୃଥିବୀ, ବସ୍ତୁବାଦୀ ଓ ଆଧ୍ୟାତ୍ମବାଦୀ ଚିନ୍ତାଚେତନା, ଜ୍ଞାନର ସ୍ୱରୂପ ଓ ପ୍ରକୃତି ଇତ୍ୟାଦି ଅନେକ ପ୍ରସଙ୍ଗର ବିତର୍କର ଆଧାର ରୂପେ ଉପନିଷଦ ପ୍ରତିଷ୍ଠିତ । ବୃହଦାରଣ୍ୟକ ଓ ଛାନ୍ଦୋଗ୍ୟ ଉପନିଷଦ ଦ୍ୱୟ ସର୍ବ ପୁରାତନ ଭାବେ ପରିଚିତ ।

### ପାଠଗତ ପ୍ରଶ୍ନାବଳୀ ୬.୩

୧. ଉପନିଷଦ ଶବ୍ଦର ଅର୍ଥ କ'ଣ ?

୨. କେତୋଟି ଗୁରୁତ୍ୱପୂର୍ଣ୍ଣ ଉପନିଷଦର ନାମ ଲେଖ ।

## ୬.୪ ରାମାୟଣ ଓ ମହାଭାରତ

ରାମାୟଣ ଓ ମହାଭାରତ ନାମକ ଦୁଇଟି ଅମ୍ଳାନ ମହାକାବ୍ୟ ବିଶ୍ୱ ସାହିତ୍ୟକୁ ଭାରତର ଏକ ମହାର୍ଘ୍ୟ ଉପହାର । ଏପରିକି ରାମାୟଣ ହେଉଛି ବିଶ୍ୱର ସର୍ବପ୍ରାଚୀନତମ ମହାକାବ୍ୟ । ବାଲ୍ମିକୀଙ୍କ ରଚିତ ରାମାୟଣ ହେଉଛି ମୂଳ ରାମାୟଣ । ଏହାକୁ ଆଦିକାବ୍ୟ ଓ ମହର୍ଷି ବାଲ୍ମିକୀଙ୍କୁ ଆଦିକବି ଭାବେ ଗ୍ରହଣ କରାଯାଏ । ରାମାୟଣ ଏକ ଆଦର୍ଶ ସମାଜର ପ୍ରତିଚ୍ଛବି ଆମ ଆଗରେ ଉପସ୍ଥାପନ କରେ । ଅନ୍ୟ ମହାକାବ୍ୟ ମହାଭାରତ ବ୍ୟାସଦେବଙ୍କ



ଦ୍ୱାରା ରଚିତ । ଏହା ମୂଳତଃ ସଂସ୍କୃତ ଭାଷାରେ ଲିଖିତ ଓ ଏଥିରେ ୮୮୦୦ଟି ଛନ୍ଦୋବଦ୍ଧ ପଦ ଥିଲା । ଏହାକୁ 'ଜୟ' ବା 'ବିଜୟ'ର ବାର୍ତ୍ତା ବୋଲି କୁହାଯାଉଥିଲା । ପରବର୍ତ୍ତୀ ସମୟରେ ଏହି ପଦସଂଖ୍ୟା ୨୪,୦୦୦କୁ ବୃଦ୍ଧି ହୋଇଥିଲା ଓ 'ଭାରତ' ନାମକ ବୈଦିକ ଯୁଗର ଆଦିବାସୀ ସଂପ୍ରଦାୟଙ୍କ ନାମରେ ନାମିତ ହୋଇଥିଲା । ଶେଷ ସଂକଳନଟିର ପଦ ସଂଖ୍ୟା ୧,୦୦,୦୦୦ରେ ସୀମିତ ରଖାଗଲା ଯାହା 'ମହାଭାରତ' ନାମରେ ନାମିତ । ଏହାକୁ ମଧ୍ୟ "ଶତ ସହସ୍ର ସଂହିତା" ବୋଲି କୁହାଯାଉଥିଲା । ଏହି ମହାକାବ୍ୟ, ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ସଂଘଟିତ ବିବାଦର ନୀତି ଗର୍ଭକ, ବର୍ଣ୍ଣନାମୂଳକ ଉପାଖ୍ୟାନରେ ପରିପୂର୍ଣ୍ଣ । ରାମାୟଣ ଓ ମହାଭାରତର ଅନୁବାଦ ବିଭିନ୍ନ ଭାରତୀୟ ଭାଷାରେ ହୋଇସାରିଛି । ବିଶ୍ୱ ପ୍ରସିଦ୍ଧ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ଗୀତା ଏହି ମହାଭାରତର ଅନ୍ତର୍ଭୁକ୍ତ ।

ଶ୍ରୀମଦ୍ ଭାଗବଦ୍ ଗୀତା ଏକ କାଳଜୟୀ କୃତି । ଏଥିରେ ସନ୍ନିବେଶିତ ସମସ୍ତ ଶ୍ଳୋକ କେବଳ ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଭଗବତ ଗୀତା ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ । ଏହି ଉପଦେଶାତ୍ମକ ବାଣୀ କେବଳ ହିନ୍ଦୁଧର୍ମ ନୁହେଁ ବରଂ ସମଗ୍ର ବିଶ୍ୱର ମାନବ ସମାଜର ମଙ୍ଗଳ ପାଇଁ ଅଭିପ୍ରେତ ଭଗବଦ୍ ଗୀତାରେ କୃଷ୍ଣ ଅର୍ଜ୍ଜୁନଙ୍କୁ ଯୋଦ୍ଧା ଓ ରାଜପୁତ୍ର ଭାବରେ ତାଙ୍କର କର୍ତ୍ତବ୍ୟ ବୁଝାଉଛନ୍ତି ଏବଂ ବିଭିନ୍ନ ଯୌଗିକ ଓ ବେଦାନ୍ତିକ ଦର୍ଶନ ଉଦାହରଣ ଓ ସାଦୃଶ୍ୟ ସହିତ ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ଗୀତା ହିନ୍ଦୁ ଦର୍ଶନ ପାଇଁ ଏକ ସଂକ୍ଷିପ୍ତ ପଥପ୍ରଦର୍ଶକ ହୋଇପାରିଛି ଏବଂ ମନୁଷ୍ୟ ଜୀବନ ପାଇଁ ମଧ୍ୟ ସଂକ୍ଷିପ୍ତ ସ୍ୱୟଂ ସମ୍ପୂର୍ଣ୍ଣ ପଥପ୍ରଦର୍ଶକ ହୋଇଛି । ଗୀତା ଏକ ଧର୍ମ–ଗ୍ରନ୍ଥ ନୁହେଁ ବରଂ ଏକ ସାର୍ବଜନୀନ ଶୃଙ୍ଖଳା–ଶାସ୍ତ୍ର । ଆଧୁନିକ ସମୟରେ ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ବାଲ୍‌ଗଙ୍ଗାଧର ତିଳକ ଆଦି ଅନେକ ମହାମନିଷୀଙ୍କୁ ଏହି ଗ୍ରନ୍ଥ ଉଦ୍‌ବୁଦ୍ଧ କରିଥିଲା ଓ ଏହାର ବିଷୟବସ୍ତୁ ଭାରତୀୟ ସ୍ୱାଧିନତା ଆନ୍ଦୋଳନକୁ ଉତ୍ସାହିତ କରିବାରେ ସାହାଯ୍ୟ କରିଥିଲା । କାରଣ ଗୀତା ମନୁଷ୍ୟ କର୍ମରୁ ନିଶ୍ଚିତତା ହିଁ କହେ । ଏହା ଈଶ୍ୱରଙ୍କ ପ୍ରତି ଓ ମନୁଷ୍ୟଙ୍କ ପ୍ରତି ନିଷ୍କାମ କର୍ତ୍ତବ୍ୟକୁ ମଧ୍ୟ ସମାନ ଭାବରେ ସୂଚାଇଦିଏ । ଗୀତା ମନୁଷ୍ୟକୁ ତା'ର ଧର୍ମ ପ୍ରତି ସଚେତନ କରାଇବା ସହ ନିଷ୍କାମ କର୍ମ (ଫଳକୁ ଆଶା ନ କରି କାର୍ଯ୍ୟକରିବା) ସଂପର୍କରେ ଏକ ବଳିଷ୍ଠ ଦର୍ଶନର ଅବତାରଣା କରେ । ଗୀତା ପୃଥିବୀର ପ୍ରାୟତଃ ମୁଖ୍ୟ ଭାଷାରେ ଅନୁଦିତ ହୋଇଛି ।

## ପାଠଗତ ପ୍ରଶ୍ନାବଳୀ ୬.୪

୧. ସଂସ୍କୃତରେ ଲିଖିତ ଦୁଇଟି ପ୍ରାଚୀନ ବୀରରସାତ୍ମକ ମହାକାବ୍ୟର ନାମ ଲେଖ ।

________________________________

୨. ଏହି ମହାକାବ୍ୟ ଦ୍ୱୟର ରଚୟିତାଙ୍କ ନାମ କ'ଣ ?

________________________________

୩. ଭଗବଦ୍ ଗୀତାରେ କୃଷ୍ଣ ଅର୍ଜ୍ଜୁନଙ୍କୁ କ'ଣ କହିଛନ୍ତି ?

________________________________

## ୬.୫ ପୁରାଣ

ପୁରାଣ ସମୂହ ହିନ୍ଦୁମାନଙ୍କର ପବିତ୍ର ଧର୍ମ ପୁସ୍ତକ ରୂପେ ଅଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଗୁରୁତ୍ୱ ଦୃଷ୍ଟିରୁ ବେଦ ଓ ମହାକାବ୍ୟ ପରେ ଏହାର ସ୍ଥାନ ବୋଲି ବିଚାର କରାଯାଏ । ଅଷ୍ଟାଦଶ ପୁରାଣ ଓ ସମସଂଖ୍ୟକ ଉପପୁରାଣ ସବୁ ଅଛି ବୋଲି କଥିତ ଅଛି । ତନ୍ମଧ୍ୟରୁ ପ୍ରତିଷ୍ଠିତ ପ୍ରସିଦ୍ଧ ପୁରାଣଗୁଡ଼ିକ ହେଉଛି ବ୍ରହ୍ମ ପୁରାଣ, ଭାଗବତ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଗ୍ନି ପୁରାଣ, ମତ୍ସ୍ୟ ପୁରାଣ ଓ ଗରୁଡ଼ ପୁରାଣ ।

ପୁରାଣଗୁଡ଼ିକ ପୌରାଣିକ କଥାବସ୍ତୁ ଉପରେ ଆଧାରିତ । ଏହା ଲୋକମାନଙ୍କ ମଧ୍ୟରେ ଧାର୍ମିକ ଓ ଆଧ୍ୟାତ୍ମିକ ବାର୍ତ୍ତାର ପ୍ରସାରଣ ଓ ନୀତି କଥା, କାଳ୍ପନିକ କାହାଣୀ ମାଧ୍ୟମରେ ପ୍ରଚାର କରିଥାଏ । ଏହିଗୁଡ଼ିକର ଶକ୍ତିଶାଳୀ ପ୍ରଭାବ, ସାଧାରଣ ମଣିଷମାନଙ୍କର ଧାର୍ମିକ ଆଚରଣ ସବୁ ଉନ୍ନତ କରିବା ସହିତ ବିକାଶ ପଥରେ ସହାୟକ ହୋଇଥାଏ ।

ଏହି ପୁରାଣଗୁଡ଼ିକ ମହାକବ୍ୟମାନଙ୍କର ପଦାଙ୍କ ଅନୁସରଣ କରୁଥିଲେ ଓ ବିଶ୍ୱର ସର୍ବପ୍ରାଚୀନ ପୁରାଣଗୁଡ଼ିକ ଗୁପ୍ତଯୁଗରେ ସଂକଳିତ ହୋଇଥିଲା । ସେଗୁଡ଼ିକ ପୌରାଣିକ କାହାଣୀ ଓ ଉପାଖ୍ୟାନ, କାଳ୍ପନିକ ଗଳ୍ପ, ଲୋକକଥା, ବା କିମ୍ବଦନ୍ତୀ ଓ ଧାର୍ମିକ ଉପଦେଶଦ୍ୱାରା ପରିପୂର୍ଣ୍ଣ ଥିଲା ଓ ତାହା ସାଧାରଣ ଲୋକମାନଙ୍କର ଶିକ୍ଷା ଓ ସଦାଚାରର ଉନ୍ନତି ନିମିତ୍ତ ଅଭିପ୍ରେତ ଥିଲା । ଏହି ପୁରାଣଗୁଡ଼ିକରେ ସମସାମୟିକ ଭୌଗୋଳିକ ତଥ୍ୟ, ଐତିହାସିକ ଘଟଣାବଳୀ ଓ ନୂତନ ସୃଷ୍ଟିର ରହସ୍ୟ ନିହିତ ବିବର୍ତ୍ତନ ଧାରା ଏବଂ ରାଜବଂଶଗୁଡ଼ିକର ବଂଶାନୁକ୍ରମିକ ଉତ୍‌ଥାନ ପତନର ଇତିହାସ ସହିତ ପରମ୍ପରାଗତ କ୍ରମବିକାଶ ସନ୍ନିବେଶିତ ହୋଇଅଛି । ଏହି ସମୟରେ ମଧ୍ୟ ଅନେକ ଆଇନ୍ ପୁସ୍ତକ ଯାହା "ସ୍ମୃତି" ନାମରେ ବିଖ୍ୟାତ ଥିଲା, ପଦ୍ୟ ଆକାରରେ ସଂକଳିତ ହୋଇଯାଇଛି । ଏହି ସ୍ମୃତିଗୁଡ଼ିକ ଉପରେ ବିଶଦ୍ ବ୍ୟାଖ୍ୟା ରଚନା, ଗୁପ୍ତ ଯୁଗର ପରିସମାପ୍ତି ପରେ ଆରମ୍ଭ ହୋଇଥିଲା । ବିଶ୍ୱର ସର୍ବପ୍ରଥମ ଅଭିଧାନର ସଂକଳକ ଅମର ସିଂହଙ୍କ ମତରେ ପୁରାଣରେ ୫ଟି ବିଷୟରେ ଉଲ୍ଲେଖ ରହିବା ଉଚିତ୍ । ସେଗୁଡ଼ିକ ହେଲା – ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଓ ବଂଶାନୁଚରିତ ।

### ପାଠଗତ ପ୍ରଶ୍ନାବଳୀ ୬.୫

୧. କେତୋଟି ପୁରାଣ ଅଛି ?

________________

୨. ପୁରାଣଗୁଡ଼ିକର ଅଳ୍ପ କେତେକ ଚାରିତ୍ରିକ ବୈଶିଷ୍ଟ୍ୟର ନାମ ଲେଖ ।

________________

## ୬.୬ ପାଲି, ପ୍ରାକୃତ ଓ ସଂସ୍କୃତ ଭାଷାରେ ବୌଦ୍ଧ ଓ ଜୈନ ସାହିତ୍ୟ

ଜୈନ ଓ ବୌଦ୍ଧ ଧର୍ମର ଧର୍ମପୁସ୍ତକ, ଐତିହାସିକ ବ୍ୟକ୍ତିବିଶେଷ କିମ୍ବା ଘଟଣାବଳୀକୁ ନିର୍ଦ୍ଦେଶ କରିଥାଏ । ପ୍ରାଚୀନ ବୌଦ୍ଧ ରଚନାବଳୀଗୁଡ଼ିକ ପାଲି ଭାଷାରେ ସଂକଳିତ ହୋଇଥିଲା, ଯେଉଁ ଭାଷା ମଗଧ ଓ ଦକ୍ଷିଣ ବିହାରର ଲୋକମାନଙ୍କର କଥିତ ଭାଷା ଥିଲା । ସେହି ସମସ୍ତ ବୌଦ୍ଧ ରଚନାବଳୀଗୁଡ଼ିକ ଦୁଇଟି ଭାଗରେ ବିଭକ୍ତ ଥିଲା – ଅନୁଶାସନ ସମ୍ବନ୍ଧୀୟ ଓ ଅଣଅନୁଶାସନ ସମ୍ବନ୍ଧୀୟ ।





ଧର୍ମ ସମ୍ବନ୍ଧୀୟ ଅନୁଶାସନ ସାହିତ୍ୟ ''ତ୍ରିପିଟକ''ରେ ସୁନ୍ଦର ଓ ଶ୍ରେଷ୍ଠ ଶୈଳୀରେ ଉପସ୍ଥାପିତ କରାଯାଇଛି । ତ୍ରିପିଟକ ହେଉଛି ତିନିଗୋଟି ପେଟିକା ସଦୃଶ – ବିନୟ ପିଟକ, ସୂତ୍ତ ପିଟକ, ଅଭିଧମ୍ମ ପିଟକ । ବିନୟ ପିଟକରେ ଦୈନନ୍ଦିନ ଜୀବନଯାପନ ନିମିତ୍ତ କେତେକ ନୀତି ନିୟମର ଉଲ୍ଲେଖ କରାଯାଇଛି । ସୂତ୍ତ ପିଟକରେ ନୈତିକତା ଓ ତା'ର ପର୍ଯ୍ୟାପ୍ତ ବ୍ୟାଖ୍ୟା ପରିପୂର୍ଣ୍ଣ ହୋଇ ରହିଛି । ଅଭିଧମ୍ମ ପିଟକରେ ଦର୍ଶନ ଓ ଆଧାତ୍ମଜ୍ଞାନ ସମ୍ବଳିତ ତାତ୍ତ୍ୱିକ ବିଶ୍ଳେଷଣ ଓ ଧର୍ମୀୟ ମିମାଂସା ମାନ ସ୍ଥାନ ପାଇଛି ।

ଅଣଅନୁଶାସନ ସାହିତ୍ୟକୁ ବୌଦ୍ଧ ଜାତକର ଗଳ୍ପଗୁଡ଼ିକ ମାଧ୍ୟମରେ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଛି । ବୌଦ୍ଧ ଜାତକଗୁଡ଼ିକ ବୁଦ୍ଧଙ୍କର ପୂର୍ବଜନ୍ମ ବୃତ୍ତାନ୍ତକୁ ଆଧାର କରି ଆକର୍ଷଣୀୟ ଗଳ୍ପମାଧ୍ୟମରେ ଉପସ୍ଥାପିତ କରିଥାଆନ୍ତି । ବିଶ୍ୱାସ କରାଯାଏ ଯେ, ବୁଦ୍ଧ, ଗୌତମ ନାମରେ ଶେଷ ଜନ୍ମ ନେବା ପୂର୍ବରୁ ଧର୍ମାଚରଣର ଅଭ୍ୟାସ ନିମିତ୍ତ ୫୫୦ ଥର ଜନ୍ମ ଗ୍ରହଣ କରିଥିଲେ ଏବଂ ଏପରିକି ବହୁକ୍ଷେତ୍ରରେ ସେ ପଶୁରୂପରେ ମଧ୍ୟ ଜନ୍ମ ଗ୍ରହଣ କରିଥିଲେ । ପ୍ରତ୍ୟେକ ଜନ୍ମ ସମ୍ବନ୍ଧୀୟ କାହାଣୀକୁ 'ଜାତକ' ବୋଲି କୁହାଯାଉଥିଲା । ଏହି ଜାତକଗୁଡ଼ିକ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ସମସାମୟିକ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସଂପର୍କରେ ମୂଲ୍ୟାତୀତ ଆଲୋକ ପ୍ରଦାନ କରିଯାଇଛନ୍ତି । ସେଗୁଡ଼ିକ ମଧ୍ୟ ବୁଦ୍ଧଙ୍କର ଜୀବନକାଳରେ ସଂଘଟିତ ରାଜନୈତିକ ଘଟଣାବଳୀ ସମୂହର ସାଧାରଣ ସୂଚନା ପ୍ରଦାନ କରିଥାଏ ।

ଜୈନଗ୍ରନ୍ଥ ସମୂହ ପ୍ରାକୃତ ଭାଷାରେ ରଚିତ ହୋଇଥିଲା । ଏହା ଷଷ୍ଠ ଶତାବ୍ଦୀରେ ଗୁଜୁରାଟର ବଲଭିଠାରେ ଚୂଡାନ୍ତଭାବେ ସଂକଳିତ ହୋଇଥିଲା । ଏହି ଧର୍ମର ଗୁରୁତ୍ୱପୂର୍ଣ୍ଣ ରଚନାବଳୀ ସବୁ ଅଙ୍ଗ, ଉପାଙ୍ଗ, ପ୍ରକିର୍ନ, ଛେଦବ ସୂତ୍ର ଓ ମାଳାସୂତ୍ର ନାମରେ ପରିଚିତ । ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଜୈନ ପଣ୍ଡିତମାନଙ୍କ ମଧ୍ୟରୁ ଅଷ୍ଟମ ଶତାବ୍ଦୀର ହରିଭଦ୍ର ସୁରୀ ଓ ଦ୍ୱାଦଶ ଶତାବ୍ଦୀର ହେମଚନ୍ଦ୍ର ସୁରୀ ଅନ୍ୟତମ କୃତି ସାଧକ ରୂପେ ପରିଚିତ । ଜୈନଧର୍ମ, ସୁସମୃଦ୍ଧ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥିଲା । ଏହି ସୁସମୃଦ୍ଧ ରଚନାବଳୀରେ ପଦ୍ୟ, ଦର୍ଶନ ଓ ବ୍ୟାକରଣ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ରଚନାବଳୀ ବହୁ ବିଭାଗର ଗୁରୁତ୍ୱପୂର୍ଣ୍ଣ ବିଭବରେ ପରିପୂର୍ଣ୍ଣ, ଯେଉଁ ମାର୍ଗ ଦେଇ ଉତ୍ତରପ୍ରଦେଶ ଓ ବିହାରର ପୂର୍ବାଞ୍ଚଳର ରାଜନୈତିକ ଇତିହାସକୁ ପୁନର୍ବାର ସୁସଂଗଠିତ ଭାବେ ନିର୍ମାଣ କରିବାରେ ସହାୟକ ହେବ । ଜୈନ ରଚନାବଳୀ ସମୂହରେ ବାଣିଜ୍ୟ ବ୍ୟବସାୟ ଓ ବଣିକମାନଙ୍କ ଉପରେ ବାରମ୍ବାର ଗୁରୁତ୍ୱ ପ୍ରଦାନ କରାଯାଇଛି ।

ପ୍ରାଚୀନ ଭାରତୀୟ ସାହିତ୍ୟକୁ ୨ ଭାଗରେ ପର୍ଯ୍ୟାୟଭୁକ୍ତ କରାଯାଇପାରେ । (କ) ଧର୍ମୀୟ ସାହିତ୍ୟ (ଖ) ଧର୍ମନିରପେକ୍ଷ ବା ଅଣଧର୍ମୀୟ ସାହିତ୍ୟ

**(କ) ଚତୁର୍ବେଦ**

- ୧୦୨୮ଟି ସୂକ୍ତ (ଉତ୍ତମ ରୂପେ କୁହାଯାଇଥିବା) ସମ୍ବଳିତ ଋକ୍‌ବେଦ ସର୍ବପ୍ରାଚୀନ ଭାରତୀୟ ସାହିତ୍ୟ ଗ୍ରନ୍ଥ ।
- ସାମବେଦରେ ବର୍ଣ୍ଣିତ ସୂକ୍ତଗୁଡ଼ିକ ସୋମଯଜ୍ଞ ସମୟରେ ଋଷିମାନଙ୍କ ଦ୍ୱାରା ପରିବେଷଣ କରାଯାଏ ।
- ସାଧାରଣ ଯଜ୍ଞାନୁଷ୍ଠାନ ପାଇଁ ଆବଶ୍ୟକୀୟ ସୂକ୍ତ ସମୂହ ଯଜୁର୍ବେଦରେ ବର୍ଣ୍ଣିତ ।
- ଅଥର୍ବବେଦରେ ରୋଗର ନିଦାନ, ମନ୍ତ୍ର, ତନ୍ତ୍ର ଆଦିର ବର୍ଣ୍ଣନା ରହିଛି ।

| | |
|---|---|
| (ଖ) | 'ବ୍ରାହ୍ମଣ' ବେଦର ଅଂଶ ବିଶେଷ, ବ୍ରାହ୍ମଣରେ ଯଜ୍ଞାନୁଷ୍ଠାନର ମୂଲ୍ୟବୋଧ ଓ ଉପକାରିତା ସଂପର୍କରେ ଉଲ୍ଲେଖ ଅଛି । |
| (ଗ) | ଆରଣ୍ୟକ – ବ୍ରାହ୍ମଣର ଅନ୍ତିମ ଭାଗ |
| (ଘ) | ଉପନିଷଦ – ଗୁରୁଙ୍କ ନିକଟରେ ଉପବେସନ ପୂର୍ବକ ଶାସ୍ତ୍ର ଅଧ୍ୟୟନ |
| (ଙ) | ରାମାୟଣ ଓ ମହାଭାରତ ଦୁଇଟି ମହାକାବ୍ୟ |
| (ଚ) | ବୌଦ୍ଧ ସାହିତ୍ୟ |
| (ଛ) | ଜୈନ ସାହିତ୍ୟ |

## ପାଠଗତ ପ୍ରଶ୍ନାବଳୀ ୬.୬

୧. କେଉଁ ଭାଷାରେ ପ୍ରାଚୀନ ବୌଦ୍ଧ ଓ ଜୈନ ରଚନାବଳୀ ଲେଖା ଯାଇଅଛି ?

___

୨. ତ୍ରିପିଟକଗୁଡ଼ିକର ନାମ ଲେଖ ।

___

୩. ଜାତକ କାହାଣୀଗୁଡ଼ିକ ଆମକୁ କେଉଁ ବିଷୟ ଅବଗତ କରାଇଥାଏ ?

___

୪. କେତେଜଣ ଜୈନ ପଣ୍ଡିତଙ୍କ ନାମ ଲେଖ ।

___

## ୬.୭ ଅନ୍ୟାନ୍ୟ ସଂସ୍କୃତ ସାହିତ୍ୟ

ଆଇନ, ବହୁବିଧ ବିଜ୍ଞାନ, ଭେଷଜ ବିଜ୍ଞାନ ଓ ବ୍ୟାକରଣ ଆଦି ବିଭିନ୍ନ ବିଭାଗରେ ଆମର ମଧ୍ୟ ଏକ ବିପୁଳ ପୁସ୍ତକ ଭଣ୍ଡାର ରହିଅଛି । ବିଧି ପୁସ୍ତକ ବା ଧର୍ମଶାସ୍ତ୍ର ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ଯେଉଁଥିରେ ଧର୍ମସୂତ୍ର ଓ ସ୍ମୃତିଶାସ୍ତ୍ରକୁ ମିଶାଇ ଧର୍ମଶାସ୍ତ୍ର ରୂପେ ପରିଚିତ କରାଯାଇଛି । ଏହି ଧର୍ମସୂତ୍ରଗୁଡ଼ିକ ଖ୍ରୀଷ୍ଟପୂର୍ବ ୫୦୦ରୁ ଖ୍ରୀଷ୍ଟପୂର୍ବ ୨୦୦ ମଧ୍ୟରେ ସଂକଳିତ ହୋଇଥିଲା । ଏହି ଗ୍ରନ୍ଥରେ ରାଜା ଓ ରାଜକର୍ମଚାରୀ ସମେତ ବିଭିନ୍ନ 'ବର୍ଣ୍ଣ'ର ଜନସାଧାରଣଙ୍କ ନିମିତ୍ତ କର୍ତ୍ତବ୍ୟ ନିରୂପଣ କରାଯାଇଥିଲା । ସେମାନେ ମଧ୍ୟ ଚୋରି ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତି, ହତ୍ୟାକାରୀ, ବ୍ୟଭିଚାରୀ ଓ ଦଙ୍ଗାହଙ୍ଗାମକାରୀଙ୍କ ନିମିତ୍ତ କଠୋର ଶାସ୍ତିବିଧାନର ବ୍ୟବସ୍ଥା କରିଥିଲେ । ମନୁ ସ୍ମୃତିରେ ନାରୀ ଓ ପୁରୁଷଙ୍କର ସମାଜରେ ଭୂମିକା ସହିତ ଆଚରଣବିଧି ଓ ପାରସ୍ପରିକ ସଂପର୍କ ସମ୍ବନ୍ଧରେ ବିଶଦ୍ ଭାବେ କୁହାଯାଇଛି ।

କୌଟିଲ୍ୟଙ୍କର "ଅର୍ଥଶାସ୍ତ୍ର" ମୌର୍ଯ୍ୟଶାସନ କାଳର ଏକ ଗୁରୁତ୍ୱପୂର୍ଣ୍ଣ ଅନବଦ୍ୟ କୃତି । ରାଷ୍ଟ୍ରର ସମସାମୟିକ ସାମାଜିକ ଅବସ୍ଥା ଓ ଅର୍ଥନୈତିକ ସ୍ଥିତିର ପ୍ରତିଛବି ଏହି ଗ୍ରନ୍ଥରେ ପ୍ରତିଫଳିତ ହୋଇଥିବା ସଙ୍ଗେ ସଙ୍ଗେ ପ୍ରାଚୀନ ଭାରତର ଶାସନ ବ୍ୟବସ୍ଥା ଓ ଅର୍ଥନୀତିକୁ ଜାଣିବା ପାଇଁ ଏହା ବହୁ ମୂଲ୍ୟବାନ ଉପାଦାନ ଯୋଗାଇଅଛି ।





ଭାସ, ଶୂଦ୍ରକ, କାଳିଦାସ ଓ ବାଣଭଟ୍ଟଙ୍କର ରଚନାବଳୀରେ ଗୁପ୍ତଯୁଗ ଓ ହର୍ଷବର୍ଦ୍ଧନଙ୍କ ଶାସନ ସମୟର ଉତ୍ତର ଭାରତ ଓ କେନ୍ଦ୍ର ଭାରତର ସାମାଜିକ ଓ ସାଂସ୍କୃତିକ ଜୀବନ ସଂପର୍କରେ ସମ୍ୟକ୍ ଆଭାସ ଚିତ୍ର ଦେଖିବାକୁ ମିଳିଥାଏ । କାଳିଦାସଙ୍କ ରଚନାବଳୀରେ କାବ୍ୟ ଓ ନାଟକ ଅନ୍ତର୍ଭୁକ୍ତ ଥିଲା । ତାଙ୍କର ରଚିତ ''ଅଭିଜ୍ଞାନ ଶାକୁନ୍ତଳମ୍'' ଶ୍ରେଷ୍ଠ ରଚନା ଭାବେ ପ୍ରସିଦ୍ଧ । ଭାସ ଯେଉଁ ତେରଟି ନାଟକ ଲେଖିଥିଲେ, ସେଥିରେ ସେ ସମୟର ଜୀବନଶୈଳୀ ସହିତ ପ୍ରଚଳିତ ସାମାଜିକ ବିଶ୍ୱାସ ଓ ସଂସ୍କୃତି ପ୍ରତିଧ୍ୱନିତ ହୋଇଥିଲା । ଶୂଦ୍ରକଙ୍କ ଲିଖିତ ମୃଚ୍ଛକଟିକ ନାଟକ ଜଣେ ପ୍ରତିଷ୍ଠିତ ବ୍ରାହ୍ମଣ ପଣ୍ଡିତଙ୍କର ଏକ ନଗର ବଧୂର ସୁନ୍ଦରୀ କନ୍ୟା ସହ ପ୍ରେମ ସଂପର୍କକୁ କେନ୍ଦ୍ରକରି ରଚିତ ହୋଇଥିଲା । ପାଣିନୀ ଓ ପାତଞ୍ଜଳୀଙ୍କ ଦ୍ୱାରା ସଂସ୍କୃତ ବ୍ୟାକରଣରେ ଯେଉଁ ବିକାଶ ସାଧିତ ହୋଇଥିଲା, ଗୁପ୍ତଯୁଗ ହେଉଛି ତା'ର ମୂକସାକ୍ଷୀ ।

## ଗୁପ୍ତ ଯୁଗର ପ୍ରମୁଖ ସଂସ୍କୃତ ଲେଖକଗଣ

ଭାରତରେ ଗୁପ୍ତଯୁଗକୁ ''ସୁବର୍ଣ୍ଣ ଯୁଗ'' ବୋଲି ବିବେଚନା କରାଯାଏ । କଳା ଓ ସଂସ୍କୃତିରେ ଭାରତରେ ଉତ୍କର୍ଷ ଲାଭ କରିଥିବା ଗୁପ୍ତଯୁଗ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଥିଲା । ଗୁପ୍ତଯୁଗର ଶାସକମାନେ ଶାସ୍ତ୍ରୀୟ ସଂସ୍କୃତ ସାହିତ୍ୟକୁ ପୃଷ୍ଠପୋଷକତା ପୂର୍ବକ ଅନେକ ବିଦ୍ୱାନ ଓ ସାହିତ୍ୟିକମାନଙ୍କୁ ସାହିତ୍ୟ ରଚନା ପାଇଁ ପ୍ରୋତ୍ସାହିତ କରୁଥିଲେ । ସୁତରାଂ, ଗୁପ୍ତଯୁଗରେ ସଂସ୍କୃତ, ସଂସ୍କୃତି ଓ ବିଦ୍ୱାନ୍‌ମାନଙ୍କର ଭାଷା ଥିଲା । ଏହି ସମୟରେ ଅନେକ କବି, ନାଟ୍ୟକାର, ବିଦ୍ୱାନ୍ ସଂସ୍କୃତରେ ରଚନା କରି ସଂସ୍କୃତ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ ।

(କ) **କାଳିଦାସ :** ମହାକବି କାଳିଦାସ ଉଭୟ କାବ୍ୟ ଓ ନାଟକ ରଚନା କରିଥିଲେ । ତାଙ୍କର ସମସ୍ତ ସାରସ୍ୱତ ସାହିତ୍ୟ କୃତିକୁ ସଂସ୍କୃତ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ବୋଲି ବିବେଚନା କରାଯାଏ । କାଳିଦାସଙ୍କ ଦ୍ୱାରା ରଚିତ କାବ୍ୟଗୁଡ଼ିକ ହେଲା – ମେଘଦୂତମ୍, ଋତୁ ସଂହାର କୁମାରସମ୍ଭବମ୍, ରଘୁବଂଶମ୍ । ଅଭିଜ୍ଞାନ – ଶାକୁନ୍ତଳମ୍, ବିକ୍ରମୋର୍ବଶୀ ଓ ମାଳବିକାଗିମିତ୍ରମ୍ ଆଦି ତାଙ୍କ ଦ୍ୱାରା ରଚିତ ନାଟକ ସଂସ୍କୃତ ସାହିତ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।

(ଖ) **ବିଶାଖାଦତ୍ତ :** ଗୁପ୍ତଯୁଗର ଅନ୍ୟତମ ବିଚକ୍ଷଣ ନାଟ୍ୟକାର ହେଉଛନ୍ତି ବିଶାଖାଦତ୍ତ । ସେ 'ମୁଦ୍ରାରାକ୍ଷସ' ଓ ଦେବ ଚନ୍ଦ୍ରଗୁପ୍ତ' ପରି ଦୁଇଟି ଐତିହାସିକ ନାଟକ ରଚନା କରିଥିଲେ ।

(ଗ) **ଶୂଦ୍ରକ :** ଗୁପ୍ତଯୁଗର ଏହି ଅନବଦ୍ୟ ସ୍ରଷ୍ଟା 'ମୃଚ୍ଛକଟିକମ୍' (ମାଟି ଶଗଡ଼) ନାମକ କାଳଜୟୀ ନାଟକ ରଚନା କରି ସଂସ୍କୃତ ସାହିତ୍ୟର ବିଶାଳତାକୁ ପ୍ରମାଣ କରିଛନ୍ତି । ତତ୍‌କାଳୀନ ସମୟର ସାମାଜିକ – ସାଂସ୍କୃତିକ ଜୀବନଚର୍ଯ୍ୟାକୁ ଦର୍ଶାଇବାରେ 'ମୃଚ୍ଛକଟିକମ୍' ଏକ ବଳିଷ୍ଠ ସାହିତ୍ୟିକ ଉତ୍ସ ।

(ଘ) **ହରିସେନ :** ଗୁପ୍ତଯୁଗର କବି ଓ ନାଟ୍ୟକାରମାନଙ୍କ ମଧ୍ୟରେ ସେ ଥିଲେ ଜଣେ ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା । ବିଶେଷକରି ସମୁଦ୍ର-ଗୁପ୍ତଙ୍କ ବୀରତ୍ୱ ଗାଥାରେ ଶତମୁଖ ହୋଇ ସେ ଅନେକ କବିତା ରଚନା କରିଥିଲେ । ତାଙ୍କ ଦ୍ୱାରା ରଚିତ କବିତାଗୁଡ଼ିକ 'ଆହ୍ଲାବାଦ ସ୍ତମ୍ଭରେ' ଖୋଦିତ ହୋଇଛି ।

(ଙ) **ଭାସ :** ଭାସ ୧୩ଟି ନାଟକ ରଚନା କରିଥିଲେ । ତାଙ୍କର ସମସ୍ତ ନାଟକ ଗୁପ୍ତଯୁଗରେ ପ୍ରଚଳିତ ବିଶ୍ୱାସ ଓ ମୂଲ୍ୟବୋଧକୁ ପ୍ରତିଫଳିତ କରେ ।

କୁଶାଣ ବଂଶର ରାଜାମାନେ ସଂସ୍କୃତ ପଣ୍ଡିତମାନଙ୍କୁ ପୃଷ୍ଠପୋଷକତା ଯୋଗାଇ ଦେଇଥିଲେ । ଏହି ସମୟରେ ଅଶ୍ୱଘୋଷ ''ବୁଦ୍ଧ ଚରିତମ୍'' ବା ବୁଦ୍ଧଙ୍କର ଜୀବନ ଚରିତକୁ ରଚନା କରିଥିଲେ । ସେ ମଧ୍ୟ ସଂସ୍କୃତ ପଦ୍ୟ

ସାହିତ୍ୟର ଏକ ଉତ୍କୃଷ୍ଟ ଗ୍ରନ୍ଥ ''ସୌନ୍ଦରାନନ୍ଦମ୍'' ରଚନା କରିଥିଲେ । ଚରକ ଚିକିତ୍ସା ବିଜ୍ଞାନର ଭେଷଜ ବିଦ୍ୟା ଉପରେ ଓ ସୁଶ୍ରୁତ ଶଲ୍ୟ ଚିକିତ୍ସା ଉପରେ ମହାର୍ଘ ଗ୍ରନ୍ଥ ରଚନା କରିଥିଲେ । ମାଧବ ମଧ ନିଦାନ ତତ୍ତ୍ୱ ସମ୍ବଳିତ ଏକ ଗ୍ରନ୍ଥ ରଚନା କରିଥିଲେ । ଆର୍ଯ୍ୟଭଟ୍ଟ ଓ ବରାହମିହିର ଜ୍ୟୋତିର୍ବିଜ୍ଞାନକୁ ନେଇ ପୁସ୍ତକ ରଚନା କରିଥିଲେ ଓ ଫଳିତ ଜ୍ୟୋତିଷ ଶାସ୍ତ୍ର ଉପରେ ଲଗ୍‌ଧାଚାର୍ଯ୍ୟ ନାମକ ଜଣେ ପଣ୍ଡିତ ପୁସ୍ତକ ରଚନା କରିଥିଲେ । ଉତ୍ତର ଭାରତରେ ମଧ୍ୟଯୁଗର ପରବର୍ତ୍ତୀ ସମୟରେ, କାଶ୍ମୀରରେ ମଧ ସଂସ୍କୃତ ଭାଷା ଓ ସାହିତ୍ୟର ବିକାଶ ପରିଦୃଷ୍ଟ ହୋଇଥିଲା । ସୋମଦେବଙ୍କ ''କଥା-ସରିତ-ସାଗର'' ଏବଂ କଲ୍‌ହଣଙ୍କ ''ରାଜ ତରଙ୍ଗିଣୀ'' ପୁସ୍ତକ ଦ୍ୱୟର ଐତିହାସିକ ଗୁରୁତ୍ୱ ଆଜି ମଧ ଉପଲବ୍ଧି କରାଯାଇଥାଏ । ଜୟଦେବଙ୍କ ରଚିତ ''ଗୀତଗୋବିନ୍ଦ'', ସଂସ୍କୃତ ସାହିତ୍ୟର ଅନବଦ୍ୟ ଲଳିତ ପଦ୍ୟାବଳୀ ଏହି ସମୟର ସାହିତ୍ୟିକ କୃତି ରୂପେ ବିବେଚିତ ।

## ପାଠଗତ ପ୍ରଶ୍ନାବଳୀ ୬.୭

୧. ଧର୍ମଶାସ୍ତ୍ରଗୁଡ଼ିକର ବିଷୟବସ୍ତୁ କ'ଣ ?

______________________________

୨. ରାଜତରଙ୍ଗିଣୀର ରଚୟିତା କିଏ ?

______________________________

୩. କାଳିଦାସଙ୍କର ଶ୍ରେଷ୍ଠ ନାଟକର ନାମ କ'ଣ ?

______________________________

୪. ଜୟଦେବଙ୍କ ଗୋଟିଏ ରଚନାର ନାମ ଲେଖ ।

______________________________

୫. ଭେଷଜ ବିଜ୍ଞାନ ଉପରେ ରଚିତ ପୁସ୍ତକର ରଚୟିତା କିଏ ?

______________________________

## ୬.୮ ତେଲୁଗୁ, କନ୍ନଡ଼ ଓ ମାଲାୟାଲାମ ସାହିତ୍ୟ

ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲୟାଲାମ ଭାରତର ପ୍ରମୁଖ ୪ଗୋଟି ଦ୍ରାବିଡୀୟ ଭାଷା । ଏହି ଭାଷାଗୁଡ଼ିକ, କହିବା ଅନାବଶ୍ୟକ ନିଜ ନିଜ ସାହିତ୍ୟରେ ସମୃଦ୍ଧ । ଏମାନଙ୍କ ମଧ୍ୟରୁ ତାମିଲ ଭାଷା ଓ ସାହିତ୍ୟ ସର୍ବପ୍ରାଚୀନ ।

### ତେଲୁଗୁ ସାହିତ୍ୟ

ବିଜୟନଗରର ପ୍ରତିଷ୍ଠିତ ଶାସନ ସମୟକୁ ତେଲୁଗୁ ସାହିତ୍ୟର ସୁବର୍ଣ୍ଣ ଯୁଗ ନାମରେ ଅଭିହିତ କରାଯାଇଛି । ବୁକ୍କା - ପ୍ରଥମଙ୍କ ଶାସନ ସମୟରେ ତାଙ୍କ ଦରବାରର ସ୍ୱନାମଧନ୍ୟ କବି ନାଚନ ସୋମନାଥ 'ଉତ୍ତର ହରିବଂଶମ୍' ନାମକ ଏକ କାବ୍ୟ ସଂକଳନ ପ୍ରକାଶ କରିଥିଲେ । ସମ୍ରାଟ କୃଷ୍ଣ ଦେବରାୟ ବିଜୟନଗରର ସମ୍ରାଟମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଲାଭ କରିଥିଲେ । ସେ ମଧ ଜଣେ ଉଚ୍ଚକୋଟୀର କବି ଥିଲେ ଓ ୧୫୦୯ ଠାରୁ ୧୫୨୯, ଅବଧି ଶାସନ କାଳ ମଧରେ ସାହିତ୍ୟିକ କାର୍ଯ୍ୟକ୍ରମ ତାଙ୍କ ରାଜ ଦରବାରରେ ଆଦୃତ ହୋଇଥିଲା । ତାଙ୍କ ରଚିତ





'ଅମୁକ୍ତ ମାଲ୍ୟା' ଏକ ଉତ୍କୃଷ୍ଟତମ ପ୍ରବନ୍ଧ ପୁସ୍ତକ ଭାବରେ ତେଲୁଗୁ ସାହିତ୍ୟରେ ମାନ୍ୟତା ଲାଭ କରିଥିଲା । ଆଠଜଣ ପ୍ରତିଷ୍ଠିତ ତେଲୁଗୁ ସାହିତ୍ୟର ପଣ୍ଡିତ – ଜ୍ୟୋତିଷ୍କ, ଯେଉଁମାନେ ''ଅଷ୍ଟଦିଗ୍‌ଗଜ'' ନାମରେ ଲୋକପ୍ରିୟ ଥିଲେ, ତାଙ୍କ ରାଜ ଦରବାରର ସମ୍ମାନିତ ସଦସ୍ୟ ଭାବେ ରାଜଦରବାରର ଶୋଭାବର୍ଦ୍ଧନ କରୁଥିଲେ । ସେମାନଙ୍କ ମଧ୍ୟରେ ଆଲ୍ଲାସାନି ପେଡ୍ଡାନା ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ସେ ମଧ୍ୟ 'ମନୁଚରିତ୍ରମ' ନାମକ ଗ୍ରନ୍ଥର ରଚୟିତା ଥିଲେ । ସେ 'ଆନ୍ଧ୍ର କବିତାର ପିତାମହ' ନାମରେ ଖ୍ୟାତିଅର୍ଜନ କରିଥିଲେ । ଏହି ଗୋଷ୍ଠୀର ଅନ୍ୟ ସାତଜଣ କବି ଥିଲେ ''ପାରିଜାଥପହରଣମ୍''ର କବି ନନ୍ଦୀ ତିମ୍ମାନା, ମଦାୟାଗରି ମଲ୍ଲାନା, ଧୂର୍ଜଟୀ, ଆୟାଲାଲାକୁ ରାମଭଦ୍ର କବି, ପିଙ୍ଗାଲୀ ସୁରାନା, ରାମାରାଜା ଭୂଷଣ ଓ ଢେନାଲୀ ରାମକୃଷ୍ଣ ।

ଧୂର୍ଜଟୀ ଶିବ ଉପାସକ ଥିଲେ । ସେ ଦୁଇଟି ଉଚ୍ଚକୋଟୀର ପଦ୍ୟ ସଂକଳନ 'କାଳହସ୍ତେଶ୍ୱର ଶତକମ୍' ଓ 'କାଳହସ୍ତିଶ୍ୱର ମାହାତ୍ମ୍ୟମ୍' ରଚନା କରିଥିଲେ । ପିଙ୍ଗାଲୀ ସୁରାନା ମଧ୍ୟ ଦୁଇଟି ଗ୍ରନ୍ଥ 'ରାଘବ ପଣ୍ଡାଭିୟମ' ଓ 'କାଳପୂର୍ଣ୍ଣୋଦୟମ୍' ରଚନା କରିଥିଲେ । ତାଙ୍କର ପୂର୍ବ ରଚନାବଳୀରେ ରାମାୟଣ ଓ ମହାଭାରତର କଥାବସ୍ତୁକୁ ନେଇ ସାହିତ୍ୟିକ ଭାବାବେଗପୂର୍ଣ୍ଣ ଗଳ୍ପ ରଚନା କରିବାକୁ ସେ ସମାନ୍ତରାଳ ଭାବେ ଉଦ୍ୟମ କରିଥିଲେ । ତେନାଲୀ ରାମକୃଷ୍ଣ, ଦରବାରର ବିଦୂଷକ, ରାଜା କୃଷ୍ଣଦେବ ରାୟଙ୍କ ରାଜଦରବାରର ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର ସେ ସମୟର ସମ୍ଭ୍ରାନ୍ତବର୍ଗଙ୍କୁ ନେଇ ବାସ୍ତବବାଦୀ ହାସ୍ୟ କଥନ, ବିପୁଳ ଆନନ୍ଦ ପ୍ରଦାନ କରୁଥିଲା ଓ ତାହା ଆଜି ମଧ୍ୟ ଅକ୍ଷୁର୍ଣ୍ଣ ରହିଅଛି । ତେନାଲୀ ରାମକୃଷ୍ଣଙ୍କର 'ପାଣ୍ଡରଙ୍ଗା ମାହାତମ୍ୟମ୍' ନାମକ ସଂକଳନ ତେଲୁଗୁ ସାହିତ୍ୟର ସର୍ବଶ୍ରେଷ୍ଠ କବିତା ସଂକଳନମାନଙ୍କ ମଧ୍ୟରୁ ଅନ୍ୟତମ ଭାବେ ଗ୍ରହଣ କରାଯାଇଛି । ରାମା ରାଜା ଭୂଷଣ 'ବସୁଚରିତ୍ରମ୍'ର ରଚୟିତା । ସେ ମଧ୍ୟ ଭଟ୍ଟୁମୂର୍ତ୍ତି ଭାବେ ପରିଚିତ । ତାଙ୍କର ଅନ୍ୟ ରଚନାଗୁଡ଼ିକ ହେଉଛି 'ନରସଭୂପାଲିୟମ' ଓ 'ହରିଶ୍ଚନ୍ଦ୍ର ନଳୋପାଖ୍ୟାନମ' । ଏହା 'ରାଘବ ପାଣ୍ଡଭିୟମ୍' ଅନୁସରଣରେ ଲିଖିତ ଏକ କାବ୍ୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ଜଣେ ହରିଶ୍ଚନ୍ଦ୍ରଙ୍କ କାହାଣୀ ସହିତ ନଳଙ୍କ କାହାଣୀକୁ ଏକ ସମୟରେ ପଢ଼ିପାରିବ । ଅବନ୍ତୀରାଜ ରାଜଶେଖରଙ୍କ ଯୁଦ୍ଧ ଓ ପ୍ରଣୟର କାହାଣୀକୁ ଆଧାରିତ କରି କବି ମଦାୟାଗରି ମଲ୍ଲାନା 'ରାଜଶେଖର ଚରିତ୍ରମ୍' ନାମକ ଏକ ପ୍ରବନ୍ଧ ରଚନା କରିଥିଲେ । ଆୟାଲାରାଜୁ ରାମଭଦ୍ର, 'ରାମଭ୍ୟୁଦୟମ୍' ଓ 'ସକଳ କଥାସାର ସଂଗ୍ରହମ୍' ନାମକ ପୁସ୍ତକ ଦ୍ୱୟର ରଚୟିତା ଥିଲେ ।

## କନ୍ନଡ଼ ସାହିତ୍ୟ

ବିଜୟନଗରର ଶାସକମାନେ ତେଲୁଗୁ ବ୍ୟତୀତ କନ୍ନଡ଼ ଓ ସଂସ୍କୃତ ଭାଷାର ଲେଖକମାନଙ୍କୁ ମଧ୍ୟ ପୃଷ୍ଠପୋଷକତା ଯୋଗାଇ ଦେଇଥିଲେ । କନ୍ନଡ଼ ସାହିତ୍ୟର ବିକାଶ କ୍ଷେତ୍ରରେ ବହୁ ଜୈନ ବିଦ୍ୱାନମାନଙ୍କର ମଧ୍ୟ ଭୂମିକା ଓ ଅବଦାନ ରହିଥିଲା । ପଞ୍ଚଦଶ ତୀର୍ଥଙ୍କରଙ୍କଉପରେ ମାଧବ 'ଧର୍ମନାଥ ପୁରାଣ' ରଚନା କରିଥିଲେ । ଅନ୍ୟ ଜଣେ ଜୈନ ପଣ୍ଡିତ ଉରିତ୍ତବିଳାସ 'ଧର୍ମ ପରୀକ୍ଷେ' ନାମକ ଏକ ଗ୍ରନ୍ଥ ଲେଖିଥିଲେ । ମାଧବାଚାର୍ଯ୍ୟଙ୍କ ପରାଶର ସ୍ମୃତି ବ୍ୟାଖ୍ୟା ଓ ଦେବନାଥ ଦେଶିକାଙ୍କ 'ଯାଦବାଭ୍ୟୁଦୟମ୍' ଗ୍ରନ୍ଥ ଦ୍ୱୟ ଏହି ସମୟର ସଂସ୍କୃତ ଭାଷାରେ ଲିଖିତ ଦୁଇଟି ଗ୍ରନ୍ଥ ।

କନ୍ନଡ ଭାଷା, ଦଶମ ଶତାବ୍ଦୀ ପରେ ସଂପୂର୍ଣ୍ଣ ଭାବେ ବିକାଶ ଲାଭ କରିଥିଲା । କନ୍ନଡ ଭାଷାରେ ସର୍ବପ୍ରାଚୀନ ସାହିତ୍ୟକୃତୀ ଭାବେ ରାଷ୍ଟ୍ରକୂଟ ରାଜା ନୃପତୁଙ୍ଗ ପ୍ରଥମ ଅମୋଘ ବର୍ଷ ଦ୍ୱାରା ରଚିତ ଗ୍ରନ୍ଥ 'କବିରାଜମଙ୍ଗ'କୁ ଗ୍ରହଣ କରାଯାଇଛି । କନ୍ନଡ ସାହିତ୍ୟର ଜନକ ଭାବେ ବିଖ୍ୟାତ କବି ପମ୍ପା ଜଣାଶୁଣା । ତାଙ୍କର ମହାନ୍ କାବ୍ୟ 'ଆଦିପୁରାଣ'

ଏବଂ 'ବିକ୍ରମାର୍ଜିବ ବିଜୟ'କୁ ଦଶମ ଶତାବ୍ଦୀରେ ରଚନା କରିଥିଲେ । ଚାଲୁକ୍ୟ ଅରିକେଶରୀଙ୍କ ରାଜଦରବାରରେ ପମ୍ପା, ରାଜକବିର ଆସନ ଅଳଙ୍କୃତ କରିଥିଲେ । ତାଙ୍କର କାବ୍ୟିକ ଦକ୍ଷତା, ମାଧୁର୍ଯ୍ୟ ମଣ୍ଡିତ ଉପସ୍ଥାପନ ଶୈଳୀ, ବର୍ଣ୍ଣନାରେ ସୌନ୍ଦର୍ଯ୍ୟବୋଧ, ସୁଦକ୍ଷ ଚରିତ୍ର ଚିତ୍ରଣ, ରସ ପରିବେଷଣ ଓ ସଂଯୋଗରେ ସେ ଅପ୍ରତିଦ୍ୱନ୍ଦୀ ଥିଲେ । ପୋନ୍ନା ଓ ରାନ୍ନା ନାମକ ଦୁଇଜଣ କବି ରାଷ୍ଟ୍ରକୂଟ ରାଜା ତୃତୀୟ କୃଷ୍ଣଙ୍କ ଶାସନ କାଳରେ ବସବାସ କରୁଥିଲେ । ପୋନ୍ନା 'ଶାନ୍ତି ପୁରାଣ' ନାମକ ମହାକାବ୍ୟ ଓ ରାନ୍ନା 'ଅଜିତନାଥ ପୁରାଣ' ନାମକ ଗ୍ରନ୍ଥ ରଚନା କରିଥିଲେ । ପମ୍ପା, ପୋନ୍ନା ଓ ରାନ୍ନା, ଏହି ତିନିଜଣ ମହାକବିଙ୍କୁ ଏକତ୍ର 'ତ୍ରିରତ୍ନ' ବା 'ରତ୍ନତ୍ରୟ' ଉପାଧିରେ ଭୂଷିତ କରାଯାଇଥିଲା ।

ତ୍ରୟୋଦଶ ଶତାବ୍ଦୀରେ କନ୍ନଡ ସାହିତ୍ୟ ଜଗତରେ ନୂତନ ରୂପେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିଲା । ହରିଶଭରା 'ହରିଶ୍ଚନ୍ଦ୍ର କାବ୍ୟ' ଓ 'ସୋମନାଥ ଚରିତ' ରଚନା କରିଥିବା ସମୟରେ ବନ୍ଧୁବର୍ମା 'ହରିବଂଶଭ୍ୟୁଦୟ' ଓ 'ଜୀବ ସମ୍ବୋଧନ' ରଚନା କରିଥିଲେ । ପରବର୍ତ୍ତୀକାଳରେ, ହୋୟଶଳ ଶାସକମାନଙ୍କ ପୃଷ୍ଠପୋଷକତାର ଫଳ ସ୍ୱରୂପ ବହୁସଂଖ୍ୟକ ସାହିତ୍ୟ କୃତି ଆତ୍ମ ପ୍ରକାଶ କରିଥିଲା । ରୁଦ୍ରଭଟ୍ଟ 'ଜଗନ୍ନାଥ ବିଜୟ' ଲେଖିଥିଲେ । ଆନ୍ଦାୟାଙ୍କ 'ମଦନ ବିଜୟ' ବା 'କବ୍ବିଗର କାଭ' ସଂସ୍କୃତ ବ୍ୟତିତ ସଂପୂର୍ଣ୍ଣ କନ୍ନଡ ଭାଷାରେ ରଚିତ ହୋଇଥିଲା । ମଲ୍ଲିକାର୍ଜ୍ଜୁନଙ୍କ ଲିଖିତ 'ସୂକ୍ତିସୁଧାର୍ଣ୍ଣବ' କନ୍ନଡ ସାହିତ୍ୟର ପ୍ରଥମ ସାହିତ୍ୟ ସଞ୍ଚୟନର ଓ କେସିର୍ଜାଙ୍କର ବ୍ୟାକରଣ ପୁସ୍ତକ 'ଶବ୍ଦମଣି ଦର୍ପଣ' ଦୁଇଟି ସର୍ବମାନ୍ୟ ଓ ସର୍ବକାଳୀନ ମୂଲ୍ୟବୋଧ ଭିତ୍ତିକ ପୁସ୍ତକ ଭାବରେ ବିବେଚିତ ।

ବିଜୟ ନଗରର ରାଜାମାନଙ୍କ ପ୍ରୋତ୍ସାହନରେ କନ୍ନଡ ସାହିତ୍ୟ, ଚତୁର୍ଦ୍ଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ସବୁ ଧର୍ମର  କବିମାନଙ୍କର ଅବଦାନ ଏଥିପାଇଁ ଥିଲା । କୁନୁର ବ୍ୟାସ 'ଭାରତ' ଓ ନରହରି, 'ତାରାଭି ରାମାୟଣ' ରଚନା କରିଥିଲେ । ବାଲ୍ମିକୀ ରାମାୟଣ ଆଧାରରେ ଲିଖିତ କନ୍ନଦ ଭାଷାରେ ଏହା ପ୍ରଥମ ରାମକଥା । ସପ୍ତଦଶ ଶତାବ୍ଦୀର କବି ଲକ୍ଷ୍ୟମିଶ 'ଜୈମିନୀ ଭାରତ' ରଚନା କରି 'କାମାତକରିକୁଡ  ବାନଚୈତ୍ର ବା 'କର୍ଣ୍ଣାଟକ ଆମ୍ରକାନନର ଋତୁରାଜ ବସନ୍ତ' ଉପାଧି ଲାଭ କରିଥିଲେ ।

ଏହି ସମୟର ଯଶସ୍ୱୀ କବି ଭାବେ ମହାନ୍ କବି ସର୍ବଜ୍ଞ, ଗଣକବି ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଦ୍ୱାରା ରଚିତ ସଂକ୍ଷିପ୍ତ ତ୍ରିପାଦୀ କବିତା, ଜ୍ଞାନ ଓ ନୈତିକତାର ଉତ୍ସ ରୂପେ ଗ୍ରହଣ କରାଯାଉଥିଲା । ହୋନାମ୍ମାଙ୍କୁ କନ୍ନଡ ସାହିତ୍ୟର ପ୍ରଥମ ଖ୍ୟାତି ସଂପନ୍ନା ନାରୀକବି ରୂପେ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ କରାଯାଇଥିଲା । ତାଙ୍କ ଦ୍ୱାରା ରଚିତ 'ହଦିବଦେୟ ଧର୍ମ' ବା 'ଧର୍ମପ୍ରାଣ ସ୍ତ୍ରୀର କର୍ତ୍ତବ୍ୟ' ପୁସ୍ତକ ମଧ୍ୟରେ ସବୁନୀତିର ସଂକ୍ଷିପ୍ତ ସାର ସନ୍ନିବେଶିତ ହୋଇଅଛି ।

## ମାଲାୟାଲାମ ସାହିତ୍ୟ

ମାଲାୟାଲାମ୍ ଭାଷା କେରଳ ଓ ତା'ର ସନ୍ନିକଟବର୍ତ୍ତୀ ଅଞ୍ଚଳମାନଙ୍କର କଥିତ ଭାଷା ରୂପେ ପ୍ରଚଳିତ । ଏହି ଭାଷା ପ୍ରାୟ ଏକାଦଶ ଶତାବ୍ଦୀ ବେଳକୁ ଆତ୍ମପ୍ରକାଶ କରିଥିଲା । ପଞ୍ଚଦଶ ଶତାବ୍ଦୀ ବେଳକୁ ଏହା ଏକ ସ୍ୱତନ୍ତ୍ର ଭାଷା ଭାବେ ସ୍ୱୀକୃତି ଲାଭ କରିଥିଲା । 'ଭାଷା କୌଟିଲ୍ୟ', କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରର ଏକ ସମୀକ୍ଷା ଏବଂ 'କୋକାସନ୍ଦିସନ' ମାଲାୟାଲାମ ଭାଷାର ଦୁଇଟି ଅମୂଲ୍ୟ କୃତୀ । ରାମା ପାନିକ୍କର ଓ ରାମାନୁଜନ ଏଜୁଥାଚନ, ମାଲାୟାଲାମ ସାହିତ୍ୟର ଦୁଇଜଣ ଖ୍ୟାତନାମା ଲେଖକ । ଯଦିଓ ଏହି ଭାଷା ଅନ୍ୟ ଦକ୍ଷିଣ ଭାରତୀୟ ଭାଷାମାନଙ୍କ ତୁଳନାରେ ବହୁବର୍ଷପରେ ବିକାଶ ଲାଭ କରିଥିଲା, ମାଲାୟାଲାମ ଭାବ ବ୍ୟକ୍ତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ରୂପରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ବହୁ ସଂଖ୍ୟକ ଖବରକାଗଜ ଓ ସାମୟିକ ପତ୍ରପତ୍ରିକା ସବୁ ମାଲାୟାଲାମ



ଟିପ୍ପଣୀ

ଭାଷାରେ ପ୍ରକାଶ ପାଉଅଛି । ଲୋକମାନେ ତାଙ୍କ ନିଜ ଭାଷାରେ ଲେଖିପଢ଼ି ଅଧିକ ଆନନ୍ଦିତ ହେଉଛନ୍ତି । ସେଥିପାଇଁ ଭାଷା ତାଙ୍କ ସଂସ୍କୃତିର ଏକ ଅଂଶ । ତାଙ୍କ ସାମାଜିକ ଜୀବନରେ ଏହା ଏପରି ସନ୍ନିବିଷ୍ଟ ଯେ ସେମାନେ ନିଜ ଭାଷାରେ ସ୍ୱତଃ ପ୍ରବୃତ୍ତ ଆବେଗରେ ଭାବ ପ୍ରକାଶ ଓ ଅନୁଭବ କରିଥାଆନ୍ତି । ତୁମେ ଓ ତୁମର ଭାଷା କ୍ଷେତ୍ରରେ ମଧ୍ୟ ଏହା ହେଉଥିବ ।

## ୬.୯ ତାମିଲ୍ ବା ସଙ୍ଗମ ସାହିତ୍ୟ

ଖ୍ରୀଷ୍ଟୀୟ ଯୁଗ ପ୍ରାରମ୍ଭରୁ ତାମିଲ୍ ଏକ ଲିଖିତ ଭାଷାରୂପେ ପରିଚିତ । ଏହି ଦୃଷ୍ଟିକୋଣରୁ ବିଚାର କଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ଖ୍ରୀଷ୍ଟୀୟ ପ୍ରଥମ ଚାରୋଟି ଶତାବ୍ଦୀ ବ୍ୟାପୀ ସଙ୍ଗମ ସାହିତ୍ୟ ସୃଷ୍ଟି ହୋଇଥିଲା, ଯଦିଓ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଏହା ଚୂଡାନ୍ତ ରୂପନେଇ ସଂକଳିତ ହୋଇଥିଲା । ବିଶ୍ୱ ଭାରତରେ ବିଭିନ୍ନ ଅଞ୍ଚଳର କବି ଓ ଲେଖକମାନେ ମଦୁରାଇଠାରେ ସମ୍ମିଳନୀକୁ ଆସୁଥିଲେ । ଯେଉଁ କବିମାନେ ମହାବିଦ୍ୟାଳୟ ସମ୍ମିଳନୀମାନଙ୍କରେ ଏକତ୍ରିତ ହେଉଥିଲେ, ସେମାନେ ତାଙ୍କର ରାଜା କିମ୍ବା ଦଳପତିଙ୍କ ପୃଷ୍ଠପୋଷକତା ଲାଭ କରୁଥିଲେ ଓ ବିପୁଳ ପରିମାଣରେ ସଙ୍ଗମ ସାହିତ୍ୟ ସୃଷ୍ଟି କରି ଚାଲିଥିଲେ । ଏହି ପ୍ରକ୍ରିୟା ତିନି, ଚାରି ଶତାବ୍ଦୀ ବ୍ୟାପି ଚାଲିଥିଲା । ଏହି ସମ୍ମିଳନୀଗୁଡ଼ିକୁ 'ସଙ୍ଗମ' ଓ ସମ୍ମିଳୀତ କବିମାନଙ୍କ ସୃଷ୍ଟ ସାହିତ୍ୟକୃତୀଗୁଡ଼ିକୁ 'ସଙ୍ଗମ ସାହିତ୍ୟ' ନାମରେ ନାମିତ କରାଯାଇଥିଲା । ତାମିଲ ସନ୍ଥ ଯେ 'କୁରାଳ' ପୁସ୍ତକର ଲେଖକ ଥିରୁଭାଲ୍ଲୁଭରଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ । ଅସଂଖ୍ୟ ବୀର ପୁରୁଷ ବା ବୀର ରମଣୀ ତଥା ନାୟକ, ନାୟିକାମାନଙ୍କର ପ୍ରଶଂସାରେ ପରିପୂର୍ଣ୍ଣ ଦୀର୍ଘ ଓ ନାତିଦୀର୍ଘ ପଦ୍ୟ ସମୂହର ସଂକଳନମାନଙ୍କ ଦ୍ୱାରା ସଙ୍ଗମ ସାହିତ୍ୟ ପରିପୁଷ୍ଟ । ସଂକୀର୍ଣ୍ଣ ଧର୍ମ ମତବାଦର ବହୁ ଉର୍ଦ୍ଧ୍ୱରେ ଏହି ରଚନାବଳୀ ନିରପେକ୍ଷ ଓ ଅତି ଉଚ୍ଚମାନର । ତିନୋଟି ମାତ୍ର ଏପରି ସମ୍ମିଳନୀ ହୋଇଥିଲା । ପ୍ରଥମ ସଙ୍ଗମ ସମ୍ମିଳନୀରେ ସଂଗୃହୀତ କବିତାଗୁଡ଼ିକ ହଜିଯାଇଛି । ଦ୍ୱିତୀୟ ସଙ୍ଗମ ସମ୍ମିଳନୀରେ ପ୍ରାୟ ୨୦୦୦ କବିତା ସଂଗୃହୀତ ହୋଇଛି ।

ପ୍ରାୟ ୩୦୦୦୦ (ତିରିଶ ହଜାର) ଧାଡ଼ିର ପଦ୍ୟାବଳୀକୁ ଆଠଟି କବିତା ସଞ୍ଚୟନରେ କ୍ରମାନ୍ୱୟରେ ସଂକଳିତ କରାଯାଇଥିଲା, ଯାହାର ନାମଥିଲା ଏଟ୍ଟୁତୋକୋଇ । ଏହାର ଦୁଇଟି ମୁଖ୍ୟ ବିଭାଗ ଥିଲା – ପଟନେନକିଲ କାନାକ୍କୁ (ଅଠରଟି ନିମ୍ନତର ସଂକଳନ) ଓ ପାଟ୍ଟୁ ପାଟ୍ଟୁ (ଦଶଟି ପଦ୍ୟର ସଂକଳନ) । ପ୍ରଥମଟି ସାଧାରଣ ଭାବେ ଦ୍ୱିତୀୟଠାରୁ ଅଧିକ ପ୍ରାଚୀନତର ଥିଲା ଓ ଅଧିକ ଐତିହାସିକ ତଥ୍ୟ ବହନ କରିଥିଲା ବୋଲି ବିଚାର କରାଯାଉଥିଲା । ଥିରୁଭାଲ୍ଲୁରାରଙ୍କ 'କୁରାଳ' କାବ୍ୟ ତିନି ଭାଗରେ ବିଭକ୍ତ । ପ୍ରଥମ ଭାଗରେ ପୁରାଣ ସବୁ, ଦ୍ୱିତୀୟ ଭାଗରେ ରାଷ୍ଟ୍ର ଓ ଶାସନତନ୍ତ୍ର ଏବଂ ତୃତୀୟ ଭାଗରେ ପ୍ରେମ ବର୍ଣ୍ଣିତ ।

ସଙ୍ଗମ ରଚନାବଳୀ ବ୍ୟତୀତ ଅନ୍ୟ ଏକ ରଚନା ସଂଗ୍ରହ 'ତୋଲ୍କାପୀୟମ୍' ମଧ୍ୟ ଦେଖିବାକୁ ମିଳେ ଯାହା ପଦ୍ୟରଚନା ସହିତ ବ୍ୟାକରଣ ସମ୍ବନ୍ଧୀୟ ରଚନା ଦ୍ୱାରା ପରିପୂର୍ଣ୍ଣ । 'ତିରୁକୁରାଳ' ମଧ୍ୟ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ, ଯେଉଁଥିରେ ଦର୍ଶନତତ୍ତ୍ୱ ଓ ପାଣ୍ଡିତ୍ୟପୂର୍ଣ୍ଣ ନୀତିସୂକ୍ତ ସବୁ ରଚନା କରାଯାଇଛି ଓ ଆଲୋଚିତ ହୋଇଛି । ଏହା ସହିତ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀ ମଧ୍ୟରେ ରଚିତ ଦୁଇଟି ଯମଜ ମହାକାବ୍ୟ 'ଶୀଳପ୍ପଦୀକରମ୍' ଓ 'ମଣିମେକଳାଇ'କୁ ମଧ୍ୟ ବିଚାରକୁ ନିଆଯାଇଛି । ପ୍ରଥମଟି ତାମିଲ ସାହିତ୍ୟ ଭଣ୍ଡାରକୁ ସୁସମୃଦ୍ଧ କରିଥିବା ଅମୂଲ୍ୟ ଉଜ୍ଜ୍ୱଳତମ ରତ୍ନ ସଦୃଶ । ଏହା ଏକ ପ୍ରେମକାହାଣୀ ଉପରେ ଆଧାରିତ । ଦ୍ୱିତୀୟ ମହାକାବ୍ୟଟି ମଦୁରାଇର ଜଣେ ଶସ୍ୟ

ବ୍ୟବସାୟୀଙ୍କ ଦ୍ୱାରା ଲିଖିତ । ଏହି ମହାକାବ୍ୟ ଦୁଇଟି ପ୍ରାୟ ଦ୍ୱିତୀୟ ଶତାବ୍ଦୀଠାରୁ ଷଷ୍ଠଶତାବ୍ଦୀ ମଧ୍ୟରେ ତାମିଲ୍‌ମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଆଲୋକପାତ କରିଅଛି । ପ୍ରାୟ ଷଷ୍ଠରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଅନେକ ଭକ୍ତି ରସାତ୍ମକ ପଦ୍ୟାବଳୀ ନୟନମାର (ଶୈବ ଧର୍ମାବଲମ୍ବୀ ସାଧୁ) ଓ ଅଲଉଆରଙ୍କ ଦ୍ୱାରା ରଚିତ ହୋଇ ସମଗ୍ର ଭାରତୀୟ ଉପ-ମହାଦେଶରେ ଭକ୍ତି ଆନ୍ଦୋଳନର ସୂତ୍ରପାତ କରିଥିଲା । 'କମ୍ବ ରାମାୟଣମ୍' ଓ 'ପେରିଆ ପୁରାଣମ୍' ଏହି ସମୟର ୨ଜଣ ପ୍ରମୁଖ ଶାସ୍ତ୍ରୀୟ ତାମିଲ୍ ଲେଖକ ।

## ତୁମେ କ'ଣ ଶିଖିଲ ?

- ଐତିହ୍ୟ ହେଉଛି ସମଷ୍ଟିଗତ ଭାବେ ସମସ୍ତ ଧୀମତ୍ତା ସଂପନ୍ନ ଗନ୍ତାଘର ଯାହା କ୍ରମଶଃ ଏକ ପୁରୁଷରୁ ପରବର୍ତ୍ତୀ ପୁରୁଷକୁ ସ୍ୱାଭାବିକ ଭାବେ ଅଗ୍ରସର ହୋଇଥାଏ ।
- ସଂସ୍କୃତ ହେଉଛି ଭାରତର ସର୍ବପ୍ରାଚୀନ ଭାଷା ।
- ମାନବ ଜଗତର ସର୍ବପ୍ରାଚୀନ ଓ ସୁସମୃଦ୍ଧ ସାହିତ୍ୟିକ ପରଂପରାର ନିଦର୍ଶନ ହେଉଛି ଋଗ୍‌ବେଦ ।
- ଉପନିଷଦ ସମୂହ, ସମଗ୍ର ବିଶ୍ୱର ସର୍ବଶ୍ରେଷ୍ଠ ଦାର୍ଶନିକମାନଙ୍କୁ ପ୍ରଭାବିତ କରିଅଛି ।
- ଆମର ମହାକାବ୍ୟ ରାମାୟଣ ଓ ମହାଭାରତ ଏବେ ସୁଦ୍ଧା ଆମ ଦେଶର ସାମାଜିକ ଦୃଷ୍ଟିଭଙ୍ଗୀ ଉପରେ ପ୍ରାଧାନ୍ୟ ବିସ୍ତାର କରି ରହିଛି ।
- ପୁରାଣଗୁଡ଼ିକ ପଥପ୍ରଦର୍ଶକ ଆଲୋକବର୍ତ୍ତିକା ଜନସାଧାରଣଙ୍କୁ ଯୋଗାଇ ଦେଉଛି ।
- ଜୈନଧର୍ମ ଉତ୍ତମ ଆଚରଣ ଓ ନୈତିକତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଅହିଂସା, ସତ୍ୟବାଦିତା ଓ ଆତ୍ମସଂଯମ ସମ୍ବନ୍ଧରେ ଶିକ୍ଷାଦାନ କରିଛି । ଜାତକ କାହାଣୀଗୁଡ଼ିକ, ସେ ସମୟର ଲୋକମାନଙ୍କ ଚିନ୍ତାଚେତନା ଓ ଜୀବନଧାରଣ ଶୈଳୀ ସମ୍ବନ୍ଧୀୟ ଜ୍ଞାନ ଲାଭ କରିବା ନିମିତ୍ତ ବହୁମୂଲ୍ୟ ମାଧ୍ୟମ ଭାବେ ସୁପରିଚିତ । ବୌଦ୍ଧ ସଂଘଗୁଡ଼ିକ, ଶିକ୍ଷାକେନ୍ଦ୍ର ଓ ଜ୍ଞାନ ଆହରଣର କେନ୍ଦ୍ରସ୍ଥଳୀରେ ପରିଣତ ହୋଇଥିଲା ।
- ପ୍ରାଚୀନ କାଳରେ ବହୁ ମୂଲ୍ୟବାନ ଗ୍ରନ୍ଥ ସବୁ ଆଇନ୍, ରାଜନୀତି, ବିଜ୍ଞାନ, ଭେଷଜ ବିଜ୍ଞାନ, ଶଲ୍ୟ ଚିକିତ୍ସା, ଜୀବ ବିଜ୍ଞାନ, ରସାୟନ ଶାସ୍ତ୍ର ଓ ସ୍ଥାପତ୍ୟ ଉପରେ ରଚିତ ହୋଇଥିଲା ।
- ତାମିଲ ସାହିତ୍ୟ, ସଙ୍ଗମ ସାହିତ୍ୟ ଭାବରେ ଖ୍ୟାତି ଲାଭ କରିଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ''ସଂସ୍କୃତ ବହୁ ଭାରତୀୟ ଭାଷାର ମୂଳଉତ୍ସ'' – ବିଶଦ୍ ଭାବେ ବ୍ୟାଖ୍ୟା କର ।

୨. ଉପନିଷଦ୍‌ଗୁଡ଼ିକର ଗୁରୁତ୍ୱ ବର୍ଣ୍ଣନା କର ।

୩. ବୌଦ୍ଧ ସାହିତ୍ୟ ଓ ଜୈନ ସାହିତ୍ୟ ସଂପର୍କରେ ବିଶଦ୍ ବିବରଣୀ ପ୍ରଦାନ କର ।

୪. ସଂକ୍ଷିପ୍ତ ଟିପ୍‌ପଣୀ ଲେଖ

(କ) ସଙ୍ଗମ ସାହିତ୍ୟ

(ଖ) ବେଦ

୫. ‘ଶିଳପ୍ପଦୀକରମ୍’ ଏବଂ ‘ମଣିମେକଳାଇ’ ମହାକାବ୍ୟ ଦ୍ୱୟର କଥାବସ୍ତୁ କ’ଣ ?

୬. ତାରାଭେଙ୍କ ରାମାୟଣର ସ୍ୱତନ୍ତ୍ରତା ଉଲ୍ଲେଖ କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୬.୧
୧. ସଂସ୍କୃତ
୨. ଋକ୍‌ବେଦ

୬.୨
୧. ଜ୍ଞାନ
୨. ଋକ୍‌ବେଦ, ଯଜୁର୍‌ବେଦ, ସାମବେଦ ଓ ଅଥର୍ବବେଦ
୩. ଏହାର ଅର୍ଥ ତ୍ୟାଗ ଓ ଉପାସନା
୪. ଷୋହଳ ହଜାର୍

୬.୩
୧. ଉପନିଷଦର ଅର୍ଥ ଗୁରୁଙ୍କ ନିକଟରେ ଉପବେସନ କରିବା ବା ବସିବା ।
୨. ଇଷ, କେନ, କଠ, ବୃହଦାରଣ୍ୟକ ଓ ଛାନ୍ଦୋଗ୍ୟ

୬.୪
୧. ରାମାୟଣ ଓ ମହାଭାରତ
୨. ବାଲ୍ମୀକି ଓ ବ୍ୟାସ
୩. କୃଷ୍ଣ ଅର୍ଜୁନଙ୍କୁ ଜଣେ କ୍ଷତ୍ରିୟ ହିସାବରେ ତାଙ୍କର ଧର୍ମ କ’ଣ ହେବା ଉଚିତ୍ ବୋଲି ବିଭିନ୍ନ ଦର୍ଶନ ତତ୍ତ୍ୱ ସମ୍ବଳିତ ଉପଦେଶ ଦେଇଥିଲେ ।

୬.୫
୧. ୧୮ଟି ମହାପୁରାଣ ଓ ୧୮ଟି ଉପପୁରାଣ
୨. ପୁରାଣଗୁଡ଼ିକ ସୃଷ୍ଟି, ପୁନଃ ସୃଷ୍ଟି, ଐତିହାସିକ, ରାଜବଂଶ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ତତ୍ତ୍ୱଗୁଡ଼ିକୁ ଗଳ୍ପ ମାଧ୍ୟମରେ ଆଲୋଚନା କରିଥାଏ ।

୬.୬
୧. ପାଲି ଓ ପ୍ରାକୃତ
୨. ବିନୟ ପିଟକ, ସୂତ୍ତ ପିଟକ ଓ ଅଭିଧମ୍ମ ପିଟକ
୩. ପ୍ରଭୁ ବୁଦ୍ଧଙ୍କର ପୂର୍ବଜନ୍ମ ବୃତ୍ତାନ୍ତ, ଯେଉଁଠାରେ ସେ ଧର୍ମାଚାରଗୁଡ଼ିକୁ ସାଧନା କରିଥିଲେ ।
୪. ଦୁଇଜଣ ଜୈନ ପଣ୍ଡିତ ହେଉଛନ୍ତି ଅଷ୍ଟମ ଶତାବ୍ଦୀର ହରିଭଦ୍ର ସୁରୀ ଓ ଦ୍ୱାଦଶ ଶତାବ୍ଦୀର ହେମଚନ୍ଦ୍ର ସୂରୀ ।

୬.୭
୧. ଆଇନ୍
୨. କଲ୍‌ହଣ
୩. ଅଭିଜ୍ଞାନ ଶାକୁନ୍ତଳମ୍
୪. ଗୀତଗୋବିନ୍ଦ
୫. ଚରକ

# ୭
# ଭାରତୀୟ ଭାଷା ଓ ସାହିତ୍ୟ–୨



ଯେ କୌଣସି ସଂସ୍କୃତିର ସମୃଦ୍ଧିକୁ ଦେଖିହୁଏ ଏବଂ ମାପି ହୁଏ । କିନ୍ତୁ ଭାଷା ଏବଂ ସାହିତ୍ୟର ମୂଲ୍ୟାଙ୍କନ ପାଇଁ ତାକୁ ପଢ଼ିବାର ଓ ଶୁଣିବାର ଆବଶ୍ୟକତା ଥାଏ । ଆମକୁ ଆମ ସଂସ୍କୃତିର ଏହି ନିର୍ଦ୍ଦିଷ୍ଟ ବିଭାଗକୁ ପସନ୍ଦ କରିବାକୁ ହୁଏ ଏବଂ ସେଥିପାଇଁ ଆମେ ଗର୍ବିତ ହୋଇଥାଉ (ଆମ ଭାଷାକୁ ଆମେ ମୂଲ୍ୟଦେଉ ଏବଂ ଭାଷା ପାଇଁ ଗର୍ବ ଅନୁଭବ କରୁ) । ସେଥିପାଇଁ ଅତୀତରେ ଲେଖାହୋଇଥିବା ବହିସବୁ ଆମେ ନିଶ୍ଚୟ ପଢ଼ିବା । କାରଣ ତାହା ଆମକୁ ସେହି ସମୟର ଘଟଣାବଳୀ ଜାଣିବାରେ ସାହାଯ୍ୟ କରିବ । ଅଧିକରୁ ଅଧିକ ବହି ପଢ଼ିଲେ ଆମ ଚାରିପାଖରେ ଘଟୁଥିବା ଘଟଣାବଳୀ ସମ୍ବନ୍ଧରେ ଆମେ ଜାଣିପାରିବା । ଏହି ପାଠରେ ଆମେ ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟଗୁଡ଼ିକର କ୍ରମ ବିକାଶ ସମ୍ବନ୍ଧରେ ପଢ଼ିବା । ଆହୁରି ମଧ ଆଧୁନିକ ଭାରତୀୟ ଭାଷାଗୁଡ଼ିକର ପ୍ରଥମ ଶବ୍ଦକୋଷ ଏବଂ ବ୍ୟାକରଣ ତିଆରି କରିବାରେ ଖ୍ରୀଷ୍ଟିୟାନ ମିଶନାରୀମାନଙ୍କର ଭୂମିକା ସମ୍ବନ୍ଧରେ ଆମେ ଜାଣିବା । ଆଧୁନିକ ଭାରତୀୟ ସାହିତ୍ୟ ସେମାନଙ୍କ ସହାୟତାରେ କିପରି ସମୃଦ୍ଧ ହୋଇଛି, ତାହା ମଧ ଜାଣିହେବ । ଏହା ସହିତ ଆଧୁନିକ ଭାରତୀୟ ସାହିତ୍ୟର ସମୃଦ୍ଧିରେ ଭକ୍ତି ଆନ୍ଦୋଳନ ଓ ଜାତୀୟତାବୋଧର ଭୂମିକା ସମ୍ବନ୍ଧରେ ଆମେ ଜାଣିବା ।

## ଉଦ୍ଦେଶ୍ୟ

ଏହି ବିଷୟ ପଢ଼ିସାରିବା ପରେ ତୁମେ ନିମ୍ନୋକ୍ତ ବିଷୟଗୁଡ଼ିକ ଜାଣିପାରିବ :

- ଆଧୁନିକ ଭାଷାଗୁଡ଼ିକର ସମୃଦ୍ଧି ।
- ଭାରତୀୟ ସାମାଜିକ ସଂସ୍କୃତିରେ ଘଟିଥିବା ପରିବର୍ତ୍ତନ ଏବଂ ଭାରତୀୟ ଭାଷା ସାହିତ୍ୟ ମଧରେ ଥିବା ସମ୍ପର୍କକୁ ପରୀକ୍ଷା ନିରୀକ୍ଷା କରିପାରିବା ।
- ଭାରତୀୟ ଭାଷା ଓ ସାହିତ୍ୟଗୁଡ଼ିକ ମଧରେ ଥିବା ସମତା ଓ ବିଭିନ୍ନତାର ଉଦାହରଣ ଦେଇ ପାରିବା ।
- ଏବଂ ଭାରତୀୟ ସମାଜର ନବ ଜାଗରଣ ପ୍ରତି ଭାରତୀୟ ଭାଷା ଓ ସାହିତ୍ୟର ଅବଦାନକୁ ପର୍ଯ୍ୟବେକ୍ଷଣ କରିପାରିବା ।

## ୭.୧ ଉତ୍ତର ଭାରତୀୟ ଭାଷା ସାହିତ୍ୟ

ମଧ୍ୟଯୁଗ ପ୍ରାରମ୍ଭ କାଳରେ ଭାରତୀୟ ଭାଷାଗୁଡ଼ିକ କିପରି ବିକଶିତ ହୋଇଛି ତାହା ଆମେ ଦେଖିପାରିଛେ । ସେହି ସମୟରେ କିଛି ଅଞ୍ଚଳରେ ପୁରାତନ ଅପଭ୍ରଂଶ ନୂଆରୂପ ନେଇଥିଲା ତଥା ଅନ୍ୟ ରୂପରେ ବିକଶିତ ହେବାର

ପ୍ରକ୍ରିୟା ସଂଗଠିତ ହୋଇଥିଲା । ଏହି ଭାଷାଗୁଡ଼ିକ କଥିତ ଓ ଲିଖିତ ଉଭୟ ସ୍ତରରେ ବିକଶିତ ହୋଇଥିଲା । ସମ୍ରାଟ ଅଶୋକଙ୍କ ସମୟରେ ପୁରାତନ ବ୍ରହ୍ମିଲିପିରେ ଏକ ବଡ଼ ପରିବର୍ତ୍ତନ ଘଟିଥିଲା । ସେହି ସମୟର ବର୍ଣ୍ଣମାଳାର ଆକାର ଅସମ ଥିଲା । କିନ୍ତୁ ହର୍ଷବର୍ଦ୍ଧନଙ୍କ ସମୟକୁ ଅକ୍ଷରଗୁଡ଼ିକର ଆକାର ସମାନ ଓ ସୁସଙ୍ଗତ ତଥା ସୁଶୃଙ୍ଖଳିତ ହୋଇଯାଇଥିଲା ।

ଅଧ୍ୟୟନରୁ ଜଣାପଡ଼େ ଯେ ଉର୍ଦ୍ଦୁ ବର୍ଣ୍ଣମାଳା ବ୍ୟତିତ  ସମସ୍ତ ଉତ୍ତର ଭାରତୀୟ ଭାଷାର ବର୍ଣ୍ଣମାଳା ପ୍ରାଚୀନ ବ୍ରାହ୍ମୀ ଭାଷାରୁ ଉତ୍ପନ୍ନ ହୋଇଅଛି । ଏକ ଲମ୍ବା ଓ ମନ୍ଥର ପ୍ରକ୍ରିୟା ବର୍ଣ୍ଣମାଳାକୁ ଏହି ଆକାର ଦେଇଅଛି । ଗୁଜୁରାଟି, ହିନ୍ଦି ଓ ପଞ୍ଜାବି ବର୍ଣ୍ଣମାଳାକୁ ତୁଳନା କଲେ ଏହି ପରିବର୍ତ୍ତନକୁ ଆମେ ସହଜରେ ବୁଝିପାରିବା । କଥିତ ଶବ୍ଦ ଅନୁସାରେ ବର୍ତ୍ତମାନ ଭାରତରେ ଦୁଇଶହରୁ ଅଧିକ ଭାଷା ବା ଉପଭାଷା କୁହାଯାଉଛି । ସେଥିମଧ୍ୟରୁ କିଛି ବହୁଳ ଭାବରେ ବ୍ୟବହୃତ ଏବଂ ଅନ୍ୟ କିଛି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସିମୀତ । ସେ ସମସ୍ତଙ୍କ ମଧ୍ୟରୁ କେବଳ ୨୨ଟି ଆମ ସମ୍ବିଧାନର ଅନ୍ତର୍ଭୁକ୍ତ ।

ଉତ୍ତର ଭାରତରେ ବହୁ ସଂଖ୍ୟକ ଲୋକ ବିଭିନ୍ନ ଶୈଳୀରେ କହନ୍ତି । ଯେପରି ବ୍ରଜ ଭାଷା ଓ ଅବଧି (ଅବଧରେ କୁହାଯାଉଥିବା ଭାଷା), ଭୋଜପୁରୀ, ମାଗଧି ଏବଂ ମୈଥିଳୀ (ମିଥିଳାରେ କୁହାଯାଉଥିବା ଭାଷା), ରାଜସ୍ଥାନୀ ଓ ଖଦୀ ବୋଲି (ଦିଲ୍ଲୀ ଅଞ୍ଚଳରେ କୁହାଯାଉଥିବା ଭାଷା) । ରାଜସ୍ଥାନୀ ହିନ୍ଦୀର ଏକ ଭିନ୍ନମାନର ଉପଭାଷା । ଏକ ବିସ୍ତୃତ ସମୟର ମହାନ କବିମାନଙ୍କର ସାହିତ୍ୟ କୃତିଗୁଡ଼ିକୁ ଭିତିକରି ଭାଷା କ୍ଷେତ୍ରରେ ଏହି ଶ୍ରେଣୀ ବିଭାଗ ତିଆରି ହୋଇଅଛି । ସେହିପରି ସୁରଦାସ ବ୍ୟବହାର କରିଥିବା ଭାଷା ଏବଂ ବିହାରୀକୁ ବ୍ରଜଭାଷାର ନାମ ଦିଆଯାଇଛି, ତୁଳସୀ ଦାସ ରାମଚରିତ ମାନସରେ ବ୍ୟବହାର କରିଥିବା ଭାଷାକୁ ଅବଧୀ, ବିଦ୍ୟାପତିଙ୍କ ଭାଷାକୁ ମୈଥିଳୀ କୁହାଯାଏ । କିନ୍ତୁ ହିନ୍ଦିକୁ ଖଦୀ ବୋଲି କୁହାଯାଏ । ତ୍ରୟୋଦଶ ଶତାବ୍ଦୀରେ ଯଦିଓ ଅମୀର ଖୁସ୍ରୁ ନିଜ ରଚନାରେ ଖଦୀ ବୋଲି ବ୍ୟବହାର କରିଥିଲେ, ସାହିତ୍ୟରେ ସାହିତ୍ୟରେ ଏହାର ବହୁଳ ବ୍ୟବହାର ଆରମ୍ଭ ହୋଇଥିଲା । ଊନବିଂଶ ଶତାବ୍ଦୀରେ ଏଥିରେ କିଛିଟାରେ ଉର୍ଦ୍ଦୁର ପ୍ରଭାବ ମଧ୍ୟ ଦେଖାଯାଏ ।

## ୭.୨ ପର୍ସିଆନ ଓ ଉର୍ଦ୍ଦୁ

ଚତୁର୍ଥ ଖ୍ରୀଷ୍ଟାବ୍ଦ ଶେଷଭାଗ ଆଡ଼କୁ ଉର୍ଦ୍ଦୁ ଏକ ସ୍ୱତନ୍ତ୍ର ଭାଷା ଭାବରେ ପରିଚିତ ହେଲା । ଭାରତକୁ ତୁର୍କ ଓ ମୋଗଲମାନଙ୍କର ଆଗମନ ଫଳରେ ପର୍ସିଆନ ଓ ଆରବିକ ଭାଷା ଭାରତରେ ପରିଚିତ ହେଲା । କେତେ ଶତାବ୍ଦୀ ଧରି ପର୍ସିଆନ ଭାଷା (ଅଦାଲତ) କୋର୍ଟ କଚେରୀ ଭାଷା ହୋଇ ରହିଲା । ହିନ୍ଦୀ ଓ ପର୍ସିଆନ ମଧ୍ୟରେ ପାରସ୍ପରିକ ପ୍ରକ୍ରିୟା ମଧ୍ୟରୁ ଉର୍ଦ୍ଦୁଭାଷା ଜନ୍ମ ନେଲା । ୧୧୯୨ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ଅଧିକାର କରିବା ପରେ ତୁର୍କମାନେ ଏହି ଅଞ୍ଚଳରେ ସ୍ଥାୟୀ ଭାବରେ ବସବାସ କଲେ । ଏହି ବାସିନ୍ଦା ଓ ସୈନିକମାନଙ୍କର ସାଧାରଣ ଲୋକଙ୍କ ସହିତ ମିଳାମିଶା ଓ ସମ୍ପର୍କରୁ ଉର୍ଦ୍ଦୁଭାଷା ଜନ୍ମ ନେଲା । ମୂଳତଃ ଏହା ଏକ ଉପଭାଷା ଥିଲା । କିନ୍ତୁ ଯେତେବେଳେ ଲେଖକମାନେ ପର୍ସିଆନ ବର୍ଣ୍ଣମାଳା ବ୍ୟବହାର କରିବା ଆରମ୍ଭ କଲେ, ଧୀରେ ଧୀରେ ଏହା ଏକ ରୀତି ସମ୍ମତ ଭାଷାର ସମସ୍ତ ଗୁଣ ଧର୍ମ ଅର୍ଜନ କଲା । ଆହୁରି ମଧ୍ୟ ଅହମଦନଗରର ବାହମନି ରାଜ୍ୟଗୁଡ଼ିକରେ ଗୋଲକୁଣ୍ଡା, ବିଜାପୁର ଓ ବେରାରରେ ଏହାର ବ୍ୟବହାର ଦ୍ୱାରା ଏହାକୁ ପ୍ରୋତ୍ସାହନ ମିଳିଲା । ଏପରିକି ଏଠାରେ ଏହାକୁ ଦକ୍ଷିଣୀ ବା 'ଦାକାନୀ' ଭାଷା କୁହାଗଲା । କ୍ରମଶଃ ଦିଲ୍ଲୀରେ ଏହା ଲୋକପ୍ରିୟ ହେଲା । ଅଠରଶହ (୧୮୦୦) ଶତାବ୍ଦୀ ପ୍ରଥମ ଭାଗରେ ଉର୍ଦ୍ଦୁ ଅଧିକ ଲୋକପ୍ରିୟ ହେଲା । ଏପରିକି ଶେଷ ମୋଗଲଙ୍କର ଆୟ ବ୍ୟୟର ବିବରଣୀ ଉର୍ଦ୍ଦୁରେ ଲେଖା ଯାଉଥିଲା । କ୍ରମଶଃ ଏହି ଭାଷା ଉଭୟ ଗଦ୍ୟ ଓ କବିତା ରଚନା ପାଇଁ ଉପଯୁକ୍ତ ହେଲା । ଶେଷ





ମୋଗଲ ସମ୍ରାଟ ବାହାଦୁର ଶାହା ଜାଫର ଏହି ଭାଷାରେ (ଉର୍ଦ୍ଦୁ)ରେ କବିତା ଲେଖିଥିଲେ । ତାଙ୍କ କବିତାର କେତେକ ପଦ ହିନ୍ଦୀ ଓ ଉର୍ଦ୍ଦୁଭାଷା ଭାଷି ଅଞ୍ଚଳରେ ଜଣାଶୁଣା । ଅନେକ କବି ଓ ଲେଖକଙ୍କର ଅତୁଳନୀୟ ସମୃଦ୍ଧଶାଳୀ କବିତା ପାଇଁ ଉର୍ଦ୍ଦୁଭାଷାକୁ ଏକ ଗୌରବମୟ ସ୍ଥାନ ଦିଆଯାଇଛି । ଖୁସ୍ରୁ (୧୨୫୩ ଖ୍ରୀଷ୍ଟାବ୍ଦ – ୧୩୨୫ ଖ୍ରୀଷ୍ଟାବ୍ଦ) ସମ୍ଭବତଃ ସର୍ବ ପ୍ରଥମ ଉର୍ଦ୍ଦୁ କବି । ସେ ସୁଲତାନ ବଲବନଙ୍କ ରାଜତ୍ୱକାଳରେ କବିତା ରଚନା କରିବା ଆରମ୍ଭ କରିଥିଲେ ଏବଂ ନିଜାମୁଦ୍ଦିନ ଅଉଲିଆଙ୍କର ଅନୁଗାମୀ ଥିଲେ । ପୃଥକ ପୃଥକ ବିଷୟ ବସ୍ତୁକୁ ଆଧାର କରି ସେ ଅନେଶତଟି କବିତା ଏବଂ ଅସଂଖ୍ୟ କବିତା ପଂକ୍ତି ରଚନା କରିଥିଲେ ବୋଲି କୁହାଯାଏ । ତାଙ୍କର ପ୍ରଧାନ ରଚନାଗୁଡ଼ିକ ମଧ୍ୟରେ ଲଇଲା–ମଜନୁ ଏବଂ ଆଇନା–ଆଇ–ସିକନ୍ଦର ଆଲ୍ଲାଦିନ ଖିଲଜିଙ୍କୁ ଉତ୍ସର୍ଗ କରାଯାଇଛି । ଅନ୍ୟ ଜଣାଶୁଣା କବିମାନଙ୍କ ମଧ୍ୟରେ ଗାଲିବ ଜାକ୍ ଏବଂ ଇକବଲ ଅନ୍ୟତମ । ଇକବଲଙ୍କର ଉର୍ଦ୍ଦୁ କବିତା, ତାଙ୍କ ସଂଗୃହୀତ କୃତି – ବାଙ୍ଗ–ଇ–ଦାରାରେ ମିଳିଥାଏ । ତାଙ୍କ ରଚିତ 'ସାରେ ଜହାଁସେ ଆଚ୍ଛା ହିନ୍ଦୁସ୍ଥାନ ହମାରା'' – ଭାରତରେ ଅନେକ ଜାତୀୟ ଉତ୍ସବରେ ବୋଲାଯାଏ । ଏହି ସଙ୍ଗୀତର ସ୍ୱର ବଜା ନହୋଇ ଭାରତରେ କୌଣସି ସୈନ୍ୟ ସମାବେଶ ସମ୍ପୂର୍ଣ୍ଣ ହୁଏ ନାହିଁ । ଦିଲ୍ଲୀ ପରି ବଡ଼ ବଡ଼ ଭାରତୀୟ ସହରଗୁଡ଼ିକରେ ଅନେକ କାର୍ଯ୍ୟକ୍ରମରେ ମିର୍ଜାଗାଲିବ, ମଉମ, ବୁଲେ ଶାହା, ଓ୍ୱାରିସ୍ ଶାହାଙ୍କ ପରି ପ୍ରସିଦ୍ଧ କବିମାନଙ୍କର ନଜ୍‌ମା ବା ଗଜଲ ଗାଇବାକୁ ପ୍ରସିଦ୍ଧ ଗାୟକମାନଙ୍କୁ ନିମନ୍ତ୍ରଣ କରାଯାଏ । ତେଣୁ ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ଯେ କେତେ ସମୃଦ୍ଧ ଏବଂ ଆଜିଯାଏ ସମୃଦ୍ଧ ରହିଛି ତାହାକୁ କଳ୍ପନା କରିପାରିବ । ଏହା ଆମ ଜୀବନକୁ ସମୃଦ୍ଧ କରିଛି ଏବଂ ପରସ୍ପର ସହିତ ମିଳାମିଶାର ମାଧ୍ୟମ ହୋଇଛି ।

ଉତ୍ତମ ଗଦ୍ୟ ସାହିତ୍ୟ ଲେଖକଙ୍କ ମଧ୍ୟରେ ପ୍ରସିଦ୍ଧ ପୁସ୍ତକ 'ପେସନାହ–ଇ–ଆଜାଦ'ର ରଚୟିତା ପଣ୍ଡିତ ରତନ ନାଥ ସରସାର ଅନ୍ୟତମ । ଏପରିକି ପ୍ରାରମ୍ଭକାଳରେ ମୁନ୍‌ସୀ ପ୍ରେମଚାନ୍ଦ, ଯାହାଙ୍କୁ ହିନ୍ଦୀ ସାହିତ୍ୟ ଜଗତର ଏକ ବରିଷ୍ଠ ବ୍ୟକ୍ତିତ୍ୱ ଭାବରେ ଗଣାଯାଏ, ଉର୍ଦ୍ଦୁ ଭାଷାରେ ଲେଖିଥିଲେ । ଉର୍ଦ୍ଦୁ ଆମକୁ 'ନଜମ' ନାମକ ଏକ ନୂତନ ଶୈଳୀର କିବିତା ଦେଇଛି । ଲକ୍ଷ୍ନୌର ନବାବମାନେ ଉର୍ଦ୍ଦୁ ସାହିତ୍ୟ ସଙ୍କଳନ ଓ ସମ୍ମିଳନୀମାନ କରି ଏହାକୁ ପ୍ରୋତ୍ସାହନ ଦେଇଥିଲେ । ଧୀରେ ଧୀରେ ଏହା ବହୁତ ଲୋକପ୍ରିୟ ହେଲା । ପାକିସ୍ଥାନ ଉର୍ଦ୍ଦୁକୁ ରାଷ୍ଟ୍ରଭାଷା ଭାବରେ ଗ୍ରହଣ କଲା ।

## ମୋଗଲ ରାଜତ୍ୱ କାଳରେ ସାହିତ୍ୟର ଉନ୍ନତି

ମୋଗଲ ରାଜତ୍ୱ କାଳରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ ଉନ୍ନତି ହୋଇଥିଲା । ସମ୍ରାଟ ବାବର ଓ ହୁମାୟୁନ ସାହିତ୍ୟ ପ୍ରେମୀଥିଲେ । ବାବର ନିଜେ ପାର୍ସି ଭାଷାରେ ପରମ ବିଦ୍ୱାନ ଥିଲେ । ସେ ଲେଖିଥିବା ପୁସ୍ତକ 'ତୁଜେକ–ଇ–ବାବରି' ପାର୍ସି ସାହିତ୍ୟରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ହୁମାୟୁନଙ୍କର ଆରବିକ ଅନୁବାଦ ଅନୁମୋଦନ ପାଇଥିଲା । ସେ ମଧ୍ୟ ଶିକ୍ଷାପ୍ରେମୀ ଥିଲେ ଏବଂ ଏକ ବିଶାଳ ପାଠାଗାର ସ୍ଥାପନ କରିଥିଲେ । 'ହୁମାୟୁନାମା' ତାଙ୍କ ସମୟରେ ରଚିତ ପୁସ୍ତକମାନଙ୍କ ମଧ୍ୟରେ ଶୀର୍ଷସ୍ଥାନରେ ରହିଥିଲା ।

ଆକବର ଅତ୍ୟନ୍ତ ଶିକ୍ଷାପ୍ରେମୀ ଥିଲେ । 'ଆକବର ନାମା', ସୁର ସାଗର, 'ରାମ ଚରିତ ମାନସ' ତାଙ୍କ ସମୟରେ ଲିଖିତ ପୁସ୍ତକମାନଙ୍କ ମଧ୍ୟରେ ପ୍ରସିଦ୍ଧ ତଥା ଅଗ୍ରଗଣ୍ୟ ଥିଲା । ମାଲିକ ମହମ୍ମଦ ଜୟସିସ ପଦ୍ମାବତ ଏବଂ କେଶବଙ୍କ ରାମ ଚନ୍ଦ୍ରିକା ମଧ୍ୟ ସେହି ସମୟରେ ଲେଖା ଯାଇଥିଲା । ଜାହାଙ୍ଗୀର ବହୁଳ ଭାବରେ ସାହିତ୍ୟର ପୃଷ୍ଠପୋଷକତା କରିଥିଲେ । ଅନେକ ଜ୍ଞାନୀ ଗୁଣି ବ୍ୟକ୍ତି



ଟିପ୍ପଣୀ

ତାଙ୍କ ରାଜସଭା ମଣ୍ଡନ କରିଥିଲେ । ସେ ମଧ୍ୟ ଜଣେ ଉଚ୍ଚକୋଟୀର ଜ୍ଞାନୀ ଥିଲେ ଏବଂ ସେ ତାଙ୍କର ଜୀବନ କାହାଣୀ ଲେଖିଥିଲେ । ଶାହାଜାହାନଙ୍କ ସମୟରେ ଅବ୍ଦୁଲ ହମିଦ୍ ଲାହୋରୀ ନାମରେ ଜଣେ ଜଣାଶୁଣା ବିଦ୍ୱାନ ବ୍ୟକ୍ତି ଥିଲେ । ସେ 'ବାଦଶାହା ନାମା' ଲେଖିଥିଲେ । ଆଉରଙ୍ଗଜେବଙ୍କ ସମୟରେ ସାହିତ୍ୟିକ କ୍ରିୟାକଳାପ ବାଧାପ୍ରାପ୍ତ (ଯନ୍ତ୍ରଣା ଜର୍ଜ୍ଜରିତ) ହେଲା । ମୋଗଲ ସାମ୍ରାଜ୍ୟର ଶେଷଭାଗରେ ଉର୍ଦ୍ଦୁ ସାହିତ୍ୟର ଉନ୍ନତି ଆରମ୍ଭ ହେଲା । ଏହି କୃତିତ୍ୱ ସାର ସୟିଦ ହମିଦ ଖାଁ ଓ ମୀର୍ଜା ଗାଲିବଙ୍କର ଅଟେ । ସାର ସୟିଦ ହମିଦଙ୍କର ଭାଷା ଅତ୍ୟନ୍ତ ସରଳ ଓ ପ୍ରଶଂସନୀୟ । ତାଙ୍କ ରଚନାଗୁଡ଼ିକ ଅନ୍ୟତମ ଉର୍ଦ୍ଦୁ ଲେଖକ ମୀର୍ଜା ଗାଲିବଙ୍କୁ ପ୍ରେରଣା ଦେଇଥିଲା । ମୀର୍ଜା ଗାଲିବ ସେହି ସମୟରେ ଜଣେ ପ୍ରସିଦ୍ଧ କବିଥିଲେ । ଉର୍ଦ୍ଦୁ କିବତାର ଉନ୍ନତି ପାଇଁ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଅଟେ । ସେହି ସମୟରେ ଆହୁରି କିଛି ଲେଖକ ମଧ୍ୟ ଉର୍ଦ୍ଦୁ କବିତା ପ୍ରତି ରୁଚି ରଖିଥିଲେ ଏବଂ ଉର୍ଦ୍ଦୁ ସାହିତ୍ୟକୁ ସମୃଦ୍ଧ କରିଥିଲେ । ମୌଲବୀ ଅଲତାବ ହୁସେନ ଅଲ୍ଲୀ, ଆକବର ଅହ୍ଲାବାଦୀ ଏବଂ ମହମଦ ଇକ୍‌ବାଲ ହେଉଛନ୍ତି ସେହି ସମୟର କିଛି ପ୍ରସିଦ୍ଧ ବ୍ୟକ୍ତିତ୍ୱ ।

ପାର୍ସି ନ୍ୟାୟାଳୟର ଭାଷା ହୋଇଥିବାରୁ ସେହି ସମୟର ଅଧିକାଂଶ ସାହିତ୍ୟ ପାର୍ସି ଭାଷାରେ ଲେଖା ହୋଇଥିଲା । ଅମୀର ଖୁସ୍ରୁ ଓ ଅମୀର ହସନ ଦେଲଭି ଅତି ଚମତ୍କାର କବିତାମାନ ପାର୍ସିରେ ଲେଖିଛନ୍ତି । ସେହି ସମୟରେ ମିନହାସ – ଉସ୍–ସିରାଜ, ଜିୟାବାରିନି ଓ ଇବ୍‌ନ୍ ବତୁଟାଙ୍କ ପରି ଐତିହାସିକଗଣ ଭାରତ ଆସିଥିଲେ । ସେମାନେ ଶାସକମାନଙ୍କର ଆୟବ୍ୟୟର ହିସାବ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାବଳୀ ଏହି ଭାଷାରେ ଲିପିବଦ୍ଧ କରିଥିଲେ । ମଧ୍ୟ ଯୁଗରେ ପାର୍ସିଭାଷା ନ୍ୟାୟାଳୟର ଭାଷା ଭାବରେ ପ୍ରଚଳିତ ହେଲା । ଏହି ଭାଷାରେ ଲିଖିତ ବିଭିନ୍ନ ଐତିହାସିକ ବିବରଣୀ, ସରକାରୀ ତଥ୍ୟାବଳୀ ଏବଂ ଶାସନ ସମ୍ବନ୍ଧୀୟ ପୁସ୍ତକମାନ ଆମ ପାଖକୁ ଆସିଅଛି । ମୋଗଲ ଶାସକମାନେ ଶିକ୍ଷା ଏବଂ ସାହିତ୍ୟର ମହାନ ପୃଷ୍ଠପୋଷକ ଥିଲେ । ବାବର ନିଜ ଜୀବନ (ତୁଜକ) ତୁର୍କୀ ଭାଷାରେ ଲେଖିଥିଲେ । ତାଙ୍କ ନାତି ଆକବର, ଏହାକୁ ପାର୍ସି ଭାଷାକୁ ଅନୁବାଦ କରାଇଥିଲେ । ଆକବର ଅନେକ ବିଦ୍ୱାନଙ୍କର ପୃଷ୍ଠପୋଷକତା କରିଥିଲେ । ମହାଭାରତ ଗ୍ରନ୍ଥକୁ ସେ ପାର୍ସି ଭାଷାକୁ ଅନୁବାଦ କରାଇଥିଲେ । ଜାହାଙ୍ଗୀରଙ୍କ ଆତ୍ମ ଜୀବନୀ, ତୁଜକ–ଇ–ଜାହାଙ୍ଗୀରି, ପାର୍ସି ଭାଷାରେ ଲେଖା ଯାଇଛି । ଏହା ଏକ ଅସାଧାରଣ ସାହିତ୍ୟ କୃତି । କୁହାଯାଏ ଯେ ନୁରଜାହାନ ଜଣେ ଦକ୍ଷ ପାର୍ସିୟାନ କବୟିତ୍ରି ଥିଲେ । ମୋଗଲ ସମ୍ରାଟଙ୍କ ଦରବାରର ପାରିଷଦ ବର୍ଗଙ୍କ ଦ୍ୱାରା ମଧ୍ୟ ଅନେକ ପାର୍ସି ସାହିତ୍ୟ ରଚିତ ହୋଇଥିଲା । ଆବୁଲ ଫଜଲଙ୍କ ଆକବରନାମା ଏବଂ ଆଇନ–ଇ–ଆକବରୀ ସୁନ୍ଦର ସାହିତ୍ୟ କୃତି । ସେଥିରୁ ଆମେ ସମ୍ରାଟ ଆକବରଙ୍କ ସମୟ ସମ୍ବନ୍ଧରେ ଅନେକ ତଥ୍ୟ ପାଇଥାଉ । ଫଇଜି ଅନେକ ସୁନ୍ଦର ସୁନ୍ଦର ପାର୍ସି କବିତା ଲେଖିଥିଲେ । ମୋଗଲ ସାମ୍ରାଜ୍ୟ କାଳର ଅନେକ ଚିଠି (ଇନ୍‌ସା) ସଂଗୃହୀତ ହୋଇ ଆମପାଖରେ ଅଛି । ସେଗୁଡ଼ିକ ମୋଗଲ ଇତିହାସ ଉପରେ ଆଲୋକପାତ କରିବା ସହିତ ଚିଠି ଲେଖାର ଅନେକ ଶୈଳୀ ମଧ୍ୟ ଦର୍ଶାଇଥାନ୍ତି । ଗଦ୍ୟ ସାହିତ୍ୟ ଏବଂ ଇତିହାସ ପୁସ୍ତକ ରଚନା କ୍ଷେତ୍ରରେ ଶାହାଜାହନଙ୍କ ସମୟର ଚନ୍ଦ୍ରଭାନୁଙ୍କ ନାମ ଉଲ୍ଲେଖ ଯୋଗ୍ୟ । ସେହିପରି ତବ୍‌କତ୍–ଇ–ଆଲମଗିରି ନାମକ ପୁସ୍ତକ ଆଉରଙ୍ଗଜେବଙ୍କ ସମ୍ବନ୍ଧରେ ଆଲୋକପାତ କରେ । ବାଦାଉନି ଆକବରଙ୍କ ସମୟରେ ଆଉଜଣେ ଲେଖକ । ବିଂଶ ଶତାବ୍ଦୀରେ ଇକବାଲ ଭଲ ପାର୍ସି କବିତା ଲେଖୁଥିଲେ । ଏହି ସମସ୍ତ ସାହିତ୍ୟ କୃତି ବର୍ତ୍ତମାନ ଭାରତୀୟ ପରମ୍ପରା ଐତିହ୍ୟ ଓ ସଂସ୍କୃତିର ଅଂଶ ବିଶେଷ ଅଟେ ।





> ଏହି ସମୟର ସ୍ମରଣିୟ ହିନ୍ଦୁ କବିମାନଙ୍କ ମଧ୍ୟରେ କବିର, ତୁଳସୀ ଦାସ, ସୁରଦାସ ଏବଂ ରହିମ ଅନ୍ୟତମ । କବିରଙ୍କ ଜୋହା ଆଜି ମଧ୍ୟ ବହୁତ ଲୋକପ୍ରିୟ । ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୁମାନଙ୍କର ଏକ ପ୍ରଧାନ ପବିତ୍ର ଗ୍ରନ୍ଥ । ଆକବରଙ୍କ ରାଜତ୍ୱ କାଳରେ ଲେଖାଯାଇଥିବା ବିହାରୀଙ୍କ 'ସତସାଇ' ଖୁବ୍ ପ୍ରସିଦ୍ଧ । କେଶବ ମିଶ୍ରଙ୍କ ଦ୍ୱାରା ରଚିତ ଅଳଙ୍କାର ଶେଖର ଆକବରଙ୍କ ରାଜସଭାରେ ସ୍ଥାନ ପାଇଥିଲା । ଏହା ଏକ ମହାନ ସଂସ୍କୃତ ଗ୍ରନ୍ଥ । ଆକବର ମଧ୍ୟ ଭଗବତ ଗୀତା ଓ ଉପନିଷଦ ପରି ସଂସ୍କୃତ ଗ୍ରନ୍ଥକୁ ପାର୍ସି ଭାଷାରେ ଅନୁବାଦ କରାଇଥିଲେ ।

## ପାଠଗତ ପ୍ରଶ୍ନାବଳୀ ୭.୧

୧. ହିନ୍ଦୀ ଭାଷାର ବିଭିନ୍ନ ପ୍ରକାର ବିଭାଗଗୁଡ଼ିକ କ'ଣ ?

______________________________

୨. ତୁଳସୀ ଦାସ ରାମ ଚରିତ ମାନସ କେଉଁ ଭାଷାରେ ଲେଖିଥିଲେ ?

______________________________

୩. ଉର୍ଦ୍ଦୁ ଭାଷା ଭାରତରେ କିପରି ଭାବରେ ବ୍ୟବହୃତ ହେଲା ?

______________________________

୪. ଉର୍ଦ୍ଦୁ କେଉଁ ଦେଶର ରାଷ୍ଟ୍ରଭାଷା ?

______________________________

୫. ଦାକ୍ଷିଣାତ୍ୟରେ ଉର୍ଦ୍ଦୁ ଭାଷାକୁ କ'ଣ କୁହାଯାଏ ?

______________________________

## ୭.୩ ହିନ୍ଦୀ ସାହିତ୍ୟ

ସେହି ସମୟରେ ହିନ୍ଦୀ, ବଙ୍ଗଳା, ଆସାମୀ, ଓଡ଼ିଆ, ମରାଠି ଓ ଗୁଜରାଟି ଆଦି ଆଞ୍ଚଳିକ ଭାଷାର ଚମତ୍କାର ଅଭିବୃଦ୍ଧି ଘଟିଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଦକ୍ଷିଣରେ ମାଲାୟାଲାମ ଏକ ସ୍ୱତନ୍ତ୍ର ଭାଷା ହେଲା । ଏହି ସବୁ ଭାଷାର ଅଭ୍ୟୁଥାନ ହେବାରୁ ସଂସ୍କୃତ ଭାଷାର ପତନ ଘଟିଲା । କାରଣ ଏହି ଆଞ୍ଚଳିକ ଭାଷାଗୁଡ଼ିକ ମାଧ୍ୟମରେ ଭାରତର ଶାସନ କଳ କାର୍ଯ୍ୟକାରୀ ହେଲା । ଭକ୍ତି ଆନ୍ଦୋଳନର ଉତ୍‌ଥାନ ଏବଂ ସନ୍ଥମାନଙ୍କ ଦ୍ୱାରା ବ୍ୟବହୃତ ହେବାରୁ ଆଞ୍ଚଳିକ ଭାଷାଗୁଡ଼ିକର ଉନ୍ନତି ହେଲା । ଭାରତର ଉତ୍ତର ଓ ପଶ୍ଚିମ ଭାଗର ବିଭିନ୍ନ ଉପଭାଷା ସମ୍ବନ୍ଧରେ ଆମେ ଜାଣି ସାରିଛେ । 'ପୃଥ୍ୱୀରାଜ ରାସ' ହିନ୍ଦୀ ଭାଷାରେ ଲେଖାଯାଇଥିବା ପ୍ରଥମ ପୁସ୍ତକ ବୋଲି ମନେ କରାଯାଏ । ଏହା ପୃଥ୍ୱୀରାଜ ଚୌହାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟାବଳୀର ଏକ ବିବରଣୀ । ଏହାକୁ ଅନୁକରଣ କରି ଆହୁରି ଅନେକ ରାସ ଲେଖା ଯାଇଥିଲା । ଆଞ୍ଚଳିକ ଭିତିରେ ଭାଷା କ୍ରମଶଃ ସଂପ୍ରସାରିତ ହେବାରୁ ପରିବର୍ତ୍ତିତ ହେଲା । ନୂଆ ପରିସ୍ଥିତିକୁ ପ୍ରକାଶ କରିବାକୁ ସଂପୃକ୍ତ ଅଞ୍ଚଳର ନୂଆ ନୂଆ ଶବ୍ଦ ଏଥି ସହିତ ଯୋଡ଼ି ହେଲା । ସର୍ବୋତ୍କୃଷ୍ଟ ସଂସ୍କୃତ ଗ୍ରନ୍ଥଗୁଡ଼ିକ ହିନ୍ଦୀ ସାହିତ୍ୟର ପଥ ପ୍ରଦର୍ଶକ ହେଲା ଏବଂ ଭରତ ମୁନିଙ୍କର ନାଟ୍ୟ ଶାସ୍ତ୍ର ହିନ୍ଦୀ ଲେଖକମାନଙ୍କ ସ୍ମରଣରେ ରହିଲା । ବାରଶ ଏବଂ ତେରଶ ଶତାବ୍ଦୀ ମଧ୍ୟରେ ଦକ୍ଷିଣ ଭାରତରେ ଭକ୍ତି ଆନ୍ଦୋଳନ

ଆରମ୍ଭ ହେଲା । ଉତ୍ତର ଭାରତରେ ଏହାର ପ୍ରଭାବ ପଡ଼ିଲା । ତତ୍କାଳୀନ ହିନ୍ଦୀ ଗଦ୍ୟ ଏବଂ ପଦ୍ୟ  ସାହିତ୍ୟ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଲା । କବିତା ବହୁଳ ଭାବରେ ଭକ୍ତ ରସାପ୍ଲୁତ ହେଲା । ତୁଳସୀ ଦାସଙ୍କ ପରି କବିମାନେ ଆଞ୍ଚଳିକ ଭାଷାରେ କାବ୍ୟ କବିତା ରଚନା କଲେ । କିନ୍ତୁ କବିରଙ୍କ ପରି କବିମାନେ ଆଞ୍ଚଳିକ ଭାଷାରେ କାବ୍ୟ କବିତା ରଚନା କଲେ । କିନ୍ତୁ କବିରଙ୍କ ପରି କବିମାନେ ଏ ସ୍ଥାନରୁ ସେ ସ୍ଥାନକୁ ଭ୍ରମଣ କରୁଥିବାରୁ ଅନେକ ପାର୍ଶି ଓ ଉର୍ଦ୍ଦୁ ଶବ୍ଦ ନିଜ ଲେଖାରେ ମିଶାଇ ଥିଲେ । କୁହାଯାଏ ଯେ ବାଲ୍ମିକୀ ରାମାୟଣକୁ ଆଧାର କରି ତୁଳସୀ ଦାସ ରାମ ଚରିତ ମାନସ ରଚନା କରିଥିଲେ । ତଥାପି ସେ ମଧ୍ୟ ଅବସ୍ଥିତିକୁ ପରିବର୍ତ୍ତନ କରିଥିଲେ ଏବଂ ଲୋକକଥାକୁ ଆଧାର କରି ନିଜ ରଚନାରେ ନୂଆ ଦୃଶ୍ୟ ଅବସ୍ଥିତିମାନ ମିଶାଇ ଥିଲେ । ଉଦାହରଣ ସ୍ୱରୂପ ବାଲ୍ମିକୀ ରାମାୟଣରେ ସୀତାଙ୍କ ନିର୍ବାସନର ବର୍ଣ୍ଣନା ରହିଛି । କିନ୍ତୁ ତୁଳସୀ ରାମାୟଣରେ ସେପରି ବର୍ଣ୍ଣନା ନାହିଁ । ତୁଳସୀ ଦାସ ମୁଖ୍ୟ ଚରିତ୍ରଙ୍କଠାରେ ଦେବତ୍ୱ ଆରୋପ କରିଥିବା ବେଳେ ବାଲ୍ମିକୀଙ୍କ ନାୟକ ଜଣେ ମାନବ । ସପ୍ତମ ଓ ଅଷ୍ଟମ ଶତାବ୍ଦୀ ଏବଂ ୧୪ ଶହ ଶତାବ୍ଦୀ ମଧ୍ୟରେ ଅପଭ୍ରଂଶ ଅବସ୍ଥା ଭିତରେ ହିନ୍ଦୀଭାଷା ବିକଶିତ ହେଲା । ଏହା ବୀରଗାଥା କଳା ତଥା ବୀରଗାଥା କବିତାର ଯୁଗ ବା ଆଦି କଳାର ଯୁଗ ଭାବରେ ଚିତ୍ରିତ ହେଲା । ବୀରୋଚିତ କାର୍ଯ୍ୟାବଳୀର ଯୁଗ କୀର୍ତ୍ତନ କରୁଥିବାରୁ ରାଜପୁତ ଶାସକମାନେ ଏହାର ପୃଷ୍ଟ ପୋଷକତା କରିଥିଲେ । କବିର ଏବଂ ତୁଳସୀ ଦାସ ସେ ସମୟର ପ୍ରସିଦ୍ଧ ବ୍ୟକ୍ତିତ୍ୱ ଥିଲେ । ଆଧୁନିକ ଯୁଗରେ ଉପଭାଷା ଖାଡୀ ପ୍ରସିଦ୍ଧି ଲାଭ କଲା ଏବଂ ସଂସ୍କୃତ ଭାଷାରେ ବିଭିନ୍ନ ସାହିତ୍ୟ ରଚିତ ହେଲା ।

ସେହିପରି ସୁରଦାସ ତାଙ୍କ ରଚିତ ସୁର ସାଗରରେ କୃଷ୍ଣଙ୍କ ଶୈଶବ କଥା ବର୍ଣ୍ଣନା କରିଛନ୍ତି । କିଶୋର କୃଷ୍ଣଙ୍କର ଖେଳ କୌତୁକପୂର୍ଣ୍ଣ କାର୍ଯ୍ୟକଳାପ ଏବଂ ଯୁବକ କୃଷ୍ଣଙ୍କର ଗୋପୀଙ୍କ ସହିତ ଚିତ୍ତବିନୋଦନ କରିବା କଥା ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଛି । ଏହି କବିମାନେ ଶ୍ରୋତାଙ୍କ ମନରେ ଗଭୀର ରେଖାପାତ କରୁଥିଲେ । ରାମ ଓ କୃଷ୍ଣଙ୍କ ସମ୍ପର୍କିତ ପର୍ବ ପର୍ବାଣୀଗୁଡ଼ିକ ଏତେ ବେଶୀ ଆଦୃତ ହେବା ଦ୍ୱାରା ଏହି କବିମାନେ ଗୌରବାନ୍ୱିତ ହେଉଥିଲେ । ମଧ୍ୟଯୁଗରେ ଅନ୍ୟାନ୍ୟ କବି ଏବଂ ଚିତ୍ର ଶିଳ୍ପୀମାନଙ୍କ ପାଇଁ କବିମାନଙ୍କ ରଚନା ପ୍ରେରଣାର ଉତ୍ସଥିଲା । ରାଜସ୍ଥାନୀ ଭାଷାରେ ଗୀତ ଗାଉଥିବା ମୀରାବାଈଙ୍କୁ ସେମାନେ ପ୍ରେରଣା ଦେଉଥିଲେ । ଜଣେ ମୁସଲମାନ ହୋଇ ମଧ୍ୟ ରସ୍‌ଖାନ କୃଷ୍ଣଙ୍କ ପ୍ରଶଂସାରେ ଗୀତ ବୋଲୁଥିଲେ । ନନ୍ଦ ଦାସ ଜଣେ ପ୍ରମୁଖ ଭକ୍ତ କବି ଥିଲେ । ରହିମ୍ ଏବଂ ଭୁଷଣ ଭିନ୍ନ ଶ୍ରେଣୀର ଲେଖକ ଥିଲେ । ତାଙ୍କ ବିଷୟ ବସ୍ତୁ, ଭକ୍ତି ନୁହେଁ, ଆଧ୍ୟାତ୍ମିକ ଥିଲା । ସତର ଶହ ଶତାବ୍ଦୀରେ ବିହାରୀ 'ସତ୍‌ସାଇ' ରଚନା କରିଥିଲେ । ଏହା ଆମକୁ 'ଶୃଙ୍ଗାର' (ପ୍ରେମ) ଓ ଅନ୍ୟ ରସମାନଙ୍କ ସମ୍ବନ୍ଧରେ ଧାରଣା ଦିଏ ।

କବିରଙ୍କ ବ୍ୟତୀତ ଉଲ୍ଲିଖିତ ଅନ୍ୟସବୁ କବି ନିଜ ଭକ୍ତି ଭାବାବେଗକୁ ପ୍ରକାଶ କରିଛନ୍ତି । କବିର ଆନୁଷ୍ଠାନିକ ଧର୍ମକୁ ବିଶ୍ୱାସ କରୁ ନଥିଲେ । ସେ ନିରାକାର ବ୍ରହ୍ମଙ୍କର ଅନୁରାଗୀ ଥିଲେ । ନିରାକାର ବ୍ରହ୍ମଙ୍କର ନାମ ଗାଇବା (ସ୍ତୁତି କରିବା) ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାରତତ୍ତ୍ୱ ଥିଲା । ଏହିସବୁ କବିମାନେ ଅଭୁତପୂର୍ବ ଭାବରେ ଭାରତୀୟ ସମାଜ ଉପରେ ପ୍ରଭାବ ପକାଇଥିଲେ । ଗଦ୍ୟଠାରୁ କବିତା ସହଜ ଥିବାରୁ ଏହି କବିମାନେ ଅତ୍ୟଧିକ ଭାବରେ ଜନପ୍ରିୟ ହୋଇଥିଲେ ।

ବିଗତ ୧୫୦ ବର୍ଷ ମଧ୍ୟରେ ଅନେକ ଲେଖକ ଅନେକ ଆଞ୍ଚଳିକ ଭାଷା ଓ ଇଂରାଜୀରେ ପୁସ୍ତକମାନ ରଚନା କରି ଆଧୁନିକ ଭାରତୀୟ ଭାଷା–ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ମହାନ ବଙ୍ଗଳା ଲେଖକ ରବିନ୍ଦ୍ରନାଥ ଠାକୁର ହେଉଛନ୍ତି ସର୍ବପ୍ରଥମ ଭାରତୀୟ, ଯିଏକି ନିଜ ସାହିତ୍ୟ କୃତି 'ଗୀତାଞ୍ଜଳି' ପାଇ ଖ୍ରୀଷ୍ଟାବ୍ଦ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି ।

ଯାହାହେଉ ଉନବିଂଶ ଶତାବ୍ଦୀ ପ୍ରାରମ୍ଭରେ ହିନ୍ଦୀ ଗଦ୍ୟ ସାହିତ୍ୟ ନିଜର ସ୍ୱାତନ୍ତ୍ୟ ପାଇଲା । ଭାରତେନ୍ଦୁ ହରିଶ୍ଚନ୍ଦ୍ର ହେଉଛନ୍ତି ସର୍ବପ୍ରଥମ ହିନ୍ଦୀ ନାଟ୍ୟକାର । ତାଙ୍କ ଲିଖିତ ନାଟକଗୁଡ଼ିକ ସଂସ୍କୃତ ଓ ଅନ୍ୟଭାଷାର ଅନୁବାଦ ପୁସ୍ତକ ଉପରେ ଆଧାରିତ । କିନ୍ତୁ ସେ ସାହିତ୍ୟ କ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରିଥିଲେ । ଅନ୍ୟଜଣେ ଲେଖକ ମହାବୀର ପ୍ରସାଦ ଦ୍ୱିବେଦୀ ସଂସ୍କୃତ ସାହିତ୍ୟରୁ ଅନୁବାଦ କଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜି (୧୮୩୮-୯୪) ବଙ୍ଗଳାରେ ଉପନ୍ୟାସ ଲେଖିଥିଲେ । ସେଗୁଡ଼ିକ ହିନ୍ଦୀ ଭାଷାରେ ଅନୁବାଦିତ ହେଲା ଏବଂ ବହୁତ ଲୋକପ୍ରିୟ ହେଲା । ଆମ ଜାତୀୟ ସଙ୍ଗୀତ 'ବନ୍ଦେ ମାତରଂ' ତାଙ୍କ ଉପନ୍ୟାସ 'ଆନନ୍ଦ ମଠ'ର (ଉଦ୍ଧୃତ ହୋଇଛି) ଅଂଶ ବିଶେଷ । ହିନ୍ଦୀ ସାହିତ୍ୟକୁ ସ୍ୱାମୀ ଜୟାନନ୍ଦଙ୍କ ଅବଦାନକୁ ଉପେକ୍ଷା କରିହେବ ନାହିଁ । ସେ ଜଣେ ଗୁଜୁରାଟୀ ଏବଂ ସଂସ୍କୃତ ବିଦ୍ୱାନ । ସମଗ୍ର ଭାରତରେ ସାର୍ବଜନୀନ ଭାବରେ ସେ ହିନ୍ଦୁମାନଙ୍କୁ ସମର୍ଥନ କରୁଥିଲେ । ଧାର୍ମିକ ଓ ସାମାଜିକ ସଂସ୍କାର ପାଇଁ କାମକରୁଥିବା ସମ୍ବାଦପତ୍ରମାନଙ୍କରେ ସେ ହିନ୍ଦୀ ଭାଷାରେ ପ୍ରବନ୍ଧମାନ ଲେଖିବା ଆରମ୍ଭ କଲେ । ହିନ୍ଦୀରେ ଲେଖିଥିବା 'ସତ୍ୟାର୍ଥ ପ୍ରକାଶ' ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୃତି । ହିନ୍ଦୀ ସାହିତ୍ୟକୁ ସମୃଦ୍ଧ କରିଥିବା ଅନ୍ୟ ଲେଖକମାନଙ୍କ ମଧ୍ୟରେ 'ମୁନ୍‌ସୀ ପ୍ରେମଚାନ୍ଦ, 'ସୂର୍ଯ୍ୟକାନ୍ତ ତ୍ରିପାଠୀ' ଓ 'ନିରାଲା' ପ୍ରଭୃତି ସମାଜରେ ପ୍ରଚଳିତ ଧର୍ମ ଓ ନୈତିକତା ଉପରେ ପ୍ରଶ୍ନ ଉଠାଇ ପରିଚିତ ହୋଇଥିଲେ । ହିନ୍ଦୀ ସାହିତ୍ୟର ପ୍ରଥମ ନାରୀ ଲେଖିକା ମହାଦେବୀ ବର୍ମା ନାରୀ ସମ୍ପର୍କିତ ପ୍ରଚଳିତ ପ୍ରଥା ଉପରେ ଆଲୋକପାତ କରିଥିଲେ । ମୈଥିଳୀ ଶରଣ ଗୁପ୍ତା ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ଅନ୍ୟ ଏକ ବିଶିଷ୍ଟ ନାମ । ଜୟ ଶଙ୍କର ପ୍ରସାଦ ସୁନ୍ଦର ସୁନ୍ଦର ନାଟକ ରଚନା କରିଥିଲେ ।

## ଆଧୁନିକ କାଳରେ ହିନ୍ଦୀଭାଷାର ଉନ୍ନତି

**ହିନ୍ଦୀଭାଷା :** ୧୮ଶହ ଶତାବ୍ଦୀ ଶେଷଭାଗରେ ଆଧୁନିକ ଭାଷାର ଉନ୍ନତି ହେଲା । ସଦାସୁଖ ଲାଲ ଓ ଇନସାଲ୍ଲକ ଖାନ ଏହି ସମୟର ପ୍ରମୁଖ ଲେଖକ । ଭାରତେନ୍ଦୁ ହରିଶ୍ଚନ୍ଦ୍ର ମଧ୍ୟ ହିନ୍ଦୀ ଭାଷାକୁ ମଜଭୁତ କରିଥିଲେ । ସେହିପରି ରାଜା ଲକ୍ଷ୍ମଣ ସିଂହ ଶକୁନ୍ତଳା କାବ୍ୟ ହିନ୍ଦୀ ଭାଷାରେ ଅନୁବାଦ କରିଥିଲେ । ସରକାରୀ କାର୍ଯ୍ୟଗୁଡ଼ିକ ଉର୍ଦ୍ଦୁଭାଷାରେ ହେଉଥିବାରୁ ହିନ୍ଦୀଭାଷା ପ୍ରତିକୂଳ ଅବସ୍ଥାରେ ଉନ୍ନତି କରି ଚାଲିଥିଲା ।

**ହିନ୍ଦୀ ଭାଷା ସାହିତ୍ୟ :** ଭାରତେନ୍ଦୁ ହରିଶ୍ଚନ୍ଦ୍ର, ମହାବୀର ପ୍ରସାଦ ଦ୍ୱିବେଦୀ, ରାମଚନ୍ଦ୍ର ଶୁକ୍ଳ ଏବଂ ଶ୍ୟାମସୁନ୍ଦର ଦାସ ହିନ୍ଦୀ ସାହିତ୍ୟରେ ପ୍ରମୁଖ ଗଦ୍ୟ ଲେଖକ ଥିଲେ । ଜୟ ଶଙ୍କର ପ୍ରସାଦ, ମୈଥିଳୀ ଶରଣ ଗୁପ୍ତ, ସୁମିତ୍ରା ନନ୍ଦନ ପନ୍ଥ, ସୂର୍ଯ୍ୟକାନ୍ତ ତ୍ରିପାଠି, ନିରାଲା, ମହାଦେବୀ ବର୍ମା, ରାମଧାରୀ ସିଂହ, ଦିନକର ଏବଂ ହରିବଂଶ ରାୟ ବଚ୍ଚନଙ୍କର ହିନ୍ଦୀ ପଦ୍ୟ ସାହିତ୍ୟର ଉନ୍ନତି ପାଇଁ ବିରାଟ ଅବଦାନ ରହିଛି । ସେହିପରି ପ୍ରେମଚାନ୍ଦ, ବୃନ୍ଦାବନ ଲାଲ ବର୍ମା ଏବଂ ଇଲାଚନ୍ଦ୍ର ଯୋଶୀ ଉପନ୍ୟାସ ଲେଖିଲେ ଏବଂ ହିନ୍ଦୀ ସାହିତ୍ୟକୁ ସମୃଦ୍ଧ କଲେ ।

ଉପରୋକ୍ତ ଲେଖକମାନଙ୍କୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ ସେମାନେ ସମସ୍ତେ ଉଦ୍ଦେଶ୍ୟମୂଳକ ଭାବରେ ଲେଖୁଥିଲେ । ସ୍ୱାମୀ ଦୟାନନ୍ଦ ହିନ୍ଦୁ ସମାଜରେ ସଂସ୍କାର ଆଣିବା ପାଇଁ, ଏହାକୁ ଅନ୍ଧ ବିଶ୍ୱାସ ଏବଂ ପାପମୁକ୍ତ କରିବା ପାଇଁ ଲେଖୁଥିଲେ । ମୁନ୍‌ସୀ ପ୍ରେମଚାନ୍ଦ ଗରିବ ଲୋକମାନଙ୍କର ଦୟନୀୟ ସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଚେଷ୍ଟା କରିଥିଲେ । ପଦ୍ମବିଭୁଷଣ ଉପାଧି ପାଇଥିବା ମହାଦେବୀ ବର୍ମା ସମାଜରେ ମହିଳାମାନଙ୍କ ଅବସ୍ଥା ଉପରେ ଆଲୋକପାତ କରିଥିଲେ । ନିରାଲା ଆଧୁନିକ ଭାରତକୁ ଜାଗରିତ କରାଇବାରେ ପଥ ପ୍ରଦର୍ଶକ ଥିଲେ ।

## ପାଠଗତ ପ୍ରଶ୍ନାବଳୀ ୭.୨

୧. ନାଟ୍ୟଶାସ୍ତ୍ରର ରଚୟିତା କିଏ ?

୨. ବାଲ୍ମିକୀଙ୍କ ଚରିତ୍ର 'ରାମ' ଏବଂ ତୁଳସୀ ଦାସଙ୍କ ଚରିତ୍ର 'ରାମ' ମଧ୍ୟରେ କି ପାର୍ଥକ୍ୟ ରହିଛି ?

୩. 'ସୁର ସାଗର'ରେ କୃଷ୍ଣଙ୍କ ଅଭିନୟ କିପରି ଭିନ୍ନ ଭିନ୍ନ ଥିଲା ?

୪. ଆମ ଜାତୀୟ ସଂଗୀତ 'ବନ୍ଦେ ମାତରଂ' କେଉଁ ପୁସ୍ତକରୁ ସଂଗୃହୀତ ?

୫. ହିନ୍ଦୀ ଲେଖକଗଣ ଉଦ୍ଦେଶ୍ୟମୂଳକ ଭାବରେ ଲେଖିଥିବାର ଅନୁଭବ ଆମେ କାହିଁକି କରୁ ?

## ୭.୪ ବଙ୍ଗଳା, ଆସାମୀ ଓ ଓଡ଼ିଆ ସାହିତ୍ୟ

ହିନ୍ଦୀପରେ ଉନ୍ନତ ହୋଇଥିବା ପରବର୍ତ୍ତୀ ଭାଷା ହେଉଛି ବଙ୍ଗଳା । ୧୮୦୦ ମସିହାରେ କଲିକତା ପାଖରେ ଥିବା ଶ୍ରୀରାମପୁରଠାରେ ବାପ୍ଟିଷ୍ଟ ମିଶନ ପ୍ରେସ ସ୍ଥାପିତ ହେଲା । ସେହି ବର୍ଷ ଇଷ୍ଟ ଇଣ୍ଡିଆ କମ୍ପାନୀ ପୋର୍ଟ ଉଇଲିୟମ କଲେଜ ସ୍ଥାପନ କଲା । ଏଠାରେ କମ୍ପାନୀର ବେସାମରିକ ଚାକିରିଆମାନଙ୍କୁ ଆଇନ, ଭାରତର ସୀମା ଶୁଳ୍କ ନିର୍ଣ୍ଣୟ (କଷ୍ଟମସ୍) ଭାରତୀୟ ଧର୍ମ, ଭାଷା ଓ ସାହିତ୍ୟ ଆଜି କ୍ଷେତ୍ରରେ ଦକ୍ଷତାର ସହିତ କାର୍ଯ୍ୟ କରିବାକୁ ତାଲିମ ଦିଆ ଯାଉଥିଲା ।

> ଭକ୍ତି ଆନ୍ଦୋଳନର ଉତ୍‌ଥାନ ଏବଂ ଚୈତନ୍ୟଙ୍କ ସହିତ ସଂଯୁକ୍ତ ବିଭିନ୍ନ ଶ୍ରୋତାଙ୍କର ବିକାଶ, ବଙ୍ଗଳା ସାହିତ୍ୟର ଉନ୍ନତିକୁ ପ୍ରୋତ୍ସାହନ ଦେଲା । ଏହି ସମୟରେ ବର୍ଣ୍ଣନାତ୍ମକ କବିତା 'ମଙ୍ଗଳ କାବ୍ୟ' ମଧ୍ୟ ଜନପ୍ରିୟ ହେଲା । ସେମାନେ ଚଣ୍ଡିଙ୍କ ପରି ସ୍ଥାନୀୟ ଦେବାଦେବୀଙ୍କ ପୂଜାକୁ ପ୍ରସାର କଲେ ଏବଂ ଶିବ ବିଷ୍ଣୁ ଆଦି ଦେବତାଙ୍କୁ ଗୃହ ଦେବତାରେ ପରିଣତ କଲେ ।

ଏହି ପରିପ୍ରେକ୍ଷିରେ ଉଇଲିୟମ କାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିଲେ । ସେ ବଙ୍ଗଳା ବ୍ୟାକରଣ ଲେଖିଥିଲେ ଏବଂ ଏକ ଇଂରାଜୀ – ବଙ୍ଗଳା ଅଭିଧାନ ସଂକଳନ କରିଥିଲେ । ଆହୁରି ମଧ୍ୟ ସଂଳାପ (ଡାଏଲଗ) ଓ ଗଳ୍ପ ଉପରେ ପୁସ୍ତକ ରଚନା କରିଥିଲେ । କୌଣସି ଭାଷା ସାହିତ୍ୟର ଉନ୍ନତି ପାଇଁ ବ୍ୟାକରଣ ଓ ଅଭିଧାନ ଗୁରୁତ୍ୱପୂର୍ଣ୍ଣ ଅଟେ । ସଠିକ କାବ୍ୟ ଗଠନରେ ସେଗୁଡ଼ିକ ଲେଖକମାନଙ୍କୁ ଦିଗଦର୍ଶନ ଦିଅନ୍ତି । କୌଣସି ନିର୍ଦ୍ଦିଷ୍ଟ ଅବସ୍ଥା ଏବଂ କଳ୍ପନା ପ୍ରକାଶ ପାଇଁ ଉପଯୁକ୍ତ ଶବ୍ଦ ପାଇବାରେ ବ୍ୟାକରଣ ଓ ଅଭିଧାନ ସାହାଯ୍ୟ କରେ । ମିଶନାରୀମାନଙ୍କ ଦ୍ୱାରା ପରିଚାଳିତ ପ୍ରେସ (ଛାପାଖାନା)ର ପ୍ରଧାନ ଉଦ୍ଦେଶ୍ୟ ଥିଲା ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର । କିନ୍ତୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିଚାଳିତ ଅନ୍ୟ ପ୍ରେସଗୁଡ଼ିକ ଅଣ ଖ୍ରୀଷ୍ଟିୟାନ ସାହିତ୍ୟକୁ ସମୃଦ୍ଧ ହେବାରେ





ସାହାଯ୍ୟ କରିଥିଲେ । ପାମ୍ପଲେଟ (ପ୍ରଚାର ପତ୍ରରେ ଥିବା ତଥ୍ୟ, ଛୋଟ ବଡ଼ ପୁସ୍ତକ ଏବଂ ପତ୍ର ପତ୍ରିକା ସେହି ପ୍ରେସଗୁଡ଼ିକରେ ଛାପା ହେଲା । ଠିକ୍ ସେହି ସମୟରେ ଧୀର ଗତିରେ ହେଲେବି ଶିକ୍ଷାର ପ୍ରସାର ଘଟିଲା । କିନ୍ତୁ ୧୮୩୫ ମସିହା ପରେ ଯେତେବେଳେ ମାକ୍ଲେ ପ୍ରାଚ୍ୟ ଦେଶବାସୀଙ୍କ ବିରୁଦ୍ଧରେ ସଂଘର୍ଷ କରି ଜୟଯୁକ୍ତ ହେଲେ, ଏହା ଦ୍ରୁତଗତିରେ ପ୍ରସାରିତ ହେଲା । ୧୮୫୪ ମସିହାରେ ସାର୍ ଚାର୍ଲସ ଉଡ଼ଙ୍କର ନିର୍ଦ୍ଦେଶ ଆସିଲା ଏବଂ ୧୮୫୭ ମସିହାରେ କଲିକତା, ମାଡ୍ରାସ ଓ ବମ୍ବେରେ ୩ଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ସ୍କୁଲ, କଲେଜର ପାଠ୍ୟ ପୁସ୍ତକ ସହିତ ଅନ୍ୟାନ୍ୟ ସାହିତ୍ୟ ମଧ୍ୟ ପ୍ରକାଶିତ ହେଲା । ରାଜା ରାମମୋହନ ରାୟଙ୍କ ବଙ୍ଗଳା ଓ ଇଂରାଜୀ ଲେଖା ବଙ୍ଗଳା ସାହିତ୍ୟକୁ ପ୍ରୋତ୍ସାହନ ଦେଲା । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (୧୮୨୦-୯୧) ଓ ଅକ୍ଷୟ କୁମାର ଦତ୍ତ (୧୮୨୦-୮୬) ଏହି ପ୍ରଥମ ଭାଗର ଅନ୍ୟ ଦୁଇଜଣ ଲେଖକ । ବିଙ୍କିମ ଚନ୍ଦ୍ର ଚାଟାର୍ଜି (୧୮୩୪-୯୪), ଶରତ ଚନ୍ଦ୍ର ଚାଟାର୍ଜି (୧୮୭୬-୧୯୩୮) ଏବଂ ଐତିହାସିକ ଓ ଗଦ୍ୟ ସାହିତ୍ୟ ଲେଖକ ଆର.ସି. ଦତ୍ତଙ୍କ ବଙ୍ଗଳା ସାହିତ୍ୟକୁ ଅବଦାନ ଉଲ୍ଲେଖନୀୟ ଅଟେ । କିନ୍ତୁ ସମଗ୍ର ଭାରତ ବର୍ଷକୁ ପ୍ରଭାବିତ କରିଥିବା ନାଁ ହେଲା ରବୀନ୍ଦ୍ର ନାଥ ଠାକୁର (୧୮୬୧-୧୯୪୧) । ଉପନ୍ୟାସ, ନାଟକ, କ୍ଷୁଦ୍ରଗଳ୍ପ, ସମାଲୋଚନା, ସଙ୍ଗୀତ, ପ୍ରବନ୍ଧ – ସବୁ କିଛି ତାଙ୍କ ଲେଖନୀରୁ ନିସୃତ ହୋଇଥିଲା । ତାଙ୍କ ଗୀତାଞ୍ଜଳୀ କବିତା ଗ୍ରନ୍ଥ ପାଇଁ ସେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

ସେ ଯାହା ହେଉ, ଏହି ସମୟରେ ବଙ୍ଗଳା ଏବଂ ଭାରତର ଅନ୍ୟ ଭାଗରେ ପାଶ୍ଚାତ୍ୟ ପ୍ରଭାବ ଉଲ୍ଲେଖନୀୟ ଅଟେ । ୧୮୦୦ ମସିହା ପର୍ଯ୍ୟନ୍ତ ଅଧିକାଂଶ ସାହିତ୍ୟ ଧର୍ମ ଏବଂ ରାଜସଭା ମଧ୍ୟରେ ସିମୀତ ଥିଲା । ପାଶ୍ଚାତ୍ୟ ପ୍ରଭାବ ଲେଖକମାନଙ୍କୁ ସାଧାରଣ ଜନତାର ନିକଟବର୍ତ୍ତୀ କଲା । ବିଷୟବସ୍ତୁ ଥିଲା ନିତି ଦିନିଆ । କେତେକ ଧର୍ମ ପୁସ୍ତକ ମଧ୍ୟ ଲେଖା ଯାଇଥିଲା । କିନ୍ତୁ ସେଥିରେ କିଛି ନୂତନତ୍ୱ ନଥିଲା ।

ଊନବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜାତୀୟତା ବୋଧକୁ ଏକ ନୂଆ ବିଷୟବସ୍ତୁ ଭାବରେ ନିଆଗଲା । ଏହି ନୂଆ ପ୍ରବୃତ୍ତିରେ ଦୁଇଟି ଜିନିଷ ଦେଖାଗଲା । ପ୍ରଥମଟି ହେଲା ପୁରୁଣା ଇତିହାସ ଓ ସଂସ୍କୃତିକୁ ଭଲପାଇବା ଏବଂ ଇଂରେଜମାନଙ୍କ ଅତ୍ୟାଚାର ପ୍ରତି ସଚେତନତା । ଦ୍ୱିତୀୟଟି ହେଲା ବିଦେଶୀମାନଙ୍କୁ ପ୍ରବର୍ତ୍ତାଇ ବା ବଳପ୍ରୟୋଗ କରି ତଡିବା ପାଇଁ ଭାରତୀୟ ଜନତାଙ୍କୁ ଉଦ୍‌ବୋଧନ ଦେଇ ଜାଗ୍ରତ କରିବା । ଏହି ନୂଆ ପ୍ରବୃତ୍ତି ତାମିଲ ଭାଷାରେ ସୁବ୍ରମଣ୍ୟମ ଭାରତୀଙ୍କ ଦ୍ୱାରା ଏବଂ ବଙ୍ଗଳାରେ କାଜି ନଜୁରଲ ଇସ୍‌ଲାମଙ୍କ ଦ୍ୱାରା ପ୍ରକାଶିତ ହେଲା । ପାଠକଙ୍କ ମଧ୍ୟରେ ଜାତୀୟତାବୋଧ ଜାଗ୍ରତ କରିବା ପାଇଁ ଏହି ଦୁଇ ଲେଖକଙ୍କର ଚମତ୍କାର ଅବଦାନ ଥିଲା । ସେମାନଙ୍କ କବିତା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହେଲା ।

**ଆସାମୀ ଏବଂ ଓଡ଼ିଆ ଭାଷା :** ବଙ୍ଗଳା ପରି ଭକ୍ତି ଆନ୍ଦୋଳନ ପ୍ରଭାବରେ ଆସାମୀ ଭାଷା ମଧ୍ୟ ବିକଶିତ ହେଲା । ଆସାମରେ ବୈଷ୍ଣବ ଧର୍ମ ପ୍ରଚାର କରିଥିବା ଶଙ୍କର ଦେବ ଆସାମୀ କବିତାକୁ ପ୍ରୋତ୍ସାହନ ଦେଇଥିଲେ । ଏପରିକି ପୁରାଣ ସବୁ ଆସାମୀ ଭାଷାରେ ଅନୁବାଦିତ ହୋଇଥିଲା । 'ବରଜିସ୍ ସର୍ବ ପ୍ରଥମ ଆସାମୀ ସାହିତ୍ୟର ଅନ୍ତର୍ଭୁକ୍ତ । ଶଙ୍କର ଦେବ ଅନେକ ଭକ୍ତି ଗୀତ ରଖି ଯାଇଛନ୍ତି । ଲୋକମାନେ ସେ ସବୁକୁ ଅତି ଆନନ୍ଦରେ ଗାନ କରନ୍ତି । କିନ୍ତୁ କେବଳ ୧୮୨୭ ମସିହା ପରେ ଆସାମୀ ସାହିତ୍ୟ ପ୍ରକାଶ କରିବାରେ ଅଧିକ ଆଗ୍ରହ ଦେଖାଗଲା । ଏଥିପାଇଁ ଲକ୍ଷ୍ମୀନାଥ ବେଦ ବରୁଆ ଏବଂ ପଦ୍ମନାଭ ଗୋହାଇଁ ବରୁଆଙ୍କ ନାମ ଭୁଲିହେବ ନାହିଁ । ଓଡ଼ିଶାରୁ କେତେଜଣ ଲେଖକଙ୍କ ନାମ ଉଲ୍ଲେଖ ଯୋଗ୍ୟ । ସେମାନଙ୍କ ମଧ୍ୟରୁ ଫକିର ମୋହନ ସେନାପତି ଓ ରାଧାନାଥ ରାୟଙ୍କ ନାମ ଓଡ଼ିଆ ସାହିତ୍ୟର ଇତିହାସରେ ଦୃଷ୍ଟି ଆକର୍ଷଣ କରେ ।

ଉପେନ୍ଦ୍ର ଭଞ୍ଜ (୧୬୭୦–୧୭୨୦)ଙ୍କ ସାହିତ୍ୟ କୃତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଗୁଡ଼ିକ ଓଡ଼ିଆ ସାହିତ୍ୟରେ ଏକ ନୂଆଯୁଗକୁ ଆବାହନ କରିଥିଲେ । ଓଡ଼ିଶାରେ ଶାରଳା ଦାସଙ୍କ ରଚନା ଗୁଡ଼ିକୁ ଓଡ଼ିଆ ସାହିତ୍ୟର ପ୍ରଥମକୃତି ଭାବରେ ଗଣନା କରାଯାଏ ।

## ପାଠଗତ ପ୍ରଶ୍ନାବଳୀ ୭.୩

୧. ବାପ୍ଟିଷ୍ଟ ପ୍ରେସ କେବେ ଏବଂ କେଉଁଠାରେ ସ୍ଥାପିତ ହୋଇଥିଲା ?

---

୨. ଉଡ୍‌ଙ୍କର ଡେସପାଚ୍ କେବେ ଭାରତକୁ ଆସିଲା ?

---

୩. କେବେ ଓ କେଉଁଠାରେ ୩ଟି ବିଶ୍ୱବିଦ୍ୟାଳୟ ଖୋଲିଲା ?

---

୪. ରବୀନ୍ଦ୍ରନାଥ ଠାକୁର ତାଙ୍କର କେଉଁ ପୁସ୍ତକ ପାଇଁ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ?

---

୫. ଶଙ୍କର ଦେବ ଆସାମୀ କବିତାର ଉନ୍ନତି ପାଇଁ କିପରି ସାହାଯ୍ୟ କରିଥିଲେ ?

---

## ୭.୫ ପଞ୍ଜାବୀ ଓ ରାଜସ୍ଥାନୀ ସାହିତ୍ୟ

ପଞ୍ଜାବୀ ଭାଷା ବିଭିନ୍ନ ଭାଷାର ଛାୟାରେ ଗଠିତ । ଏହା ଦୁଇଟି ପଦ୍ଧତିରେ ଲେଖାଯାଏ, ଯଥା – ଗୁରୁମୁଖୀ ଓ ପାର୍ସିଆନ ଊନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଗୁରୁମୁଖୀ, ଶିଖମାନଙ୍କର ପବିତ୍ର ଗ୍ରନ୍ଥ 'ଆଦିଗ୍ରନ୍ଥ' ମଧ୍ୟରେ ପ୍ରାୟ ସିମୀତ ଥିଲା । କେବଳ ଅଳ୍ପ ସଂଖ୍ୟକ ଲୋକ 'ଗୁରୁମୁଖୀ' ଶିଖିବା ପାଇଁ ଚେଷ୍ଟା କରିଥିଲେ । ସେମାନେ ଗୁରୁଦ୍ୱାରମାନଙ୍କରେ ପବିତ୍ର ଗ୍ରନ୍ଥ ଆବୃତ୍ତି କରୁଥିଲେ । ସେ ଯାହାହେଉ, ଏହି ଭାଷାରେ ସାହିତ୍ୟ କମ୍ ନଥିଲା । ଗୁରୁନାନକ ହେଉଛନ୍ତି ପ୍ରଥମ ପଞ୍ଜାବୀ କବି । ସମସାମୟିକ କବି ଓ ସୁଫି ସନ୍ଥମାନେ ଏହି ଭାଷାରେ ଗୀତ ଗାଉଥିଲେ । ଏହି ସୁଫିସନ୍ଥ ଓ ତାଙ୍କ ଶିଷ୍ୟମାନେ ପାର୍ସିଆନ ପଦ୍ଧତିରେ ସେମାନଙ୍କର ଗୀତକୁ ଲେଖୁଥିଲେ । ଏହି ତାଲିକାରେ ଫରିଦ୍‌ଙ୍କ ନାମ ପ୍ରଥମେ ଆସେ । ତାଙ୍କ କବିତା ଆଦିଗ୍ରନ୍ଥରେ ସ୍ଥାନ ପାଇଥିଲା । ନାନକଙ୍କ ପରବର୍ତ୍ତୀ ଅନ୍ୟ ଚାରିଗୁରୁଙ୍କ କବିତା ମଧ୍ୟ ଆଦିଗ୍ରନ୍ଥରେ ଅଛି । ଏହିସବୁ ସାହିତ୍ୟ ୧୫ ଶହ ଓ ୧୬ ଶହ ଶତାବ୍ଦୀର ଅନ୍ତର୍ଭୁକ୍ତ । ସେହିପରି ନବମଗୁରୁ ତେଗ୍‌ବାହାଦୁରଙ୍କ କବିତା ମଧ୍ୟ ଆଦିଗ୍ରନ୍ଥରେ ସ୍ଥାନିତ ହୋଇଛି । ଦଶମଗୁରୁ, ଗୁରୁଗୋବିନ୍ଦ ସିଂହ ପାଟଣା (ବିହାର)ଠାରେ ଶିକ୍ଷାଲାଭ କରିଥିଲେ । ସେଠାରେ ସେ ପାର୍ସି ଓ ସଂସ୍କୃତ ମଧ୍ୟ ଶିଖିଥିଲେ । ସେ ପଞ୍ଜାବୀ ଭାଷାରେ ଦୁଇଟି 'ସଭାଇୟା' ଲେଖିଥିଲେ । କିନ୍ତୁ ତାହା ଆଦିଗ୍ରନ୍ଥରେ ସ୍ଥାନ ପାଇନଥିଲା । ତାହା ହିର୍ ଓ ରାନ୍‌ଝା, ଶଶି ଓ ପନ୍ନୁ, ଏବଂ ମୋହନୀ – ମହୀୱାଲଙ୍କ ପ୍ରେମ କାହାଣୀ ଥିଲା । ଏଗୁଡ଼ିକ ପଞ୍ଜାବୀ ସାହିତ୍ୟକୁ ବିଷୟବସ୍ତୁ ପ୍ରଦାନ କରିଥିଲା । ଏପରିକି 'ପୁରନ୍ ଭଗତ'ର କାହାଣୀ କେତେକ କବିଙ୍କ ପାଖରେ





ଆଦୃତିଲାଭ କରିଥିଲା । ଆହୁରି ମଧ୍ୟ କେତେକ ଜଣାଅଜଣା କବିଙ୍କ ଲିଖିତ ସୁନ୍ଦର ସୁନ୍ଦର କବିତାମାନ ଆମ ପାଖରେ ଅଛି । ବିଗତ ୨ଶହ ୩ଶହ ବର୍ଷଧରି ସ୍ଥାନୀୟ ଗାୟକମାନେ ସେଗୁଡ଼ିକୁ ଗାଉଛନ୍ତି । ସ୍ଥାନୀୟ ରଚୟିତାଙ୍କ ରଚିତ ଆହୁରି କେତେକ ଗୀତି-ଗଳ୍ପ ମଧ୍ୟ ପଞ୍ଜାବୀ ସାହିତ୍ୟରେ ରହିଛି । ସେହି ଲୋକ କଥାଗୁଡ଼ିକ ସାଇତା ହୋଇ ରହିଛି । ଓ୍ୱାରିସ ଶାହାଙ୍କ 'ହିର' ଏକ ଗୁରୁତ୍ୱପୂର୍ଣ୍ଣ ଲେଖା । ପ୍ରଥମ ସମୟର ଲେଖାମାନଙ୍କ ମଧ୍ୟରେ ଏହା ସର୍ବାଧିକ ଲୋକପ୍ରିୟତା ହାସଲ କରିଛି । ପଞ୍ଜାବୀ ପଦ୍ୟ ସାହିତ୍ୟର ଏହା ଏକ ମାଇଲ ଖୁଣ୍ଟି । ସୁଫିସନ୍ଥ ବୁଲେଶାହ ମଧ୍ୟ ସେହିପରି ଲୋକପ୍ରିୟ । ତାଙ୍କ ଲିଖିତ ଅନେକ କବିତା 'କାଫି' ଖୁବ ଲୋକପ୍ରିୟ । ଲୋକେ ଏହାକୁ ପ୍ରବଳ ଅନୁରାଗରେ 'ଶାସ୍ତ୍ରୀୟ ସଙ୍ଗୀତ' ଶୈଳୀରେ ଗାଇଥାଆନ୍ତି ।

ବିଂଶ ଶତାବ୍ଦୀରେ ପଞ୍ଜାବୀ ଭାଷା ନିଜ ରୂପ ପାଇଲା । ଭାଇ ବୀର ସିଂହ 'ରାଣା ସୁରତ ସିଂହ' ନାମରେ ଏକ କାବ୍ୟ ରଚନା କରିଛନ୍ତି । ପୁରନସିଂହ ଏବଂ ଡଃ ମୋହନ ସିଂହ ଜଣାଶୁଣା କବିମାନଙ୍କ ମଧ୍ୟରେ ଅନ୍ୟତମ । ପ୍ରବନ୍ଧ, କ୍ଷୁଦ୍ରଗଳ୍ପ, କବିତା, ଉପନ୍ୟାସ ଓ ସମାଲୋଚନା ପୁସ୍ତକ ପ୍ରଭୃତି ପଞ୍ଜାବୀ ସାହିତ୍ୟକୁ ପ୍ରଶଂସନୀୟ କରିଛି ।

**ରାଜସ୍ଥାନୀ :** ରାଜସ୍ଥାନୀ ହିନ୍ଦୀର ଏକ ଉପଭାଷା । ଯାଯାବର ଗାୟକମାନେ ଏ ସ୍ଥାନରୁ ସେ ସ୍ଥାନକୁ ବୁଲି ବୁଲି ଲୋକମାନଙ୍କର ଚିତ୍ତବିନୋଦନ କରିବା ସହିତ ନାୟକର କାହାଣୀକୁ ଜୀବନ୍ତ ରଖୁଥିଲେ । କର୍ଣ୍ଣେଲ ଟୋଡ ସେହି ଲୋକକଥାଗୁଡ଼ିକରୁ ରାଜସ୍ଥାନର ବୀରତ୍ୱପୂର୍ଣ୍ଣ କାହାଣୀଗୁଡ଼ିକୁ ସଂଗ୍ରହ କରି 'ଆନାଲସ ଆଣ୍ଡ ଆଣ୍ଟିକ୍ୟୁଟିଜ୍ ଅଫ ରାଜସ୍ଥାନ' ନାମକ ପୁସ୍ତକରେ ସ୍ଥାନିତ କରିଛନ୍ତି । କିନ୍ତୁ ମିରାବାଇଙ୍କ ଭକ୍ତିଗୀତଗୁଡ଼ିକ ଭାରତୀୟ ଭାଷା ଇତିହାସରେ ଭକ୍ତି ସଙ୍ଗୀତ କ୍ଷେତ୍ରରେ ଏକ ଗୌରବୋଜ୍ଜ୍ୱଳ ସ୍ଥାନ ଅଧିକାର କରିଛି । ଭଗବାନ କୃଷ୍ଣଙ୍କ ପ୍ରତି ମୀରାବାଇଙ୍କ ପ୍ରେମ ଏତେ ଗଭୀର ଯେ ତାହା ଏହି ପାର୍ଥିବ ଜଗତକୁ ଅତିକ୍ରମ କରି ଆମକୁ ସେଇ ଗାୟକଙ୍କ ଜଗତକୁ ନେଇଯାଏ ।

> ଭକ୍ତି ଆନ୍ଦୋଳନର କ୍ରମୋନ୍ନତି, ହିନ୍ଦୀ, ଗୁଜୁରାଟୀ, ମରାଠୀ, ପଞ୍ଜାବୀ, କନ୍ନଡ଼, ତାମିଲ ଓ ତେଲୁଗୁ ପରି ଆଞ୍ଚଳିକ ଭାଷାକୁ ବିକଶିତ କଲା ।

## ୭.୬ ଗୁଜୁରାଟୀ ସାହିତ୍ୟ

୧୪ଶହ ଓ ୧୫ଶହ ଶତାବ୍ଦୀର ଭକ୍ତି ସଙ୍ଗୀତରେ ପ୍ରଥମ ଗୁଜୁରାଟୀ ଭାଷା ସାହିତ୍ୟ ଉପଲବ୍ଧ ହୁଏ । ଏହି ପୁରାତନ ପରମ୍ପରା, ଗୁଜୁରାଟରେ ଲୋକପ୍ରିୟ । ଏହି ପରିପେକ୍ଷୀରେ ନାରସି ମେହେଟ୍ଟାଙ୍କ ନାମ ସର୍ବପ୍ରଥମେ ଆସେ । ଗୁଜୁରାଟ ଜନ ସାଧାରଣ ଏହି ଭକ୍ତିଗୀତଗୁଡ଼ିକୁ ତାଙ୍କ ଲୋକ ନୃତ୍ୟରେ ଯୋଡ଼ି ଦେଇଛନ୍ତି । ସେଗୁଡ଼ିକର ଧାର୍ମିକ ରୂପରେଖ ପାଳିତ ହୋଇଥିବା ଉତ୍ସବ ସମାରୋହମାନଙ୍କରେ ପ୍ରକାଶିତ ହୁଏ । ନର୍ମଦଙ୍କ କବିତା ଗୁଜୁରାଟୀ ସାହିତ୍ୟକୁ ପ୍ରେରଣା ଦେଇଥିଲେ । ଗୋବର୍ଦ୍ଧନ ରାମଙ୍କ ଉପନ୍ୟାସ 'ସରସ୍ୱତୀ ଚନ୍ଦ୍ର' ଏକ ଉଚ୍ଚଶ୍ରେଣୀର ଲେଖା ଭାବରେ ପରିଗଣିତ ହୁଏ । ଅନ୍ୟ ଲେଖକମାନଙ୍କୁ ଏହା ପ୍ରେରଣା ଦେଇଛି । ସାହିତ୍ୟ ଜଗତରେ ଡଃ. କେ.ଏମ୍. ମୁନ୍‌ସୀଙ୍କ ନାମ ଅବିସ୍ମରଣୀୟ । ସେ ଏକାଧାରରେ ଜଣେ ଔପନ୍ୟାସିକ, ପ୍ରାବନ୍ଧିକ ଏବଂ ଐତିହାସିକ । ସେ ପ୍ରଚୁର ସଂଖ୍ୟକ ଐତିହାସିକ ଉପନ୍ୟାସ ରଚନା କରିଛନ୍ତି । ଏହି ବହିଗୁଡ଼ିକରେ ବାସ୍ତବ ସହିତ କଳ୍ପନାକୁ ମିଶାଇବାରେ ସେ ପାରଦର୍ଶିତା ଦେଖାଇଛନ୍ତି । 'ପୃଥ୍ୱୀ ବଲ୍ଲଭା' ତାଙ୍କର ଚମତ୍କାର ଉପନ୍ୟାସମାନଙ୍କ ମଧ୍ୟରୁ ଗୋଟିଏ । ନାର୍ସି ମେହେଟ୍ଟାଙ୍କ ନାମ ମଧ୍ୟ ଉଲ୍ଲେଖଯୋଗ୍ୟ । କୃଷ୍ଣଙ୍କ ସ୍ତୁତିଗାନ କରୁଥିବା ତାଙ୍କ ଗୀତଗୁଡ଼ିକ ପାଇଁ ସେ ବହୁତ ଲୋକପ୍ରିୟ ଏବଂ ତାହା ଗୁଜୁରାଟୀ ଭାଷାକୁ ମଧ୍ୟ ଜନପ୍ରିୟ କରିଛି ।

## ୭.୭ ସିନ୍ଧି ସାହିତ୍ୟ

ସିନ୍ଧୁ ପ୍ରଦେଶ ସୁଫିମାନଙ୍କର ଏକ ପ୍ରଧାନ କେନ୍ଦ୍ରସ୍ଥଳ ଥିଲା । ସେମାନେ ବିଭିନ୍ନ ସ୍ଥାନରେ 'ଖାନକା'ମାନ ପ୍ରତିଷ୍ଠା କରିଥିଲେ । ସୁଫି ଗାୟକମାନେ ତାଙ୍କ ଭକ୍ତି ସଙ୍ଗୀତ ଦ୍ୱାରା ସିନ୍ଧି ଭାଷାକୁ ଲୋକପ୍ରିୟ କରିଥିଲେ । ମୀର୍ଜା କୈଳାଶ ବେଗ୍ ଓ ଦିୱାନ କୋରାମଲ ସିନ୍ଧି ସାହିତ୍ୟ ସୃଷ୍ଟି କରିବାର ଗୌରବ ଅର୍ଜନ କରିଛନ୍ତି ।

## ୭.୮ ମରାଠୀ ଭାଷା ସାହିତ୍ୟ

ମହାରାଷ୍ଟ୍ର ଏପରି ଏକ ଅଧିତ୍ୟକ (ମାଳଭୂମି) ଯେଉଁଠାରେ ବହୁ ସଂଖ୍ୟକ ସ୍ଥାନୀୟ ଉପଭାଷା ବ୍ୟବହୃତ ହୁଏ । ମରାଠୀ ସାହିତ୍ୟ ସେହିସବୁ ଉପଭାଷାରୁ ସୃଷ୍ଟି । ପର୍ତ୍ତୁଗୀଜ ମିଶନାରୀମାନେ ସେମାନଙ୍କ ଧର୍ମବାଣୀ ଶିକ୍ଷା ଦେବାପାଇଁ ମରାଠୀ ବ୍ୟବହାର କରିବା ଆରମ୍ଭ କରିଥିଲେ । ୧୩ଶହ ଶତାବ୍ଦୀର ସନ୍ଥ ଜ୍ଞାନେଶ୍ୱର ହେଉଛନ୍ତି ସର୍ବ ପୁରାତନ ମରାଠୀ ଗଦ୍ୟ ଏବଂ ପଦ୍ୟ ରଚୟିତା । ସେ ଭଗବଦ୍ ଗୀତାର ଏକ ଦୀର୍ଘକାୟ ଟିପ୍ପଣୀ ଲେଖିଛନ୍ତି । ସର୍ବପ୍ରଥମେ ସେହିଁ ମହାରାଷ୍ଟ୍ରରେ କୀର୍ତ୍ତନ ପରମ୍ପରା ଆରମ୍ଭ କରିଥିଲେ । ନାମଦେବ (୧୨୭୦–୧୩୫୦), ଗୋରାସେନା ଏବଂ ଜ୍ଞାନବାଇ ତାଙ୍କର ଅନୁଗାମୀ ଥିଲେ । ସେମାନେ ସମସ୍ତେ ଗୀତ ଗାଉଥିଲେ ଏବଂ ମରାଠୀ ଭାଷାକୁ ଲୋକପ୍ରିୟ କରାଇଥିଲେ । ପଣ୍ଡରପୁର ଯାଉଥିବା 'ଭେରକାରୀ' ତୀର୍ଥଯାତ୍ରୀମାନେ ଏବେସୁଦ୍ଧା ରାସ୍ତାରେ ସେମାନଙ୍କର ଗୀତ ଗାଆନ୍ତି । ପ୍ରାୟ ଦୁଇଶହ ବର୍ଷପରେ ଏକନାଥ (୧୫୩୩–୯୯) ଦୃଶ୍ୟମାନ ହେଲେ । ସେ ରାମାୟଣ ଓ ଭାଗବତ ପୁରାଣ ଉପରେ ଟିପ୍ପଣୀ ଲେଖିଲେ । ସମଗ୍ର ମହାରାଷ୍ଟ୍ରରେ ତାଙ୍କ ଗୀତ ଆଦୃତ ହୋଇଥିଲା ।

ଏହାପରେ ଆସିଲେ ତୁକାରାମ (୧୫୯୮–୧୬୫୦) । ସମସ୍ତଙ୍କ ମଧ୍ୟରେ ତାଙ୍କୁ ସବୁଠାରୁ ବଡ଼ ଭକ୍ତକବି ମନାଯାଏ । ଛତ୍ରପତି ଶିବାଜୀଙ୍କ ଗୁରୁ ରାମଦାସ (୧୬୦୮–୮୧) ସେମାନଙ୍କ ମଧ୍ୟରେ ସର୍ବଶେଷ ସ୍ତୋତ୍ର ରଚୟିତା । ସେ ରାମ ଭକ୍ତ ଥିଲେ । ସେ ଶିବାଜୀଙ୍କୁ ପ୍ରେରଣା ଦେଇଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜାତୀୟତାବାଦୀ ଆନ୍ଦୋଳନ ମରାଠୀ ସାହିତ୍ୟକୁ ଲୋକପ୍ରିୟ କଲା ଓ ପ୍ରାଧାନ୍ୟ ଆଣିଦେଲା । ବାଲଗଙ୍ଗାଧର ତିଳକ (୧୮୫୭–୧୯୨୦) ତାଙ୍କ ପତ୍ରିକା 'କେଶରୀ' ମରାଠୀ ଭାଷାରେ ଆରମ୍ଭ କଲେ । ମରାଠୀ ସାହିତ୍ୟ ଉନ୍ନତି ହେବାରେ ଏହା ସାହାଯ୍ୟ କଲା । କିନ୍ତୁ କେଶବ ସୁତ ଓ ଭି.ଏସ.ଚିପ୍ଲୁଙ୍କର ଭୂମିକା କିଛି କମ୍ ନଥିଲା । ହରିନାରାୟଣ ଆପ୍ତେ ଏବଂ ଅଗରକର ଲେଖିଥିବା ଉପନ୍ୟାସ ଜନାଦୃତି ଲାଭ କରିଥିଲା । ଏହି ସମସ୍ତ ଗଦ୍ୟ ଲେଖକ ଗଣଙ୍କର ମହାନ ଅବଦାନ ରହିଛି ମରାଠୀ ସାହିତ୍ୟର ଉନ୍ନତି ପାଇଁ । ପ୍ରେରଣା ଦାୟୀନି କବିତା ଲେଖିବାରେ ଏଚ.ଜ.ସାଲଗାଓକରଙ୍କର ନାମ ସ୍ମରଣୀୟ ଅଟେ । ଏଥିସହିତ ଏମ୍.ଜି. ରାନାଡେ, କେ.ଟି. ତେଲଙ୍ଗ, ଜି.ଟି. ମାଧୋଲକରଙ୍କ ପରି କବି ଏବଂ ଔପନ୍ୟାସିକଙ୍କ ନାମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ୭.୯ କାଶ୍ମୀର ସାହିତ୍ୟ

ଯେତେବେଳେ କଲହଣ ସଂସ୍କୃତରେ ରାଜତରଙ୍ଗିଣୀ ଲେଖିଲେ ସେତେବେଳେ କାଶ୍ମୀର ସାହିତ୍ୟ ପ୍ରାଧାନ୍ୟ ଲାଭକଲା । କିନ୍ତୁ ଏହା ଏକ ବିଶେଷ ପ୍ରକାରର ଭାଷାଥିଲା । ସ୍ଥାନୀୟ ଲୋକଙ୍କ ପାଇଁ କାଶ୍ମୀରୀ ଏକ ପ୍ରିୟ ଉପଭାଷା ଥିଲା । ଏଠାରେ ମଧ୍ୟ ଭକ୍ତି ଆନ୍ଦୋଳନ ତାର ଭୂମିକା ନିଭାଇଥିଲା । ଲାଲଦେବ (୧୪ ଶହ ଶତାବ୍ଦୀ) ସମ୍ଭବତଃ କାଶ୍ମୀରୀ ଭାଷାରେ ପ୍ରଥମ ଗାୟକ ଥିଲେ । ସେ ଜଣେ ଶୈବ ରହସ୍ୟବାଦୀ ଥିଲେ । ଏହି ଅଞ୍ଚଳରେ ଇସଲାମ ଧର୍ମ ପ୍ରସାରିତ ହେବାପରେ ଏଠାରେ ସୁଫି ପ୍ରଭାବ ପରିଦୃଷ୍ଟ ହେଲା । ହାବାଖାତୁନ, ମଜହୁର, ଜିନ୍ଦାକଉଲ, ନୁରପିନ୍ (ନୁଣ୍ଡରଷି) ଅଖତା ମଇଉଦ୍ଦିନ, ସୁଫି ଗୁଲାମ ଅହମଦ ଓ ଦିନାନାଥ ନଦିମ କାଶ୍ମୀର ଭାଷାରେ ଭକ୍ତିଗୀତ ରଚନା

କରିଥିଲେ । ସେମାନେ କାଶ୍ମୀର ସାହିତ୍ୟର ଉନ୍ନତିରେ ସାହାଯ୍ୟ କଲେ । ଉନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଜଗତର ପ୍ରଭାବ କାଶ୍ମୀରରେ ପହଞ୍ଚି ପାରିନଥିଲା । ୧୮୪୬ ମସିହାରେ ପ୍ରଥମ ଶିଖଯୁଦ୍ଧ ପରେ ଜାମୁର ଡୋଗ୍ରା ସେଠାରେ ଶାସକ ହେଲେ । ଡୋଗ୍ରାମାନଙ୍କର କାଶ୍ମୀର ଅପେକ୍ଷା ଡେଗ୍ରି ଭାଷା ପ୍ରତି ଅଧିକ ଆଗ୍ରହ ଥିଲା । ସେଠାରେ କ୍ୱଚିତ କୌଣସି ସ୍କୁଲ ଥିଲା ପାଠ ପଢ଼ିବା ପାଇଁ । ସବୁଆଡ଼େ ଦାରିଦ୍ର୍ୟ ଓ ଆର୍ଥିକ ଦୁର୍ବଳ ସ୍ଥିତି ପୁରି ରହିଥିଲା । ଏହିସବୁ କାରଣ ଯୋଗୁ ସେଠାରେ ଭଲ ସାହିତ୍ୟର ଅଭାବ ରହିଥିଲା ।

ଯଦିଓ ଭାରତରେ ବହୁତ ପ୍ରକାରର ଆଧୁନିକ ଭାଷା ରହିଛି ଭାରତର ସମ୍ବିଧାନରେ ପ୍ରାରମ୍ଭରେ ପ୍ରାୟ ପନ୍ଦରଟି ଭାଷା ଯଥା – ଆସାମୀ, ବଙ୍ଗଳା, ଗୁଜୁରାଟୀ, ହିନ୍ଦୀ, କାଶ୍ମୀରୀ, ମରାଠୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ଉର୍ଦ୍ଦୁ, ତାମିଲ୍, ତେଲୁଗୁ, କନ୍ନଡ ଏବଂ ମାଲାୟଲାମ । ଏବେ ଆଉ ତିନୋଟି ଭାଷା, ଯଥା ନେପାଳୀ, ମଣିପୁରୀ ଓ କୋଙ୍କଣୀ ଏଥିରେ ମିଶାଯାଇଛି ।

## ପାଠଗତ ପ୍ରଶ୍ନାବଳୀ ୭.୪

୧. କେଉଁ ଭାରତୀୟ ଭାଷା ଗୁରୁମୁଖୀ ଓ ପର୍ସିଆନ – ଏହି ଦୁଇଟି ଶୈଳୀରେ ଲେଖାଯାଏ ?

୨. ଅନ୍ୟୁନ ପଞ୍ଜାବର ଦୁଇଟି ପ୍ରେମ କାହାଣୀର ନାମ ଲେଖ ?

୩. କେଉଁଟି ବୁଲେଗାହଙ୍କର ଲୋକପ୍ରିୟ ରଚନା ?

୪. ଗୋବର୍ଦ୍ଧନ ରାମଙ୍କ ଉପନ୍ୟାସର ନାମ କ'ଣ ?

୫. ତ୍ରୟୋଦଶ ଶତାବ୍ଦୀରେ ମହାରାଷ୍ଟ୍ରରେ କୀର୍ତ୍ତନ ପରମ୍ପରା କିଏ ଆରମ୍ଭ କରିଥିଲେ ?

୬. କେଉଁ କାରଣରୁ କାଶ୍ମୀରରେ ଭଲ ସାହିତ୍ୟର ଅଭାବ ଥିଲା ?

## ୭.୧୦ ଖ୍ରୀଷ୍ଟିୟାନ ଧର୍ମଯାଜକ (ମିଶନାରୀ)ମାନଙ୍କ ଭୂମିକା

ଭାରତକୁ ଇଉରୋପୀୟଙ୍କ ଆଗମନ ସହିତ ଇଂରାଜୀ, ଫରାସୀ, ଡଚ୍, ପର୍ତ୍ତୁଗୀଜ୍ ପରି ବିଦେଶୀ ଭାଷାମାନ ଭାରତରେ ପ୍ରବେଶ କଲା । ଏହି ଭାଷାଗୁଡ଼ିକ ଭାରତୀୟ ଭାଷାରେ ଅନେକ ନୂଆ ଶବ୍ଦ ମିଶାଇ ତାହାକୁ ସମୃଦ୍ଧ କଲେ ।

ଖ୍ରୀଷ୍ଟିୟାନ ଧର୍ମଯାଜକଙ୍କର ଭାରତୀୟ ଭାଷା ସାହିତ୍ୟକୁ ଉନ୍ନତ କରିବା ପାଇଁ, ଅବଦାନ ଉଲ୍ଲେଖଯୋଗ୍ୟ ଅଟେ । ସର୍ବପ୍ରଥମେ ସେମାନେ ଅନେକ ଆଞ୍ଚଳିକ ଭାଷାରେ ଅଭିଧାନ ଓ ବ୍ୟାକରଣ ପୁସ୍ତକମାନ ପ୍ରକାଶ କଲେ ।





ସେମାନେ ଲେଖିଥିବା ବହିଗୁଡ଼ିକ ଇଉରୋପରୁ ନୂଆ ଆସିଥିବା ଧର୍ମଯାଜକ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହି ବହିଗୁଡ଼ିକ ସେହି ଧର୍ମଯାଜକମାନଙ୍କୁ ସେତିକି ସାହାଯ୍ୟ କରୁଥିଲା, ଯେତିକି ଆଞ୍ଚଳିକ ଭାଷାର ଲେଖକମାନଙ୍କୁ ସାହାଯ୍ୟ କରୁଥିଲା । ସେମାନେ ଅଭିଧାନ ଦେଖି ସହଜରେ ଉପଯୁକ୍ତ ଶବ୍ଦ ଏବଂ ବ୍ୟାକରଣ ଦେଖି ସଠିକ ଶବ୍ଦ ପାଇପାରୁଥିଲେ ।

ଊନବିଂଶ ଶତାବ୍ଦୀ ପ୍ରାରମ୍ଭରେ ଭାରତରେ ଲିଥୋଗ୍ରାଫିକ ପ୍ରିଣ୍ଟିଂ ପ୍ରେସ ଆରମ୍ଭ ହେଲା । ବିଦେଶୀମାନେ ଆଞ୍ଚଳିକ ଭାଷାରେ ବହି ଛାପିବା ପାଇଁ ଏହି ପ୍ରେସ ସ୍ଥାପନ କରିଥିଲେ । ନୂଆକରି ଖ୍ରୀଷ୍ଟିୟାନ ଧର୍ମକୁ ଧର୍ମାନ୍ତରିତ ହୋଇଥିବା ଭାରତୀୟମାନଙ୍କ ଉପକାର ପାଇଁ ଏହା ବ୍ୟବହୃତ ହେଉଥିଲା । ସେଥିପାଇଁ ସାହିତ୍ୟର ଉନ୍ନତିରେ ପ୍ରିଣ୍ଟିଂ ପ୍ରେସର ଭୂମିକାକୁ ଉପେକ୍ଷା କରିହେବ ନାହିଁ ।

ତୃତୀୟ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିଶନାରୀମାନଙ୍କର ସ୍କୁଲ, କଲେଜ ସ୍ଥାପନା । ଏଠାରେ ମିଶନାରୀମାନେ ଇଂରାଜୀ ସହିତ ଆଞ୍ଚଳିକ ଭାଷା ମଧ୍ୟ ପଢ଼ାଉଥିଲେ । ଖ୍ରୀଷ୍ଟିଆନ ଧର୍ମ ସଂପ୍ରସାରଣ ସେମାନଙ୍କ ଉଦ୍ଦେଶ୍ୟ ଥିଲା । କିନ୍ତୁ ଏକ ନୂଆ ଶିକ୍ଷିତ ଶ୍ରେଣୀ ମଧ୍ୟ ସେମାନେ ତିଆରି କରିଦେଲେ । ଯେଉଁମାନେ କି ନିଜ ଭାଷା ସାହିତ୍ୟ ପଢ଼ିବାକୁ ଇଚ୍ଛା କଲେ । ତେଣୁ ଭାରତୀୟ ଭାଷା ଓ ସାହିତ୍ୟର ଇତିହାସ ଲେଖିବା ବେଳେ ମିଶନାରୀ ଭୂମିକାକୁ ଉପେକ୍ଷା କରିହେବ ନାହିଁ ।

### ଭାରତର ପ୍ରଧାନ ଇଂରାଜୀ ସାହିତ୍ୟ ଲେଖକ :

ଭାରତରେ ଅନେକ ଇଂରାଜୀ ସାହିତ୍ୟ ଲେଖକ ଅଛନ୍ତି । ୧୮୩୫ ପରେ ଯେତେବେଳେ ଇଂରାଜୀ ଶିକ୍ଷାର ମାଧ୍ୟମ ହେଲା ସେତେବେଳେ ଭାରତୀୟମାନେ ଇଂରାଜୀରେ ଲେଖିବା ଆରମ୍ଭ କଲେ । ଅନେକ ଭାରତୀୟ ଲେଖକ ଇଂରାଜୀରେ ସାହିତ୍ୟ ଲେଖିଲେ । କିଛି ଲେଖକ କବିତା ଓ କିଛି ଲେଖକ ଗଦ୍ୟ ସାହିତ୍ୟରେ ଆଗ୍ରହ ରଖିଲେ । ମାଇକେଲ ମଧୁସୂଦନ ଦତ୍ତ, ତାରା ଦତ୍ତ, ସରୋଜିନୀ ନାଇଡୁ ଏବଂ ରବୀନ୍ଦ୍ରନାଥ ଠାକୁର ପ୍ରଭୃତିଙ୍କର ଇଂରାଜୀ ପଦ୍ୟ ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଛି । ସୁରେନ୍ଦ୍ରନାଥ ବାନାର୍ଜୀ, ଫିରୋଜଶାହ ମେହେଟ୍ଟା ଏବଂ ଜବାହାରଲାଲ ନେହେରୁ ପ୍ରଭୃତିଙ୍କର ଇଂରାଜୀ ଗଦ୍ୟ ସାହିତ୍ୟ ପ୍ରତି ବିଶେଷ ଆଗ୍ରହ ଥିଲା ।



## ତୁମେ କ'ଣ ଶିଖିଲ ?

- ବହୁ ସଂଖ୍ୟକ ଲୋକ ହିନ୍ଦୀ କହୁଥିଲେ ।
- ମୋଗଲ ସାମ୍ରାଜ୍ୟ କାଳରେ ଉର୍ଦ୍ଦୁ ଭାଷା ଏବଂ ପାର୍ସିଭାଷା ଜନପ୍ରିୟ ହେଲା । ଭାରତରେ ବସବାସ କରିଥିବା ତୁର୍କୀ ଲୋକଙ୍କର ଆଞ୍ଚଳିକ ଲୋକଙ୍କ ସହିତ ମିଳାମିଶା ଦ୍ୱାରା ଉର୍ଦ୍ଦୁ ଜନ୍ମ ନେଲା । ଅବଦୁଲ ଫଜଲ, ଚନ୍ଦ୍ରଭାନ୍ ଏବଂ ବାଦାୟୁନୀ ହେଉଛନ୍ତି ମୋଗଲ ସମୟର ପ୍ରସିଦ୍ଧ ଲେଖକ ।
- ଦିଗଦର୍ଶନ ପାଇବାକୁ ହିନ୍ଦୀ ସାହିତ୍ୟ ସର୍ବୋତ୍କୃଷ୍ଟ (କ୍ଲାସିକ) ସଂସ୍କୃତ ସାହିତ୍ୟକୁ ଚାହିଁ ରହିଥିଲା । ଭକ୍ତିଗୀତ ହିନ୍ଦୀ ସାହିତ୍ୟରେ ଏକ ମାଇଲଖୁଣ୍ଟ । କବୀର, ତୁଳସୀ ଦାସ ଏବଂ ସୁର ଦାସ ହିନ୍ଦୀ ସାହିତ୍ୟର ମାର୍ଗଦର୍ଶକ ଥିଲେ ।

- ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ହିନ୍ଦୀ ଗଦ୍ୟ ସାହିତ୍ୟ ଅସ୍ତିତ୍ୱ ପାଇଲା ।
- ହିନ୍ଦୀ ପରେ ସମୃଦ୍ଧିଶାଳୀ ସାହିତ୍ୟ ହେଉଛି ବଙ୍ଗଳା । ରବୀନ୍ଦ୍ରନାଥ ଠାକୁର, ବଙ୍କିମ ଚନ୍ଦ୍ର ଚାଟର୍ଜୀ ଓ ଶରତ ଚନ୍ଦ୍ର ଚାଟର୍ଜୀଙ୍କର ଅବଦାନ ବଙ୍ଗଳା ସାହିତ୍ୟ ପ୍ରତି ରହିଛି । ଆସାମୀ ସାହିତ୍ୟ ବିରା 'ବରଞ୍ଜି' ନିହିତ ଅଛି । ଓଡ଼ିଆ ମଧ୍ୟ ସେହିପରି ।
- ଉନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଗୁରୁମୁଖୀ 'ଆଦିଗ୍ରନ୍ଥ' ଭିତରେ ସିମୀତ ଥିଲା । 'ହିର-ରାନଝା'ର ପ୍ରେମ କାହାଣୀ ଏହି ଭାଷା ପାଇଁ ବିଷୟବସ୍ତୁ ଦେଲା । ମୀରାବାଇଙ୍କ ଭକ୍ତି ସଙ୍ଗୀତଗୁଡ଼ିକ ରାଜସ୍ଥାନୀ ଭାଷା ଓ ସାହିତ୍ୟକୁ ସମ୍ମାନନୀୟ ସ୍ଥାନ ଆଣି ଦେଲା ।
- ଗୁଜୁରାଟୀ, ସିନ୍ଧି, ମରାଠୀ ଏବଂ କାଶ୍ମୀର ଭାଷାଗୁଡ଼ିକ କ୍ରମଶଃ ବିକଶିତ ହେଲା ।
- ଅନେକ ଭାରତୀୟ ଲେଖକ ଇଂରାଜୀ ଭାଷାରେ ପୁସ୍ତକମାନ ରଚନା କଲେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଭାରତରେ ଖ୍ରୀଷ୍ଟିୟାନ ଧର୍ମଯାଜକମାନଙ୍କ ଭୂମିକା କ'ଣ ଥିଲା ?

୨. ହିନ୍ଦୀ ଭାଷା ବିକାଶର ସଂକ୍ଷିପ୍ତ ବିବରଣୀ ଦିଅ ।

୩. ମଧ୍ୟଯୁଗୀୟ ଭାରତରେ ପାର୍ସି ଭାଷାର ଭୂମିକା କ'ଣ ଥିଲା ?

୪. ଭାରତୀୟ ସମାଜ ଗଠନରେ ଭାରତୀୟ ଭାଷା ଓ ସାହିତ୍ୟର କି ଅବଦାନ ରହିଛି ଦର୍ଶାଅ ?

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୭.୧**

୧. ବ୍ରଜଭାଷା, ଅବଧୀ, ଭୋଜପୁରୀ, ମାଗଧୀ, ରାଜସ୍ଥାନୀ, ଖାଡୀ ବୋଲି

୨. ଅବଧୀ

୩. ଭାରତରେ ବସତି ସ୍ଥାପନ, ତୁର୍କୀମାନଙ୍କର ସ୍ଥାନୀୟ ଲୋକମାନଙ୍କ ସହିତ ମିଳାମିଶାରୁ ଉର୍ଦ୍ଦୁ ଭାଷା ଜନ୍ମ ନେଲା ।

୪. ପାକିସ୍ଥାନ

୫. ଦକ୍ଷଣୀ ବା ଦାକାନୀ

**୭.୨**

୧. ଭରତ

୨. ତୁଳସୀ ଦାସଙ୍କ ରାମ ହେଉଛନ୍ତି ଭଗବାନଙ୍କ ପ୍ରତିଛବି । ବାଲ୍ମିକୀ ରାମାୟଣର ରାମ ହେଉଛନ୍ତି ମନୁଷ୍ୟର ପ୍ରତିଛବି ।

୩. ହସ କୌତୁକ ଭରା ଲୀଳା ଖେଳା କରୁଥିବା ବାଳକ କୃଷ୍ଣ ଏବଂ ବନ ଉପବନରେ ଗୋପୀଙ୍କ ସହିତ ବ୍ୟସ୍ତ ରହୁଥିବା ଯୁବକ କୃଷ୍ଣ ।

୪. ଆନନ୍ଦ ମଠ

୫. ହିନ୍ଦୁ ସମାଜରେ ସୁଧାର ଆଣିବା ପାଇଁ ସ୍ୱାମୀ ଦୟାନନ୍ଦ ଲେଖିଲେ ଗରିବ ଲୋକଙ୍କ ଦୟନୀୟ ସ୍ଥିତି ସମ୍ବନ୍ଧରେ ମୁନ୍‌ସୀ ପ୍ରେମଚାନ୍ଦ ଲେଖିଲେ । ସ୍ତ୍ରୀଲୋକମାନଙ୍କର ଦୁର୍ଦ୍ଦଶା ସମ୍ବନ୍ଧରେ ମହାଦେବୀ ବର୍ମା ଲେଖିଲେ ।

୭.୩

୧. ଅଠର ଶହ ମସିହାରେ କଲିକତା ପାଖରେ ଥିବା ଶିରାମପୁରଠାରେ

୨. ୧୮୫୪

୩. ୧୮୫୭ରେ କଲିକତା, ମାଡ୍ରାସ ଓ ବମ୍ବେ

୪. ଗୀତାଞ୍ଜଳୀ

୫. ସେ ଆସାମରେ ବୈଷ୍ଣବଧର୍ମ ପ୍ରଚଳନ କଲେ

୭.୩

୧. ପଞ୍ଜାବୀ

୨. ହିର / ରାନ୍‌ଝା, ସୋହନି / ମହିୱାଲ, ଶଶି/ପୁନ୍ନୁ

୩. କାଫି

୪. ସରସ୍ୱତୀ ଚନ୍ଦ୍ର

୫. ସନ୍ଥ ଜ୍ଞାନେଶ୍ୱର

୬. ଦାରିଦ୍ର୍ୟ, ଆର୍ଥିକ ଦୁଃସ୍ଥିତି, ଡୋଗ୍ରୀର ବ୍ୟବହାର

# ୮

# ପ୍ରାଚୀନ ଭାରତରେ ଧର୍ମ ଓ ଦର୍ଶନ

ନଭେମ୍ବର ଓ ଡିସେମ୍ବର ଆସିଲେ ବଜାରରେ ନୂଆ କ୍ୟାଲେଣ୍ଡରମାନଙ୍କର ବନ୍ୟା ଖେଳିଯାଏ । କେତେକ କ୍ୟାଲେଣ୍ଡର ଖୁବ ରଙ୍ଗିନ, ଆଉ କେତେକ କ୍ୟାଲେଣ୍ଡର ତାରିଖ ଉପରେ ଛୋଟ ଛୋଟ ଚିତ୍ର ଥାଏ । ସେଗୁଡ଼ିକ ଛୁଟୀଦିନ ଏବଂ ସେଗୁଡ଼ିକୁ ଆମେ ପୂର୍ବରୁ ଦେଖୁ । ସେଗୁଡ଼ିକ ଧର୍ମଭିତ୍ତିକ ପର୍ବ କିମ୍ବା ଜାତୀୟ ଉତ୍ସବ । ଭାରତରେ ବହୁତ ପ୍ରକାରର ଧର୍ମ ରହିଛି ଏବଂ ଉନ୍ନତି କରୁଛି । ରାସ୍ତାରେ ଯାଉଥିବା ଶୋଭାଯାତ୍ରା, ଉତ୍ତମ ଖାଦ୍ୟ, ପୋଷାକ, ଉପହାର, ନିଜ ନିଜ ଧର୍ମସ୍ଥଳୀମାନଙ୍କରେ ପୂଜା କରିବା, ପରସ୍ପରକୁ ଶୁଭେଚ୍ଛା ଜଣାଇବା ଆଦି ହେଉଛି ଭାରତରେ ଏକ ସାଧାରଣ ଦୃଶ୍ୟ । ଭାରତ ଏକ ଅତି ସୁନ୍ଦର, ଉତ୍‌ଫୁଲିତ ଏବଂ କର୍ମତତ୍‌ପର ଦେଶ । କାରଣ କେଉଁ ପ୍ରାଚୀନ କାଳରୁ ଭାରତରେ ଧର୍ମପରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏଠାକାର ମଣିଷ ଜୀବନ ଉପରେ ପ୍ରଭାବ ପକାଉଛି । ବିକଶିତ ହେବା ପ୍ରକିୟାରେ ବିଭିନ୍ନ ଧର୍ମକୁ ପଢ଼ିବା ପ୍ରକୃତରେ କୌତୁହଳ ପ୍ରଦ ଅଟେ । ଧର୍ମ ଏବଂ ଦର୍ଶନ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି । ଏହି ପାଠରେ ପ୍ରାଚୀନ ଭାରତରେ ଧର୍ମ ଓ ଦର୍ଶନ କିଭଳି ଭାବରେ ବିକଶିତ ହୋଇଛି ତାହା ଆମେ ପଢ଼ିବା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିସାରିବା ପରେ ତୁମେ ଜାଣିପାରିବ –

- ଧର୍ମର ଅର୍ଥ ବୁଝାଇବା ।
- ପ୍ରାଚୀନ ଭାରତରେ ବିଭିନ୍ନ ଧାର୍ମିକ ଆନ୍ଦୋଳନର ବିଶେଷତ୍ୱ ଜାଣିବା ।
- ବୈଦିକ ଦର୍ଶନର ଛଅଟି ପାଠଶାଳା ବା ଗୋଷ୍ଠୀର ମତ ।
- ଚାର୍ବାକ ସ୍କୁଲର ଭୂମିକା ପରୀକ୍ଷା କରିବା ।
- ଜୈନ ଧର୍ମର ବାସ୍ତବତାର ତତ୍ତ୍ୱର ଯଥାର୍ଥତା ପ୍ରତିପାଦନ ।
- ବୌଦ୍ଧ ଦର୍ଶନର ଅବଦାନ ଓ ଭୂମିକା ପ୍ରତିପାଦନ ।

## ୮.୧ ଧର୍ମ

ଧର୍ମ ହେଉଛି ଆତ୍ମାର ବିଜ୍ଞାନ । ନୈତିକତା ଏବଂ ନୈତିକ ଆଚରଣର ଭିତ୍ତିଭୂମି ହେଉଛି ଧର୍ମ । ଧର୍ମ ପ୍ରାଚୀନ କାଳରୁ ଭାରତୀୟମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲା । ବିଭିନ୍ନ ଧାର୍ମିକ ଗୋଷ୍ଠୀ ସହିତ ସମ୍ପର୍କରୁ ଏହା ଅସଂଖ୍ୟ ରୂପ ଗ୍ରହଣ କରିଥିଲା । ଏହି ଗୋଷ୍ଠୀମାନଙ୍କର ବିଶ୍ୱାସ, ଚନ୍ତାଧାରା ଏବଂ କାର୍ଯ୍ୟକଳାପ

ଭିନ୍ନ ଭିନ୍ନ ଥିଲା । ସମୟ କ୍ରମେ ବିଭିନ୍ନ ପ୍ରକାର ଧର୍ମରେ ପରିବର୍ତ୍ତନ ଓ ବିକାଶ ସଂଗଠିତ ହେଲା । ଭାରତରେ ଧର୍ମ କେବେହେଲେ ସ୍ଥିର ନଥିଲା । ବରଂ ଏହା ଏକ ଶକ୍ତିଶାଳୀ ଅନ୍ତର୍ନିହିତ ଶକ୍ତି ଦ୍ୱାରା ପରିଚାଳିତ ହୋଇଥିଲା ।

> ଭାରତରେ ପ୍ରତ୍ୟେକ ଦର୍ଶନ ପଦ୍ଧତି ସତ୍ୟର ଅନୁସନ୍ଧାନ ଅଟେ ଯାହା ଏକ ଏବଂ ସମାନ, ସବୁ ସମୟରେ ଏବଂ ସବୁଠାରେ ଥାଏ । ଖାଲି କାର୍ଯ୍ୟ କରିବାର ପନ୍ଥା ଭିନ୍ନ ହୁଏ । ତର୍କ ପଦ୍ଧତି ଅଲଗା ହୁଏ, କିନ୍ତୁ ସତ୍ୟ ପ୍ରାପ୍ତି ନିମିତ୍ତ ଲକ୍ଷ ସମାନ ଥାଏ ।
>
> ‘‘ମୁଁ ଏପରି ଏକ ଧର୍ମର ଅନ୍ତର୍ଭୁକ୍ତ ହୋଇ ଗର୍ବ ଅନୁଭବ କରେ ଯାହା ବିଶ୍ୱ ବ୍ୟାପକ ସହନଶୀଳତା ଏବଂ ସର୍ବଥା ସବୁକିଛି ଗ୍ରହଣ କରିବାକୁ ଶିଖାଇ ଥାଏ । ଆମେ ଖାଲି ବିଶ୍ୱବ୍ୟାପକ ସହନଶୀଳତାରେ ବିଶ୍ୱାସ କରୁନାହିଁ, କିନ୍ତୁ ସବୁ ଧର୍ମକୁ ସତ ବୋଲି ଗ୍ରହଣ କରୁ ।’’ (୧୮୯୩ ଖ୍ରୀଷ୍ଟାବ୍ଦରେ ଚିକାଗୋରେ ଅନୁଷ୍ଠିତ ହୋଇଥିବା ଧର୍ମ ସଭାରେ ସ୍ୱାମୀ ବିବେକାନନ୍ଦ ଦେଇଥିବା ଭାଷଣ)

ପୁରାତନ ଦାର୍ଶନିକ ଏବଂ ଧାର୍ମିକ ପ୍ରଥାଗୁଡ଼ିକ ଭାରତୀୟ ଆଧାତ୍ମିକତାର ମୂଳ ଉତ୍ସ । ଜୀବନର ରହସ୍ୟ ଏବଂ ସ୍ଥିତି ପାଇଁ ଅନୁସନ୍ଧାନରୁ ଭାରତରେ ଦର୍ଶନ ଶାସ୍ତ୍ର ବିକଶିତ ହେଲା । ଭାରତୀୟ ମୁନି ଋଷିଗଣ ସାଧାରଣ ମନ ଓ ଚେତନାକୁ ଉର୍ଦ୍ଧ୍ୱ ସ୍ତରକୁ ନେଇଯିବା ପାଇଁ ସ୍ୱତନ୍ତ୍ର କୌଶଳ ବିକଶିତ କରିଥିଲେ । ସେହିସବୁ କୌଶଳକୁ ଯୋଗ କୁହାଯାଏ । ଏହି କୌଶଳ ସାହାଯ୍ୟରେ ସେମାନେ ଚେତନାର ଗଭୀର ସ୍ତରରେ ଅନୁସନ୍ଧାନ କରୁଥିଲେ ଏବଂ ମନୁଷ୍ୟ ଓ ବିଶ୍ୱବ୍ରହ୍ମାଣ୍ଡର ବାସ୍ତବ ପ୍ରକୃତି ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ସତ୍ୟ ଆବିଷ୍କାର କରୁଥିଲେ । ସେହି ତତ୍ତ୍ୱଦର୍ଶୀ ବିଜ୍ଞବ୍ୟକ୍ତିମାନେ ଜାଣିପାରିଲେ ଯେ ମଣିଷର ମନ ଓ ଦେହ ତାର ବାସ୍ତବ ପ୍ରକୃତି ନୁହେଁ । ତାହା ସର୍ବଦା ପରିବର୍ତ୍ତନଶୀଳ ଓ କ୍ଷଣଶୀଳ । କିନ୍ତୁ ପ୍ରକୃତି ଅପରିବର୍ତ୍ତନୀୟ, ଅମର ଏବଂ ଶୁଦ୍ଧ ଚେତନା । ସେମାନେ ଏହାକୁ ‘ଆତ୍ମନ’ ବୋଲି ନାମ ଦେଲେ ।

‘ଆତ୍ମନ’ ହେଉଛି ମଣିଷର ଜ୍ଞାନ, ଆନନ୍ଦ ଓ ଶକ୍ତିର ପ୍ରକୃତ ଉତ୍ସ । ଋଷିମାନେ ଆହୁରି ମଧ୍ୟ ଜାଣିପାରିଲେ ଯେ ମଣିଷର ନିଜ ବ୍ୟକ୍ତିତ୍ୱ, ସୀମାହୀନ ଚେତନା – ଯାହାକୁ ସେମାନେ ବ୍ରହ୍ମ କୁହନ୍ତି – ର ଅଂଶ । ବ୍ରହ୍ମ ହେଉଛି ବିଶ୍ୱବ୍ରହ୍ମାଣ୍ଡର ସର୍ବଶେଷ ବାସ୍ତବତା, ସର୍ବଶେ କାରଣ । ବାସ୍ତବ ପ୍ରକୃତି ସମ୍ବନ୍ଧରେ ଅଜ୍ଞତା ହିଁ ମଣିଷର ଦୁଃଖ ଯନ୍ତ୍ରଣା ଓ ଅବରୋଧର କାରଣ । ଆତ୍ମା ଓ ବ୍ରହ୍ମ ସମ୍ବନ୍ଧରେ ବାସ୍ତବ ଜ୍ଞାନ ଲାଭକରି ସେଥିରୁ ମୁକ୍ତି ପାଇ ହେବ ଏବଂ ଅମରତ୍ୱ, ଚିରସ୍ଥାୟୀ ଶାନ୍ତି ଏବଂ ପୂର୍ଣ୍ଣତା ପାଇହେବ । ତାହାହିଁ ମୋକ୍ଷ ପ୍ରାପ୍ତି ।

ପ୍ରଚୀନ ଭାରତରେ ଧର୍ମ ଏକ ଜୀବନ ଶୈଳୀ ଥିଲା, ଯାହା ମଣିଷକୁ ତା’ର ବାସ୍ତବ ପ୍ରକୃତି ଜାଣିବାକୁ ଏବଂ ମୋକ୍ଷପ୍ରାପ୍ତ ହେବାକୁ ସମର୍ଥ କରୁଥିଲା ।

ଏହିପରି ଦର୍ଶନ ଶାସ୍ତ୍ର ବାସ୍ତବତା ସମ୍ବନ୍ଧରେ ଠିକଣା ଜ୍ଞାନ ଯୋଗାଇଦିଏ । ଧର୍ମ ପରିପୂର୍ଣ୍ଣତା ଆଣିଦିଏ । ଦର୍ଶନ ହେଉଛି ସିଦ୍ଧାନ୍ତ (ମତବାଦ) ଏବଂ ଧର୍ମ ହେଉଛି କାର୍ଯ୍ୟକାରିତା ବା ଅଭ୍ୟାସ । ଏହିପରି ପ୍ରାଚୀନ ଭାରତରେ ଦର୍ଶନ ଏବଂ ଧର୍ମ ପରସ୍ପରର ପରିପୂରକ ଥିଲେ ।

> ଆମେ ଶୁଣିପାରୁ ଯାହା ଆମ ମନକୁ ଆଲୋକିତ କରେ, ସବୁ ସ୍ଥାନରେ ଆମେ ଦେବତ୍ୱ ଦେଖିପାରୁ, ଆମ ଭିତରେ ସର୍ବଶକ୍ତିମାନଙ୍କର ଉପସ୍ଥିତି ଅନୁଭବ କରୁ । ଆମ ଦେହ ଓ ମନର ସବୁ ପ୍ରକ୍ରିୟା ସେହି ସର୍ବଶକ୍ତିମାନଙ୍କ ସେବାରେ ନିୟୋଜିତ ହେଉ । ଆମେ ଅପରିସୀମ ଶାନ୍ତି ଲାଭ କରୁ ।
>
> –(ଋକ୍‌ବେଦ ୧–୮୯)

## ୮.୨ ପୂର୍ବ ବୈଦିକ ଏବଂ ବୈଦିକ ଧର୍ମ

ପ୍ରାକ୍ ଐତିହାସିକ ସ୍ଥାନମାନଙ୍କରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ଜଣାପଡ଼େ ଯେ ସେହି ଲୋକମାନେ ସର୍ଜନା ଶକ୍ତିର ଶୁଦ୍ଧତାରେ ବିଶ୍ୱାସ କରୁଥିଲେ ଏବଂ ଦେବତ୍ୱରେ ଉଭୟ ନାରୀ ଓ ପୁରୁଷ ସତ୍ତାକୁ ଭକ୍ତି ପ୍ରଦର୍ଶନ କରୁଥିଲେ । ସୂର୍ଯ୍ୟ, ଚନ୍ଦ୍ରଙ୍କ ପରି ପ୍ରାକୃତିକ ଶକ୍ତି ଉତ୍ସକୁ ସେମାନେ ପୂଜା କରୁଥିଲେ ବୋଲି ଜଣାଯାଏ । ପ୍ରାଚୀନ ଆର୍ଯ୍ୟ ସାହିତ୍ୟରେ ଏହି ବିଶ୍ୱାସ ସାରତତ୍ତ୍ୱ ରୂପେ କିଛିକାଂଶରେ ପ୍ରକାଶିତ । ଆର୍ଯ୍ୟମାନଙ୍କର ଧର୍ମ ବିଶ୍ୱାସ ଓ ଅଭ୍ୟାସ ସମ୍ବନ୍ଧରେ ଋଗ୍‌ବେଦରୁ ଜଣାଯାଏ । ସେମାନେ ଇନ୍ଦ୍ର, ବରୁଣ, ଅଗ୍ନି, ସୂର୍ଯ୍ୟ ଓ ରୁଦ୍ରଙ୍କ ପରି ଅନେକ ଦେବତାଙ୍କୁ ବିଶ୍ୱାସ କରୁଥିଲେ । ଦେବତାମାନଙ୍କ ସମ୍ମାନାର୍ଥେ ଅଗ୍ନିକୁ ଭୋଗ ଏବଂ ବିଧି ଅନୁସାରେ ଖାଦ୍ୟ ପାନୀୟ ଅର୍ପଣ କରାଯାଉଥିଲା । ଏହା ତାଙ୍କର ମୁଖ୍ୟ ଧାର୍ମିକ କାର୍ଯ୍ୟ ଥିଲା । ସାମବେଦ ଏବଂ ଯଜୁର୍ବେଦରେ ଭୋଗ ଅର୍ପଣ ପ୍ରକ୍ରିୟାର ବିଭିନ୍ନ ଦିଗକୁ ବିଶଦ ଭାବରେ ଲେଖାଯାଇଛି । ଏହି ଧର୍ମ ଅନୁଷ୍ଠାନ ଆହୁରି ଅଧିକ ବର୍ଣ୍ଣିତ ହୋଇଛି ବ୍ରାହ୍ମଣରେ । ପ୍ରାକୃତିକ ବିଷୟବସ୍ତୁ (ଝରଣା, ପାହାଡ଼, ପବନ, ଗଛ ଇତ୍ୟାଦି) ପ୍ରତି ଥିବା ବିଶ୍ୱାସ କଥା ଅଥର୍ବ ବେଦରେ ଅତି ପ୍ରାଞ୍ଜଳ ଭାବରେ ଲେଖାଯାଇଛି । ଧର୍ମାଧ୍ୟକ୍ଷମାନେ ବୈଦିକ ଅନୁଷ୍ଠାନଗୁଡ଼ିକର ଉପଯୋଗୀତା ଏବଂ ସୁପରିଣାମ ପ୍ରତି ସନ୍ଦେହ କରୁଥିଲେ । ଏକେଶ୍ୱରବାଦ ବହୁ ଈଶ୍ୱରବାଦ ଯଥାର୍ଥତା ପ୍ରମାଣ କରିବାକୁ ଦାବି କରିଥିଲା ଏବଂ ଏକମାତ୍ର ଶାଶ୍ୱତ ଅସ୍ତିତ୍ୱଙ୍କ ନାମ ଦେବାର ବିଭିନ୍ନ ବାଟ ଭାବରେ ବିଭିନ୍ନ ଦେବା ଦେବୀଙ୍କ ପରିଚୟ ଦିଆଯାଇଥିଲା ।

ବୈଦିକ ସାହିତ୍ୟର ଆରଣ୍ୟକ ଏବଂ ଉପନିଷଦ ବିଭାଗଗୁଡ଼ିକ ଏକ ଉନ୍ନତ ଦୃଷ୍ଟିଭଙ୍ଗୀ କଳ୍ପନା କରିଥିଲେ । ଉପନିଷଦଗୁଡ଼ିକ ପ୍ରଥମେ ଲେଖାଯାଇଥିଲା ଏବଂ ଧର୍ମର ତାତ୍ତ୍ୱିକ ଦିଗକୁ ପ୍ରଥମେ ପ୍ରୋତ୍ସାହନ ଦେଇଥିଲେ । ପରବର୍ତ୍ତୀ ସମୟରେ ତାହାକୁ ଅଗ୍ରଗଣ୍ୟ ଧାର୍ମିକ ବ୍ୟକ୍ତି ତଥା ସଂସ୍କାରକଗଣ ପ୍ରୟୋଗ କରିଥିଲେ । ସେମାନଙ୍କ ମଧ୍ୟରୁ କେତେକ ପ୍ରଚଳିତ ପ୍ରଥା ଅନୁକରଣ କରିଥିବା ବେଳେ ଆଉ କେତେକ ଅଣପରମ୍ପରାଗତ ପଥରେ ଆଗେଇ ଯାଇଥିଲେ ।

- ଭାରତ କେତେ ଯୁଗଧରି ମୌଳିକ ସମସ୍ୟା ଏବଂ ଚିନ୍ତାଧାରାକୁ ଜାବୁଡ଼ି ଧରିବାକୁ ଚେଷ୍ଟା କରିଥିଲା । ଭାରତରେ ସର୍ବୋଚ୍ଚ ସତ୍ୟ ପାଇଁ ଅନୁସନ୍ଧାନ ସହିତ ଦର୍ଶନ ଶାସ୍ତ୍ର ଜନ୍ମ ନେଲା । ଏହା ଉନ୍ନତ ବ୍ୟକ୍ତିତ୍ୱ ଗଢ଼ି ତୋଳିଥିଲେ ଏବଂ ସର୍ବୋଚ୍ଚ ସ୍ୱାଧୀନତା, ପରମାନନ୍ଦ ଓ ଜ୍ଞାନର ପଥ ଖୋଲି ଦେଇଥିଲା । ତେଣୁ ଏହା ଏକ ଦାର୍ଶନିକ ନିୟନ୍ତ୍ରିତ ଉଦ୍ଦେଶ୍ୟ ଦାବି କରିବା ସଙ୍ଗେ ସଙ୍ଗେ ଆଚରଣଗତ ନିୟନ୍ତ୍ରଣ, ନିୟନ୍ତ୍ରିତ ଭାବ ପ୍ରବଣତା ଏବଂ ଉତ୍ତେଜନା ମଧ୍ୟ ଦାବି କରିଥିଲା ।
- ଏହିପରି ଗଭୀର ଦାର୍ଶନିକ ପରୀକ୍ଷା ନିରୀକ୍ଷା ସହିତ ଉତ୍ତୁଙ୍ଗ ଆଧ୍ୟାତ୍ମିକ ନିୟନ୍ତ୍ରଣର ସଂଯୋଗୀକରଣ ଭାରତୀୟ ଦର୍ଶନ ଶାସ୍ତ୍ରର ଏକ ବିଶେଷଗୁଣ । ଏହା ପାଶ୍ଚାତ୍ୟ ଦର୍ଶନ ଶାସ୍ତ୍ରର ଦୃଷ୍ଟିଭଙ୍ଗୀଠାରୁ ସମ୍ପୂର୍ଣ୍ଣ ଅଲଗା ।
- ଏହା, ଆଶାକରାଯାଏ ଯେ, ଏକ ପ୍ରାଚୀନ ଜାତିର ଆଧ୍ୟାତ୍ମିକ ଉଚ୍ଚାଭିଳାଷକୁ ସରଳ କରିଥିବ । ଆହୁରି ମଧ୍ୟ ଏହା ଆଧୁନିକ ଜଗତ ପ୍ରତି ଉଚ୍ଚାଭିଳାଷର ପ୍ରାସଙ୍ଗିକତା ଦେଖାଏ । ଏହିପରି ଏହା ମଣିଷର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ଏକ ସର୍ବଜନୀନ ସମନ୍ୱୟ ମଧ୍ୟରେ ଥିବା ଶକ୍ତିଶାଳୀ ସମ୍ପର୍କକୁ ଦର୍ଶାଏ ।

- ଭାରତରେ ଦର୍ଶନ ଏକ କଳ୍ପନାର ପଦାର୍ଥ ନୁହେଁ, ବରଂ ଏହା ଏକ ସିଧାସଳଖ ଏବଂ ପ୍ରତ୍ୟକ୍ଷ ବ୍ୟକ୍ତିଗତ ଅନୁଭୂତି ।
- ସିଏ ହେଉଛି ଏକ ପ୍ରକୃତ ଦାର୍ଶନିକ ଯାହାର ଜୀବନ ଓ ଚଳଣୀ ସେ ଦେଉଥିବା ଶିକ୍ଷାର ପ୍ରମାଣ ।

## ୮.୩ ଅଣପାରମ୍ପରିକ ଧାର୍ମିକ ଆନ୍ଦୋଳନ

ଯୀଶୁଖ୍ରୀଷ୍ଟଙ୍କ ପୂର୍ବର ପ୍ରଥମ ସହସ୍ରାବ୍ଦ ମଧ୍ୟଭାଗରେ ଧର୍ମ ଆନ୍ଦୋଳନ ମହାବୀର ଏବଂ ବୁଦ୍ଧଙ୍କ ପରି ବ୍ୟକ୍ତିତ୍ୱଙ୍କ ସହିତ ସଂଶ୍ଳିଷ୍ଟ ହୋଇଥିଲା । ସେହି ଆନ୍ଦୋଳନ ଅଣପାରମ୍ପରିକ ଶ୍ରେଣୀଭୁକ୍ତ ଥିଲା । ସେହି ସମୟରେ ଆହୁରି ଅନେକ ଧର୍ମ ବିଶ୍ୱାସ ମଧ୍ୟ ରହିଥିଲା । ସେହି ନୀତିଶିକ୍ଷାଗୁଡ଼ିକ ବୈଦିକ ପ୍ରଥାଠାରୁ ଭିନ୍ନ ଥିଲା । ସେମାନେ ବେଦର ଅଲୌକିକ ଉତ୍ସକୁ ଅଣଦେଖା କରିଥିଲେ । ବୈଦିକ ମୁନି ଋଷିମାନେ ବ୍ରାହ୍ମଣ ଥିଲେ । କିନ୍ତୁ ଏହି ନୂଆ ଶିକ୍ଷକମାନଙ୍କ ମଧ୍ୟରୁ ଅନେକ କ୍ଷତ୍ରିୟ ଥିଲେ । ଉଭୟ ବୌଦ୍ଧ ଓ ଜୈନ ଧର୍ମର ବିଶ୍ୱାସରେ ନାସ୍ତିକତା ରହିଥିଲା । ଯାହାହେଉ ବୌଦ୍ଧ ଧର୍ମ କର୍ମବିଧି ଉପରେ ଥିବା ବିଶ୍ୱାସକୁ ସମର୍ଥନ କରୁଥିଲା । ଏହା ପୁନର୍ଜନ୍ମରେ ବିଶ୍ୱାସ ରଖୁଥିଲା । ମନୁଷ୍ୟ ଜୀବନରେ ଦୁଃଖ ଅବଶ୍ୟମ୍ଭାବୀ – ଏହିପରି ଦୃଷ୍ଟିକୋଣ ଉପନିଷଦରେ ମଧ୍ୟ ଦେଖାଯାଏ ।

## ୮.୪ ଆସ୍ତିକତା ଧର୍ମ

ଧର୍ମରେ ଆସ୍ତିକତାବାଦ ଏବଂ ନାସ୍ତିକତାବାଦ ସମାନ୍ତରାଳ ଭାବରେ ବିକଶିତ ହୋଇଥିଲା । ଏହି ଧର୍ମର ପ୍ରମୁଖ ଦେବା ଦେବୀ ବୈଦିକ ଧର୍ମର ଦେବାଦେବୀ ନଥିଲେ । ସେମାନେ ଅଣପାରମ୍ପରିକ ଉତ୍ସରୁ ଆସିଥିଲେ । ପୂର୍ବ ବୈଦିକ ଏବଂ ପର ବୈଦିକ ସମୟର ଲୋକକଥାଗୁଡ଼ିକର ପ୍ରଭାବ ଏଥିରେ ସୁସ୍ପଷ୍ଟ । ବ୍ୟକ୍ତିଗତ ଦେବତାଙ୍କ ପ୍ରତି ଭକ୍ତି ହିଁ ଏହି ଧର୍ମ ବିଶ୍ୱାସକୁ ପ୍ରବର୍ତ୍ତାଇ ଥିଲା । ଏହା ଧର୍ମରେ ବିଭିନ୍ନ ପ୍ରକାର ଭେଦକୁ ଜନ୍ମ ଦେଲା, ଯଥା ବୈଷ୍ଣବ, ଶୈବ ଓ ଶାକ୍ତ । ଧର୍ମରେ ଏହି ବିଭିନ୍ନତା ପାରମ୍ପରିକ ବ୍ରାହ୍ମଣ୍ୟ ଧର୍ମର ଉପାଂଶ ଭାବରେ ପରିଗଣିତ ହେଲା । ସମୟକ୍ରମେ ଧର୍ମରେ ଏହି ପ୍ରକାର ଭେଦ ଲୋକପ୍ରିୟ ବୌଦ୍ଧ ଓ ଜୈନଧର୍ମ ଉପରେ ଉଲ୍ଲେଖଯୋଗ୍ୟ ପ୍ରଭାବ ପକାଇଲା ।

## ୮.୫ ଜନସାଧାରଣଙ୍କ ପୂଜା ପଦ୍ଧତି

ଯକ୍ଷ, ନାଗ ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜା ପ୍ରାଚୀନ ଧର୍ମ ବିଶ୍ୱାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ସେଥିରେ ଭକ୍ତି ଭାବର ଏକ ପ୍ରମୁଖ ଭୂମିକା ଥିଲା । ପ୍ରାଚୀନ ସାହିତ୍ୟ ଏବଂ ପ୍ରତ୍ନତତ୍ତ୍ୱରୁ ଏହାର ବଳିଷ୍ଠ ପ୍ରମାଣ ମିଳେ ।

**ବାସୁଦେବ କୃଷ୍ଣଙ୍କ ପୂଜା :** – ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ'ର ଏକ ସୂତ୍ରରେ ବାସୁଦେବ (କୃଷ୍ଣ)ଙ୍କ ପୂଜକମାନଙ୍କ ସମ୍ବନ୍ଧରେ ଉଲ୍ଲେଖ ଅଛି । ଛାନ୍ଦୋଗ୍ୟ ଉପନିଷଦ ମଧ୍ୟ ଦେବକୀ ପୁତ୍ର କୃଷ୍ଣଙ୍କ କଥା କହେ ଏବଂ ସେ ସୂର୍ଯ୍ୟ ଉପାସକ ସନ୍ୟାସୀ ଘୋର ଅଙ୍ଗୀରସଙ୍କ ଶିଷ୍ୟ ମଧ୍ୟ ଥିଲେ । ଏକ ବିଶାଳ ଜନତା ବାସୁଦେବ କୃଷ୍ଣଙ୍କୁ ନିଜ ବ୍ୟକ୍ତିଗତ ଦେବତା ଭାବରେ ପୂଜା କରୁଥିଲେ ଏବଂ ସେମାନେ ପ୍ରଥମେ 'ଭାଗବତ' ନାମରେ ଜଣାଶୁଣା ଥିଲେ । ବିଷ୍ଣୁ (ସୂର୍ଯ୍ୟଙ୍କର ଏକ ରୂପ) ଏବଂ ନାରାୟଣ (ଜଣେ ମହାଜାଗତିକ ଈଶ୍ୱର) ମଧ୍ୟ ବାସୁଦେବ – ଭାଗବତ ପୂଜା ପଦ୍ଧତିର ଅନ୍ତର୍ଭୁକ୍ତ । ଗୁପ୍ତ ସାମ୍ରାଜ୍ୟର ଶେଷ ଭାଗରୁ ଏହି ପୂଜା ପଦ୍ଧତି ବୈଷ୍ଣବ ନାମରେ ନାମିତ ହୋଇଥିଲା ଏବଂ ବୈଦିକ ବିଷ୍ଣୁଙ୍କର ବିଭିନ୍ନ 'ଅବତାର' ଉପରେ ଗୁରୁତ୍ୱ ଦେଇଥିଲା ।





## ୮.୬ ଦାକ୍ଷିଣାତ୍ୟର ବୈଷ୍ଣବ ଆନ୍ଦୋଳନ

ଗୁପ୍ତ ସାମ୍ରାଜ୍ୟର ଶେଷ ଭାଗରୁ ଉନବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧି ପର୍ଯ୍ୟନ୍ତ, ବୈଷ୍ଣବ ଆନ୍ଦୋଳନ ମୁଖ୍ୟତଃ ଦକ୍ଷିଣ ଭାରତ ସହିତ ଜଡ଼ିତ ଥିଲା । ବିଷ୍ଣୁଭକ୍ତ କବିମାନେ (ତାମିଲରେ ଅଲଭରସ ନାମରେ ଜଣାଶୁଣା) ଭଗବାନ ବିଷ୍ଣୁଙ୍କ ପ୍ରତି ଏକାତ୍ମଭକ୍ତି (ଏକାତ୍ମିକା ଭକ୍ତି) ଶିଖାଇଥିଲେ । ସେମାନଙ୍କ ଗୀତଗୁଡ଼ିକ 'ପ୍ରବନ୍ଧ' ନାମରେ ଜଣାଶୁଣା ।

## ୮.୭ ଶୈବ ଧର୍ମ

ବୈଷ୍ଣବ ଧର୍ମପରି ଶୈବ ଧର୍ମର ଉତ୍ପତ୍ତି ମଧ୍ୟ ଅତି ପ୍ରାଚୀନ କାଳରୁ ହୋଇଥିଲା । ପାଣିନୀ ଶିବଉପାସକଙ୍କର ଏକ ଗୋଷ୍ଠୀ, ଶିବ-ଭାଗବତ, ସମ୍ବନ୍ଧରେ ସୂଚନା ଦେଇଛନ୍ତି । ସେମାନେ ହାତରେ ଲୌହ ତ୍ରିଶୂଳ ଓ ଗଦା ଧାରଣ କରିଥାନ୍ତି ଏବଂ ଚର୍ମବସ୍ତ୍ର ପରିଧାନ କରିଥାନ୍ତି ।

ଦାକ୍ଷିଣାତ୍ୟରେ ଶୈବ ଆନ୍ଦୋଳନ : ତାମିଲରେ ନାୟନାର (ଶିବଭକ୍ତ) ନାମରେ ୬୩ ଜଣ ସନ୍ୟାସୀଙ୍କ କାର୍ଯ୍ୟାବଳୀ ଦ୍ୱାରା ଶୈବ ଆନ୍ଦୋଳନ ବୃଦ୍ଧି ପାଇଥିଲା । ସେମାନଙ୍କର ପ୍ରଭାବଶାଳୀ ଓ ଉତ୍ତେଜକ ଗୀତଗୁଡ଼ିକୁ ତାମିଲ ଭାଷାରେ 'ତେଭାରମ ସ୍ତୋତ୍ର' ତଥା 'ଦ୍ରାବିଡ଼ ବେଦ ବୋଲି କୁହାଯାଉଥିଲା । ଉତ୍ସବ କାଳରେ ସ୍ଥାନୀୟ ଶିବ ମନ୍ଦିରମାନଙ୍କରେ ଏହା ଗାନ କରାଯାଉଥିଲା । ସବୁ ଜାତି ଲୋକମାନଙ୍କ ମଧ୍ୟରୁ 'ନାୟନାର' (ଶିବଭକ୍ତ)ମାନେ ଉତ୍ପନ୍ନ ହୋଇଥିଲେ । ବହୁ ସଂଖ୍ୟକ ଶୈବ ବୁଦ୍ଧିଜିବୀଗଣ ଏହାର ପରିପୂରକ ଥିଲେ ଏବଂ ସେମାନେ 'ଆଗାମାନ୍ତା', 'ସୁଧା' ଏବଂ 'ବୀରା' ପରି ବିଭିନ୍ନ ଶୈବ ଆନ୍ଦୋଳନ ସହିତ ଜଡ଼ିତ ଥିଲେ ।

> ଦର୍ଶନ ଶାସ୍ତ୍ର ଏକ ସରଳ ମତବାଦ ପ୍ରକାଶ କରିବା ଉଚିତ ଏବଂ ତାହାର ମୌଳିକ ଉପାଦାନଗୁଡ଼ିକୁ ଯାହାର ମୀମାଂସା ବିଜ୍ଞାନ ପାଖରେ ନାହିଁ, ବୁଝାଇ ଦେବା ଉଚିତ । ଦର୍ଶନ ଶାସ୍ତ୍ର ଏକାଧାରରେ ବିଜ୍ଞାନର ସର୍ବଶେଷ ନିଷ୍ପତ୍ତିଗୁଡ଼ିକ ସହିତ ଐକ୍ୟ ସ୍ଥାପନ କରିବା ସହିତ ଏକ ସାର୍ବଜନୀନ ଧର୍ମ, ଯାହା କୌଣସି ସାମ୍ପ୍ରଦାୟିକ ମତବାଦ ଦ୍ୱାରା ସିମୀତ ହୋଇ ନଥାଏ ସ୍ଥାପନ କରିବା ଉଚିତ ।
>
> ଯେତେବେଳେ ଆମେ ଦର୍ଶନ ଶାସ୍ତ୍ରକୁ ବିଜ୍ଞାନ ଭାବରେ ଗ୍ରହଣ କରୁ, ତାହା ଆମ ଚିନ୍ତାଧାରାଗୁଡ଼ିକୁ ଏକ ଶୃଙ୍ଖଳିତ ପ୍ରଣାଳୀ ଭିତରେ ରଖିବା ପରି ହୁଏ । ଆହୁରି ମଧ୍ୟ ଆମ ଚିନ୍ତାଧାରାଗୁଡ଼ିକ ସେହି ଶୃଙ୍ଖଳିତ ପ୍ରଣାଳୀର ବିରୁଦ୍ଧାଚରଣ କରେ ନାହିଁ । ସମସ୍ତ ମତବାଦଗୁଡ଼ିକ ଯୁକ୍ତିସଙ୍ଗତ ହୋଇଯାଏ ।
>
> **ବିଜ୍ଞାନ ଅର୍ଥ ଜ୍ଞାନ** – ଯାହା ଆଂଶିକ ଭାବରେ ଏକୀଭୂତ ହୁଏ । କିନ୍ତୁ ତାହା ହେଉଛି ଏକ ଜ୍ଞାନ ଯାହା ସମ୍ପୂର୍ଣ୍ଣ ଭାବରେ ଏକୀଭୂତ ହୁଏ । ଯାହା ଜ୍ଞାତବ୍ୟ ନୁହେଁ ତାହା ଜ୍ଞାତବ୍ୟର ଉର୍ଦ୍ଧରେ । କିନ୍ତୁ ସେହି ଅଜ୍ଞେୟ ପରିସର (ରାଜ୍ୟ) ଭିତରେ ହିଁ ଆତ୍ମାର ପ୍ରକୃତି, ସ୍ୱର୍ଗ, ଈଶ୍ୱର ସମ୍ବନ୍ଧୀୟ ସମସ୍ତ ମୌଳିକ ସତ୍ୟର ସମାଧାନ ନିହିତ ।
>
> – ହରିବର୍ଟ ସ୍ପେନସର

## ୮.୮ ସଂଖ୍ୟାଲଘୁ ଧାର୍ମିକ ଆନ୍ଦୋଳନ

ଅନ୍ୟ ଦୁଇଟି ବ୍ରାହ୍ମଣ୍ୟ ଧର୍ମ ଉପାସନାର ମାର୍ଗ ଯେପରି ଗୁରୁତ୍ୱପୂର୍ଣ୍ଣ ଥିଲା । ଶକ୍ତି ଏବଂ ସୂର୍ଯ୍ୟ ଉପାସନା ସେପରି ଗୁରୁତ୍ୱପୂର୍ଣ୍ଣ ନଥିଲା । ବୈଦିକ ଯୁଗର ପୂର୍ବ ସମୟରେ ଈଶ୍ୱରଙ୍କ ନାରୀସତ୍ତା ଗଭୀର ସମ୍ମାନ ପାଇଥିଲା । ବୈଦିକ ଯୁଗରେ ସେ ଅଲୌକିକ (ଐଶ୍ୱରିକ) ମାତା, ପ୍ରାଚୁର୍ଯ୍ୟର ଦେବୀ ଏବଂ ମାତୃଶକ୍ତି ରୂପରେ ଅତ୍ୟନ୍ତ ସମ୍ମାନିତ

ହୋଇଥିଲେ । ଯାହାହେଉ, ଏକାଧିକାରୀ ଦେବୀ ଉପାସନାକାରୀ ସୂଚନା ବହୁଦିନ ପର୍ଯ୍ୟନ୍ତ ମିଳିନଥିଲା । ପୂର୍ବରୁ ସୂଚୀତ ହୋଇଛି ଯେ ଅତି ପ୍ରାଚୀନକାଳରୁ ଭାରତରେ ସୂର୍ଯ୍ୟ ଅତ୍ୟନ୍ତ ସମ୍ମାନିତ ହୋଇଛନ୍ତି । ପୌରାଣିକ ମହାକାବ୍ୟରେ ଥିବା ଉପାଖ୍ୟାନ ଅନୁସାରେ ସୂର୍ଯ୍ୟ ଏବଂ ତାଙ୍କର ବିଭିନ୍ନ ରୂପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଖ୍ରୀଷ୍ଟିୟାନ ଯୁଗର ପ୍ରଥମ ଭାଗରେ ପୂର୍ବ ଇରାନୀ ସୂର୍ଯ୍ୟ ଉପାସନା ପଦ୍ଧତି ଉତ୍ତର ଭାରତରେ ପରିଚିତ ହୋଇଥିଲା । କିନ୍ତୁ ଏକ ବିଳମ୍ବିତ ସମୟରେ ଭଗବାନ ଧାର୍ମିକ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ରୂପେ ଅଳଙ୍କୃତ ହୋଇଥିଲେ ।

## ପାଠଗତ ପ୍ରଶ୍ନାବଳୀ ୮.୧

୧. ବୈଦିକ ସାହିତ୍ୟର କେଉଁ ବିଭାଗଗୁଡ଼ିକ ଏକ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ପୋଷଣ କରିଥିଲା ?

___

୨. ବୌଦ୍ଧଧର୍ମ କେଉଁ ମତବାଦକୁ ସମର୍ଥନ କରିଥିଲା ?

___

୩. ବୌଦ୍ଧଧର୍ମ ଏବଂ ଜୈନଧର୍ମକୁ ଲୋକପ୍ରିୟ କରାଇଥିବା ସମ୍ପ୍ରଦାୟର ନାମ ଲେଖ ।

___

୪. ବୈଦିକ ଯୁଗ କିପରି ନାରୀ ସତ୍ତାକୁ ସମ୍ମାନ ଦେଇଥିଲା ?

___

୫. ଶୈବ ଆନ୍ଦୋଳନର ଭିନ୍ନ ଭିନ୍ନ ରୂପଗୁଡ଼ିକ କ'ଣ ?

___

## ୮.୯ ବୈଦିକ ଦର୍ଶନ

ଋଗ୍ ବୈଦିକ ଲୋକମାନଙ୍କର ଧର୍ମ ପଦ୍ଧତି ଖୁବ୍ ସରଳ ଥିଲା । ସେମାନେ ପ୍ରାର୍ଥନା ମାଧ୍ୟମରେ ପ୍ରକୃତିର ବିଭିନ୍ନ ପଦାର୍ଥକୁ ଦେବା ଦେବୀ ରୂପରେ ପୂଜା କରୁଥିଲେ । ବୈଦିକଯୁଗର ପରବର୍ତ୍ତୀ କାଳରେ 'ଆତ୍ମା'ର ପ୍ରକୃତି ଏବଂ ମହାଜାଗତିକ ନିୟମ 'ବ୍ରହ୍ମ' ଯାହା ସର୍ବଶେଷ ବାସ୍ତବତାର ସତ୍ୟତା ଉପରେ ଧାରଣା ବିକଶିତ ହେଲା । 'ଆତ୍ମା' ଏବଂ 'ବ୍ରହ୍ମ' ହିଁ ଚିରନ୍ତନ ସତ୍ୟ । ଏହି ବୈଦିକ ଦାର୍ଶନିକ ତତ୍ତ୍ୱ, ପରେ ଷଡ଼ ଦର୍ଶନ ନାମରେ ଛଅଟି ଭିନ୍ନ ଭିନ୍ନ ଦାର୍ଶନିକ ଗୋଷ୍ଠୀକୁ ଜନ୍ମ ଦେଲା । ବେଦର ଏହି ପ୍ରଚଳିତ ପ୍ରଥାକୁ ସେମାନେ ସମସ୍ତେ ଶେଷ ସତ୍ୟ ଭାବରେ ଗ୍ରହଣ କରିଥିଲେ । ଚାଲ ଏଥର ଆମେ ଭାରତୀୟ ଦର୍ଶନର ଏହି ଛଅଟି ଗୋଷ୍ଠୀ ସମ୍ବନ୍ଧରେ ଅଧିକ ଜାଣିବା ।

**ସାଂଖ୍ୟ ପଦ୍ଧତି :** 'ପ୍ରକୃତି' ଓ 'ପୁରୁଷ' ଏହି ଦୁଇଟି ମୌଳିକ ସତ୍ୟ ଉପରେ ସାଂଖ୍ୟ ଦର୍ଶନ ଆଧାରିତ । ପ୍ରକୃତି ଓ ପୁରୁଷ ସମ୍ପନ୍ନ ଭାବରେ ମୁକ୍ତ ଏବଂ ସ୍ୱୟଂସମ୍ଭୂତ । ସାଂଖ୍ୟ ପଦ୍ଧତି ଅନୁସାରେ 'ପୁରୁଷ' କେବଳ ଏକ ଚେତନା ଯାହା ଅପରିବର୍ତ୍ତନୀୟ । ଅନ୍ୟ ପକ୍ଷରେ 'ପ୍ରକୃତି' ର ତିନୋଟି ବୈଶିଷ୍ଟ୍ୟ (ବିଶେଷ ଗୁଣ) ରହିଛି । ଏହି ବୈଶିଷ୍ଟ୍ୟର ଚିନ୍ତା, ଗତି ଏବଂ ରୂପ ପରିବର୍ତ୍ତନ ସକଳ ପଦାର୍ଥରେ ପରିବର୍ତ୍ତନ ଆଣେ । ସାରା ଜଗତର ସର୍ଜନାକୁ ବୁଝାଇବାକୁ ଯାଇ ସାଂଖ୍ୟ ଦର୍ଶନ 'ପୁରୁଷ' ଏବଂ 'ପ୍ରକୃତି' ମଧ୍ୟରେ ଏକ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରିଛି । କପିଳ ମୁନୀ ଏହି ସାଂଖ୍ୟ ଦର୍ଶନ ପ୍ରଚଳନ କରିଥିଲେ । ସେ 'ସାଂଖ୍ୟ ସୂତ୍ର' ରଚନା କରିଥିଲେ । ପ୍ରକୃତରେ ସାଂଖ୍ୟ





ଦର୍ଶନ ହିଁ ବିବର୍ତ୍ତନବାଦର ଅସାଧାରଣ ନିୟମକୁ ବୁଝାଇଥିଲେ ଏବଂ ସେତେବେଳର ଚିନ୍ତାଶୀଳ ବ୍ୟକ୍ତିମାନେ ଉଠାଇଥିବା ସବୁ ପ୍ରଶ୍ନର ଉତ୍ତର ଦେଇଥିଲେ ।

**ଯୋଗ :** ଆକ୍ଷରିକ ଅର୍ଥରେ ଦୁଇ ମୁଖ୍ୟ ଅସ୍ତିତ୍ୱର ମିଳନକୁ 'ଯୋଗ' କୁହାଯାଏ । ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀ ପୂର୍ବରୁ ଲେଖାଯାଇଥିବା ପାତଞ୍ଜଳୀ ଯୋଗସୂତ୍ରରୁ ଏହା ଉଦ୍ଭବ ହୋଇଅଛି । ମାନସିକ ପ୍ରକ୍ରିୟାକୁ ଶୁଦ୍ଧ କରି ଏବଂ ନିୟନ୍ତ୍ରଣ କରି, ଯୋଗ ଶୃଙ୍ଖଳିତ ଭାବରେ ପୁରୁଷକୁ ପ୍ରକୃତିଠାରୁ ମୁକ୍ତ କରେ । ଯୌଗିକ କୌଶଳଗୁଡ଼ିକ ଶରୀର, ମନ ଏବଂ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରେ । ଏହିପରି ଏହି ଦର୍ଶନକୁ ମୁକ୍ତିର ମାର୍ଗ ଭାବରେ ବିଚାର କରାଯାଏ । ଆତ୍ମ ନିୟନ୍ତ୍ରଣ (ଯମ)ର ଅଭ୍ୟାସ, ନୀତି ନିୟମର ପାଳନ (ନିୟମ) ସ୍ଥିରୀକୃତ ଅଙ୍ଗଭଙ୍ଗୀ (ଆସନ) ଶ୍ୱାସକ୍ରିୟାରେ ନିୟନ୍ତ୍ରଣ (ପ୍ରାଣାୟମ) ଦ୍ରବ୍ୟ ଚୟନ (ପ୍ରତ୍ୟାହାର) ଏବଂ ମନକୁ ସ୍ଥିର ରଖି (ଧାରଣ) ଚୟିତ ଦ୍ରବ୍ୟ ଉପରେ ମନକୁ କେନ୍ଦ୍ରୀଭୁତ କରିବା (ଧ୍ୟାନ) ଏବଂ ମନକୁ ଚୟିତ ଦ୍ରବ୍ୟ ସହିତ ମିଶାଇ ଦେଇ ଆତ୍ମବିସ୍ମୃତ ହୋଇଯିବା ଦ୍ୱାରା 'ମୁକ୍ତି' (ମୋକ୍ଷ) ପ୍ରାପ୍ତ ହୁଏ । ଯୋଗ ଈଶ୍ୱରଙ୍କୁ ଶିକ୍ଷକ ଏବଂ ମାର୍ଗ ଦର୍ଶକ ରୂପେ ସ୍ୱୀକାର କରେ ।

**ନ୍ୟାୟ ମତବାଦ :** ଯୁକ୍ତିସଙ୍ଗତ ଭାବରେ ଚିନ୍ତା କରିବାର କୌଶଳକୁ ନ୍ୟାୟ କୁହାଯାଏ । 'ନ୍ୟାୟ' ମତବାଦ ଅନୁସାରେ ଯଥାର୍ଥ ଜ୍ଞାନ ହିଁ ପ୍ରକୃତ ଜ୍ଞାନ । ତାହାହେଉଛି, ଜଣେ ଦ୍ରବ୍ୟକୁ ସେହିପରି ଜାଣେ ଯେଉଁପରି ତାହା ପରିଦୃଷ୍ଟ ହୁଏ । ଉଦାହରଣ ସ୍ୱରୂପ, ଜଣେ ସାପକୁ ସାପ ପରି ଜାଣେ, ଗୋଟିଏ କପ୍‌କୁ କପ୍ ପରି ଜାଣେ । 'ନ୍ୟାୟ' ଦର୍ଶନ ଅନୁସାରେ ଭଗବାନ ସାରା ଜଗତକୁ ସୃଷ୍ଟି କରନ୍ତି, ପାଳନ କରନ୍ତି ଏବଂ ସଂହାର କରନ୍ତି । ଗୌତମଙ୍କୁ ନ୍ୟାୟସୂତ୍ର ରଚୟିତା ବୋଲି କୁହାଯାଏ ।

**ବୈଶେଷିକା :** ବୈଶେଷିକା ମତବାଦକୁ ବିଶ୍ୱଜଗତର ବାସ୍ତବବାଦୀ ଏବଂ ବସ୍ତୁବାଦୀ ଦର୍ଶନ ଭାବରେ ଗଣନା କରାଯାଏ । ଏହି ମତବାଦ ଅନୁସାରେ ବାସ୍ତବତା ଅନେକ ପ୍ରକାରର ଅଟେ । ସେଗୁଡ଼ିକ ହେଉଛି – ସାରାଂଶ, ବୈଶିଷ୍ଟ୍ୟ, କାର୍ଯ୍ୟପ୍ରକ୍ରିୟା, ଶ୍ରେଣୀ (ପ୍ରକାର), ସ୍ୱତନ୍ତ୍ରଗୁଣ ଏବଂ ଅନ୍ତସ୍ଥିତି । ବୈଶେଷିକା ମତବାଦ ପୋଷଣ କରୁଥିବା ଚିନ୍ତାଶୀଳ ବ୍ୟକ୍ତିମାନେ ବିଶ୍ୱାସ କରନ୍ତି ଯେ ବିଶ୍ୱବ୍ରହ୍ମାଣ୍ଡର ସକଳ ପଦାର୍ଥ ୫ଟି ମୌଳିକ ଉପାଦାନକୁ ନେଇ ଗଠିତ । ଯଥା – ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ । ଈଶ୍ୱର ସବୁକିଛିକୁ ନିୟନ୍ତ୍ରଣ କରନ୍ତି ଏବଂ ସମସ୍ତଙ୍କର ପଥ ପ୍ରଦର୍ଶକ ଅଟନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି । ଜୀବନ୍ତ ପ୍ରାଣୀମାନେ ନିଜ କର୍ମ ଅନୁସାରେ ପୁରସ୍କୃତ ହୁଅନ୍ତି ଅଥବା ଦଣ୍ଡିତ ହୁଅନ୍ତି । ଏହାହିଁ କର୍ମର ନିୟମ । ଏହା ଉତ୍ତମ କର୍ମ ଏବଂ ମନ୍ଦ କର୍ମ ଉପରେ ପର୍ଯ୍ୟବସିତ । ଜଗତର ସୃଷ୍ଟି ଏବଂ ବିଲୟ ଏକ ଆବର୍ତ୍ତମାନ ପ୍ରକ୍ରିୟା, ଯାହା ଈଶ୍ୱରଙ୍କ ଇଚ୍ଛାରେ ସଂଘଟିତ ହୁଏ । ବୈଶେଷିକା ଦର୍ଶନର ମୌଳିକ ପ୍ରସଙ୍ଗ କାନଦ ରଚନା କରିଥିଲେ । ଏହି ପ୍ରସଙ୍ଗ ଉପରେ ଅନେକ ଗ୍ରନ୍ଥ ରଚିତ ହୋଇଥିଲା । କିନ୍ତୁ ୬ଷ୍ଠ ଶତାବ୍ଦୀରେ ପ୍ରଶସ୍ତ ପାଦ ଲେଖିଥିବା ପୁସ୍ତକ ସର୍ବୋତ୍କୃଷ୍ଟ । ବୈଶେଷିକା ଦର୍ଶନ ଗୋଷ୍ଠୀ ବିଶ୍ୱ ବ୍ରହ୍ମାଣ୍ଡର ଅସାଧାରଣତ୍ୱକୁ ପରମାଣବିକ ନିୟମ ଦ୍ୱାରା ବୁଝାଇଥିଲେ । ଆହୁରି ମଧ୍ୟ ପଦାର୍ଥରେ ଅଣୁ ଓ ପରମାଣୁର ମିଶ୍ରଣ ଏକ ସ୍ୱୟଂଚାଳିତ ପ୍ରକ୍ରିୟା, ଯାହା ଏହି ବିଶ୍ୱବ୍ରହ୍ମାଣ୍ଡକୁ ଗଠନ କରିଛି ବୋଲି ଏହି ଦର୍ଶନଗୋଷ୍ଠୀ ବୁଝାଇଛନ୍ତି ।

**ମୀମାଂସା :** ମୀମାଂସା ଦର୍ଶନ, ବେଦରେ ଥିବା 'ସଂହିତା' ଏବଂ 'ବ୍ରାହ୍ମଣ' ନାମକ ଅଂଶ ବିଶେଷର ବ୍ୟାଖ୍ୟା, ବିଶ୍ଳେଷଣ ଏବଂ ପ୍ରୟୋଗ ଉପରେ ପର୍ଯ୍ୟବସିତ । ମୀମାଂସା ଦର୍ଶନ ତତ୍ତ୍ୱ ଅନୁସାରେ ବେଦଗୁଡ଼ିକ ହେଉଛି ଶାଶ୍ୱତ ଓ ସକଳ ଜ୍ଞାନର ଭଣ୍ଡାର ଏବଂ ବେଦ ନିର୍ଦ୍ଧାରିତ କର୍ତ୍ତବ୍ୟଗୁଡ଼ିକର ସମ୍ପାଦନ କରିବା ହେଉଛି ଧର୍ମ । ଏହି ଦର୍ଶନ 'ନ୍ୟାୟ-ବୈଶେଷିକା' କାର୍ଯ୍ୟ ପଦ୍ଧତିକୁ ସୀମିତ କରିଦିଏ ଏବଂ ଯଥାର୍ଥ ଜ୍ଞାନ ତତ୍ତ୍ୱକୁ ଗୁରୁତ୍ୱ ଦିଏ । ଜୈମିନୀଙ୍କ ସୂତ୍ରଗୁଡ଼ିକ ହେଉଛି ଏହାର ମୁଖ୍ୟ ଦଲିଲ (ମୂଳଲେଖା) ଯାହା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ





ଲେଖାଯାଇଥିଲା । ଏହି ଧର୍ମ ସହିତ ସମ୍ପୃକ୍ତ ନାମ ହେଉଛି ସାବର ସ୍ୱାମୀ ଏବଂ କୁମାରୀଲା ଭଟ୍ଟ । ଜେମିନୀଙ୍କ ଅନୁସାରେ ଏହି ପଦ୍ଧତିର ସାରତତ୍ତ୍ୱ ହେଉଛି ଧର୍ମ, ଯାହା ହେଉଛି କର୍ମ ଅନୁଯାୟୀ ଫଳର ମାପକ । ଏହାହିଁ ନୈତିକତାର ନିୟମ ।

**ବେଦାନ୍ତ :** ବେଦାନ୍ତ, ଉପନିଷଦ ଦର୍ଶନ ତତ୍ତ୍ୱ ଯାହା ବେଦଗୁଡ଼ିକର ଶେଷ ପର୍ଯ୍ୟାୟକୁ ସୂଚିତ କରେ । ଶଙ୍କରାଚାର୍ଯ୍ୟ ଉପନିଷଦ, ବ୍ରହ୍ମସୂତ୍ର ଏବଂ ଭଗବତ ଗୀତା ଉପରେ ଟିପ୍ପଣୀ ଲେଖିଥିଲେ । ଶଙ୍କରାଚାର୍ଯ୍ୟଙ୍କ ବିବରଣୀ ତଥା ଦାର୍ଶନିକ ଦୃଷ୍ଟିଭଙ୍ଗୀ 'ଅଦ୍ୱୈତ ବେଦାନ୍ତ' ଭାବରେ ଜଣାଶୁଣା ହେଲା । ଆକ୍ଷରିକ ଅର୍ଥରେ ଯାହା ଦ୍ୱୈତ ନୁହେଁ ତାହା ଅଦ୍ୱୈତ । ଏହା ଏକେଶ୍ୱରବାଦକୁ ହିଁ ବୁଝାଏ । ଶଙ୍କରାଚାର୍ଯ୍ୟ ବୁଝାଇଥିଲେ ଯେ ସର୍ବଶେଷ ହେଉଛି ଗୋଟିଏ, ତାହାହିଁ 'ବ୍ରହ୍ମ' ।

ବେଦାନ୍ତ ଦର୍ଶନ ଅନୁସାରେ – 'ବ୍ରହ୍ମ' ସତ୍ୟ, 'ଜଗତ' ମିଥ୍ୟା, 'ସ୍ୱୟଂ' ଏବଂ 'ବ୍ରହ୍ମ' ଅଭିନ୍ନ ଅଟନ୍ତି । ଶଙ୍କରାଚାର୍ଯ୍ୟ ବିଶ୍ୱାସ କରନ୍ତି ଯେ ବ୍ରହ୍ମହିଁ ବାସ୍ତବ, ଅପରିବର୍ତ୍ତନୀୟ, ସର୍ବୋଚ୍ଚ ସତ୍ୟ ଏବଂ ସର୍ବଶେଷ ଜ୍ଞାନ । ଆହୁରି ମଧ ସେ ବିଶ୍ୱାସ କରନ୍ତି ଯେ 'ବ୍ରହ୍ମ' ଏବଂ 'ଆତ୍ମା' (ଆତ୍ମା, ସ୍ୱୟଂ) ଅଭିନ୍ନ ଅଟନ୍ତି । ବ୍ରହ୍ମଜ୍ଞାନ ହେଉଛି ସବୁକିଛିର ସାରତତ୍ତ୍ୱ । ବ୍ରହ୍ମ ହେଉଛି ସର୍ବଶେଷ ସ୍ଥିତି । ରାମାନୁଜ ହେଉଛନ୍ତି ଅଦ୍ୱୈତବାଦବିତ୍ ।

ବିଭିନ୍ନ ଦାର୍ଶନିକ ଗୋଷ୍ଠୀମାନଙ୍କ ମଧ୍ୟରେ ଗୋଟିଏ ଦର୍ଶନ ଦେଖିବାକୁ ମିଳେ, ଯାହା ମନୁଷ୍ୟ ଚିନ୍ତାଶକ୍ତିର ସର୍ବୋଚ୍ଚ ଶିଖରରେ ପହଞ୍ଚିପାରିଛି, ତାହାହେଉଛି ବେଦାନ୍ତ ଦର୍ଶନ । ବେଦାନ୍ତ ଦର୍ଶନ ପ୍ରତୀୟମାନ ହେଉଥିବା ଅହଂର ଉପସ୍ଥାପନାକୁ ମନା କରିଛି । ଏହି ପରିପ୍ରେକ୍ଷିରେ ଦର୍ଶନ ଶାସ୍ତ୍ର ଇତିହାସରେ ବେଦାନ୍ତ ଦର୍ଶନ ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ।

ବେଦାନ୍ତ ଏକ ଦର୍ଶନ ଶାସ୍ତ୍ର ଏବଂ ଧର୍ମ ମଧ୍ୟ । ଦର୍ଶନ ଶାସ୍ତ୍ର ଭାବରେ ଏହା ସବୁ ଯୁଗର ଏବଂ ସବୁ ଦେଶର ସର୍ବୋତ୍ତମ ଦାର୍ଶନିକ ଏବଂ ପ୍ରଗତୀଶୀଳ ଚିନ୍ତାନାୟକମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ପରମସତ୍ୟକୁ ଅନ୍ତର୍ନିବେଶ କରାଇଛି । ବେଦାନ୍ତ ଦର୍ଶନ ଏହା ମଧ୍ୟ ଶିକ୍ଷା ଦିଏ ଯେ ବିଭିନ୍ନ ଧର୍ମର ପଥଗୁଡ଼ିକ ଭିନ୍ନ ଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳ ସମାନ । ବେଦାନ୍ତ (ବେଦଗୁଡ଼ିକର ଶେଷ ପର୍ଯ୍ୟାୟ) ଉପନିଷଦକୁ ଏହାର ଉତ୍ସ ଭାବରେ ଦର୍ଶାଯାଏ । ଏହା ସିଧାସଳଖ ବାସ୍ତବିକତାର ଉପଲବ୍ଧ ସହିତ ପ୍ରତ୍ୟେକ ବେଦର ଅନ୍ତିମ ପର୍ଯ୍ୟାୟରେ ଦେଖାଯାଏ ।

ପ୍ରତ୍ୟେକ କାର୍ଯ୍ୟ, ପ୍ରଭେଦ କରିବାର ସାମର୍ଥ୍ୟ ରଖୁଥିବା ବୋଧଶକ୍ତି ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ଏହାହିଁ ବେଦାନ୍ତ ଦର୍ଶନର ପ୍ରଧାନ ବାର୍ତ୍ତା । ମଣିଷର ମନ ଭୁଲ କରେ । କିନ୍ତୁ ବିଚାରଶକ୍ତି, ଏହା ଭୁଲକି ନୁହେଁ, ଆମକୁ ଜଣାଇ ଦିଏ । କାର୍ଯ୍ୟ କରୁଥିବା ବ୍ୟକ୍ତିକୁ, ବିଚାର ଶକ୍ତି ମାଧ୍ୟମରେ, ଜ୍ଞାନର ପରିସର ମଧ୍ୟରେ ପ୍ରବେଶ କରିବାକୁ ସମର୍ଥ କରେ । ଜଣେ ଯୋଗ, ଧ୍ୟାନ ଏବଂ ଭକ୍ତି ମାଧ୍ୟମରେ ଆଧ୍ୟାତ୍ମିକତା ମଧ୍ୟକୁ ଅଗ୍ରସର ହୋଇ ମଧ୍ୟ ପରିଶେଷରେ ତାହା ଅନ୍ତର୍ନିହିତ ବୋଧଶକ୍ତି, ମାନସିକ ପରିବର୍ତ୍ତନ ଏବଂ ଜ୍ଞାନାଲୋକ ପ୍ରାପ୍ତିରେ ରୂପାନ୍ତରିତ ହୋଇଥାଏ ।

## ୮.୧୦ ଚାର୍ବାକ ମତବାଦ

ବୃହସ୍ପତିଙ୍କୁ ଚାର୍ବାକ ମତବାଦର ପ୍ରତିଷ୍ଠାତା ବୋଲି ମନେ କରାଯାଏ । ଏହି ମତବାଦ ସମ୍ବନ୍ଧରେ ବେଦ ଓ ବୃହଦାରଣ୍ୟକ ଉପନିଷଦରେ ଲେଖାଅଛି । ଏହା ଦାର୍ଶନିକ ଜ୍ଞାନବିକାଶରେ ସର୍ବ ପ୍ରାଚୀନ ହୋଇଥିବା ମନେ କରାଯାଏ । ଏହି ମତବାଦରେ ବିଶ୍ୱାସ କରାଯାଏ ଯେ, 'ଜ୍ଞାନ' ଚାରୋଟି ଉପାଦାନର ସଂଯୋଗରୁ ଉତ୍ପନ୍ନ, ମୃତ୍ୟୁପରେ ଯାହାର ଚିହ୍ନ ରହେନାହିଁ । ଚାର୍ବାକ ଦର୍ଶନ ବସ୍ତୁବାଦରେ ବିଶ୍ୱାସ ରଖେ । ଏହା 'ଲୋକାୟତ' ଦର୍ଶନ ଭାବରେ ମଧ୍ୟ ଜଣାଶୁଣା (ଜନତାର ଦର୍ଶନ) ।

ଚାର୍ବାକଙ୍କ ମତରେ ଅନ୍ୟ ଜଗତ ନାହିଁ । ଯେହେତୁ ମୃତ୍ୟୁ ଜୀବନର ଶେଷକଥା, ତେଣୁ ଆନନ୍ଦ ହେଉଛି ଜୀବନର ଶେଷ ଅଭିପ୍ରାୟ । ଚାର୍ବାକ ବସ୍ତୁବାଦୀ ଜଗତ ଛଡ଼ା ଆଉ କିଛିର ଅବସ୍ଥିତିକୁ ଜାଣୁନଥିଲେ । ଯେହେତୁ ଈଶ୍ୱର, ଆତ୍ମା ଏବଂ ସ୍ୱର୍ଗକୁ ଦେଖିହୁଏ ନାହିଁ, ତେଣୁ ଚାର୍ବାକ ଏସବୁକୁ ଜାଣୁ ନଥିଲେ ବା ସ୍ୱୀକାର କରୁନଥିଲେ । ମୃତ୍ତିକା, ଜଳ, ଅଗ୍ନି, ବାୟୁ ଏବଂ ଆକାଶ ପଞ୍ଚ ମହାଭୂତ ମଧ୍ୟରୁ ଆକାଶ (ଇଥର)କୁ ଦେଖିହେଉ ନଥିବାରୁ ଚାର୍ବାକ ଆକାଶକୁ ସ୍ୱୀକାର କରୁନଥିଲେ । ତେଣୁ ସେମାନଙ୍କ ମତରେ, ସାରା ବିଶ୍ୱବ୍ରହ୍ମାଣ୍ଡ, ୪ଟି ଉପାଦାନରେ ଗଠିତ ।

## ୮.୧୧ ଜୈନ ଦର୍ଶନ

ଚାର୍ବାକଙ୍କ ପରି ଜୈନମାନେ ମଧ୍ୟ ବେଦରେ ବିଶ୍ୱାସ ରଖିନାହାଁନ୍ତି । କିନ୍ତୁ ସେମାନେ ଆତ୍ମାର ଅବସ୍ଥିତିକୁ ବିଶ୍ୱାସ କରନ୍ତି । ମନକୁ ନିୟନ୍ତ୍ରଣରେ ରଖିଲେ ଏବଂ ଉଚିତ ଜ୍ଞାନର ଅନୁସନ୍ଧାନ ଏବଂ ଦର୍ଶନ କଲେ ଏବଂ ଉଚିତ ଆଚରଣ ପାଳନ କଲେ ଯନ୍ତ୍ରଣାର ପରିସମାପ୍ତି ଘଟେ । ଜୈନ ତୀର୍ଥଙ୍କର ଋଷଭଦେବଙ୍କ ଦ୍ୱାରା ଜୈନ ଦର୍ଶନ ପ୍ରଥମେ ପ୍ରତିଷ୍ଠିତ ହେଲା । ଅଜିତ ନାଥ ଏବଂ ଅରିଷ୍ଟନେମୀ ମଧ୍ୟ ଋଷଭଦେବଙ୍କ ସହଯୋଗୀ ଥିଲେ । ବାସ୍ତବରେ ୨୪ (ଚବିଶ) ଜଣ ତୀର୍ଥଙ୍କର ଜୈନ ଦର୍ଶନ ପ୍ରତିଷ୍ଠା କରିଥିଲେ । ଜୈନ ଦର୍ଶନର ମୂଳଉତ୍ସ ଆଦିନାଥ ଥିଲେ ବୋଲି ପ୍ରଥମ ତୀର୍ଥଙ୍କର ହୃଦୟଙ୍ଗମ କରିଥିଲେ । ୨୪ତମ ତଥା ଶେଷ ତୀର୍ଥଙ୍କର ଥିଲେ ବର୍ଦ୍ଧମାନ ମହାବୀର, ଯିଏକି ଜୈନଧର୍ମକୁ ଅସାଧାରଣ ପ୍ରୋତ୍ସାହନ ଦେଇଥିଲେ । ଖ୍ରୀଷ୍ଟପୂର୍ବ ୫୯୯ ଶତାବ୍ଦୀରେ ମହାବୀର ଜନ୍ମଗ୍ରହଣ କରିଥିଲେ । ୩୦ ବର୍ଷ ବୟସରେ ସେ ସଂସାର (ସାଂସାରିକ ଜୀବନ) ତ୍ୟାଗ କରିଥିଲେ ଏବଂ ପ୍ରକୃତ ଜ୍ଞାନଲାଭ କରିବା ପାଇଁ ଏକ ଅତି କଠିନ ଜୀବନ ଯାପନ କରିଥିଲେ । ଜ୍ଞାନଲାଭ କରିବା ପରେ ସେ 'ମହାବୀର' ନାମରେ ନାମିତ ହେଲେ । 'ବ୍ରହ୍ମଚର୍ଯ୍ୟ' ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା ।

### ଜୈନ ଦର୍ଶନର ବାସ୍ତବବାଦୀ ସିଦ୍ଧାନ୍ତ : ୭ଟି ମୌଳିକ ଉପାଦାନ

ଜୈନ ଧର୍ମାବଲମ୍ବିମାନେ ବିଶ୍ୱାସ କରନ୍ତି ଯେ ୭ଟି ମୌଳିକ ଉପାଦାନ ଦ୍ୱାରା ଜଗତର ପ୍ରାକୃତିକ ଏବଂ ଅଲୌକିକ ବସ୍ତୁଗୁଡ଼ିକ ଚିହ୍ନିତ ହୋଇପାରିବେ । ସେଗୁଡ଼ିକ ହେଲା 'ଜୀବ', 'ଅଜୀବ', 'ଅସ୍ତିକାୟ', 'ବନ୍ଧ', 'ସମ୍ବର', 'ନିର୍ଜନ' ଏବଂ 'ମୋକ୍ଷ' । ସଂସାରରେ ଶରୀର ପରି ଉପାଦାନଗୁଡ଼ିକ ରହିଛି ଏବଂ ଏଗୁଡ଼ିକ ଏକ ଆବରଣ ପରି – ତାହାହେଉଛି 'ଅସ୍ତିକାୟ' । 'ଅନାସ୍ତିକାୟ' ଗୁଡ଼ିକ ହେଉଛି ସମୟ ଯାହାର କେହି ନାହାଁନ୍ତି । ଉପାଦାନ ହେଉଛି ଗୁଣାବଳୀର ଭିତ୍ତିଭୂମି । ଉପାଦାନରେ ଥିବା ଗୁଣାବଳୀ ହେଉଛି ଧର୍ମ । ଉପାଦାନରେ ଗୁଣଥିବା କଥା ଜୈନମାନେ ବିଶ୍ୱାସ କରନ୍ତି । ସେହି ଗୁଣଗୁଡ଼ିକ 'କାଳ'ର ଗତି ଅନୁସାରେ ପରିବର୍ତ୍ତିତ ହୁଅନ୍ତି । ସେମାନଙ୍କ ଦୃଷ୍ଟିରେ ପଦାର୍ଥ (ଉପାଦାନ)ର ଗୁଣଗୁଡ଼ିକ ଅପରିହାର୍ଯ୍ୟ, ଅବିନଶ୍ୱର ତଥା ଅପରିବର୍ତ୍ତନୀୟ । ଅପରିହାର୍ଯ୍ୟ ଗୁଣ ବ୍ୟତୀତ ପଦାର୍ଥର ସ୍ଥିତି ନଥାଏ । ତେଣୁ ପ୍ରତ୍ୟେକ ବସ୍ତୁରେ ସବୁବେଳେ ଗୁଣ ରହିଥାଏ । ଉଦାହରଣ ସ୍ୱରୂପ, ଚେତନା ହେଉଛି ଆତ୍ମାର ନିର୍ଯ୍ୟାସ ତଥା ଅପରିହାର୍ଯ୍ୟ ଗୁଣ, କାମନା, ଆନନ୍ଦ ଏବଂ ଦୁଃଖ ହେଉଛି ଏହାର ପରିବର୍ତ୍ତନୀୟ ଗୁଣାବଳୀ ।

## ପାଠଗତ ପ୍ରଶ୍ନାବଳୀ ୮.୧

୧. 'ଷଡ ଦର୍ଶନ'ରେ କେତୋଟି ଗୋଷ୍ଠୀ ରହିଛି ?

________________________________________

ଟିପ୍ପଣୀ

୨. ସାଂଖ୍ୟଦର୍ଶନର ପ୍ରତିଷ୍ଠାତା କିଏ ?

୩. ଯୋଗର ପ୍ରବର୍ତ୍ତକ କିଏ ?

୪. ନ୍ୟାୟସୂତ୍ରର ରଚୟିତା କିଏ ?

୫. କେଉଁ ଦର୍ଶନ ଗୋଷ୍ଠୀ ବେଦକୁ ଶାଶ୍ୱତ ଏବଂ ସବୁ ଜ୍ଞାନର ଭଣ୍ଡାର ବୋଲି କହେ ?

୬. ଉପନିଷଦର ଦର୍ଶନ କ'ଣ ?

୭. ଜ୍ଞାନ ୪ଟି ଉପାଦାନର ସଂଯୋଗରୁ ଉତ୍ପନ୍ନ, ଯାହାର ମୃତ୍ୟୁ ପରେ କୌଣସି ଚିହ୍ନ ରହି ନଥାଏ – କେଉଁ ଦର୍ଶନ ଏହି ମତ ପୋଷଣ କରିଥାଏ ?

୮. ଜୈନ ଦର୍ଶନରେ କେତେ ଜଣ ତୀର୍ଥଙ୍କର ଅଛନ୍ତି ?

୯. ମହାବୀର କେବେ ଜନ୍ମ ହୋଇଥିଲେ ?

୧୦. କେଉଁ ତୀର୍ଥଙ୍କରଙ୍କ ନାମ ବର୍ଦ୍ଧମାନ ମହାବୀର ?

୧୧. ଜୈନ ଧର୍ମର ୭ଟି ମୌଳିକ ଉପାଦାନର ନାମ ଲେଖ ?

## ୮.୧୨ ବୌଦ୍ଧ ଦର୍ଶନ

ଗୌତମ ବୁଦ୍ଧ ବୌଦ୍ଧ ଦର୍ଶନ ସଂସ୍ଥାପନ କରିଥିଲେ । ନେପାଳର ପାଦ ଦେଶରେ କପିଳବାସ୍ତୁ ଗ୍ରାମ ନିକଟସ୍ଥ ଲୁମ୍ବିନୀଠାରେ ଖ୍ରୀଷ୍ଟପୂର୍ବ ୫୬୩ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାଲ୍ୟକାଳର ନାମ ଥିଲା ସିଦ୍ଧାର୍ଥ । ମାତା ମାୟାବତୀ ବୁଦ୍ଧଦେବଙ୍କ ଜନ୍ମର ୩/୪ ଦିନ ପରେ ମୃତ୍ୟୁବରଣ କରିଥିଲେ । ମାତ୍ର ୧୬ ବର୍ଷ ବୟସରେ ସେ ସୁନ୍ଦରୀ ରାଜକନ୍ୟା ଯଶୋଧାରାଙ୍କୁ ବିବାହ କରିଥିଲେ । ବିବାହର ଏକ ବର୍ଷପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ତାଙ୍କ ନାମ ଥିଲା ରାହୁଳ । କିନ୍ତୁ ୨୯ ବର୍ଷ ବୟସରେ ଗୌତମ ବୁଦ୍ଧ ମଣିଷ ଜୀବନର ନିରନ୍ତର

ଟିପ୍ପଣୀ

ଦୁଃଖ – ମୃତ୍ୟୁ, ବ୍ୟାଧି, ଦାରିଦ୍ର୍ୟ ପ୍ରଭୃତିର ସମାଧାନର ବାଟ ପାଇବା ପାଇଁ ସଂସାର ତ୍ୟାଗ କରିଥିଲେ । ସେ ଅରଣ୍ୟକୁଯାଇ ଛଅ ବର୍ଷକାଳ ତପସ୍ୟାରେ ମଗ୍ନ ଥିଲେ । ତାପରେ ସେ ବିହାରର ବୋଧଗୟା ଗଲେ ଏବଂ ଏକ ଅଶ୍ୱତଥ ବୃକ୍ଷ ମୂଳେ ତପସ୍ୟା କଲେ । ସେହି ସ୍ଥାନରେ ସେ ଜ୍ଞାନାଲୋକ ପ୍ରାପ୍ତ ହେଲେ ଏବଂ ବୁଦ୍ଧ ନାମରେ ନାମିତ ହେଲେ । ତାହାପରେ ନିଜ ବାର୍ତ୍ତା ପ୍ରଚାର କରିବାକୁ ସେ ବହୁତ ଭ୍ରମଣ କଲେ ଏବଂ ଲୋକମାନଙ୍କୁ ମୁକ୍ତିର ମାର୍ଗ ଦେଖାଇଲେ । ୮୦ ବର୍ଷ ବୟସରେ ସେ ମୃତ୍ୟୁ ବରଣ କଲେ ।

ଗୌତମଙ୍କର ୩ଜଣ ପ୍ରଧାନ ଶିଷ୍ୟ ହେଲେ ଉପାଳୀ, ଆନନ୍ଦ ଏବଂ ମହାକାଶ୍ୟପ । ସେମାନେ ତାଙ୍କ ଉପଦେଶ ମନେ ରଖିଲେ ଏବଂ ତାଙ୍କ ଶିଷ୍ୟମାନଙ୍କୁ ଉପଦେଶ ଦେଲେ । ବୁଦ୍ଧଙ୍କ ମହାପ୍ରୟାଣ ପରେ ରାଜଗୃହଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେହି ସଭାରେ ଉପାଳୀ 'ବିନୟ ପିଟକ' (ନିର୍ଦ୍ଦେଶର ନୀୟମ) ଆବୃତ୍ତି କରିଥିଲେ ଏବଂ ଆନନ୍ଦ ସୂତ୍ରପିଟକ (ବୁଦ୍ଧଙ୍କର ଉପଦେଶାବଳୀ, ମତବାଦ ଏବଂ ନୀତିଶାସ୍ତ୍ର) ଆବୃତ୍ତି କରିଥିଲେ ବୋଲି ବିଶ୍ୱାସ କରାଯାଏ । କିଛି କାଳପରେ ବୁଦ୍ଧଙ୍କ ଦର୍ଶନ ସମ୍ବଳିତ 'ଅଭିଧର୍ମ ପିଟକ' ପ୍ରକାଶିତ ହେଲା ।

**ବୌଦ୍ଧଧର୍ମର ବିଶେଷତ୍ୱ :** ବୁଦ୍ଧ ଦେଇଥିବା ଉପଦେଶଗୁଡ଼ିକ ସରଳ ଏବଂ ନୀତିଗୁଡ଼ିକ ସହଜ ହୋଇଥିବାରୁ ଲୋକମାନେ ଅନୁସରଣ କରିବା ମଧ୍ୟ ସହଜ । ତାଙ୍କ ବିଚାରରେ ପାର୍ଥିବ ଜଗତ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବାର ବାଟ ଖୋଜିବା ମଣିଷର କର୍ତ୍ତବ୍ୟ । ବେଦପରି ପାରମ୍ପରିକ ଧର୍ମଗ୍ରନ୍ଥମାନଙ୍କରେ ଥିବା ଅନ୍ଧବିଶ୍ୱାସକୁ ସେ ଶକ୍ତ ସମାଲୋଚନା କରିଥିଲେ । ବୁଦ୍ଧଙ୍କ ଉପଦେଶ ତଥା ନିୟମଗୁଡ଼ିକ ଅତି ବାସ୍ତବ । ମାନସିକ ଶାନ୍ତି କିପରି ପାଇହେବ ଏବଂ ଏହି ପାର୍ଥିବ ବସ୍ତୁବାଦୀ ଜଗତରୁ କିପରି ମୁକ୍ତିପାଇ ହେବ ଏହି ଉପଦେଶାବଳୀ ତାହା ଜଣାଇ ଦିଏ ।

**୪ଟି ମହତ ସତ୍ୟର ଉପଲବ୍ଧି :** ବୁଦ୍ଧ ପାଇଥିବା ଜ୍ଞାନ ନିମ୍ନଲିଖିତ ୪ଟି ମହତ ସତ୍ୟରେ ପ୍ରତିଫଳିତ ।

(କ) ମଣିଷ ଜୀବନ ଦୁଃଖପୂର୍ଣ୍ଣ । ମଣିଷ ରୋଗ ଯନ୍ତ୍ରଣା ଭୋଗ କରେ ଏବଂ ମୃତ୍ୟୁବରଣ କରେ । ଏହାଦେଖି ଗୌତମ ବୁଦ୍ଧ ଏହି ସିଦ୍ଧାନ୍ତରେ ଉପନିତ ହେଲେଯେ, 'ମଣିଷ ଜୀବନ ଦୁଃଖପୂର୍ଣ୍ଣ' । ମଣିଷ ଜନ୍ମରୁ ହିଁ ଯନ୍ତ୍ରଣା ପାଇଥାଏ । ଆନନ୍ଦରୁ ଅଲଗା ରହିବା ମଧ୍ୟ ଯନ୍ତ୍ରଣା ଦାୟକ । କାମନାର ଅପୂର୍ଣ୍ଣତା ଯନ୍ତ୍ରଣାଦାୟକ । ଇନ୍ଦ୍ରିୟସ୍ପର୍ଶୀ ଆନନ୍ଦ ଦେଉଥିବା ବସ୍ତୁର ବିନଷ୍ଟ ଯନ୍ତ୍ରଣା ଦାୟକ । ଏହିପରି ମଣିଷ ଜୀବନ ଦୁଃଖର ସମାହାର ।

(ଖ) 'ଦୁଃଖ ଯନ୍ତ୍ରଣାର ଏକ କାରଣ ରହିଛି' । ୨ୟ ମହାନ ସତ୍ୟ ଦୁଃଖର କାରଣ ସହିତ ସଂପୃକ୍ତ । ଜନ୍ମ ଓ ମୃତ୍ୟୁର ଆବର୍ତ୍ତ କାମନାରୁ ହିଁ ଜାତ । ଏହି କାରଣରୁ କାମନା ହିଁ ଦୁଃଖର କାରଣ ।

(ଗ) ଦୁଃଖର ବିନାଶ ଅଛି । ୩ୟ ମହାନ ସତ୍ୟ ଦୁଃଖର କାରଣକୁ ବିନାଶ କରିବା ସହିତ ସଂପୃକ୍ତ । କାମନା, ଇଚ୍ଛା ସ୍ନେହର ବିନାଶ ଦୁଃଖକୁ ବିନାଶ କରେ । ଅହଂକାର, ଆସକ୍ତି, ଈର୍ଷା, ସନ୍ଦେହ ଏବଂ ଯନ୍ତ୍ରଣାର ସମ୍ପୂର୍ଣ୍ଣ ବିନଷ୍ଟି କାରଣ ମଧ୍ୟ ଏଥିରେ ଜଡ଼ିତ । ମନର ଏହି ଅବସ୍ଥା ହିଁ କାମନା, ଦୁଃଖ କଷ୍ଟ ଏବଂ ଯେକୌଣସି ପ୍ରକାର ଆସକ୍ତିରୁ ମୁକ୍ତହେବା ଅବସ୍ଥା ଅଟେ। ଏହାହିଁ ପୂର୍ଣ୍ଣ ଶାନ୍ତି ପାଇବାର ଅବସ୍ଥା ଯାହା ନିର୍ବାଣକୁ ବାଟ କଢ଼ାଏ ।

(ଘ) ନିର୍ବାଣର ପଥ – ୪ର୍ଥ ମହତ୍ ସତ୍ୟ 'ନିର୍ବାଣ' ପଥରେ ମଣିଷକୁ ଆଗେଇ ନିଏ । ଏହିପରି ପ୍ରଥମେ ନୈରାଶ୍ୟବାଦରୁ ଆରମ୍ଭ ହୋଇ ବୌଦ୍ଧ ଦର୍ଶନ ଆଶାବାଦ ଆଡ଼କୁ ଆଗେଇ ଯାଇଥିଲା । ଯଦିଓ ମଣିଷ ଜୀବନ ଅବିଚ୍ଛିନ୍ନ ଦୁଃଖରେ ପରିପୂର୍ଣ୍ଣ, ତଥାପି ସର୍ବଶେଷରେ ଏହି ଦୁଃଖକୁ ପରିସମାପ୍ତ କରାଯାଇପାରେ । ଗୌତମ ବୁଦ୍ଧ 'ନିର୍ବାଣ' ପାଇବାର ୮ଟି ଉପାୟ ଉପସ୍ଥାପନ କରିଛନ୍ତି ।





ନିର୍ବାଣ ପାଇବାର ୮ଟି ପଥ–

(୧) ଯଥାର୍ଥ ଦୃଷ୍ଟି – ଅଜ୍ଞାନତା ଦୂରକରି ଜଣେ ଯଥାର୍ଥ ଦୃଷ୍ଟି ପାଇପାରିବ । ସଂସାର ଓ ନିଜ ମଧ୍ୟରେ ଥିବା ସମ୍ପର୍କ ସମ୍ବନ୍ଧରେ ଅଜ୍ଞାନତା ଭୁଲଧାରଣା ସୃଷ୍ଟି କରେ । ଏହି ଭୁଲ ବୁଝାମଣା କାରଣରୁ ମଣିଷ ଏହି ଅସ୍ଥାୟୀ ପୃଥିବୀକୁ ଚିରସ୍ଥାୟୀ ବୋଲି ଧରିନିଏ । ଏହିପରି ପୃଥିବୀ ପ୍ରତି ଏବଂ ପୃଥିବୀରେ ଥିବା ସମସ୍ତ ପଦାର୍ଥ ପ୍ରତି ଠିକ ଧାରଣା ହିଁ ଯଥାର୍ଥ ଦୃଷ୍ଟି ।

(୨) ଯଥାର୍ଥ ସଂକଳ୍ପ – ଦୃଢ଼ଇଚ୍ଛା ଶକ୍ତି ମନ୍ଦ ଭାବନା ଓ ମନ୍ଦ କାମନା, ଯାହା ଅନ୍ୟର କ୍ଷତି କରେ, ନଷ୍ଟ କରେ । ଅନ୍ୟପକ୍ଷରେ ତ୍ୟାଗ, ସହାନୁଭୂତି ଏବଂ ଦୟା ପ୍ରଭୃତି ସଦ୍‌ଗୁଣ ମନ୍ଦ ପ୍ରବୃତିକୁ ନଷ୍ଟ କରେ ।

(୩) ଯଥାର୍ଥ କଥନ – ଯଥାର୍ଥ ସଙ୍କଳ୍ପ ଦ୍ୱାରା ମଣିଷ ନିଜ ଭାଷାକୁ ନିୟନ୍ତ୍ରଣ କରିବା ଉଚିତ । ଅର୍ଥାତ ଅନ୍ୟକୁ ସମାଲୋଚନା କରିବା ଏବଂ ଅନ୍ୟପ୍ରତିକୁଭାଷା ପ୍ରୟୋଗ କରିବାରୁ ନିବୃତ୍ତ ରହିବା ଉଚିତ ।

(୪) ଯଥାର୍ଥ ଆଚରଣ – ଜୀବନକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପରୁ ନିବୃତ୍ତ ରହିବା ଉଚିତ । ଅର୍ଥାତ, ଚୋରି କରିବା, ଅତି ଭୋଜନ, ସୌନ୍ଦର୍ଯ୍ୟ ପାଇଁ କୃତ୍ରିମ ପଦାର୍ଥ ବ୍ୟବହାର କରିବା ଅଳଙ୍କାର, ଆରାମ ଦାୟକ ଶେଜ ଏବଂ ସ୍ୱର୍ଣ୍ଣ ପଦାର୍ଥ, ଏହି ସବୁଥିରୁ ଦୂରେଇ ରହିବା ଉଚିତ ।

(୫) ଜୀବିକା ଅର୍ଜନର ଯଥାର୍ଥ ମାର୍ଗ – ଅର୍ଥାତ, ଖାଦ୍ୟପେୟ ସଂଗ୍ରହ କରିବା ଯଥାର୍ଥ ମାର୍ଗ, ଠକାମୀ, ଲାଞ୍ଚଦେବା ଚୋରୀ କରିବା ଆଦି ଅସାଧୁ ଉପାୟରେ ଧନ ଅର୍ଜନ କରିବା କଦାପି ଯଥାର୍ଥ ନୁହେଁ ।

(୬) ଯଥାର୍ଥ ପ୍ରୟାସ – ମନ୍ଦ ଅନୁଭବ ଏବଂ ମନ୍ଦ ପ୍ରଭାବଠାରୁ ଦୂରରେ ରହିବା ଆବଶ୍ୟକ । ନିଜ ଉପରେ ନିୟନ୍ତ୍ରଣ ରଖିବା, ଇନ୍ଦ୍ରିୟାନୁଭୂତି ପ୍ରତି ଅନାସକ୍ତ ରହିବା, ମନ୍ଦ ଭାବନା ଏବଂ ଉତ୍ତମ ଭାବନାକୁ ଉଜ୍ଜିବୀତ କରିବା ପ୍ରଭୃତି ଯଥାର୍ଥ ପ୍ରୟାସର ଅନ୍ତର୍ଗତ ।

(୭) ଯଥାର୍ଥ ମନଯୋଗ – ଅର୍ଥାତ, ନିଜର ଶରୀର, ହୃଦୟ ଏବଂ ମନକୁ ସେମାନଙ୍କ ବାସ୍ତବ ରୂପରେ ରଖିବା । ଯେତେବେଳେ ମନର ପ୍ରକୃତ ରୂପକୁ ଆମେ ଭୁଲିଯାଉ, ସେତେବେଳେ, ମନ୍ଦଚିନ୍ତା ମନକୁ ଅଧିକାର କରିନିଏ । ଯେତେବେଳେ ମନ୍ଦ ଭାବନା ଦ୍ୱାରା ପରିଚାଳିତ ହୋଇ ଆମେ କାମକରୁ, ସେତେବେଳେ ଆମେ ଯନ୍ତ୍ରଣା ଅନୁଭବ କରୁ ।

(୮) ଯଥାର୍ଥ ଏକାଗ୍ରତା – ଯଦି ଜଣେ ବ୍ୟକ୍ତି ଉପରୋକ୍ତ ୭ଟି ନିୟମକୁ ଧରି ଅଗ୍ରସର ହୁଏ, ତେବେ ସେ ଯଥାର୍ଥରେ ଏକାଗ୍ରଚିତ୍ତ ହୋଇପାରିବ । ଜଣେ ନିଜ ମନକୁ ଯଥାର୍ଥ ଭାବରେ କେନ୍ଦ୍ରୀଭୂତକରି (ଧ୍ୟାନକରି) ନିର୍ବାଣ ପାଇପାରିବ ।

ଚାର୍ବାକ ଦର୍ଶନ ବ୍ୟତୀତ ଭାରତର ଅନ୍ୟ ସମସ୍ତ ଦାର୍ଶନିକ ଗୋଷ୍ଠୀଙ୍କର ଏକ ସାଧାରଣ ଲକ୍ଷ୍ୟ ରହିଛି । ତାହା ହେଉଛି, ଆତ୍ମାନୁଭୂତି ବା ଆତ୍ମାକୁ ହୃଦୟଙ୍ଗମ କରିବା ।

ମହାନ ଫରାସୀ ଦାର୍ଶନିକ – ଭିକ୍ଟର କୁସିନଙ୍କ ମତ ଅନୁସାରେ ଗୋଟିଏ କ୍ଷୁଦ୍ର ମଞ୍ଜିର ଆବରଣ ଭାରତର ସମସ୍ତ ଦର୍ଶନ ଶାସ୍ତ୍ରର ଇତିହାସକୁ ଧାରଣ କରିଛି । ଆହୁରି ମଧ୍ୟ ସେ କହିଛନ୍ତି ଯେ ଯେତେବେଳେ ଆମେ ମନଯୋଗ ସହକାରେ ପୂର୍ବ ଭାଗର ସର୍ବୋପରି ଭାରତର କାବ୍ୟ ସଦୃଶ ଏବଂ ଦର୍ଶନ ଶାସ୍ତ୍ର ସମ୍ବନ୍ଧୀୟ ସ୍ମାରକସ୍ତମ୍ଭ, ମନ୍ଦିର, ସୌଧ ଓ ଦୁର୍ଗ ଆଦି ସମ୍ବନ୍ଧରେ ପାଠ କଲୁ ଯାହା ଇଉରୋପରେ ସମ୍ପ୍ରସାରିତ ହେବା ଆରମ୍ଭ କରିଛି । ଆମେ ଅନେକ ସତ୍ୟ ଜାଣିବାକୁ

> ପାଇଲୁ । ସେହି ସତ୍ୟ ପ୍ରଗାଢ଼ ଏବଂ ଗଭୀର ଜ୍ଞାନ ସମ୍ବଳିତ ଅଟେ । ସେଗୁଡ଼ିକର ଉଦ୍ଦେଶ୍ୟ ତଥା ଅଭିପ୍ରାୟ ନିକଟରେ ମହାନ ଇଉରୋପୀୟ ଜ୍ଞାନୀ ଗୁଣିମାନେ ନୀରବ ରହିଯାଆନ୍ତି । ଆମେ ବାଧ୍ୟ ହେଉ ପୂର୍ବ ଭାଗର ଦର୍ଶନ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ଏବଂ ଦେଖିବାକୁ ଆମେ ବାଧ୍ୟ ହେଉ । ମଣିଷ ଜାତିର ଆଧାର (ଦୋଳି)ରେ ସର୍ବୋତ୍ତମ ଦର୍ଶନର ଏହି ଜନ୍ମଭୂମିକୁ ।

ତୁମେ ଏବେ ବୌଦ୍ଧ ଧର୍ମ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କରୁଥିବ । ଆମେ ଯିବା ବିହାରର ବୋଧଗୟା । ଏହି ପ୍ରାଚୀନ ପଥରେ ଭକ୍ତିର ସହିତ ପାଦପକାଅ । ଆରମ୍ଭ କରି 'ମହାବୋଧୀ ଦ୍ରୁମ'ଠାରୁ, ଯେଉଁଠାରେ କିଛି ଚମତ୍କାର ଘଟିଥିଲା, ସତ୍ୟକୁ ହୃଦୟଙ୍ଗମ କରାଯାଇଥିଲା, ଆଧାତ୍ମିକ ଜ୍ଞାନାଲୋକ ପ୍ରାପ୍ତ ହୋଇଥିଲା । ରୀତିନୀତି ପ୍ରକାଶ କରେଯେ ବୁଦ୍ଧ ବୌଦ୍ଧତ୍ୱ (ଜ୍ଞାନାଲୋକ) ପ୍ରାପ୍ତ ହେବାପରେ ୭(ସାତ) ସପ୍ତାହ ପାଇଁ ବୋଧଗୟାରେ ରହିଥିଲେ ।

ସେଠାରେ ତୁମେ ଅନିମେଷ ଲୋଚନ ସ୍ତୁପ ମଧ୍ୟ ଦେଖିବ । ସେଠାରେ ବୁଦ୍ଧଙ୍କର ଏକ ଦଣ୍ଡାୟମାନ ପ୍ରତିମୂର୍ତ୍ତି ଦେଖିବ, ଯେଉଁଥିରେ ବୁଦ୍ଧଙ୍କ ଦୃଷ୍ଟି ବୋଧିଦ୍ରୁମ ଉପରେ ନିବଦ୍ଧ ରହିଛି । ଯେଉଁ ହିନ୍ଦୁ ଧର୍ମାବଲମ୍ବୀମାନେ 'ପିଣ୍ଡଦାନ' କରିବାକୁ ବିଷ୍ଣୁପଦ ମନ୍ଦିରକୁ ଯାଆନ୍ତି, ସେମାନେ ବୋଧଗୟାରେ ମଧ୍ୟ ଭକ୍ତି ଅର୍ପଣ କରନ୍ତି । ତଦ୍ୱାରା ମୃତାତ୍ମାମାନେ ଶାନ୍ତି ପାଆନ୍ତି ।

ସେଠାରେ ତୁମେ 'ରାଜଗିର' ମଧ୍ୟ ପରିଦର୍ଶନ କରିପାରିବ ଏବଂ ଚୀନ ପରିବ୍ରାଜକ ଫା–ହିୟାନଙ୍କ ଗୁରୁତ୍ୱ ବୁଝିପାରିବ । ବୁଦ୍ଧଙ୍କ ମହାପ୍ରୟାଣର ନଅଶହ (୯୦୦) ବର୍ଷ ପରେ ସେ ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ । ଏହି ସ୍ଥାନରେ ବୁଦ୍ଧ ଦେଇଥିବା ଉପଦେଶାବଳୀକୁ ଶୁଣିପାରି ନଥିବାରୁ ଏଠାରେ ସେ କାନ୍ଦିଥିଲେ । ବୁଦ୍ଧଙ୍କ ସମ୍ବନ୍ଧରେ ଶୁଣାଯାଉଥିବା ଅନେକ କାହାଣୀର ଏହା ଉତ୍ପତ୍ତି ସ୍ଥଳ । ଏହି ସ୍ଥାନରେ ଏକ ଗୁମ୍ଫାରେ ରହୁଥିବା ସମୟରେ ବୁଦ୍ଧଙ୍କର ପ୍ରଥମ ଭିକ୍ଷାବୃତ୍ତିର ଉଦ୍ଦେଶ୍ୟକୁ କଳ୍ପନା କର । ଏହି ସ୍ଥାନରେ ମୌର୍ଯ୍ୟ ସମ୍ରାଟ ବିମ୍ବିସାର ବୌଦ୍ଧ ଧର୍ମରେ ଦିକ୍ଷୀତ ହୋଇଥିଲେ । ବୁଦ୍ଧଙ୍କୁ ମାରିବା ପାଇଁ ଏହି ସ୍ଥାନରେ ଦେବଦତ୍ତ ଏକ ପାଗଳ ହାତୀକୁ ପଠାଇଥିବା କାହାଣୀ ମନେ ପକାଅ । ସର୍ବଶେଷରେ ରାଜଗିରିଠାରୁ ବୁଦ୍ଧଦେବ ତାଙ୍କ ଶେଷଯାତ୍ରା କରିଥିଲେ । ପ୍ରଥମ ବୌଦ୍ଧ ଧର୍ମସଭା ସପ୍ତପର୍ଣ୍ଣୀ ଗୁମ୍ଫାରେ ଅନୁଷ୍ଠିତ ହୋଇଥିଲା । ସେଥିରେ ବୁଦ୍ଧଙ୍କର ଅଲିଖିତ ଉପଦେଶାବଳୀ ତାଙ୍କ ମୃତ୍ୟୁ ପରେ ଲେଖାଯାଇଥିଲା । ଏପରିକି ଧାର୍ମିକ ମଠଗୁଡ଼ିକର ପରିକଳ୍ପନା ରାଜଗିରିଠାରେ କରାଯାଇଥିଲା । ପରେ ତାହା ଏକ ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ କେନ୍ଦ୍ର ଭାବରେ ବିକଶିତ ହେଲା ।

ତୁମର ସ୍ଥାପତ୍ୟ ପ୍ରଣାଳୀ ସମ୍ବନ୍ଧୀୟ ପାଠରେ ତୁମେ ନାଳନ୍ଦା ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ପଢ଼ିବ । ଏହା ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ସ୍ଥାପିତ ହୋଇଥିଲା । ଏହା ପୃଥିବୀର ସର୍ବପ୍ରାଚୀନ ବିଶ୍ୱବିଦ୍ୟାଳୟ । ଯେହେତୁ ଗୌତମ ବୁଦ୍ଧ ଶିକ୍ଷାକୁ ପ୍ରୋତ୍ସାହନ ଦେଉଥିଲେ, ସନ୍ୟାସୀ ଏବଂ ବିଦ୍ୟାର୍ଥୀମାନେ ଏଠାରେ କଥୋପକଥନ ତଥା ଆଲୋଚନା ପାଇଁ ଏକତ୍ରିତ ହେଉଥିଲେ । ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀ ବେଳକୁ ଗୁପ୍ତ ବଂଶର ରାଜତ୍ୱକାଳରେ ନାଳନ୍ଦା ଏକ ଅତି ଉନ୍ନତ ଏବଂ ସୁଦୃଢ଼ ଆଶ୍ରମର ସ୍ଥାନ ଗ୍ରହଣ କରି ସାରିଥିଲା ।

## ପାଠଗତ ପ୍ରଶ୍ନାବଳୀ ୮.୩

୧. ଗୌତମ ବୁଦ୍ଧଙ୍କ ପିଲାଦିନର ନାମ କ'ଣ ?

______________________________





୨. ଗୌତମ ବୁଦ୍ଧ କେଉଁଠାରେ ଧ୍ୟାନ କରିଥିଲେ ?

---

୩. କେଉଁଠାରେ ଗୌତମ ବୁଦ୍ଧ ଜ୍ଞାନାଲୋକ ପ୍ରାପ୍ତ ହେଲେ ?

---

୪. ସୂତ୍ର ପିଟକରେ କ'ଣ ଅଛି ?

---

୫. କିଏ 'ବିନୟପିଟକ' ଆବୃତ୍ତି କରିଥିଲେ ?

---

୬. ଗୌତମ ବୁଦ୍ଧଙ୍କର ଚାରୋଟି ମହତ ସତ୍ୟ କ'ଣ ?

---

୭. ଭାରତର କେଉଁ ଦାର୍ଶନିକ ଗୋଷ୍ଠୀ ଆତ୍ମାକୁ ହୃଦୟଙ୍ଗମ କରିବାରେ, ଭିନ୍ନ ମତ ପୋଷଣ କରିଥିଲେ ?

---

## ତୁମେ କ'ଣ ଶିଖିଲ ?

- ପ୍ରାକ ବୈଦିକ ସମାଜରୁ ଧର୍ମ ଉତ୍ପତି ହୋଇଥିବାର ସୂଚନା ମିଳେ ।
- ପ୍ରାଚୀନ ଭାରତରେ ଧର୍ମର ଉନ୍ନତି ପ୍ରଚଳିତ ପ୍ରଥା ଅନୁସାରେ ଏବଂ ଅଣପାରମ୍ପରିକ ବାଟରେ ଆଗେଇ ଚାଲିଥିଲା ।
- ବେଦରୁ ଉତ୍ପନ୍ନ ହୋଇଥିବା ଭାରତୀୟ ଦର୍ଶନର କାର୍ଯ୍ୟ ପଦ୍ଧତିକୁ ପାରମ୍ପରିକ କାର୍ଯ୍ୟ ପଦ୍ଧତି କୁହାଯାଏ ।
- ସାଂଖ୍ୟ ଦର୍ଶନ ବିଶ୍ୱାସ କରେ ଯେ ବାସ୍ତବତା ନିଜ ଏବଂ ପର ଦୁଇଟି ଜିନିଷରେ ଗଠିତ ତାହା ହେଉଛି 'ପ୍ରକୃତି' ଏବଂ ପୁରୁଷ ।
- 'ସ୍ୱୟଂ'କୁ ହୃଦୟଙ୍ଗମ କରିବା ପାଇଁ ଯୋଗ ଏକ ପ୍ରୟୋଗିକ ଦର୍ଶନ ।
- ନ୍ୟାୟ ଏକ ଯୁକ୍ତି ସଙ୍ଗତ ଚିନ୍ତା ପ୍ରଣାଳୀକୁ ଉପସ୍ଥାପନ କରେ ।
- ବୈଶେଷିକ ବସ୍ତୁବାଦର ନିୟମକୁ ଯାହାଦ୍ୱାରା ବିଶ୍ୱବ୍ରହ୍ମାଣ୍ଡ ଗଠିତ ହୋଇଛି, ଦର୍ଶାଏ ।
- ମୀମାଂସା ଦର୍ଶନ ବେଦଗୁଡ଼ିକର ବ୍ୟାଖ୍ୟା ଓ ବିଶ୍ଳେଷଣ ଉପରେ ପର୍ଯ୍ୟବସିତ ।
- ଚାର୍ବାକ ମତବାଦ, ଜୈନ ଧର୍ମ ଓ ବୌଦ୍ଧ ଧର୍ମ ଅଣପାରମ୍ପରିକ ଗୋଷ୍ଠି ଭାବରେ ପରିଚିତ ।
- ଚାର୍ବାକ ଏକ ବସ୍ତୁବାଦୀ ଦର୍ଶନଶାସ୍ତ୍ର । ବସ୍ତୁ ବ୍ୟତୀତ ଅସ୍ତିତ୍ୱ ନାହିଁ ବୋଲି ଏହା ବିଶ୍ୱାସ କରେ ।

- ଜୈନ ଦର୍ଶନ ଅନୁଯାୟୀ ମୁକ୍ତି ହେଉଛି, ଜୀବ ପଦାର୍ଥ (ଶରୀର)ରୁ ବାହାରି ଯିବା ।
- ବୁଦ୍ଧ ଚାରୋଟି ମହତ ସତ୍ୟରେ, ତାଙ୍କ ପ୍ରାପ୍ତ ହୋଇଥିବା ଜ୍ଞାନକୁ ପ୍ରତିଫଳିତ କରିଥିଲେ । ସେଗୁଡ଼ିକ (୧) ମଣିଷ ଜୀବନ ଦୁଃଖପୂର୍ଣ୍ଣ (୨) ଦୁଃଖର କାରଣ ଅଛି (୩) ଦୁଃଖର ଶେଷ ଅଛି (୪) ଦୁଃଖର ପରିସମାପ୍ତି ଆଣିବାକୁ ଉପାୟ ଅଛି ।
- ବୁଦ୍ଧ ଆଠଗୋଟି (୮) ମୁକ୍ତିର ପଥ ଦେଖାଇଛନ୍ତି । ସେଗୁଡ଼ିକ ହେଲା – (୧) ଯଥାର୍ଥ ଦୃଷ୍ଟି (୨) ଯଥାର୍ଥ ସଙ୍କଳ୍ପ (୩) ଯଥାର୍ଥ କଥନ (୪) ଯଥାର୍ଥ ଆଚରଣ (୫) ଜୀବିକା ଅର୍ଜନର ଯଥାର୍ଥ ମାର୍ଗ (୬) ଯଥାର୍ଥ ପ୍ରୟାସ (୭) ଯଥାର୍ଥ ମନଯୋଗ (୮) ଯଥାର୍ଥ ଏକାଗ୍ରତା ।

## ଅନ୍ତିମ ପ୍ରଶ୍ନାବଳୀ

୧. ପ୍ରାଚୀନ ଭାରତର ଧର୍ମ ଆନ୍ଦୋଳନ କିପରି ଥିଲା ତାହା ବର୍ଣ୍ଣନା କର ।

୨. ଭାରତୀୟ ଧର୍ମ ଆନ୍ଦୋଳନରେ ଚାର୍ବାକ ଗୋଷ୍ଠୀର କେଉଁ ଭୂମିକା ରହିଥିଲା ?

୩. ଚାର୍ବାକ ଗୋଷ୍ଠୀ କିପରି ଅନ୍ୟ ସବୁ ଦାର୍ଶନିକ ଗୋଷ୍ଠୀଠାରୁ ଅଲଗା ? ତାହା ଦର୍ଶାଅ ।

୪. ଷଡ଼ ଦର୍ଶନ କିପରି ଏକ ପାରମ୍ପରିକ ଗୋଷ୍ଠୀ ତାହା ବର୍ଣ୍ଣନା କର ।

୫. ଜଣେ ଭଲମଣିଷ ହେବା ପାଇଁ ବୌଦ୍ଧ ଦର୍ଶନର କିପରି ଅବଦାନ ରହିଛି ।

୬. କିପରି ତୁମେ କହିପାରିବ ଯେ ମୀମାଂଶା ଦର୍ଶନ ବୈଦିକ ଅଂଶ ବିଶେଷର ବିଶ୍ଳେଷଣ ଉପରେ ପର୍ଯ୍ୟବସିତ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୮.୧
୧. ଆରଣ୍ୟକ ଏବଂ ଉପନିଷଦ
୨. କର୍ମ ନିୟମ
୩. ବୈଷ୍ଣବ, ଶୈବ, ଶାକ୍ତ
୪. ଐଶ୍ୱରିକ ମାତା, ପ୍ରାଚୁର୍ଯ୍ୟର ଦେବୀ ଏବଂ ବ୍ୟକ୍ତିତ୍ୱ
୫. ଆଗମାନ୍ତା, ସୁଧା ଏବଂ ବୀରା – ଶୈବଧର୍ମ

୮.୨
୧. ଛଅ (୬)
୨. କପିଳ, ଯେକି ସଂଖ୍ୟା ସୂତ୍ର ଲେଖିଥିଲେ
୩. ପାତଞ୍ଜଳୀଙ୍କ ଯୋଗସୂତ୍ର
୪. ଗୌତମ



ଟିପ୍ପଣୀ

୫.  ମୀମାଂସା ଗୋଷ୍ଠୀ

୬.  ବେଦାନ୍ତ, ବେଦଗୁଡ଼ିକର ଶେଷ ପର୍ଯ୍ୟାୟ

୭.  ଚାର୍ବାକ ଗୋଷ୍ଠୀ

୮.  ୨୪

୯.  ଖ୍ରୀଷ୍ଟପୂର୍ବ ୫୯୯

୧୦.  ଚବିଶତମ ବା ସର୍ବଶେଷ ତୀର୍ଥଙ୍କର

୧୧.  ଜୀବ, ଅଜୀବ, ଆସ୍ତିକୟ, ବନ୍ଧ, ସମ୍ବର ନିର୍ଜନ, ମୋକ୍ଷ

୮.୩  ୧.  ସିଦ୍ଧାର୍ଥ

୨.  ବିହାରର ବୋଧଗୟାଠାରେ ଥିବା ଏକ ଅଶ୍ୱତ୍ଥ ବୃକ୍ଷତଳେ ।

୩.  ବୋଧଗୟା, ବିହାର

୪.  ବୁଦ୍ଧଙ୍କ ଉପଦେଶାବଳୀ ବା ସିଦ୍ଧାନ୍ତ ଏବଂ ନୀତିଶାସ୍ତ୍ର

୫.  ଉପାଲୀ

୬.  ମଣିଷ ଜୀବନରେ ଦୁଃଖ ଅଛି, ଦୁଃଖର କାରଣ ମଧ୍ୟ ଅଛି । ଦୁଃଖରୁ ମୁକ୍ତି ଅଛି । ମୁକ୍ତିର ମାର୍ଗ

୭.  ଚାର୍ବାକ ଗୋଷ୍ଠୀ

# ୯

# ମଧ୍ୟଯୁଗୀୟ ଭାରତରେ ଧର୍ମ ଏବଂ ଦର୍ଶନ

ଆଜିକାଲି ପ୍ରାୟ ପ୍ରତିମାସରେ ସହରର ଯେକୌଣସି ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଯେଉଁଠାରେ ସୁଫିସନ୍ଥ ଏବଂ ଭକ୍ତିସନ୍ଥମାନଙ୍କର ଗୀତ ବୋଲାଯାଉଛି ଶ୍ରୋତାମାନଙ୍କ ଗହଳିରୁ ଏହି କାର୍ଯ୍ୟକ୍ରମଗୁଡ଼ିକର ଲୋକ ପ୍ରିୟତା ଜଣାପଡୁଛି । ସରକାର, ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା, ଏପରିକି ବ୍ୟକ୍ତିବିଶେଷ ମଧ୍ୟ ସେମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ସୁଫିସନ୍ଥ ଏବଂ ଭକ୍ତିସନ୍ଥଙ୍କର ଗୀତଗୁଡ଼ିକ ଆଜିମଧ୍ୟ ପ୍ରାସଙ୍ଗିକ ମନେହୁଏ । ଭାରତର ମଧ୍ୟଯୁଗରେ ହିଁ ସୁଫି ଆନ୍ଦୋଳନ ଏବଂ ଭକ୍ତି ଆନ୍ଦୋଳନର ବିକାଶ ହୋଇଥିଲା । ଏହି ଦୁଇ ଆନ୍ଦୋଳନ ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏକ ନୂତନ ଅଭିବ୍ୟକ୍ତି ଆଣିଦେଲା । ରହସ୍ୟବାଦୀ ସୁଫିମାନେ ଇସଲାମ ଧର୍ମରେ ଉଦାରବାଦୀତାକୁ ଆହ୍ୱାନ କରିଥିଲେ । ସାର୍ବଜନୀନ ପ୍ରେମ ଉପରେ ପର୍ଯ୍ୟବସିତ ଓ ସମାନ ଅଧିକାର ପ୍ରଦାନ କରୁଥିବା ଏକ ସମାଜକୁ ସୁଫିମାନେ ଗୁରୁତ୍ୱ ଦେଉଥିଲେ । ଭକ୍ତିସନ୍ଥମାନେ 'ଭକ୍ତି'କୁ 'ଈଶ୍ୱର ପ୍ରାପ୍ତି'ର ମାଧ୍ୟମ ଭାବରେ ପରିଚିତ କରାଇ ହିନ୍ଦୁଧର୍ମରେ ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ପାଖରେ ଜାତିର କୌଣସି ଅର୍ଥ ନଥିଲା ଏବଂ ପ୍ରତ୍ୟେକ ମଣିଷ ସମାନ ଥିଲେ । ସୁଫି ଓ ଭକ୍ତି ସନ୍ୟାସୀମାନେ ହିନ୍ଦୁ ଓ ମୁସଲମାନଙ୍କୁ ଏକାଠି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଲୋକମାନଙ୍କର ଆଞ୍ଚଳିକ ଭାଷା ବ୍ୟବହାର କରି ଧର୍ମକୁ ସାଧାରଣ ଲୋକଙ୍କ ପାଇଁ ସହଜସାଧ୍ୟ ଏବଂ ଅର୍ଥପୂର୍ଣ୍ଣ କରିଦେଥିଲେ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେ ଜାଣିପାରିବ –

- ମଧ୍ୟଯୁଗୀୟ ଭାରତରେ ସୁଫି ଦର୍ଶନ ଏବଂ ଭକ୍ତି ଆନ୍ଦୋଳନ ବିକଶିତ ହେବାର କାରଣ ଗୁଡ଼ିକ ବୁଝିପାରିବ ।
- ସୁଫି ଆନ୍ଦୋଳନର ଉନ୍ନତିକୁ ଚିହ୍ନିତ କରିବ ।
- ସୁଫିମାନଙ୍କର ବିଶିଷ୍ଟ 'ସିଲସଲାହ'ଗୁଡ଼ିକୁ ଚିହ୍ନଟ କରିବ ।
- ସୁଫି ଧର୍ମର ପ୍ରଧାନ ନୀତିଗୁଡ଼ିକ ବର୍ଣ୍ଣନା କରିବ ।
- ଭକ୍ତି ସନ୍ୟାସୀ (ସନ୍ଥ କବୀର ଓ ଗୁରୁନାନକ)ଙ୍କର ଦର୍ଶନକୁ ବୁଝିବା ।
- ଶିଖ ଧର୍ମର ଉତ୍‌ଥାନକୁ ଜାଣିବା
- ବୈଷ୍ଣବ ସନ୍ୟାସୀଙ୍କ ତତ୍ତ୍ୱ ବୁଝାଇବ ।
- ଏକ ସମ୍ମିଶ୍ରିତ ଭାରତୀୟ ସଂସ୍କୃତି ବିକଶିତ ହେବାରେ ସୁଫି ଏବଂ ଭକ୍ତି ସନ୍ଥମାନଙ୍କର ଅବଦାନକୁ ଚିହ୍ନିବ ।





## ୯.୧ ସୁଫି ଆନ୍ଦୋଳନ

### ପୃଷ୍ଠଭୂମି – ଇସଲାମ ଧର୍ମର ବିକାଶ

ତୁମେ ମନେପକାଇବ ଯେ ଧର୍ମପ୍ରବର୍ତ୍ତକ ମହମ୍ମଦ ଇସ୍‌ଲାମ ଧର୍ମ ପ୍ରତିଷ୍ଠା କରିଥିଲେ । ଇସ୍‌ଲାମ ତାହା ଭିତରେ ଅନେକ ଧାର୍ମିକ ଏବଂ ଆଧାତ୍ମିକ ଆନ୍ଦୋଳନ ଦେଖିଛି । ସେହି ଆନ୍ଦୋଳନଗୁଡ଼ିକ ମୁଖ୍ୟତଃ କୋରାନ୍‌ର ବ୍ୟାଖ୍ୟା ପାଖରେ କେନ୍ଦ୍ରୀଭୂତ ହୋଇଥିଲେ । ସୁନ୍ନୀ ଓ ସିହା ନାମରେ ଦୁଇଟି ପ୍ରଧାନ ଶ୍ରେଣୀ ଇସ୍‌ଲାମ ଧର୍ମ ଭିତରେ ଆତ୍ମପ୍ରକାଶ କରିଥିଲେ । ଆମ ଦେଶରେ ଏହି ଦୁଇଟିଯାକ ଶ୍ରେଣୀ ଅଛନ୍ତି । କିନ୍ତୁ ଇରାନ, ଇରାକ ଓ ପାକିସ୍ଥାନ ଆଦି ଅନ୍ୟାନ୍ୟ ଦେଶମାନଙ୍କରେ ଏହି ଦୁଇ ଶ୍ରେଣୀଙ୍କ ଭିତରୁ କେବଳ ଗୋଟିଏ ଶ୍ରେଣୀ ରହିଛି ।

ସୁନିମାନଙ୍କ ମଧ୍ୟରେ ଇସ୍‌ଲାମୀୟ ନୀତିର ୪ଟି ପ୍ରଧାନ ଗୋଷ୍ଠୀ ରହିଛନ୍ତି । ସେଗୁଡ଼ିକ କୋରାନ ଓ ହାଦିସ୍ (ଧର୍ମ ପ୍ରବକ୍ତାଙ୍କ କଥା ଓ କାର୍ଯ୍ୟ ଧାରାର ପଦ୍ଧତି) ଉପରେ ପର୍ଯ୍ୟବସିତ । ଏମାନଙ୍କ ମଧ୍ୟରୁ ଅଷ୍ଟମ ଶତାବ୍ଦୀର ହାନାଫି ଗୋଷ୍ଠୀ ତୁର୍କୀରେ ଗୃହିତ ହୋଇଥିଲା । ପରେ ତାହା ଭାରତକୁ ଆସିଲା ।

ଦୃଢ଼ ଏକେଶ୍ୱରବାଦକୁ ସ୍ୱୀକୃତ ଦେଇଥିବା ଯୁକ୍ତିସିଦ୍ଧ ଦର୍ଶନ 'ମୁତାପିଲାସ' ପାରମ୍ପରିକ ସୁନ୍ନୀ ଦର୍ଶନ ପାଖରେ ଯଥାର୍ଥତା ଦେଖାଇବା ପାଇଁ ଦାବୀ କରିଥିଲା । ସେମାନଙ୍କ ମତରେ ମଣିଷର ମନ୍ଦ କାର୍ଯ୍ୟାବଳୀ ପାଇଁ ଭଗବାନଙ୍କର କିଛି କରିବାର ନଥାଏ । ସ୍ୱାଧୀନ ଭାବରେ କାମକରିବାର ମାନସିକ ଶକ୍ତି ମଣିଷ ପାଖରେ ଥାଏ ଏବଂ ନିଜର କାର୍ଯ୍ୟ ପାଇଁ ସେମାନେ ନିଜେ ହିଁ ଦାୟୀ ରୁହନ୍ତି । 'ମୁତାପିଲାସ' 'ଆଶାରୀ' ଗୋଷ୍ଠୀର ବିରୋଧର ସମ୍ମୁଖୀନ ହୋଇଥିଲେ । ଅବୁଲ ହାସନ ଆଶାରୀ (୮୭୩–୯୩୫ ଖ୍ରୀଷ୍ଟାବ୍ଦ)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଆଶାରି ଗୋଷ୍ଠୀ ପାରମ୍ପରିକ ମତବାଦ (କଲାମ) ସପକ୍ଷରେ ନିଜର ବାସ୍ତବବାଦୀ ଯୁକ୍ତି ଉପସ୍ଥାପନ କରିଥିଲା । ଏହି ଗୋଷ୍ଠୀ ବିଶ୍ୱାସ କରେଯେ, ଈଶ୍ୱର ସବୁ ଜାଣନ୍ତି, ଦେଖନ୍ତି ଏବଂ କହନ୍ତି । ମୁସଲମାନ ଧର୍ମଗ୍ରନ୍ଥ କୋରାନ ହେଉଛି ଶାଶ୍ୱତ ଏବଂ ଅବିନଶ୍ୱର । ଏହି ଗୋଷ୍ଠୀର ମହାନ ପ୍ରବକ୍ତା ଆବୁହମିଦ–ଅଲ–ଘାୟାଲୀ (୧୦୫୮–୧୧୧୧ ଖ୍ରୀଷ୍ଟାବ୍ଦ), ପାରମ୍ପରିକତାକୁ ରହସ୍ୟବାଦ ସହିତ ପୁନର୍ମିଳନ କରାଇଥିବାର ଗୌରବ ଅର୍ଜନ କରିଛନ୍ତି । ସେ ଜଣେ ମହାନ୍ ଧର୍ମତତ୍ତ୍ୱବିତ୍, ଯିଏକି ୧୦୯୫ ମସିହାରେ ଏକ ସୁଫି ସନ୍ଥ ଭାବରେ ଜୀବନଯାପନ କରିବାକୁ ଆରମ୍ଭ କରିଥିଲେ । ସେ ଉଭୟ ପରମ୍ପରାବାଦୀ ଏବଂ ସୁଫୀଙ୍କ ଦ୍ୱାରା ଗଭୀର ଭାବରେ ସମ୍ମାନିତ ହେଉଥିଲେ । ଅଲ–ଘାୟାଲି ସମସ୍ତ ଅଣପାରମ୍ପରିକ ସୁନ୍ନି ଗୋଷ୍ଠୀଙ୍କୁ ବିରୋଧ କରିଥିଲେ । ଯୁକ୍ତି ଦ୍ୱାରା ସକାରାତ୍ମକ ଜ୍ଞାନ ପାଇ ହୁଏ ନାହିଁ, ତଥ୍ୟର ପ୍ରକାଶ ଦ୍ୱାରା ତାହା ପାଇହୁଏ । ଉଲେମାଙ୍କ ପରି ସୁଫିମାନେ ମଧ୍ୟ କୋରାନ ପ୍ରତି ଆନୁଗତ୍ୟ ତଥା ଆସକ୍ତି ଦେଖାଇଥାନ୍ତି । ରାଜ୍ୟରେ ନୂତନ ଶିକ୍ଷା ପଦ୍ଧତି ପ୍ରଚଳିତ ହୋଇଥିବା କାରଣରୁ ଘାଘାଲୀଙ୍କ ମତବାଦ ଅଧିକ ପ୍ରଭାବଶାଳୀ ହୋଇଥିଲା । ଧର୍ମଯାଜକମାନଙ୍କର ଉଚ୍ଚଶିକ୍ଷା ପାଇଁ ବିଦ୍ୟାମନ୍ଦିର (ମଦ୍ରାସା)ମାନ ପ୍ରତିଷ୍ଠିତ ହୋଇଥିଲା, ଯେଉଁଠାରେ ବିଦ୍ୱାନମାନେ ଆଶାରୀଙ୍କ ମତବାଦ ସହିତ ସୁପରିଚିତ ହେଉଥିଲେ । ପାରମ୍ପରିକ ସୁନୀ ମତବାଦ ସହିତ ସମନ୍ୱୟ ରକ୍ଷା କରି କିପରି ଶାସନତନ୍ତ୍ର ଚଳାଇହେବ ତାହା ସେଠାରେ ସେମାନେ ଶିକ୍ଷାଲାଭ କରୁଥିଲେ । ଏହି ବିଦ୍ୱାନମାନଙ୍କୁ ଉଲେମା କୁହାଯାଉଥିଲା । ମଧ୍ୟଯୁଗୀୟ ଭାରତର ରାଜନୀତିରେ ଉଲେମାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

**ସୁଫି** – ସୁଫିମାନେ ଉଲେମାଙ୍କର ବିପରୀତ ଥିଲେ । ସୁଫିମାନେ ରହସ୍ୟବାଦୀ ଥିଲେ । ସେମାନେ ସାତ୍ତ୍ୱିକ ମଣିଷ ଥିଲେ । ରାଜନୀତି ଓ ଧାର୍ମିକ ଜୀବନରେ ଅଧୋଗତି ଦ୍ୱାରା ସେମାନେ ଆଘାତ ପାଇଥିଲେ । ଜନସାଧାରଣଙ୍କ ଜୀବନରେ ଧନ ସମ୍ପଦର ରୁଚିହୀନ ପ୍ରଦର୍ଶନକୁ ସେମାନେ ବିରୋଧ କରୁଥିଲେ । ଆହୁରି ମଧ୍ୟ ସେମାନେ

ଈଶ୍ୱରଙ୍କଠାରେ ଆସ୍ଥା ରଖିନଥିବା ଶାସକମାନଙ୍କର ସେବାପାଇଁ ଇଚ୍ଛା ରଖୁଥିବା ଉଲେମାମାନଙ୍କୁ ବିରୋଧ କରୁଥିଲେ । ରାଜ୍ୟ ରାଜନୀତିରେ କିଛି କରିବାକୁ ନଥିବାରୁ ଅନେକ ଏକ ଅବସରକାଳୀନ ସନ୍ୟାସ ଜୀବନ ଅତିବାହିତ କରୁଥିଲେ । ସୁଫି ଦର୍ଶନ ମଧ୍ୟ ଉଲେମା ଦର୍ଶନଠାରୁ ଭିନ୍ନ ଥିଲା । ସୁଫିମାନେ ସ୍ୱାଧୀନ ଚିନ୍ତାଧାରା ଏବଂ ଉଦାର ମତବାଦ ଉପରେ ଗୁରୁତ୍ୱ ଦେଉଥିଲେ । ସେମାନେ ପ୍ରଥା ସମର୍ଥିତ ବାହ୍ୟ ପୂଜା ଧର୍ମରେ କଠୋରତା ଓ ଉଗ୍ରବାଦର ବିରୋଧୀ ଥିଲେ । ଆଧାତ୍ମିକ ସନ୍ତୁଷ୍ଟି ପାଇବା ପାଇଁ ସୁଫିମାନେ ଧ୍ୟାନ କରୁଥିଲେ । ଭକ୍ତି ସନ୍ୟାସୀଙ୍କ ପରି ସୁଫିମାନେ ମଧ୍ୟ ଈଶ୍ୱରଙ୍କୁ ଭଲପାଇବା ଏବଂ ମଣିଷ ଜାତିର ସେବା କରିବାକୁ ଧର୍ମ ବୋଲି ବୁଝିଥିଲେ । ସମୟକ୍ରମେ ସୁଫିମାନେ ବିଭିନ୍ନ 'ସିଲ୍‌ସିଲାହ' (ସମ୍ପ୍ରଦାୟ)ରେ ବିଭକ୍ତ ହୋଇଥିଲେ । ପ୍ରତ୍ୟେକ 'ସିଲ୍ ସିଲାହ'ରେ ଜଣେ ଲେଖାଏଁ ପୀର (ପଥ ପ୍ରଦର୍ଶକ) ରହୁଥିଲେ । ସେମାନଙ୍କୁ 'ଖ୍ୱାଜା' ବା ଶେଖ କୁହାଯାଉଥିଲା । ପୀର ଏବଂ ତାଙ୍କ ଶିଷ୍ୟମାନେ 'ଖାନକା' (ଧର୍ମଶାଳା)ରେ ରହୁଥିଲେ । ପୀର ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣକୁ ତାଙ୍କ ଉତ୍ତରାଧିକାରୀ (ୱ୍ୱାଲ) ରୂପରେ ତାଙ୍କ କାର୍ଯ୍ୟନିର୍ବାହ କରିବାକୁ ମନୋନୀତ କରୁଥିଲେ । ଏକ ରହସ୍ୟମୟ ଉଲ୍ଲାସକୁ ଜାଗ୍ରତ କରିବା ପାଇଁ ସୁଫିମାନେ 'ସମସ' (ପବିତ୍ର ଗୀତଗୁଡ଼ିକର ଆବୃତ୍ତି) ଆୟୋଜନ କରୁଥିଲେ । ଇରାକରେ 'ବାସ୍ରା' ସୁଫି କାର୍ଯ୍ୟାବଳୀର କେନ୍ଦ୍ରସ୍ଥଳ ହୋଇଥିଲା । ସୁଫୀ ସନ୍ଥମାନେ ନୂଆ ଧର୍ମ ପ୍ରତିଷ୍ଠା କରୁନଥିଲେ । କିନ୍ତୁ ଇସ୍‌ଲାମ ଧର୍ମର କାର୍ଯ୍ୟସୀମା ମଧ୍ୟରେ ଉଦାରୀକରଣ ନିମିତ୍ତ ଏକ ଆନ୍ଦୋଳନ ପ୍ରସ୍ତୁତ କରୁଥିଲେ । 'ଉଲେମା'ଙ୍କ ପରି ସୁଫୀମାନେ ମଧ୍ୟ 'କୋରାନ' ଅନୁଗତ ଥିଲେ ।

**ଭାରତରେ ସୁଫୀ :** ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀରେ ଭାରତକୁ ସୁଫୀ ଧର୍ମର ଆଗମାନ ହେଲା । ସୁଫୀମାନଙ୍କ ମଧ୍ୟରେ ଜଣେ ପ୍ରଧାନ ବ୍ୟକ୍ତି ହେଉଛନ୍ତି ଅଲ–ହୁଜ୍ୱାରୀ । ଭାରତରେ ସେ ବସବାସ କରିଥିଲେ । ସେ ଲୋକପ୍ରିୟ ଥିଲେ ଏବଂ ଦାତା ଗଞ୍ଜ ବକ୍‌ସ୍ (ଅପରିସୀମା ଧନର ବିତରକ) ନାମରେ ଜଣାଶୁଣା ଥିଲେ । ପ୍ରଥମ ପର୍ଯ୍ୟାୟରେ ମୁଲତାନ ଓ ପଞ୍ଜାବ ସୁଫୀମାନଙ୍କର ପ୍ରଧାନ କେନ୍ଦ୍ରସ୍ଥଳ ଥିଲା । ତ୍ରୟୋଦଶ ଓ ପଞ୍ଚଦଶ ଶତାବ୍ଦୀ ବେଳକୁ ସୁଫୀଧର୍ମ କାଶ୍ମୀର, ବିହାର, ବଙ୍ଗଳା ଏବଂ ଦାକ୍ଷିଣାତ୍ୟକୁ ସମ୍ପ୍ରସାରିତ ହେଲା । ଭାରତକୁ ଆସିବା ପୂର୍ବରୁ ସୁଫୀଧର୍ମ ଏକ ନିର୍ଦ୍ଦିଷ୍ଟ ରୂପ ନେଇ ସାରିଥିଲା । ଏହାର ମୌଳିକ ଏବଂ ନୈତିକ ନିୟମାବଳୀ, ସିଦ୍ଧାନ୍ତ ଏବଂ ନିର୍ଦ୍ଦେଶ, ଉପବାସ, ପ୍ରଥା, ପ୍ରାର୍ଥନା ଏବଂ 'ଶଙ୍କ' (ଧର୍ମଶାଳା)ରେ ରହିବାର ଅଭ୍ୟାସ – ଏସବୁ ପୂର୍ବରୁ ସ୍ଥିର ହୋଇସାରିଥିଲା । ନିଜ ଇଚ୍ଛାରେ ସେମାନେ ଆଫଗାନିସ୍ଥାନ ବାଟ ଦେଇ ଭାରତ ଆସିଲେ । ସେମାନେ ଏକ ନିର୍ମଳ ଜୀବନ, ଭକ୍ତିପୂତ ପ୍ରେମ ଏବଂ ମଣିଷର ସେବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାରଣରୁ ସେମାନେ ସମାଜରେ ଆଦର ଏବଂ ସମ୍ମାନ ଲାଭକଲେ ।

ଆବୁଲ ଫଜଲ ତାଙ୍କ 'ଆଇନ–ଇ–ଆକବରୀ'ରେ ସୁଫୀଙ୍କର ୧୪ଟି ସିଲସିଲାହ କଥା ଉଲ୍ଲେଖ କରିଛନ୍ତି । ଯାହାହେଉ, ଏହି ଅଧ୍ୟାୟରେ ଆମେ କେବଳ କେତେକ ପ୍ରଧାନ 'ସିଲ୍‌ସିଲାହ'ର ସଂକ୍ଷିପ୍ତ ବିବରଣୀ ପାଇଲେ । ସେହି ସିଲସିଲାହଗୁଡ଼ିକ ଦୁଇ ପ୍ରକାରର ଥିଲା ଯଥା– ବା–ସାରା ଓ ବେ–ସାରା । ଇସଲାମୀୟ ନିୟମ (ସରିଆ) ଏବଂ ଏହାର ନିର୍ଦ୍ଦେଶ (ନମାଜ ଏବଂ ରୋଜା)କୁ ଅନୁସରଣ କରୁଥିବାକୁ 'ବାସରା' କୁହାଯାଏ । ସେଗୁଡ଼ିକ ମଧ୍ୟରେ ମୁଖ୍ୟ ହେଉଛି 'ଚିସ୍ତି' । 'ସୁହରାୱାର୍ଦ୍ଦି', 'ଫିରହାଉସ କ୍ୱାଦିରି ଏବଂ ନକସବନ୍ଦୀ, ସିଲସିଲାହ ବେସାରା ସିଲସିଲାହଗୁଡ଼ିକ ସାରିଆ (ଇସଲାମୀୟ ନିୟମ) ଦ୍ୱାରା ସୀମାବଦ୍ଧ ନଥିଲା । 'କଲନ୍ଦର'ଗୁଡ଼ିକ ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ।

**ଚିସ୍ତି ସିଲସିଲାହ –** ହେରାତ୍ ନିକଟରେ ଥିବା ଖ୍ୱାଜାଚିସ୍ତି ଗାଁରେ ଚିସ୍ତି ପଦ୍ଧତି ପ୍ରତିଷ୍ଠିତ ହୋଇଥିଲା । ଭାରତରେ ଖ୍ୱାଜା–ମଇଉଦ୍ଦିନ ଚିସ୍ତି (୧୧୪୨)ଙ୍କ ଦ୍ୱାରା ଚିସ୍ତି ସିଲ୍‌ସିଲାହ ପ୍ରତିଷ୍ଠିତ ହୋଇଥିଲା । ସେ ପ୍ରାୟ ୧୧୯୨

ମସିହାରେ ଭାରତ ଆସିଥିଲେ । ଆଜମୀରରେ ସେ ତାଙ୍କର ମୁଖ୍ୟ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଥିଲେ । ମଣିଷ ସେବାହିଁ ଈଶ୍ୱର ସେବା ଏବଂ ପରମ ଭକ୍ତିର ନିଦର୍ଶନ ବୋଲି ସେ ବିଶ୍ୱାସ କରୁଥିଲେ । ସେଥିପାଇଁ ସେ ନିଷ୍ପୀଡ଼ିତ ଜନତାଙ୍କ ପାଇଁ କାମ କରିଥିଲେ । ୧୨୩୬ ଖ୍ରୀଷ୍ଟାବ୍ଦରେ ଆଜମୀରଠାରେ ସେ ମୃତ୍ୟୁବରଣ କଲେ । ମୋଗଲ ରାଜତ୍ୱକାଳରେ ଆଜମୀର ଏକ ପ୍ରମୁଖ ତୀର୍ଥସ୍ଥାନରେ ପରିଣତ ହୋଇଥିଲା । କାରଣ ସମ୍ରାଟମାନେ ନିୟମିତ ଭାବରେ 'ଶେଖ'ଙ୍କର ସମାଧୀସ୍ଥଳ ପରିଦର୍ଶନ କରୁଥିଲେ । ଆଜିସୁଦ୍ଧା କୋଟି କୋଟି ମୁସଲମାନ ଏବଂ ହିନ୍ଦୁମାନେ ନିଜ ନିଜ ମନସ୍କାମନା ପୂର୍ଣ୍ଣ କରିବା ପାଇଁ 'ଦର୍ଘା' ପରିଦର୍ଶନ କରିବାକୁ ଯାଆନ୍ତି । ଏଥିରୁ ତାଙ୍କ ଲୋକପ୍ରିୟତା କେତେ ଅଧିକ ତାହା ଅନୁମାନ କରିହୁଏ । ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ନାଗାଉର୍‌ର ଶେଖ୍ ହମିଦୁଦ୍ଦିନ୍ ଏବଂ କୁତୁବୁଦ୍ଦିନ ବଖତିଆର୍ କାକି ଅନ୍ୟତମ । ସେମାନଙ୍କ ମଧ୍ୟରୁ ଶେଖ୍ ହମିଦୁଦ୍ଦିନ ଏକ ଛୋଟ ଚାଷୀ ଭାବରେ ଜମି ଚାଷକରି ଜୀବନ କାଟିଥିଲେ ଏବଂ ଇଲତୁତମିସ୍ ଗୋଟିଏ ଗ୍ରାମଦାନ କରିଥିଲେ ମଧ୍ୟ ସେ ତାହା ପ୍ରତ୍ୟାଖ୍ୟାନ କରିଦେଇ ଥିଲେ । କୁତୁବୁଦ୍ଦିନ ବଖତିଆର କାକିଙ୍କର 'ଖାନ୍‌କା' (ଧର୍ମଶାଳା)କୁ ମଧ୍ୟ ସମାଜର ସବୁ ବର୍ଗର ଲୋକେ ପରିଦର୍ଶନ କରିବାକୁ ଯାଉଥିଲେ । ସୁଲତାନ ଇଲତୁତମିସ କୁତବମିନାରକୁ ଏହି ସନ୍ଥଙ୍କ ପ୍ରତି ଉତ୍ସର୍ଗ କରିଥିଲେ । ଅଯୋଧାନ (ପାକିସ୍ଥାନରେ ଥିବା ପାଟଣା)ର ଶେଖ୍ ଫରିଦୁଦ୍ଦିନ ଚିସ୍ତି ସିଲସିଲାହକୁ ଆଧୁନିକ ହରିୟାଣା ଓ ପଞ୍ଜାବରେ ଲୋକପ୍ରିୟ କରାଇଥିଲେ । ସମସ୍ତଙ୍କ ପାଇଁ ସେ ତାଙ୍କ ପ୍ରେମ ଓ ଦୟାର ଦ୍ୱାର ଖୋଲି ଦେଇଥିଲେ । ଲୋକେ ତାଙ୍କୁ 'ବାବା ଫରିଦ' ନାମରେ ଡାକୁଥିଲେ । ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କ ଦ୍ୱାରା ସେ ସମ୍ମାନିତ ହେଉଥିଲେ । ପଞ୍ଜାବୀ ଭାଷାରେ ଲେଖା ହୋଇଥିବା ତାଙ୍କ କବିତାଗୁଡ଼ିକ ଆଦିଗ୍ରନ୍ଥରେ ଉଲ୍ଲିଖିତ ହୋଇଛି । ଦିଲ୍ଲୀକୁ ଚିସ୍ତି ସିଲସିଲାହର ଏକ ପ୍ରମୁଖ କେନ୍ଦ୍ର କରିବାରେ ବାବା ଫରିଦଙ୍କ ପ୍ରସିଦ୍ଧ ଶିଷ୍ୟ, ଶେଖ୍ ନିଜାମୁଦ୍ଦିନ ଅଉଲିୟ (୧୨୩୮–୧୩୨୫)ଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ୧୨୫୯ ମସିହାରେ ସେ ଦିଲ୍ଲୀ ଆସିଥିଲେ ଏବଂ ଛଅ ବର୍ଷ ମଧ୍ୟରେ ସେ ସେଠାରେ ସାତଜଣ ସୁଲତାନଙ୍କର ରାଜତ୍ୱ ଦେଖିଥିଲେ । ଶାସକ ଏବଂ ମହତ ଲୋକମାନଙ୍କର ସାହଚର୍ଯ୍ୟ ସେ ପସନ୍ଦ କରିନଥିଲେ ଏବଂ ତାହା ବର୍ଜନ କରିଥିଲେ । ତାଙ୍କ ନିକଟରେ ତ୍ୟାଗର ଅର୍ଥ ଥିଲା, ଗରୀବ ଲୋକମାନଙ୍କୁ ଖାଦ୍ୟ ଓ ପୋଷାକ ବଣ୍ଟନ କରିବା । ଜଣାଶୁଣା ଲେଖକ ଅମୀର ଖୁସ୍ରୁ ତାଙ୍କର ଅନୁଗାମୀ ଥିଲେ ।

ଶେଖ୍ ନାସିରୁଦ୍ଦିନ ଅହମ୍ମଦ ଥିଲେ ଆଉ ଜଣେ ପ୍ରସିଦ୍ଧ ଚିସ୍ତି ସନ୍ଥ । ନାସିରୁଦ୍ଦିନ୍‌ଙ୍କ ଚିରାଗ–ଇ–ଦୀଲ୍ଲି (ଦୀଲ୍ଲିର ଆଲୋକ ବର୍ତ୍ତିକା) କୁହାଯାଉଥିଲା । ୧୩୫୬ ମସିହାରେ ମୃତ୍ୟୁପରେ, ତାଙ୍କର କେହି ଜଣେ ଆଧ୍ୟାତ୍ମିକ ଉତ୍ତରାଧିକାରୀ ନଥିବାରୁ ଚିସ୍ତି ସିଲସିଲାହର ଶିଷ୍ୟମାନେ ପୂର୍ବ ଓ ଦକ୍ଷିଣ ଭାରତ ଆଡ଼କୁ ଯାତ୍ରାକଲେ ।

ସୁହ୍ରୱାର୍ଦ୍ଦି ସିଲସିଲାହ – ଏହି ସିଲ୍‌ସିଲାହ ଶେଖ ସିହାବୁଦ୍ଦିନ୍ ଜାକାରିଆ (୧୧୮୨–୧୨୬୨)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେ ମୁଲତାନରେ ଏକ ଅଗ୍ରଣୀ ଖାନ୍‌କା ବସାଇଥିଲେ । ଶାସକ, ଉଚ୍ଚପଦାଧିକାରୀ ଧନୀ ବ୍ୟବସାୟୀମାନେ ତାହା ପରିଦର୍ଶନ କରୁଥିଲେ । ଇଲ୍‌ତୁତମିସ କ୍ୱାବାଚଙ୍କ ବିରୁଦ୍ଧରେ ସଂଘର୍ଷ କରିଥିଲେ ଏବଂ ଶେଖବାହାଉଦ୍ଦିନ୍ ଜାକାରିୟା ଖୋଲା ଖୋଲି ଭାବରେ ତାଙ୍କୁ ସମର୍ଥନ କରି ଶାଇଖୁଲ୍ ଇସ୍‌ଲାମ (ଇସ୍‌ଲାମଙ୍କ ନେତା) ଉପାଧି ତାଙ୍କଠାରୁ ପାଇଥିଲେ । ଚିସ୍ତି ସନ୍ଥମାନଙ୍କ ଅସଦୃଶ ସୁହ୍ରୱାଦୀମାନେ ରାଜ୍ୟ ସହିତ ସମ୍ପର୍କ ରଖିଥିଲେ । ସେମାନେ ଉପହାର, ଜାଗିରୀ, ଏପରିକି ଧର୍ମ ସଂକ୍ରାନ୍ତୀୟ ସରକାରୀ ବିଭାଗରେ ଉଚ୍ଚପଦ ଗ୍ରହଣ କରୁଥିଲେ ।

'ସୁହ୍ରୱାର୍ଦ୍ଦି ସିଲସିଲାହ' ପଞ୍ଜାବ ଏବଂ ସିନ୍ଧୁ ପ୍ରଦେଶରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଏହି ଦୁଇ ସିଲ୍‌ସିଲାହ ସହିତ ଫିରଦାଉସି ସିଲସିଲାହ, ସତ୍ତାରୀ ସିଲ୍‌ସିଲାହ, କ୍ୱାଦିରୀ ସିଲସିଲାହ ଏବଂ ନକସବନ୍ଦୀ ସିଲ୍‌ସିଲାହ ସହିତ

ଫିରଦାଉସି ସିଲସିଲାହ, ସୱାରୀ ସିଲ୍‌ସିଲାହ, ସୱାରୀ ସିଲ୍‌ସିଲାହ, କ୍ୱାଦିରୀ ସିଲସିଲାହ ଏବଂ ନକସବନ୍ଧୀ ସିଲ୍‌ସିଲାହ ମଧ୍ୟ ରହିଥିଲେ ।

## ୯.୨ ସୁଫି ଆନ୍ଦୋଳନର ଗୁରୁତ୍ୱ

ଭାରତୀୟ ସମାଜ ପ୍ରତି ସୁଫି ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଭକ୍ତି ସନ୍ୟାସୀମାନେ ଯେପରି ହିନ୍ଦୁଧର୍ମ ଭିତରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିବାରେ ବ୍ୟସ୍ତ ଥିଲେ । ସେହିପରି ସୁଫୀମାନେ ମଧ୍ୟ ଇସଲାମ ଧର୍ମରେ ଉଦାରବାଦୀ ଦୃଷ୍ଟିଭଙ୍ଗୀ ମିଶାଇଥିଲେ । ପ୍ରଥମ ଭକ୍ତି ଓ ସୁଫୀ ତତ୍ତ୍ୱ ମଧ୍ୟରେ ଘଟିଥିବା ଅନ୍ତଃକ୍ରିୟା ୧୫ ଶହ ଶତାବ୍ଦୀର ଉଦାରବାଦୀ ଆନ୍ଦୋଳନର ମୂଳଦୁଆ ପକାଇଥିଲା । ତୁମେ ପଢ଼ିବ ଯେ, ସନ୍ଥ କବୀର ଏବଂ ଗୁରୁନାନକ, ସାର୍ବଜନୀନ ଭଲପାଇବା  ଉପରେ ପର୍ଯ୍ୟବସିତ ଏକ ଅଣସମ୍ପ୍ରଦାୟିକ ଧର୍ମ ଶିକ୍ଷା ଦେଇଥିଲେ । ସୁଫୀମାନେ ୱାହଦାତ୍–ଉଲ୍–ୱାଜୁଦ୍ (ସହାବସ୍ଥାନ)ରେ ବିଶ୍ୱାସ ରଖିଥିଲେ । ତାହା ଇବନ୍–ଇ–ଆରବୀ (୧୧୬୫–୧୨୪୦)ଙ୍କ ଦ୍ୱାରା ପ୍ରସାରିତ ହୋଇଥିଲା । ତାଙ୍କ ମତରେ ସମସ୍ତେ ମୂଳତଃ ଏକ ଅଟନ୍ତି । ବିଭିନ୍ନ ଧର୍ମ ଏକା ପ୍ରକାରର । ଏହି ତଥ୍ୟ ଭାରତରେ ଲୋକପ୍ରିୟ ହୋଇଥିଲା । ସୁଫୀ ଏବଂ ଭାରତୀୟ ଯୋଗୀ ଋଷିଙ୍କ ମଧ୍ୟରେ ତଥ୍ୟର ଆଦାନ ପ୍ରଦାନ ହେଉଥିଲା । ପ୍ରକୃତରେ ହଟ୍ଟ ଯୋଗ ଗ୍ରନ୍ଥ ପୁସ୍ତକ 'ଅମୃତ କୁଣ୍ଡ' ଆରବୀ ଏବଂ ପାର୍ଶି ଭାଷାରେ ଅନୁବାଦିତ ହୋଇଥିଲା । 'ଦରିଦ୍ର ଏବଂ ନିଷ୍ପେସିତ ମଣିଷର ସେବା' ହେଉଛି ସୁଫୀମାନଙ୍କର ଏକ ଉଲ୍ଲେଖନୀୟ ଅବଦାନ । ସୁଲତାନ ଏବଂ ଉଲେମାମାନେ ଯେତେବେଳେ ଲୋକମାନଙ୍କର ଦୈନନ୍ଦିନ ସମସ୍ୟାଠାରୁ ଦୂରେଇ ରହୁଥିଲେ, ସେତେବେଳେ ସୁଫୀ ସନ୍ଥମାନେ ସାଧାରଣ ଜନତା ସହିତ ନିକଟ ସମ୍ପର୍କରେ ରହୁଥିଲେ । ନିଜାମୁଦ୍ଦିନ ଅଉଲିୟ, ଜାତି ଧର୍ମ ନିର୍ବିଶେଷରେ ଅଭାବଗ୍ରସ୍ତ ଲୋକଙ୍କୁ ଉପହାର ବାଣ୍ଟିବା ପାଇଁ ପ୍ରସିଦ୍ଧ ଥିଲେ । କୁହାଯାଏ ଯେ ଖାନ୍‌କାକୁ ଆସୁଥିବା ସବୁ ଦର୍ଶନକଙ୍କ କଥା ନଶୁଣିସାରି ସେ ବିଶ୍ରାମ ନେଉନଥିଲେ । ସୁଫୀମାନଙ୍କ ମତରେ ମଣିଷ ଜାତିର ସେବାହିଁ ଈଶ୍ୱରଙ୍କ ପ୍ରତି ସର୍ବୋଚ୍ଚ ଭକ୍ତିର ନିଦର୍ଶନ । ସେମାନେ ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ଅମୀର ଖୁସ୍ରୁ କହିଛନ୍ତି – 'ଧର୍ମରେ ହିନ୍ଦୁଟିଏ ଯଦିଓ ମୋପରି ନୁହେଁ, ମୁଁ ଯାହାକରେ ସେହି ସମାନ କଥାରେ ସେ ବିଶ୍ୱାସ କରେ ।'

ସୁଫୀ ଆନ୍ଦୋଳନ ସମତା ଏବଂ ଭାଇଚାରାକୁ ଉତ୍ସାହିତ କରିଥିଲା । ସମତା ପ୍ରତି ଇସ୍‌ଲାମୀୟମାନଙ୍କର ଗୁରୁତ୍ୱ ଆରୋପ କରିବା କାର୍ଯ୍ୟ ପ୍ରତି ସୁଫୀମାନଙ୍କର ସମ୍ମାନ ଉଲେମାଙ୍କଠାରୁ ଯଥେଷ୍ଟ ଅଧିକ ଥିଲା । ସୁଫୀ ତତ୍ତ୍ୱ ପରମ୍ପରାଗତ ଧର୍ମପରାୟଣତା ଦ୍ୱାରା ଆକ୍ରମିତ ହୋଇଥିଲା । ସୁଫୀମାନେ ଉଲେମାମାନଙ୍କୁ ନିନ୍ଦା କରିଥିଲେ । ସେମାନେ ବିଶ୍ୱାସ କରୁଥିଲେ ଯେ ଉଲେମାମାନେ ପୃଥିବୀକୁ ଲୋଭ ଦ୍ୱାରା ଆୟତ କରିଛନ୍ତି ଏବଂ କୋରାନ୍‌ର ମୌଳିକ ଗଣତାନ୍ତ୍ରିକ ଏବଂ ସାମ୍ୟବାଦୀ ନୀତି ନିୟମରୁ ଦୂରକୁ ଚାଲିଯାଇଛନ୍ତି । ପାରମ୍ପରିକ ଏବଂ ଉଦାରବାଦୀ ତତ୍ତ୍ୱ ମଧ୍ୟରେ ଏହି ସଂଘର୍ଷ ୧୬ ଶହ, ୧୭ ଶହ ଏବଂ ୧୮ ଶହ ଶତାବ୍ଦୀ ପର୍ଯ୍ୟନ୍ତ ଲାଗି ରହିଥିଲା । ସୁଫୀ ସନ୍ଥମାନେ ସାମାଜିକ ସଂସ୍କାର ଆଣିବାକୁ ମଧ୍ୟ ଚେଷ୍ଟା କରିଥିଲେ । ଭକ୍ତି ସନ୍ୟାସଙ୍କ ପରି ସୁଫୀମାନେ ମଧ୍ୟ ଆଞ୍ଚଳିକ ସାହିତ୍ୟର ଉନ୍ନତିକୁ ପ୍ରୋତ୍ସାହନ ଦେଇଥିଲେ । ଅଧିକାଂଶ ସୁଫୀ ସନ୍ୟାସୀମାନେ କବି ଥିଲେ । ସେମାନେ ଲେଖିବାକୁ ଆଞ୍ଚଳିକ ଭାଷାକୁ ହିଁ ବାଛିଥିଲେ । 'ବାବା ଫରିଦ' ଆଧ୍ୟାତ୍ମିକ ଲେଖାରେ ପଞ୍ଜାବୀ ଭାଷା ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ । ଶେଖ ହମିଦୁଦ୍ଦିନ୍ ତାଙ୍କ ପୂର୍ବରୁ ହିନ୍ଦାୱିରେ ଲେଖିଥିଲେ । ତାଙ୍କ କବିତାଗୁଡ଼ିକ, ପାର୍ସିଆନ ରହସ୍ୟବାଦୀ କବିତାର ପ୍ରାଚୀନ ହିନ୍ଦାୱି ଅନୁବାଦର ଉତ୍ତମ ଉଦାହରଣ ଅଟେ । ସୟଦ ଜେସୁଦରାଜ୍ ଡେକାନୀ ହିନ୍ଦୀର ପ୍ରଥମ ଲେଖକ ଥିଲେ । ସେ ଜାଣିଥିଲେ ଯେ ପାର୍ସି ଅପେକ୍ଷା ହିନ୍ଦୀ ଭାଷାରେ ଅଧିକ ଭଲ ଭାବରେ ରହସ୍ୟବାଦକୁ ପ୍ରକାଶ କରିହୁଏ । କେତେଗୁଡ଼ିଏ ସୁଫୀ କବିତା ବଙ୍ଗଳା ଭାଷାରେ ମଧ୍ୟ ଲେଖା ହୋଇଥିଲା ।

ନିଜାମୁଦ୍ଦିନ ଅଉଲିୟାଙ୍କ ଅନୁଗାମୀ ଅମୀର ଖୁସ୍ରୁ (୧୨୫୨-୧୩୨୫) ହେଉଛନ୍ତି ଏହି ସମୟର ଜଣେ ପ୍ରମୁଖ ଲେଖକ । ଖୁସ୍ରୁ ଜଣେ ଭାରତୀୟ ହୋଇଥିବାରୁ ଗର୍ବ ଅନୁଭବ କରୁଥିଲେ ଏବଂ ହିନ୍ଦୁସ୍ଥାନର ଇତିହାସ ଓ ସଂସ୍କୃତିକୁ ତାଙ୍କ ନିଜ ପରମ୍ପରା ତଥା ଐତିହର ଏକ ଅଂଶ ଭାବରେ ଗ୍ରହଣ କରିଥିଲେ । ସେ ହିନ୍ଦୀ (ହିନ୍ଦାଓ୍ୱି)ରେ କବିତା ଲେଖିଥିଲେ ଏବଂ ହିନ୍ଦୀରେ ପାର୍ସି ଛନ୍ଦ ପ୍ରୟୋଗ କରିଥିଲେ । ସେ ସବକ୍-ଇ-ହିନ୍ଦି ନାମରେ ଏକ ନୂତନ ଶୈଳୀ ସୃଷ୍ଟି କରିଥିଲେ । ପଞ୍ଚାଦଶ ଶତାବ୍ଦୀ ବେଳକୁ ହିନ୍ଦୀ ଭାଷା ଏକ ନିର୍ଦ୍ଦିଷ୍ଟ ଆକାର ନେବାକୁ ଆରମ୍ଭ କରିଥିଲା ଏବଂ କବୀରଙ୍କ ପରି ଭକ୍ତି ସନ୍ୟାସୀଗଣ ଏହାକୁ ବହୁଳ ଭାବରେ ବ୍ୟବହାର କରିଥିଲେ ।

## ପାଠଗତ ପ୍ରଶ୍ନାବଳୀ ୯.୧

୧. କେଉଁମାନଙ୍କୁ ଉଲେମା କୁହାଯାଏ ?

______________________________

୨. କଲାମର ଅର୍ଥ କ'ଣ ?

______________________________

୩. ଦାତାଗଞ୍ଜ ବକ୍ସ କିଏ ?

______________________________

୪. ଆଇନ୍-ଇ-ଆକବରୀରେ କେତୋଟି ସିଲ୍‌ସିଲାହର ଉଲ୍ଲେଖ ରହିଛି ?

______________________________

୫. ଖ୍ୱାଜା ମଇଉଦ୍ଦିନ ଚିସ୍ତି ଖାନ୍‌କା କେଉଁଠାରେ ଅବସ୍ଥିତ ?

______________________________

୬. ଇସଲାମିୟ ନିୟମର ଅନ୍ୟନାମ କ'ଣ ?

______________________________

୭. ଚିରାଗ-ଇ-ଦିଲ୍ଲୀ (The Lamp of Delhi) କିଏ ?

______________________________

## ୯.୩ ଭକ୍ତି ଆନ୍ଦୋଳନ

ସପ୍ତମ ଏବଂ ଦ୍ୱାଦଶ ଶତାବ୍ଦୀର ମଧ୍ୟ ଭାଗରେ ତାମିଲନାଡୁରେ ଭକ୍ତି ଆନ୍ଦୋଳନ ବିକଶିତ ହୋଇଥିଲା । ନାୟାନାର (ଶିବଭକ୍ତ) ଏବଂ ଅଲଭାର (ବିଷ୍ଣୁଭକ୍ତ)ଙ୍କ ଭାବପୂର୍ଣ୍ଣ କବିତାରେ ଏହା ପ୍ରତିଫଳିତ ହୋଇଥିଲା । ଏହି ସନ୍ୟାସୀମାନେ ଧର୍ମକୁ ଏକ ପ୍ରଚଳିତ ଆବେଗହୀନ ପୂଜା ପଦ୍ଧତି ଭାବରେ ଦେଖୁନଥିଲେ । ବରଂ ସେମାନଙ୍କ ପାଇଁ ଏହା ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଏକ ପ୍ରେମପୂର୍ଣ୍ଣ ବନ୍ଧନ ଥିଲା । ସେମାନେ ଆଞ୍ଚଳିକ ଭାଷା ତାମିଲ, ତେଲୁଗୁରେ ଲେଖିଥିଲେ । ସେଥିପାଇଁ ତାହା ଲୋକଙ୍କ ପାଖରେ ବହୁଳ ଭାବରେ ପହଞ୍ଚି ପାରିଥିଲା ।





ସମୟ କ୍ରମେ ଏହି ଚିନ୍ତାଧାରା ଉତ୍ତର ଭାରତକୁ ଏକ ଧୀର ମନ୍ଥର ଗତିରେ ସମ୍ପ୍ରସାରିତ ହୋଇଥିଲା । ଭାବନାର ମାଧ୍ୟମ ସଂସ୍କୃତ ଭାଷା ଏକ ନୂଆ ଆକାର ପାଇଥିଲା ।

ଏହିପରି ଆମେ ଜାଣୁଯେ, ନବମ ଶତାବ୍ଦୀର ଭାଗବତ ପୁରାଣ ପୁରାତନ ପୌରାଣିକ ଆକାରରେ ଲେଖା ହୋଇଥିଲା । କୃଷ୍ଣଙ୍କ ବାଲ୍ୟ ଓ ଯୌବନକୁ କେନ୍ଦ୍ରକରି ଏହି କୃତୀରେ ଶ୍ରୀକୃଷ୍ଣଙ୍କର ବୀରତ୍ୱପୂର୍ଣ୍ଣ କାହାଣୀ ଦ୍ୱାରା ଗଭୀର ତତ୍ତ୍ୱକୁ ଅତି ସରଳ ଭାଷାରେ ବୁଝାଇ ଦିଆଯାଇଛି । ଏହି କୃତୀ ବୈଷ୍ଣବୀୟ ଆନ୍ଦୋଳନ ଇତିହାସରେ ଏକ ମୋଡ ଆଣି ଦେଇଥିଲା । ବୈଷ୍ଣବୀୟ ଆନ୍ଦୋଳନ ଭକ୍ତି ଆନ୍ଦୋଳନର ଏକ ଅଂଶ ଥିଲା । ଭକ୍ତି ତତ୍ତ୍ୱକୁ ପ୍ରସାର କରିବା ପାଇଁ ସନ୍ନ୍ୟାସୀମାନେ ଆଞ୍ଚଳିକ ଭାଷାରେ ଲେଖୁଥିଲେ । ଅଧିକ ଲୋକ ବୁଝିବା ପାଇଁ ସଂସ୍କୃତ ଲେଖାଗୁଡ଼ିକର ଅନୁବାଦ ମଧ୍ୟ ସେମାନେ କରିଥିଲେ । ଏହିପରି ଆମେ ଜାଣିଲୁ ଯେ, ଜ୍ଞାନଦେବ ମରାଠୀରେ ଏବଂ କବୀର, ସୁରଦାସ ଓ ତୁଳସୀ ଦାସ ହିନ୍ଦୀରେ ଲେଖିଥିଲେ । ଶଙ୍କର ଦାସ ଆସାମୀକୁ ଲୋକପ୍ରିୟ କରିଥିଲେ । ଶ୍ରୀ ଚୈତନ୍ୟ ଏବଂ ଚଣ୍ଡିଦାସ ବଙ୍ଗଳା ଭାଷାରେ ତାଙ୍କ ବାର୍ତ୍ତା ପ୍ରଚାର କରିଥିଲେ । ମୀରାବାଇ ତାଙ୍କ ଭକ୍ତିଗୀତ ହିନ୍ଦୀ ଓ ରାଜସ୍ଥାନୀରେ ଲେଖିଥିଲେ । ଆହୁରି ମଧ୍ୟ ଅନେକ ଭକ୍ତିଗୀତ କାଶ୍ମୀରୀ, ତେଲୁଗୁ, କନ୍ନଡ, ଓଡ଼ିଆ, ମାଲୟାଲମ, ମୈଥିଳୀ ଏବଂ ଗୁଜୁରାଟୀ ଭାଷାରେ ମଧ୍ୟ ରଚିତ ହୋଇଥିଲା ।

ଭକ୍ତି ସନ୍ନ୍ୟାସୀମାନେ ସମସ୍ତଙ୍କ ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ବିଶ୍ୱାସ କରୁଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଈଶ୍ୱରଙ୍କ ପାଖରେ ସମସ୍ତେ ସମାନ ବୋଲି ସେମାନେ କହୁଥିଲେ । ସେମାନେ ସମସ୍ତେ ନିଜେ ଭିନ୍ନ ଭିନ୍ନ ଶ୍ରେଣୀରୁ ଆସିଥିଲେ । ରାମାନନ୍ଦ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରୁ ଆସିଥିଲେ । କିନ୍ତୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମାବଲମ୍ବୀ ତାଙ୍କ ଶିଷ୍ୟ ଥିଲେ । ତାଙ୍କ ଶିଷ୍ୟ କବୀର ଜଣେ ତନ୍ତୀ ଥିଲେ । ଗୁରୁନାନକ ଜଣେ ଗ୍ରାମ୍ୟ ହିସାବ ରକ୍ଷକଙ୍କ ପୁତ୍ରଥିଲେ । ନାମଦେବ ଜଣେ ଦରଜୀ ଥିଲେ । ଏହି ସନ୍ନ୍ୟାସୀଗଣ ସମତାକୁ ଗୁରୁତ୍ୱ ଦେଇଥିଲେ । ଜାତି ପ୍ରଥାକୁ ବିରୋଧ କରିଥିଲେ ଏବଂ ଆନୁଷ୍ଠାନିକ ଧର୍ମକୁ ନିନ୍ଦା କରିଥିଲେ । ଏହି ସନ୍ନ୍ୟାସୀମାନେ ନିଜକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଚିନ୍ତାଧାରା ଭିତରେ ସୀମାବଦ୍ଧ କରି ରଖିନଥିଲେ । ସେମାନେ ସାମାଜିକ ସଂସ୍କାରକୁ ସମର୍ଥନ କରିଥିଲେ । ସେମାନେ ବାଲ୍ୟବିବାହ ଏବଂ ସତୀଦାହ ପ୍ରଥାକୁ ବିରୋଧ କରିଥିଲେ । କୀର୍ତ୍ତନରେ ଯୋଗଦେବା ପାଇଁ ସେମାନେ ସ୍ତ୍ରୀ ଲୋକମାନଙ୍କୁ ଉତ୍ସାହିତ କରିଥିଲେ । ମୀରାବାଇ ଏବଂ କାଶ୍ମୀରର ଲାଲା ରଚନା କରିଥିବା ଗୀତଗୁଡ଼ିକ ଆଜି ମଧ୍ୟ ଲୋକପ୍ରିୟ ଅଟେ ।

ଅଣସାମ୍ପ୍ରଦାୟିକ ସନ୍ନ୍ୟାସୀଙ୍କ ମଧ୍ୟରୁ ସନ୍ଥ କବୀର ଏବଂ ଗୁରୁନାନକଙ୍କର ବଡ଼ ଅବଦାନ ରହିଥିଲା । ଉଭୟ ହିନ୍ଦୁ ଏବଂ ଇସଲାମୀୟ ପ୍ରଥାଗୁଡ଼ିକ ଦ୍ୱାରା ସେମାନେ ପ୍ରଭାବିତ ହୋଇଥିଲେ । ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବା ପାଇଁ ସେମାନେ ଲକ୍ଷ୍ୟ ରଖିଥିଲେ । ଏଥର ଆସ ଆମେ ସେମାନଙ୍କ ସମ୍ବନ୍ଧରେ ବିଶଦ ଭାବରେ ପଢ଼ିବା ।

**ସନ୍ଥ କବୀର** (୧୪୦୦–୧୫୧୮) ଜଣେ ବିଧବା ବ୍ରାହ୍ମଣୀଙ୍କ ପୁତ୍ର ଥିଲେ । ତାଙ୍କ ମା ତାଙ୍କୁ ପରିତ୍ୟାଗ କରିଥିଲେ । ତାପରେ ଜଣେ ମୁସଲମାନ ବୁଣାକାର ତାଙ୍କୁ ଲାଳନପାଳନ କରିଥିଲେ । ଭକ୍ତି ହିଁ ଈଶ୍ୱର ପ୍ରାପ୍ତିର ପଥ ଏବଂ ସାରା ସଂସାରର ଜଣେ ମାତ୍ର ସୃଷ୍ଟିକର୍ତ୍ତା – କବୀର ଏହା ବିଶ୍ୱାସ କରୁଥିଲେ । ତାଙ୍କ ଈଶ୍ୱରଙ୍କୁ ସେ ରାମ, ହରି, ଗୋବିନ୍ଦ, ଆଲ୍ଲା, ରହିମ୍, ଖୁଦା ଆଦି ଅନେକ ନାମରେ ଡାକୁଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ମୁସଲିମ୍‌ମାନେ ତାଙ୍କୁ ସୁଫୀ ବୋଲି ଭାବୁଥିଲେ, ହିନ୍ଦୁମାନେ ଭାବୁଥିଲେ ସେ ରାମଭକ୍ତ, ଆଉ ଶିଖମାନେ ତାଙ୍କ କବିତାକୁ ଆଦିଗ୍ରନ୍ଥରେ ସ୍ଥାନ ଦେଇଥିଲେ । ଧର୍ମର ବାହ୍ୟ ରୂପ କବୀରଙ୍କ ପାଇଁ ନିରର୍ଥକ ଥିଲା । ସେ ରଚନା କରିଥିବା ଦୋହା (ସାକ୍ଷୀ)ଗୁଡ଼ିକରେ ତାଙ୍କ ବିଶ୍ୱାସ ଓ ଚିନ୍ତାଧାରା ପ୍ରତିଫଳିତ ହୋଇଛି । ତାଙ୍କର ଗୋଟିଏ





ଦୋହାରେ ସେ ଜଣାଇଛନ୍ତି ଯେ ଯଦି ଜଣେ ଖଣ୍ଡେ ପଥରକୁ ପୂଜାକରି ଈଶ୍ୱରଙ୍କୁ ପାଇପାରେ ତେବେ ସେ ଗୋଟିଏ ପର୍ବତକୁ ପୂଜା କରିବା ପାଇଁ ଇଚ୍ଛା କରିବେ । ଗୋଟିଏ ଅଟାପେଷା ପଥର ଚକିକୁ ପୂଜା କରିବା ବରଂ ଭଲ, କାରଣ ତାହା ମଣିଷ ପେଟକୁ ପୂର୍ଣ୍ଣ କରିଥାଏ ।

କବୀର ଧର୍ମରେ ସରଳତାକୁ ପ୍ରାଧାନ୍ୟ ଦେଇଥିଲେ ଏବଂ ଭକ୍ତି ହେଉଛି ଈଶ୍ୱର ପ୍ରାପ୍ତିର ସହଜ ମାର୍ଗ ବୋଲି ଦର୍ଶାଇ ଥିଲେ । କୌଣସି ଯୁକ୍ତି ସଙ୍ଗତ କାରଣ ନଥିବା ପ୍ରଚଳିତ ଧର୍ମ ବିଶ୍ୱାସକୁ ଗ୍ରହଣ କରିବାକୁ ସେ ମନା କରିଥିଲେ । ତାଙ୍କ ମତରେ କଠିନ ପରିଶ୍ରମ ବିନା ମଣିଷ ସଫଳତା ପାଏ ନାହିଁ । କର୍ତ୍ତବ୍ୟ ପାଳନ ନ କରିବା ଠାରୁ, କର୍ତ୍ତବ୍ୟ କରିବାକୁ ସେ ସମର୍ଥନ କରୁଥିଲେ । ସମସ୍ତଙ୍କ ଈଶ୍ୱର ଏକ –କବୀରଙ୍କ ଏହି ବିଶ୍ୱାସ ପାଇଁ ଉଭୟ ହିନ୍ଦୁ ଓ ମୁସଲମାନମାନେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

କବୀରଙ୍କ ତତ୍ତ୍ୱ ଗୁଡିକ ଧର୍ମ ଭିତରେ ସୀମାବଦ୍ଧ ନଥିଲା । ସେ ସମାଜର ସଂକୀର୍ଣ୍ଣ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ । ତାଙ୍କ କବିତା ଗୁଡ଼ିକ ସିଧା ସଳଖ ଓ ଶକ୍ତିଶାଳୀ । ସେଗୁଡ଼ିକୁ ଅତି ସହଜରେ ବୁଝିହୁଏ ଏବଂ ଆମ ଦୈନନ୍ଦିନ ଭାଷା ମଧ୍ୟକୁ ପ୍ରବେଶ କରିଥାଏ ।

**ଗୁରୁ ନାନକ** (୧୪୬୯–୧୫୩୯) ନାନଙ୍କନ ଗୋଷ୍ଠୀର ଅନ୍ୟତମ ପ୍ରମୁଖ ପ୍ରବର୍ତ୍ତକ ଥିଲେ । ସେ ତାଲୱାନ୍ଦି (ନାଙ୍କନ ସାହିବ)ଠାରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟକାଳରୁ ଆଧ୍ୟାତ୍ମିକ ଜୀବନ ପ୍ରତି ତାଙ୍କର ପ୍ରବୃତ୍ତି ରହିଥିଲା । ସେ ଦରିଦ୍ର ଏବଂ ଅଭାବଗ୍ରସ୍ତ ଲୋକଙ୍କର ସହାୟତା କରୁଥିଲେ । ତାଙ୍କ ଶିଷ୍ୟମାନେ ନିଜକୁ 'ଶିଖ' ବୋଲି କହୁଥିଲେ । ଏହା ସଂସ୍କୃତ ଶବ୍ଦ 'ଶିଷ୍ୟ' (ଅନୁପ୍ରାଣୀତ ବ୍ୟକ୍ତି) କିମ୍ବା ପାଲି ଶବ୍ଦ 'ଶିଖା'ରୁ ଆସିଅଛି ।

ଗୁରୁ ନାନକଙ୍କ ବ୍ୟକ୍ତିତ୍ୱ ସରଳତା ଓ ଶାନ୍ତି ପ୍ରିୟତାର ସମ୍ମିଶ୍ରଣ ଥିଲା । ସମାଜରେ ଥିବା ଭ୍ରଷ୍ଟାଚାର ଏବଂ ସମାଜର ଅଧୋଗତିର ମୂଳୋତ୍ପାଟନ କରିବା ଗୁରୁ ନାନକଙ୍କର ଅଭିପ୍ରାୟ ଥିଲା । ସମସ୍ତଙ୍କର ସମାନ ଅଧିକାର ଥିବା ଏକ ସମାଜ ପ୍ରତିଷ୍ଠା ପାଇଁ ସେ ଏକ ନୂଆପଥ ଦେଖାଇଥିଲେ । ସନ୍ଥ କବୀରଙ୍କ ପରି ଗୁରୁ ନାନକ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ ଏବଂ ଆଧ୍ୟାତ୍ମିକ ଗୁରୁମଧ୍ୟ । ସ୍ତ୍ରୀ ଜାତିର ଅବସ୍ଥାରେ ଉନ୍ନତି ପାଇଁ ସେ ଆହ୍ୱାନ ଦେଇଥିଲେ । ସ୍ତ୍ରୀ ଜାତି, ଯିଏ କି ରାଜା ମହାରାଜାଙ୍କ ଜନ୍ମଦାତ୍ରୀ, ତାଙ୍କ ଉଦ୍ଦେଶ୍ୟରେ ମନ୍ଦ କଥା କୁହାଯିବା ଅନୁଚିତ । ତାଙ୍କ ବାଣୀ, ଅନ୍ୟାନ୍ୟ ଶିଖ ଗୁରୁମାନଙ୍କ ବାଣୀ ସହିତ, ଶିଖମାନଙ୍କର ଏକ ମାତ୍ର ପବିତ୍ର ଗ୍ରନ୍ଥ – 'ଗୁରୁଗ୍ରନ୍ଥ ସାହିବ'ରେ ଲିପିବଦ୍ଧ ହୋଇଛି ।

ବୈଷ୍ଣବ ଆନ୍ଦୋଳନ – ତୁମେ ପଢ଼ିଛ ଯେ, କବୀର, ନାମଦେବ ଏବଂ ଗୁରୁ ନାନକଙ୍କ ପରି ସନ୍ଥଗଣ ଭଗବାନଙ୍କର ନିରାକାର ରୂପ ପ୍ରତି ଭକ୍ତିର ଶିକ୍ଷା ଦେଇଛନ୍ତି । ଏହି ସମୟରେ, ଭଗବାନଙ୍କ ସାକାର ରୂପ ପ୍ରତି ଭକ୍ତି ରଖୁଥିବା ଆଉ ଏକ ଆନ୍ଦୋଳନ ମଧ୍ୟ ଜନ୍ମ ନେଇଥିଲା । ଏହାକୁ ବୈଷ୍ଣବୀୟ ଆନ୍ଦୋଳନ କୁହାଯାଏ । ଏହା ଭଗବାନ ବିଷ୍ଣୁଙ୍କ ଅବତାର ଶ୍ରୀରାମ ଏବଂ ଶ୍ରୀକୃଷ୍ଣଙ୍କ ପୂଜାରେ କେନ୍ଦ୍ରୀଭୁତ ହୋଇଥିଲା । ସୁରଦାସ, ମୀରାବାଈ, ତୁଳସୀ ଦାସ ଏବଂ ଶ୍ରୀ ଚୈତନ୍ୟ ଏହାର ମୁଖ୍ୟ ପ୍ରବର୍ତ୍ତକ ଥିଲେ । କବିତା, ଗୀତ, ନୃତ୍ୟ ଏବଂ କୀର୍ତ୍ତନ ମାଧ୍ୟମରେ ସେମାନେ ପ୍ରବର୍ତ୍ତାଇ ଥିବା ମୋକ୍ଷର ପଥ ପ୍ରକାଶିତ ହୋଇଥିଲା ।

ସୁରଦାସ (୧୪୮୩–୧୫୬୩) ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ବଲ୍ଲଭାଚାରଙ୍କ ଶିଷ୍ୟ ଥିଲେ । ସେ ଜଣେ ଅନ୍ଧ କବି ଥିଲେ । ସେ ତାଙ୍କର ସବୁ ଗୀତ କୃଷ୍ଣଙ୍କୁ କେନ୍ଦ୍ର କରି ଲେଖିଥିଲେ । ତାଙ୍କ ରଚିତ ସୁରସାଗର ଶ୍ରୀକୃଷ୍ଣଙ୍କର ବାଲ୍ୟ ଓ ଯୌବନର ଚମତ୍କାର ଲୀଳାଖେଳାର ଏକ ବିସ୍ତୃତ ବିବରଣୀ ଦିଏ ।





**ମୀରାବାଈ** (୧୫୦୩-୧୫୭୩)ଙ୍କ ଗୀତଗୁଡ଼ିକରେ କୃଷ୍ଣଙ୍କ ପ୍ରତି ପ୍ରେମ ପ୍ରକାଶିତ ହୋଇଥିଲା । ବାଳ୍ୟ ବୟସରେ ବିଧବା ହୋଇ ମଧ୍ୟ ତାଙ୍କ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ତାଙ୍କର ସାତ୍ତ୍ୱିକ ବିବାହ ସମ୍ପନ୍ନ ହୋଇଥିଲା ବୋଲି ସେ ବିଶ୍ୱାସ କରୁଥିଲେ । ତାଙ୍କ ଗୀତଗୁଡ଼ିକରେ ଏକ ସ୍ୱତନ୍ତ୍ର ଗୁଣବତ୍ତା ରହିଛି । ସେଗୁଡ଼ିକ ଆଜି ମଧ୍ୟ ଜନପ୍ରିୟ ଅଟେ ।

**ଶ୍ରୀ ଚୈତନ୍ୟ** (୧୪୮୪-୧୫୩୩)ଙ୍କ ପ୍ରଚେଷ୍ଟାରେ ବୈଷ୍ଣବୀୟ ଆନ୍ଦୋଳନ ପୂର୍ବ ଭାଗରେ ପ୍ରସାରିତ ହୋଇଥିଲା । ଚୈତନ୍ୟ କୃଷ୍ଣଙ୍କୁ କେବଳ ବିଷ୍ଣୁଙ୍କ ଅବତାର ବୋଲି ବିଚାର କରୁନଥିଲେ, କିନ୍ତୁ ଭଗବାନଙ୍କର ସର୍ବୋତ୍କୃଷ୍ଟ ରୂପବୋଲି ମଧ୍ୟ ଭାବୁଥିଲେ । ସଂକୀର୍ତ୍ତନ ମାଧ୍ୟମରେ କୃଷ୍ଣଭକ୍ତି ପ୍ରକାଶିତ ହେଉଥିଲା । ଏହି ସଂକୀର୍ତ୍ତନ (ଈଶ୍ୱରଙ୍କ ସ୍ତୁତି) ଘର, ମନ୍ଦିର ଏବଂ ଗଳିଗଳିର ଭକ୍ତମାନଙ୍କର ଶୋଭାଯାତ୍ରାରେ ମଧ୍ୟ ବୋଲାଯାଉଥିଲା । ଅନ୍ୟ ଭକ୍ତି ସନ୍ଥମାନଙ୍କ ପରି ଶ୍ରୀଚୈତନ୍ୟ ମଧ୍ୟ ସବୁ ଜାତିର ଲୋକଙ୍କୁ ଏହି ସ୍ରୋତରେ ମିଶାଇବା ପାଇଁ ଇଚ୍ଛା କରିଥିଲେ । ଏହିପରି ସନ୍ଥମାନେ ଲୋକମାନଙ୍କ ଭିତରେ ଏକ ସମତା ଭାବ ଆଣିବା ପାଇଁ ଚେଷ୍ଟା କରିଥିଲେ ।

**ରାମାନନ୍ଦ** (୧୪୦୦-୧୪୭୦)ଙ୍କ ପରି ସନ୍ୟାସୀମାନେ ରାମଙ୍କ ପୂଜାକୁ ଲୋକପ୍ରିୟ କରାଇଥିଲେ । ସେ ରାମଙ୍କୁ ପରଂବ୍ରହ୍ମ ବୋଲି ବିଚାର କରିଥିଲେ । ସେ ନାରୀଜାତି ଓ ପରିତ୍ୟକ୍ତମାନଙ୍କୁ ମଧ୍ୟ ସ୍ୱାଗତ କରିଥିଲେ । ତୁଳସୀ ଦାସ (୧୫୩୨-୧୬୨୩) ହେଉଛନ୍ତି ରାମଭକ୍ତମାନଙ୍କ ମଧ୍ୟରେ ପ୍ରସିଦ୍ଧ । ସେ ରାମ ଚରିତ ମାନସ ରଚନା କରିଥିଲେ ।

ବୈଷ୍ଣବ ଧର୍ମାବଲମ୍ବୀ ସନ୍ୟାସୀମାନେ, ହିନ୍ଦୁ ଧର୍ମର ପ୍ରଶସ୍ତ ପରିସୀମା ମଧ୍ୟରେ ନିଜ ଦର୍ଶନ ବିକଶିତ କରିଥିଲେ । ସେମାନଙ୍କ ଦର୍ଶନ ପ୍ରଶସ୍ତ ଏବଂ ମାନବୋଚିତ ମଧ୍ୟ ।

## ୯.୪ ଭକ୍ତି ଓ ସୁଫୀ ଆନ୍ଦୋଳନର ପ୍ରାଧାନ୍ୟ

ଭକ୍ତି ଆନ୍ଦୋଳନ ଏକ ସାମାଜିକ – ଧାର୍ମିକ ଆନ୍ଦୋଳନ ଥିଲା । ତାହା ଧର୍ମାନ୍ଧତା ଏବଂ ସମାଜିକ କଠୋରତାକୁ ବିରୋଧ କରିଥିଲା । ଏହା ଉତ୍ତମ ଚରିତ୍ର ଏବଂ ନିର୍ମଳ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇଥିଲା । ଗୋଟିଏ ସମୟରେ ସମାଜ ଯେତେବେଳେ ଗତିଶୂନ୍ୟ ହୋଇଯାଇଥିଲା, ଭକ୍ତି ସନ୍ୟାସୀମାନେ ସେଥିରେ ନୂଆ ଜୀବନ ଏବଂ ନୂଆ ଶକ୍ତି ଆଣି ଦେଇଥିଲେ । ସେମାନେ ନୂତନ ଆତ୍ମବିଶ୍ୱାସ ଜାଗ୍ରତ କରାଇଥିଲେ ଏବଂ ସାମାଜିକ ଓ ଧାର୍ମିକ ମୂଲ୍ୟବୋଧର ନୂତନ ସଂଜ୍ଞା ନିରୂପଣ କରିବାକୁ ଚେଷ୍ଟା କରିଥିଲେ । କବୀର ଏବଂ ନାନକଙ୍କ ପରି ସନ୍ଥମାନେ ସମସ୍ତଙ୍କୁ ସମାନ ଅଧିକାର ଦେଉଥିବା ଧାରାରେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ସାମାଜିକ ସମତା ପ୍ରତି ସେମାନଙ୍କର ଏହି ଆହ୍ୱାନ ନିଷ୍ପେସିତ ଜନତାଙ୍କୁ ଆକର୍ଷିତ କରିଥିଲା । ଯଦିଓ କବୀର ଏବଂ ନାନକଙ୍କର କୌଣସି ନୂଆ ଧର୍ମ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ ନଥିଲା, କିନ୍ତୁ ସେମାନଙ୍କ ମୃତ୍ୟୁ ପରେ ତାଙ୍କ ସମର୍ଥକମାନେ କ୍ରମାନ୍ୱୟ ଭାବରେ କବୀର ପନ୍ଥୀ ଏବଂ ଶିଖ୍ – ଏହି ଦୁଇ ସମ୍ପ୍ରଦାୟରେ ପରିଣତ ହୋଇଗଲେ ।

ଭକ୍ତି ଏବଂ ସୁଫୀ ସନ୍ଥମାନଙ୍କ ଗୁରୁତ୍ୱ ସେମାନେ ସୃଷ୍ଟି କରିଥିବା ନୂତନ ବାତାବରଣରେ ନିହିତ । ପରବର୍ତ୍ତି କାଳରେ ମଧ୍ୟ ସେହି ବାତାବରଣ ଭାରତର ସାମାଜିକ, ଆଧ୍ୟାତ୍ମିକ ଏବଂ ରାଜନୈତିକ ଜୀବନ ଉପରେ ପ୍ରଭାବ ପକାଇଛି । ଆଜି ପର୍ଯ୍ୟନ୍ତ ସୁଦ୍ଧ ସେହି ପ୍ରଭାବ ରହିଛି । ଆକବରଙ୍କ ଉଦାର ନୀତିଗୁଡ଼ିକ ଉପରେ ମଧ୍ୟ ସେହି ନୂତନ ବାତାବରଣର ପ୍ରଭାବ ପରିଲକ୍ଷିତ ହୁଏ ଏବଂ ସେହିପରି ସମୟରେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ପ୍ରତିପାଳିତ ହୋଇଥିଲେ । ଗୁରୁନାନକଙ୍କ ନୀତି ଶିକ୍ଷାଗୁଡ଼ିକ ପୁରୁଷାନୁକ୍ରମିକ ଭାବରେ ଗଢ଼ି ଆସୁଅଛି । ଏହାର ଫଳ ସ୍ୱରୂପ ଏକ ପୃଥକ ଧାର୍ମିକ ସମ୍ପ୍ରଦାୟ ସୃଷ୍ଟି ହୋଇଛି । ଏହାର ଭାଷା ଏବଂ ଲେଖା ମଧ୍ୟ ଅଲଗା । ଏହି ଭାଷା ଶୈଳୀ ହେଉଛି

ଗୁରୁମୁଖୀ ଏବଂ ଧର୍ମପୁସ୍ତକ ଗୁରୁଗ୍ରନ୍ଥ ସାହେବ ଏହି ଭାଷାରେ ଲେଖା ହୋଇଛି । ମହାରାଜା ରଣଜିତ ସିଂହଙ୍କ ଅଧୀନରେ ଶିଖମାନେ ଉତ୍ତର ଭାରତରେ ଏକ ଦୁର୍ଜୟ ରାଜନୈତିକ ଶକ୍ତିରେ ପରିଣତ ହେଲେ । ଭକ୍ତି ଓ ସୁଫୀ ସନ୍ଥମାନଙ୍କ ମଧ୍ୟରେ ପାରସ୍ପରିକ ଭାବ ବିନିମୟ ଦ୍ୱାରା ଭାରତୀୟ ସମାଜ ମଧ୍ୟ ପ୍ରଭାବିତ ହେଲା । ସୁଫୀ ମତବାଦ ଓ୍ୱାହଦାତ-ଅଲ-ଓ୍ୱଜୁଦ (ଅବସ୍ଥିତିରେ ଏକତା) ଉଲ୍ଲେଖନୀୟ ଭାବରେ ହିନ୍ଦୁ ଉପନିଷଦ ଗୁଡ଼ିକର ମତବାଦ ସହିତ ସମାନ । ଅନେକ ସୁଫୀ ସନ୍ଥ କବିମାନେ ନିଜ ଚିନ୍ତାଧାରା ବୁଝାଇବା ପାଇଁ ପାର୍ସିଭାଷା ଅପେକ୍ଷା ହିନ୍ଦୀ ଭାଷାକୁ ପସନ୍ଦ କରିଥିଲେ । ଏହିପରି ଆମେ ଦେଖୁଛେ ଯେ ମାଲିକ-ମୁହମ୍ମଦ୍‌ଜିଆଦ୍ ଜୈସିଙ୍କ ପରି ସୁଫୀସନ୍ଥ କବି ହିନ୍ଦୀ ଭାଷାରେ ଲେଖିଛନ୍ତି । କୃଷ୍ଣ, ରାଧା, ଗୋପୀ, ଯମୁନା, ଗଙ୍ଗା ପ୍ରଭୃତି ଶବ୍ଦଗୁଡ଼ିକର ବ୍ୟବହାର ଏହିସବୁ ସାହିତ୍ୟରେ ଏତେ ସାଧାରଣ ଥିଲା ଯେ, ଜଣେ ପ୍ରମୁଖ ସୁଫୀ-ମୀର ଅବଦୁଲ ଓ୍ୱାହିଦ ସେଗୁଡ଼ିକର ଇସ୍‌ଲାମୀୟ ସମତୁଲ୍ୟତା ବୁଝାଇବା ପାଇଁ ଏକ ଚୁକ୍ତିପତ୍ର ଲେଖି (ହାକ୍ୱାଇକ୍-ଇ-ହିନ୍ଦୀ) ଲେଖିଥିଲେ । ପରବର୍ତ୍ତି ସମୟରେ ମୋଗଲ ସମ୍ରାଟ ଆକବର ଏବଂ ଜାହାଙ୍ଗୀର ଧର୍ମରେ ଏକ ଉଦାର ନୀତି ପୋଷଣ କରିବାରୁ ଏହି ପାରସ୍ପରିକ କ୍ରିୟାର ଧାରା ଗଡ଼ି ଚାଲିଲା ।

ଭକ୍ତି ସନ୍ଥମାନଙ୍କର ଲୋକପ୍ରିୟ ଗୀତଗୁଡ଼ିକ ସାଙ୍ଗୀତିକ ନବଜାଗରଣର ଅଗ୍ରଦୂତ ପରି କାର୍ଯ୍ୟ କରିଥିଲେ । କୀର୍ତ୍ତନମାନଙ୍କରେ ଗୋଷ୍ଠୀଗାନ ପାଇଁ ନୂଆ ସ୍ୱର ସଙ୍ଗୀତ ଲେଖାହେଉଥିଲା । ଏପରିକି ଆଜି ମଧ୍ୟ ପ୍ରାର୍ଥନା ସଭାମାନଙ୍କରେ ମୀରାବାଈ ଭଜନ ଏବଂ ତୁଳସୀ ଦାସଙ୍କ ଚୌପଦୀ ଆବୃତ୍ତି କରାଯାଉଛି ।

## ପାଠଗତ ପ୍ରଶ୍ନାବଳୀ ୯.୨

୧. ବୈଷ୍ଣବ ଧର୍ମ ଆନ୍ଦୋଳନର ସନ୍ଧିକ୍ଷଣ କେଉଁଟି ?

___

୨. ଆଦିଗ୍ରନ୍ଥ କେଉଁ ଧର୍ମର ପବିତ୍ର ଗ୍ରନ୍ଥ ?

___

୩. ସନ୍ଥ କବୀର ଏବଂ ଗୁରୁ ନାନକ କିପରି ଜନସାଧାରଣଙ୍କ ନିକଟରେ ଆଦୃତ ହେଲେ ?

___

୪. ସ୍ତ୍ରୀ ଲୋକମାନେ ଯିଏ କି ରାଜା ମହାରାଜାଙ୍କୁ ଜନ୍ମ ଦିଅନ୍ତି, ନିନ୍ଦାପାଇବା ଉଚିତ ନୁହେଁ । ଏହା କିଏ କହିଛନ୍ତି ?

___

୫. କିଏ ସୁରସାଗର ଲେଖିଛନ୍ତି ?

___

## ମଧ୍ୟଯୁଗୀୟ ଭାରତରେ ଦର୍ଶନ

ପ୍ରମୁଖ ଧର୍ମ ଆନ୍ଦୋଳନଗୁଡ଼ିକ ରହସ୍ୟବାଦୀମାନେ ସୃଷ୍ଟି କରିଥିଲେ । ଧର୍ମ ଧାରଣା ଏବଂ ବିଶ୍ୱାସ ପ୍ରତି ସେମାନଙ୍କର ଅତୁଳନୀୟ ଅବଦାନ ରହିଛି । ବଲ୍ଲଭାଚାର୍ଯ୍ୟ, ରାମାନୁଜ, ନିମ୍ବାରକଙ୍କ ପରି ଭକ୍ତି ସନ୍ୟାସୀମାନେ ନୂଆ ଦାର୍ଶନିକ

ଚିନ୍ତାଧାରା ଆଣିଦେଲେ । ତାହା ଆଦି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଉପରେ ପର୍ଯ୍ୟବସିତ ।

**ରାମାନୁଜାଚାର୍ଯ୍ୟଙ୍କର ବିଶିଷ୍ଟାଦ୍ୱୈତ (ବିଶିଷ୍ଟ ଅଦ୍ୱୈତବାଦ) –** ବିଶିଷ୍ଟା ଦ୍ୱୈତ ଅର୍ଥ ପରିବର୍ତ୍ତିତ ଅଦ୍ୱୈତବାଦ । ଏହି ଦର୍ଶନ ଅନୁସାରେ ବ୍ରହ୍ମହିଁ ସର୍ବଶେଷ ବାସ୍ତବତା ଏବଂ ବସ୍ତୁ ଓ ଆତ୍ମା ତାଙ୍କର ଗୁଣ ।

**ଶ୍ରୀକଣ୍ଠାଚାର୍ଯ୍ୟଙ୍କର ଶିବାଦ୍ୱୈତ –** ଏହି ଦର୍ଶନ ଅନୁଯାୟୀ ଶକ୍ତି (ପରିବେଷ୍ଟିତ) ସମର୍ଥ ଶିବ ହେଉଛନ୍ତି ସର୍ବଶେଷ ବ୍ରହ୍ମ । ଶିବଙ୍କ ସ୍ଥିତି ଏହି ସଂସାର ମଧ୍ୟରେ ପୁଣି ସଂସାରଠାରୁ ଉର୍ଦ୍ଧ୍ୱରେ ।

**ମାଧବାଚାର୍ଯ୍ୟଙ୍କର ଦ୍ୱୈତ –** ଆକ୍ଷରିକ ଭାବରେ ଦ୍ୱୈତର ଅର୍ଥ ଦୁଇ ଅଂଶ ଯୁକ୍ତ । ଏହା ଏକେଶ୍ୱରବାଦ ଏବଂ ଆଦିଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତବାଦର ବିପରୀତ ଅଟେ । ସେ ବିଶ୍ୱାସ କରୁଥିଲେ ଯେ ପୃଥିବୀ ଏକ ଭ୍ରମ (ମାୟା) ନୁହେଁ, ବରଂ ବିଭିନ୍ନତାରେ ପରିପୂର୍ଣ୍ଣ ଏକ ବାସ୍ତବତା ।

**ନିମ୍ବାରକଙ୍କର ଦ୍ୱୈତା ଦ୍ୱୈତ –** ଦ୍ୱୈତାଦ୍ୱୈତ (ଦ୍ୱୈତା ଅଦ୍ୱୈତ)ର ଅର୍ଥ ଦୁଇ ଅଂଶଯୁକ୍ତ ଅଦ୍ୱୈତବାଦ । ଏହି ମତବାଦ ଅନୁଯାୟୀ ଈଶ୍ୱର ନିଜକୁ ପଦାର୍ଥ ଏବଂ ଆତ୍ମାରେ ପରିବର୍ତ୍ତନ କରନ୍ତି । ଏହି ପଦାର୍ଥ ଏବଂ ଆତ୍ମା ବ୍ରହ୍ମଙ୍କ ଠାରୁ ଭିନ୍ନ । ସେମାନେ କେବଳ ଈଶ୍ୱରଙ୍କ ସହାୟତା ପାଇ ତିଷ୍ଠି ରହନ୍ତି । ସେମାନେ ପୃଥକ ହେଲେ ବି ନିର୍ଭରଶୀଳ ।

**ବଲ୍ଲଭାଚାର୍ଯ୍ୟଙ୍କର ସୁଧାଦ୍ୱୈତ –** ବଲ୍ଲଭାଚାର୍ଯ୍ୟ ବେଦାନ୍ତ ସୂତ୍ର ଏବଂ ଭଗବତ୍ ଗୀତା ଉପରେ ଟିପ୍ପଣୀ ଲେଖିଥିଲେ । ତାଙ୍କ ପାଇଁ ଶ୍ରୀକୃଷ୍ଣ ହେଉଛନ୍ତି ବ୍ରହ୍ମ । ସେ ନିଜକୁ ବସ୍ତୁ (ଜୀବ) ଏବଂ ଆତ୍ମାରୂପରେ ପ୍ରକାଶ କରନ୍ତି । ଆତ୍ମା ଏବଂ ଈଶ୍ୱର ଭିନ୍ନ ନୁହଁନ୍ତି, ଅଭିନ୍ନ ଅଟନ୍ତି । ଏଥିରେ ସମ୍ପୂର୍ଣ୍ଣ ଅଦ୍ୱୈତବାଦ ଉପରେ ଗୁରୁତ୍ୱ ଦିଆଯାଇଥିଲା । ତାଙ୍କ ଦର୍ଶନ ତତ୍ତ୍ୱ ପୁଷ୍ଟିମାର୍ଗ ନାମରେ ଜଣାଶୁଣା ହୋଇଥିଲା । ଈଶ୍ୱରଙ୍କ ଅନୁକମ୍ପା ପାଇବାର ମାର୍ଗହିଁ ପୁଷ୍ଟିମାର୍ଗ । ଏହି ଗୋଷ୍ଠୀ ରୁଦ୍ର ସମ୍ପ୍ରଦାୟ ନାମରେ ଜଣାଶୁଣା ।

## ତୁମେ କ'ଣ ଶିଖିଲ ?

- ହିନ୍ଦୁ ଧର୍ମ ଏବଂ ମୁସଲମାନ ଧର୍ମରେ ଭକ୍ତି ଆନ୍ଦୋଳନ ଏବଂ ସୁଫୀ ଆନ୍ଦୋଳନ ଉଦାରବାଦୀ ଆନ୍ଦୋଳନ ଥିଲା । ଏଥିରେ ମନୁଷ୍ୟ ଏବଂ ଈଶ୍ୱରଙ୍କ ମଧ୍ୟରେ ଏକ ନୂଆ ବ୍ୟକ୍ତିତ୍ୱ ଆରୋପ କରାଯାଇଥିବା ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯାଇଥିଲା ।
- ମଣିଷର ସାର୍ବଜନୀନ ଭଲପାଇବା ଏବଂ ଭାତୃତ୍ୱ ସୁଫୀ ଆନ୍ଦୋଳନର ବାର୍ତ୍ତା ଥିଲା । 'ଅବସ୍ଥିତିରେ ଏକତା'ର ଧାରଣା ପାଇଁ ସୁଫୀମାନେ ହିନ୍ଦୁ ବିଚାର ସହିତ ଏକ ଆଦର୍ଶ ସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହୋଇଥିଲେ ।
- ଦକ୍ଷିଣର ନାୟାନାର ଏବଂ ଅଲଭାର୍‌ଙ୍କ ମଧ୍ୟରେ ଭକ୍ତି ଆନ୍ଦୋଳନ ବୃଦ୍ଧି ପାଇଥିଲା । ଏହା ଈଶ୍ୱରଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧା ଉପରେ ପର୍ଯ୍ୟବସିତ ଏକ ନୂତନ ଉପାସନା ପଦ୍ଧତି ଉପରେ ସେମାନେ ଗୁରୁତ୍ୱ ଦେଉଥିଲେ ।
- ଭକ୍ତି ସନ୍ୟାସୀମାନେ ନିର୍ଗୁଣ ଓ ସଗୁଣ ଉପାସକ – ଏହି ଦୁଇଭାଗରେ ବିଭକ୍ତ ହୋଇଥିଲେ ।
- ସଗୁଣ ଉପାସକମାନେ ଈଶ୍ୱରଙ୍କୁ ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖୁଥିଲେ, ଯେପରି ଶ୍ରୀରାମ ଅଥବା ଶ୍ରୀକୃଷ୍ଣ ।
- ନିର୍ଗୁଣ ଉପାସକ ଗୁଣ ନିରାକାର ବ୍ରହ୍ମରେ ବିଶ୍ୱାସ କରୁଥିଲେ । ସେମାନଙ୍କ ମତରେ ଭଗବାନଙ୍କର କୌଣସି ରୂପ ନାହିଁ, ସେ ଅରୂପ ।

- ଭକ୍ତି ଏବଂ ସୁଫୀ ସନ୍ଥମାନେ ମଧ୍ୟଯୁଗୀୟ ଭାରତରେ ଏକ ଉଦାରବାଦୀ ତତ୍ତ୍ୱର ଭିତ୍ତିସ୍ଥାପନ କରିଥିଲେ । ଏହାଦ୍ୱାରା ଆଞ୍ଚଳିକ ସାହିତ୍ୟ ଏବଂ ସ୍ଥାନୀୟ ଭାଷା କ୍ଷେତ୍ରରେ ଚମତ୍କାର ଉନ୍ନତି ଦେଖା ଦେଇଥିଲା । ଏହି ପରିପ୍ରେକ୍ଷୀରେ ସୁଫୀମାନଙ୍କର ବିଶେଷ ଅବଦାନ ରହିଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ଇସଲାମରେ ସୁଫୀ ଆନ୍ଦୋଳନ କିପରି ଅଗ୍ରସର ହୋଇଥିଲା ?

୨. ଚିସ୍ତି ସିଲସିଲାହ ଏବଂ ସୁହ୍ରୱାର୍ଦ୍ଦି ସିଲସିଲାହ ମଧ୍ୟରେ ଥିବା ବିଭିନ୍ନତା କ'ଣ ?

୩. ଭକ୍ତି ସନ୍ୟାସୀ ଏବଂ ସୁଫୀ ସନ୍ୟାସୀ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ – ବର୍ଣ୍ଣନା କର ।

୪. ଗୁରୁନାନକ ଏବଂ ସନ୍ଥ କବୀରଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଦର୍ଶାଅ ।

୫. ଭାରତର ବୈଷ୍ଣବୀୟ ଆନ୍ଦୋଳନ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୯.୧
୧. ପାରମ୍ପରିକ ସୁନ୍ନୀ ଚିନ୍ତାଧାରା ରଖିଥିବା ବିଦ୍ୱାନମାନେ
୨. ଇସଲାମ ଧର୍ମର ପ୍ରଚଳିତ ପ୍ରଥା
୩. ଅଲ–ହୁଜ୍ୱାରୀ
୪. ୧୪ (ଚଉଦ)
୫. ସରିଆ
୬. ଆଜମୀର
୭. ଶେଖ ନାସିରୁଦ୍ଦିନ ମହମ୍ମଦ

୯.୨
୧. ଭାଗବତ ପୁରାଣ
୨. ଶିଖ ଧର୍ମ
୩. ଏହି ଧାରଣା ତଥା ମତଗୁଡ଼ିକ ହିନ୍ଦୁ ଏବଂ ମୁସଲମାନ ପ୍ରଥାଗୁଡ଼ିକରୁ ନିଆଯାଇଥିଲା । ସେମାନେ ସହଜ ଭାଷା ମଧ୍ୟ ବ୍ୟବହାର କରିଥିଲେ ।
୪. ଗୁରୁନାନକ
୫. ସୁରଦାସ

# ୧୦

# ଆଧୁନିକ ଭାରତରେ ଧର୍ମ ସଂସ୍କାର ଆନ୍ଦୋଳନ

ବର୍ତ୍ତମାନ ଦୁନିଆଁରେ ଆମ୍ଭେମାନେ ଭାଗ୍ୟବାନ୍ ଅଟୁ । ବିଦେଶୀ ଶକ୍ତିର ଶୃଙ୍ଖଳରୁ ଆମେ ବର୍ତ୍ତମାନ ମୁକ୍ତ ଏବଂ ଆମର ପୂର୍ବସୂରୀମାନେ ସାମ୍ନା କରିଥିବା ଅସଂଗତିଗୁଡ଼ିକ ଠାରୁ ମଧ୍ୟ ଆମେ ଅନେକ ଦୂରରେ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ସମାଜରେ କଠୋର ଜାତିପ୍ରଥା ପ୍ରଚଳିତ ଥିଲା । ଧର୍ମ ନାମରେ ଅନେକ କୁସଂସ୍କାର ଭାରତୀୟ ସାମାଜିକ ଜନଜୀବନକୁ ଆଚ୍ଛାଦିତ କରି ରଖିଥିଲା । ସୂଚନା ଯୋଗ୍ୟ ଯେ ସମୟକ୍ରମେ ଅନେକ ଅସୁସ୍ଥ ପରମ୍ପରା ଓ କଳୁଷିତ ରୀତିନୀତି ଧର୍ମ ନାମରେ ସମାଜରେ ପ୍ରଚଳିତ ଥିଲା । ତେଣୁ ଧର୍ମବିଶ୍ୱାସ କ୍ଷେତ୍ରରେ ଏକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ଥିଲା । ଯେତେବେଳେ ଇଂରେଜମାନେ ଭାରତକୁ ଆସିଥିଲେ ସେମାନେ ଦେଶରେ ଇଂରାଜୀ ଭାଷାର ପ୍ରଚଳନ କରିବା ଫଳରେ ଭାରତୀୟମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଘଟିଥିଲା । ଏହି ନୂତନ ଚିନ୍ତାଧାରା ଥିଲା ମୁକ୍ତି, ସାମାଜିକ ଓ ଅର୍ଥନୈତିକ ଏକତା, ଭ୍ରାତୃତ୍ୱଭାବ, ଗଣତନ୍ତ୍ର ଏବଂ ସାଧୁତା । ଏହାର ସମାଜ ଉପରେ ଯଥେଷ୍ଟ ପ୍ରଭାବ ଥିଲା । ସୌଭାଗ୍ୟବଶତଃ କେତେଜଣ ଯୋଗଜନ୍ମା ଭାରତୀୟ ଏହି ସବୁ ଅସଂଗତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସମାଜରେ ସଂସ୍କାର ପ୍ରବର୍ତ୍ତନ କରିବାକୁ ଆଗେଇ ଆସିଥିଲେ । ସେମାନେ ଥିଲେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଏବଂ ଦୟାନନ୍ଦ ସରସ୍ୱତୀ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପାଠ କରିବା ପରେ ତୁମେ ନିମ୍ନୋକ୍ତ ବିଷୟରେ ଅବଗତ ହୋଇପାରିବ –

- ଧର୍ମ ଓ ସମାଜିକ ସଂସ୍କାର ଆନ୍ଦୋଳନ ସଂପର୍କରେ ଧାରଣା ମିଳିପାରିବ;
- ସମାଜ ଓ ଧାର୍ମିକ ସଂସ୍କାର କ୍ଷେତ୍ରରେ ରାଜା ରାମମୋହନ ରାୟ ଓ ତାଙ୍କ ବ୍ରାହ୍ମସମାଜର ଭୂମିକା ସଂପର୍କରେ ସବିଶେଷ ବିବରଣୀ;
- ଧାର୍ମିକ ଓ ସାମାଜିକ ସଂସ୍କାର କ୍ଷେତ୍ରରେ ପ୍ରାର୍ଥନା ସମାଜର କାର୍ଯ୍ୟ ଓ ଭୂମିକା ସଂପର୍କରେ ଧାରଣା;
- ଆର୍ଯ୍ୟ ସମାଜର ଆଦର୍ଶବାଦ ସମ୍ବନ୍ଧରେ ଆଲୋଚନା;
- ଊନବିଂଶ ଶତାବ୍ଦୀର ଭାରତର ଧର୍ମସଂସ୍କାର ଆନ୍ଦୋଳନରେ ରାମକୃଷ୍ଣ ମିଶନର କାର୍ଯ୍ୟାବଳୀ ସଂପର୍କରେ ଧାରଣା;
- ବ୍ରହ୍ମବିଦ୍ୟା ସମିତି (ଥିଓସୋଫିକାଲ ସୋସାଇଟି) କିପରି ପ୍ରାଚୀନ ଭାରତୀୟ ଧାର୍ମିକ ପରମ୍ପରାର ସୁରକ୍ଷା ପାଇଁ ଚେଷ୍ଟିତ ଥିଲା, ସେ ସଂପର୍କରେ ଜ୍ଞାନ ମିଳିପାରିବ;



ଟିପ୍ପଣୀ

- ଆଲିଗଡ଼ ଆନ୍ଦୋଳନ କିପରି ମୁସଲମାନମାନଙ୍କର ସାଂସ୍କୃତିକ ଓ ଶିକ୍ଷାଗତ ସଂସ୍କାର ଆଣିଥିଲା, ସେ ସଂପର୍କରେ ଧାରଣା ମିଳିପାରିବ ଏବଂ
- ଶିଖ୍ ଓ ପାର୍ସୀମାନେ କିପରି ତାଙ୍କ ସମାଜକୁ ଅଜ୍ଞାନ ଓ କୁସଂସ୍କାରରୁ ମୁକ୍ତ କରିଥିଲେ, ସେ ସଂପର୍କରେ ଜ୍ଞାନ ମିଳିପାରିବ ।

## ୧୦.୧ ସାମାଜିକ ଓ ଧାର୍ମିକ ସଂସ୍କାର ଆନ୍ଦୋଳନର ସାଧାରଣ ବୈଶିଷ୍ଟ୍ୟ

ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ଅନେକ ଇଂରେଜ ଓ ଭାରତୀୟ ବିଦ୍ୱାନମାନେ ପ୍ରାଚୀନ ଭାରତୀୟ ଇତିହାସ, ଦର୍ଶନ, ବିଜ୍ଞାନ, ଧର୍ମ ଏବଂ ସାହିତ୍ୟ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ । ଏହା ଭାରତୀୟମାନଙ୍କୁ ସେମାନଙ୍କ ଅତୀତର ଗୌରବ ସଂପର୍କରେ ଜାଣିବାର ସୁଯୋଗ ଦେଇଥିଲା । ଏହା ବିଭିନ୍ନ କ୍ଷେତ୍ରରେ ଉପୁଜିଥିବା ଅସଂଗତି ବିରୁଦ୍ଧରେ ସଂସ୍କାର ଆଣିବା ପାଇଁ ସଂସ୍କାରକମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲା । ଏହି ସାମାଜିକ ଓ ଧାର୍ମିକ ସଂସ୍କାର ଆନ୍ଦାଳନକୁ ଆଗେଇ ନେବା ପାଇଁ ଭାରତର ସବୁବର୍ଗ ଲୋକମାନେ ଆଗେଇ ଆସିଥିଲେ । ସେମାନେ ସମାଜରେ ପ୍ରଚଳିତ ଧର୍ମାନ୍ଧତା, କୁସଂସ୍କାର ଓ ବ୍ରାହ୍ମଣ ପୁରୋହିତମାନଙ୍କ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସେମାନେ ଜାତିପ୍ରଥାର କଠୋରତା ଓ ଅସ୍ପୃଶ୍ୟତା ବିରୁଦ୍ଧରେ କାର୍ଯ୍ୟକରିବା ସହ ପରଦା ପ୍ରଥା, ସତୀଦାହ ପ୍ରଥା, ବାଲ୍ୟବିବାହ, ସାମାଜିକ ବୈଷମ୍ୟ ଓ ନିରକ୍ଷରତା ବିରୁଦ୍ଧରେ ମଧ୍ୟ ସ୍ୱରଉତ୍ତୋଳନ କରିଥିଲେ । ଏହିସବୁ ସଂସ୍କାରଗୁଡ଼ିକୁ ଅନେକ ଇଂରେଜ ପଦାଧିକାରୀ ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ସମର୍ଥନ କରିବା ସହ ସେଗୁଡ଼ିକର ଦୂରୀକରଣ ନିମନ୍ତେ ସରକାରୀ ସ୍ତରରେ ଦୃଢ଼ ପଦକ୍ଷେପ ମଧ୍ୟ ଗ୍ରହଣ କରିଥିଲେ ।

## ୧୦. ୨ ବ୍ରାହ୍ମସମାଜ ଏବଂ ରାଜା ରାମମୋହନ ରାୟ

ଏହି ସମୟର ମହାନ୍ ସାମାଜିକ ସଂସ୍କାରକମାନଙ୍କ ମଧ୍ୟରେ ରାଜା ରାମମୋହନ ରାୟ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ସେ ସ୍ୱକୀୟ କର୍ମଧାରା ମାଧ୍ୟମରେ ନିଜକୁ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାବଧାରାର ଏକ ସମନ୍ୱିତ ବ୍ୟକ୍ତି ଭାବରେ ପ୍ରତିଷ୍ଠିତ କରିପାରିଛନ୍ତି । ସେ ଥିଲେ ପ୍ରଚଣ୍ଡ ସାହିତ୍ୟିକ ପ୍ରତିଭାର ଅଧିକାରୀ ଓ ଭାରତୀୟ ସଂସ୍କୃତିର ପ୍ରବୀଣ ପଣ୍ଡିତ ଓ ପ୍ରବକ୍ତା । ସେ ମଧ୍ୟ ଖ୍ରୀଷ୍ଟିୟାନ୍ ଓ ଇସଲାମ ଧର୍ମ ଉପରେ ଗବେଷଣା କରି ସେହି ଦୁଇ ସଂପ୍ରଦାୟର ମୌଳିକ ତଥ୍ୟଗୁଡ଼ିକ ସଂପର୍କରେ ଯଥେଷ୍ଟ ଜ୍ଞାନ ଆହରଣ କରିଥିଲେ । ଧର୍ମ ବିଶ୍ୱାସକୁ ଆଧାର କରି ପ୍ରଚଳିତ ଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସ ତାଙ୍କ ମନରେ ବିତୃଷ୍ଣାଭାବ ଆଣିଥିଲା ।

ହିନ୍ଦୁ ଧର୍ମରେ ପ୍ରଚଳିତ ମୂର୍ତ୍ତିପୂଜା, ବଳିପ୍ରଥା ଓ ଅର୍ଥହୀନ କ୍ରିୟାକାଣ୍ଡକୁ ସେ ମୂଲ୍ୟହୀନ ବୋଲି ବିଚାର କରି ହିନ୍ଦୁ ଧର୍ମକୁ ଏଥିରୁ ମୁକ୍ତ କରିବାକୁ ସେ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ । ଏହିସବୁ ମୂଲ୍ୟହୀନ ପ୍ରଥାର ପ୍ରଚଳନକୁ ପ୍ରୋତ୍ସାହିତ କରୁଥିବା ବ୍ରାହ୍ମଣ ପୁରୋହିତ ଗୋଷ୍ଠୀଙ୍କୁ ସେ ନିନ୍ଦା କରୁଥିଲେ । ସମସ୍ତ ପ୍ରାଚୀନ ଭାରତୀୟ ହିନ୍ଦୁ ଧର୍ମଗ୍ରନ୍ଥ ଏକେଶ୍ୱରବାଦରେ ବିଶ୍ୱାସ କରେ ବୋଲି ସେ ଘୋଷଣା କରିଥିଲେ । ତାଙ୍କ କାର୍ଯ୍ୟର ସଫଳ ରୂପାୟନ ପାଇଁ ସେ ୧୮୨୮ ଖ୍ରୀଷ୍ଟାବ୍ଦରେ ବ୍ରାହ୍ମସମାଜ ପ୍ରତିଷ୍ଠା କରିଥିଲେ । ବ୍ରାହ୍ମସମାଜ ଥିଲା ଧାର୍ମିକ ସାମାଜିକ ସଂସ୍କାର ପାଇଁ ରାମମୋହନ ରାୟଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଗଠନ ।

ଏହା ପ୍ରଚଳିତ ପ୍ରତିମା ପୂଜା, ଅର୍ଥହୀନ ପୂଜା ପଦ୍ଧତି ଓ ମୂଲ୍ୟହୀନ କ୍ରିୟାକାଣ୍ଡକୁ ତୀବ୍ର ବିରୋଧ କରିଥିଲା । ବ୍ରାହ୍ମସମାଜ ଏହି ସଂଗଠନର ସମର୍ଥକମାନଙ୍କୁ କୌଣସି ଧର୍ମ ବିରୁଦ୍ଧରେ ମତଦେବାକୁ ବାରଣ କରିଥିଲା । ପୃଥିବୀର





ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା ଥିଲା ବ୍ରାହ୍ମ ସମାଜର ମୁଖ୍ୟ ଲକ୍ଷ୍ୟ । ରାମ ମୋହନ ରାୟ ଦୟା, ଦାନଶୀଳତା, ନୈତିକତା ଓ ସାଧୁତା ପ୍ରଭୃତି ସଦ୍‌ଗୁଣ ଉପରେ ଗୁରୁତ୍ୱ ଦେଇଥିଲେ ।

ରାଜା ରାମମୋହନ ରାୟ କେବଳ ଯେ ଜଣେ ଧର୍ମ ସଂସ୍କାରକ ଥିଲେ ଏହା କହିବା ଠିକ୍ ନୁହେଁ । ସେ ଏକାଧାରରେ ଜଣେ ସାମାଜ ସଂସ୍କାରକ ମଧ୍ୟ ଥିଲେ । ଏହିକ୍ଷେତ୍ରରେ ୧୮୨୯ ଖ୍ରୀଷ୍ଟାବ୍ଦରେ ସତୀଦାହ ପ୍ରଥାର ବିଲୋପ ସାଧନ ଥିଲା ତାଙ୍କର ସର୍ବାଧିକ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ । ସେ କହୁଥିଲେ ଯେ ସତୀଦାହ ପ୍ରଥା ପାଇଁ ନାରୀମାନଙ୍କର ନିରକ୍ଷରତା ହିଁ ଦାୟୀ । ତେଣୁ ସେ ନାରୀମାନଙ୍କର ସ୍ୱାଧୀନତାର ସୁରକ୍ଷା ପାଇଁ ସେ କାର୍ଯ୍ୟ କରିଥିଲେ । ଦୀର୍ଘକାଳ ଅକ୍ଳାନ୍ତ ପରିଶ୍ରମ କରି ସେ ସତୀଦାହ ପ୍ରଥାର ବିଲୋପ ସାଧନ କରିଥିଲେ । ୧୮୧୮ ମସିହାର ପ୍ରାକ୍‌କାଳରେ ସେ ସତୀଦାହ ପ୍ରଥା ବିରୁଦ୍ଧରେ ଦୃଢ଼ ଜନମତ ସୃଷ୍ଟି କରିଥିଲେ । ସେ ସତୀଦାହ ଭଳି କୁତ୍ସିତ ଘଟଣା ଘଟୁଥିବା ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ ଓ ସେଠାରେ ସେ ବିଧବାମାନଙ୍କୁ ଏଭଳି ଅମାନବୀୟ ଘଟଣା ନ ଘଟାଇବାକୁ ସେମାନଙ୍କ ପରିବାର ଓ ସଂପର୍କୀୟମାନଙ୍କୁ ପରାମର୍ଶ ଦେଉଥିଲେ । ସତୀଦାହ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବାରୁ ସେ ସମାଜର ଧର୍ମାନ୍ଧ ହିନ୍ଦୁମାନଙ୍କର ଶରବ୍ୟ ହୋଇଥିଲେ ।

ରାଜା ରାମମୋହନ ରାୟ ଭାରତୀୟ ସମାଜରେ ପ୍ରଚଳିତ ଜାତି ପ୍ରଥା ବିରୁଦ୍ଧରେ ମଧ୍ୟ ଦୃଢ଼ ମତ ପୋଷଣ କରିଥିଲେ । ଜଣେ ଦୃଢ଼ ମାନବବାଦୀ ଓ ଗଣତନ୍ତ୍ରବାଦୀ ଭାବରେ ନିଜର ଲେଖା ଓ ଭାଷଣ ମାଧ୍ୟମରେ ସେ ଜାତିପ୍ରଥାକୁ କଠୋର ଭାବରେ ନିନ୍ଦା କରିଥିଲେ । ହିନ୍ଦୁ ଧର୍ମରେ ପ୍ରଚଳିତ ଈଶ୍ୱର ବିଶ୍ୱାସକୁ ସେ ବିରୋଧ କରିଥିଲେ । ହିନ୍ଦୁଧର୍ମ ଶାସ୍ତ୍ର, ବେଦ ଓ ଉପନିଷଦ୍‌କୁ ଅନୁଧ୍ୟାନ କରି ସେ ଜଣାଇ ଦେଇଥିଲେ ଯେ ଏକେଶ୍ୱରବାଦ ହେଉଛି ହିନ୍ଦୁଧର୍ମର ମୂଳ ଆଧାର । ତେଣୁ ସେ ହିନ୍ଦୁ ଧର୍ମରେ ସ୍ଥାନ ପାଇଥିବା ଅନେକ ଦେବତାଙ୍କ ପୂଜା ବିଧିକୁ ବିରୋଧ କରିଥିଲେ । ଜଣେ ଦାର୍ଶନିକ ଭାବରେ କୌଣସି ନୂତନ ଧର୍ମ ପ୍ରତିଷ୍ଠାରେ ମନ ନ ବଳାଇ ସେ ପ୍ରଚଳିତ କୁସଂସ୍କାର ଓ ଅନ୍ଧବିଶ୍ୱାସପୂର୍ଣ୍ଣ ହିନ୍ଦୁଧର୍ମରେ କିଛିଟା ସୁଧାର ଆଣିବାର ଚେଷ୍ଟା କରିଥିଲେ । ତାଙ୍କ ମତରେ ସବୁ ଧର୍ମ ପାଇଁ ଈଶ୍ୱର ହେଉଛନ୍ତି ଏକ । ସେ ତାଙ୍କର ମତକୁ ଇଂରାଜୀ ଓ ବଙ୍ଗଳା ଭାଷାରେ ଲେଖି ପ୍ରଚାର କରୁଥିଲେ । ସମାଜକୁ ଆଧୁନିକତ୍ୱ ଦେବାପାଇଁ ସେ ଇଂରାଜୀ ଶିକ୍ଷାର ପ୍ରଚଳନ ପାଇଁ ଆନ୍ତରିକ ଉଦ୍ୟମ କରିଥିଲେ । ସେ ପାରସିକ ଭାଷାରେ ଅଖଣ୍ଡ ଦକ୍ଷତା ଲାଭ କରିବା ସହ ତାଙ୍କର ମତକୁ ସେହି ଭାଷାରେ ହିଁ ପ୍ରକାଶ କରିଥିଲେ ।

ସମାଜରେ ପ୍ରଚଳିତ ବହୁପତ୍ନୀ ବିବାହ ପ୍ରଥାକୁ ମଧ୍ୟ ସେ ଦୃଢ଼ ନିନ୍ଦା କରିବା ସହ ବାଲ୍ୟବିବାହ ପ୍ରଥାର ବିଲୋପ ସାଧନ ପାଇଁ ଚେଷ୍ଟା କରିଥିଲେ । ନାରୀମାନେ ଉଚ୍ଚଶିକ୍ଷାର ସୁଯୋଗ ପାଇବା ଏବଂ ପୈତୃକ ସମ୍ପତ୍ତିର ଭାଗ ନେବା ସପକ୍ଷରେ ସେ ମତ ଦେଇଥିଲେ । ନାରୀମାନେ ପୁରୁଷମାନଙ୍କଠାରୁ ନ୍ୟୁନ ବୋଲି ସେ ଭାବୁନଥିଲେ । ସବୁକ୍ଷେତ୍ରରେ ସେମାନେ ପୁରୁଷମାନଙ୍କ ସମକକ୍ଷ ବୋଲି ସେ ପ୍ରଚାର କରିଥିଲେ । ସମାଜରେ ବିଧବାମାନଙ୍କୁ ବିବାହ କରିବାର ସୁଯୋଗ ଦେବାକୁ ମଧ୍ୟ ସେ ଦାବୀ କରିଥିଲେ ।

ନିଜ ସଂସ୍କାର ଆନ୍ଦୋଳନକୁ ସଂଗଠିତ ଆକାର ଦେବାପାଇଁ, ରାଜା ରାମମୋହନ ରାୟ ୧୮୨୮ ମସିହାରେ ବ୍ରାହ୍ମ-ସଭା ନାମକ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସେହି ସଭା ବ୍ରାହ୍ମ-ସମାଜ ନାମରେ ପରିଚିତ ହୋଇଥିଲା । ଜାତି, ବର୍ଣ୍ଣ, ଧର୍ମ, ମତ ଓ ଜାତୀୟତା ନିର୍ବିଶେଷରେ ସମସ୍ତ ବ୍ୟକ୍ତିଙ୍କ ପାଇଁ ଏହା ଉନ୍ମୁକ୍ତ ଥିଲା । ବ୍ରାହ୍ମ-ସମାଜ ମାନବୀୟ ମର୍ଯ୍ୟାଦାକୁ ପ୍ରାଧାନ୍ୟ ଦେଉଥିବାବେଳେ ମୂର୍ତ୍ତି-ପୂଜା ଓ ସତୀଦାହ ପ୍ରଥା ଭଳି ଘୃଣ୍ୟ ପରମ୍ପରାକୁ ଘୋର ବିରୋଧ କରୁଥିଲା । ଏହା ଏକ ସଂପୂର୍ଣ୍ଣ ପୃଥକ୍ ଧାର୍ମିକ ବିଚାରଧାରା ନଥିଲା । କିନ୍ତୁ ଏହା ଏପରି ଏକ ସଂଗଠନ ଥିଲା ଯେଉଁଠାରେ ଏକମାତ୍ର ପରଂବ୍ରହ୍ମଙ୍କ ପ୍ରକୃତ ଅନୁଗତମାନେ ଏକତ୍ରିତ ହୋଇ ପ୍ରାର୍ଥନା କରୁଥିଲେ । ସେଠାରେ ପ୍ରତିମାପୂଜା, ବଳିପ୍ରଥା ଓ ନୈବେଦ୍ୟ ଅର୍ପଣର ସ୍ଥାନ ନଥିଲା ।





ଦେବେନ୍ଦ୍ରନାଥ ଠାକୁର (୧୮୧୭-୧୯୦୫) ପରବର୍ତ୍ତୀ ସମୟରେ ରାଜା ରାମମୋହନ ରାୟଙ୍କ ପରେ ବ୍ରାହ୍ମସମାଜର ପୁରୋଧା ହୋଇଥିଲେ । ତାଙ୍କର ପିତା ଥିଲେ ଦ୍ୱାରକାନାଥ ଠାକୁର । ସେ ବ୍ରାହ୍ମସମାଜକୁ ଏକ ନୂତନ ଜୀବନ ପ୍ରଦାନ କରିବାସହ ରାଜା ରାମମୋହନ ରାୟଙ୍କ ଚିନ୍ତାଧାରାର ପ୍ରଚାର ଓ ପ୍ରସାର କରିଥିଲେ । ଦେବେନ୍ଦ୍ରନାଥ ଠାକୁରଙ୍କଠାରୁ କେଶବଚନ୍ଦ୍ର ସେନ (୧୮୩୮-୧୮୮୪) ବ୍ରାହ୍ମସମାଜର ନେତୃତ୍ୱଭାର ଗ୍ରହଣ କରିଥିଲେ । ବ୍ରାହ୍ମସମାଜ ବ୍ୟକ୍ତି ସ୍ୱାଧିନତା, ଜାତୀୟ ଏକତା, ପରସ୍ପର ସହଯୋଗ, ସମ୍ମିଳିତ ଉଦ୍ୟମ, ସମସ୍ତ ସାମାଜିକ ସଂଗଠନଗୁଡ଼ିକର ଗଣତାନ୍ତିକରଣ ଓ ପାରସ୍ପରିକ ସଂପର୍କ ଉପରେ ଗୁରୁତ୍ୱ ଦେଉଥିଲା । ତେଣୁ ଏହା ପ୍ରଥମ କରି ଜାତୀୟ ସଚେତନତାର ପରିପ୍ରକାଶ ପାଇଁ ସଂଗଠିତ ଭାବ ପରିପ୍ରକାଶର ମାଧ୍ୟମ ରୂପେ ପରିଗଣିତ ହେବା ସଙ୍ଗେ ସଙ୍ଗେ ଭାରତୀୟମାନଙ୍କ ପାଇଁ ଏକ ନୂତନ ଯୁଗର ଅୟମାରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ଆଭ୍ୟନ୍ତରୀଣ ବିବାଦ ଯୋଗୁଁ ବ୍ରାହ୍ମସମାଜ ଦୁର୍ବଳ ହୋଇପଡ଼ିଥିଲେ ମଧ୍ୟ ଏହା ସହରାଞ୍ଚଳରେ ଶିକ୍ଷିତ ବ୍ୟକ୍ତିମାନଙ୍କ ସହଯୋଗରେ ବଞ୍ଚିରହିଥିଲା । ତଥାପି ଏହାର ପ୍ରଭାବ ବଙ୍ଗଳାର ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା ।

## ୧୦. ୩ ପ୍ରାର୍ଥନା ସମାଜ ଓ ରାଣାଡେ

ଏହି ପ୍ରାର୍ଥନା ସମାଜ ୧୮୭୬ ମସିହାରେ ଡଃ ଆତ୍ମାରାମ ପାଣ୍ଡୁରଙ୍ଗଙ୍କ ଦ୍ୱାରା (୧୮୨୫-୧୮୯୮) ବମ୍ବେଠାରେ ପ୍ରତିଷ୍ଠା କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ସମ୍ବେଦନଶୀଳ ବୌଦ୍ଧିକ ଉପାସନା ଓ ସାମାଜିକ ସଂସ୍କାର ଉପରେ ପର୍ଯ୍ୟବେସିତ ଥିଲା । ଏହାର ଦୁଇଜଣ ପ୍ରତିଷ୍ଠିତ ସଦସ୍ୟ ହେଉଛନ୍ତି ଶ୍ରୀ ଆର୍.ସି. ଭଣ୍ଡାରକର ଓ ବିଚାରପତି ମହାଦେବ ଗୋବିନ୍ଦ ରାଣାଡେ । ସେମାନେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ସବର୍ଣ୍ଣ-ଅସବର୍ଣ୍ଣ ମଧ୍ୟରେ ବିବାହ, ସେମାନଙ୍କ ମଧ୍ୟରେ ମିଳିତ ପଂକ୍ତି ଭୋଜନ, ବିଧବା ବିବାହ, ଅବହେଳିତ ଅନୁନ୍ନତମାନଙ୍କର ଉନ୍ନତି ସହିତ ନାରୀମାନଙ୍କର ଉନ୍ନତି ସେମାନଙ୍କ କାର୍ଯ୍ୟଧାରାର ପରିସରଭୁକ୍ତ ଥିଲା ।

ମହାଦେବ ଗୋବିନ୍ଦ ରାଣାଡେ (୧୮୪୨-୧୯୦୧) ତାଙ୍କର ଜୀବନକାଳକୁ ପ୍ରାର୍ଥନା ସମାଜ ପାଇଁ ଉତ୍ସର୍ଗ କରିଥିଲେ । ସେ ବିଧବା ବିବାହ ସଂଗଠନ (୧୮୬୧) ଓ ଦାକ୍ଷିଣାତ୍ୟ ଶିକ୍ଷା ସମାଜର ପ୍ରାଣପ୍ରତିଷ୍ଠାତା ଥିଲେ । ସେ ମଧ୍ୟ ପୁନା ସାର୍ବଜନିକ ସଭାର ପ୍ରତିଷ୍ଠାତା ଥିଲେ । ରାଣାଡେଙ୍କ ପାଇଁ ଧାର୍ମିକ ଓ ସାମାଜିକ ସଂସ୍କାର ଏକ ଓ ଅଭିନ୍ନ ଥିଲା । ସେ ମଧ୍ୟ ବିଶ୍ୱାସ କରୁଥିଲେ ଯେ, ଧାର୍ମିକ ଚିନ୍ତାଧାରାଗୁଡ଼ିକ ଯଦି ଅନମନୀୟ ଓ ସ୍ଥିର ରହିବ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଫଳତା ଓ ଉନ୍ନତି ଘଟିବା ସମ୍ଭବ ହେବ ନାହିଁ । ମହାଦେବ ଗୋବିନ୍ଦ ରାଣାଡେ ପଶ୍ଚିମ ଭାରତର ସାମାଜିକ ପୁନଃସଂସ୍କାର ଓ ସାଂସ୍କୃତିକ ପୁର୍ନଜାଗରଣ ଆନ୍ଦୋଳନର ଅଗ୍ରସାରଥି ଥିଲେ ।

ରାଣାଡେ ସମାଜ ସଂସ୍କାର କାର୍ଯ୍ୟରେ ବ୍ରତୀ ଥିବା ବ୍ୟକ୍ତିବିଶେଷଙ୍କୁ ଏକ ବିଶେଷ ବାର୍ତ୍ତାଦେଇ କହିଥିଲେ ଯେ ସମାଜ ସେବା କାର୍ଯ୍ୟ ପାଇଁ ସଂଖ୍ୟା ଉପରେ ଗୁରୁତ୍ୱ ନଦେଇ ନିଷ୍ଠା ଓ ମନପ୍ରାଣ ଦେଇ କାର୍ଯ୍ୟକରିଲେ ସଫଳତା ନିଶ୍ଚୟ ମିଳିବ ।

ଯଦିଓ ପ୍ରାର୍ଥନା ସମାଜ, ବ୍ରାହ୍ମସମାଜ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଥିଲା, ତଥାପି ଏହା ମୂର୍ତ୍ତିପୂଜା ଓ ଜାତିପ୍ରଥା ପ୍ରସଙ୍ଗରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୀତି ନିର୍ଦ୍ଧାରଣ କରିନଥିଲା ଓ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ମଧ୍ୟ ରଖିନଥିଲା । ଏହା ବେଦକୁ ଓ ବୈଦିକ ସିଦ୍ଧାନ୍ତ ସମୂହକୁ ଶେଷ ସିଦ୍ଧାନ୍ତ ରୂପେ ବିଚାର



କରୁନଥିଲା କିମ୍ବା ମାନବାତ୍ମା ଓ ପରମାତ୍ମା ମଧ୍ୟରେ ସ୍ଥିତି, ଗତି ଓ ସମ୍ବନ୍ଧ ସଂପର୍କୀୟ ସମସ୍ତ ତତ୍ତ୍ୱକୁ ମଧ୍ୟ ବିଶ୍ୱାସ କରୁନଥିଲା । ଈଶ୍ୱରୀୟ ସତ୍ତାକୁ ସକାରାତ୍ମକ, ଗଠନମୂଳକ ଓ ବିଶ୍ୱାସନୀୟତା ମଧ୍ୟ ଦେଇ ଉପଲବ୍ଧି କରିବା ପ୍ରାର୍ଥନାସମାଜର ନିର୍ଦ୍ଦିଷ୍ଟ ଚିନ୍ତାଧାରା ଥିଲା ।

## ୧୦. ୪ ଡେରୋଜିଓ ଏବଂ ତରୁଣ ବଙ୍ଗ ଆନ୍ଦୋଳନ

ହେନେରୀ ଲୁଇ ଭିଭିଆନ ଡେରୋଜିଓ କଲିକତା ହିନ୍ଦୁ କଲେଜରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ସେ ପ୍ରଥମେ ସ୍କଟଲାଣ୍ଡରୁ ଆସି କଲିକତାରେ ଘଣ୍ଟା ବିକ୍ରୀ କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ବଙ୍ଗଳାରେ ଆଧୁନିକ ଶିକ୍ଷାର ପ୍ରଚାର ଓ ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

ଡେରାଜିଓ ମୌଳିକ ଓ ବୈପ୍ଳବିକ ଚିନ୍ତାଧାରାକୁ ପ୍ରତିଷ୍ଠା କରିଥିବା ବିଭିନ୍ନ ସଂଗଠନ ମାଧ୍ୟମରେ ପ୍ରଚାର କରିବା ସହ ସାହିତ୍ୟ, ଦର୍ଶନ, ଇତିହାସ ଏବଂ ବିଜ୍ଞାନ ସମ୍ବନ୍ଧୀୟ ବିତର୍କ ଓ ଆଲୋଚନାଚକ୍ରର ଆୟୋଜନ କରୁଥିଲେ । ସେ ନିଜର ଅନୁଗାମୀ ଓ ଛାତ୍ରମାନଙ୍କୁ ଶାସକମଣ୍ଡଳୀଙ୍କୁ ପ୍ରଶ୍ନ କରିବାକୁ ଅନୁପ୍ରାଣିତ କରିଥିଲେ । ଡେର୍ଜିଆନ୍ ଓ ତରୁଣ–ବଙ୍ଗଳା ନାମରେ ପରିଚିତ ଏହି ଅନୁଗାମୀମାନେ ଡେରାଜିଓଙ୍କ ଭଳି ଉଗ୍ର ଦେଶପ୍ରେମୀ ଥିଲେ । ସେମାନେ ୧୭୮୯ ଫରାସୀ ବିପ୍ଳବର ଆଦର୍ଶ ଓ ବ୍ରିଟେନ୍‌ର ଉଦାରବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ୨୨ ବର୍ଷର ତରୁଣ ବୟସରେ ଡେରାଜିଓ ହଇଜାରେ ମୃତ୍ୟୁବରଣ କରିଥିଲେ ।

ତାଙ୍କର ତରୁଣ–ବଙ୍ଗଳା ଆନ୍ଦୋଳନ ତାଙ୍କ ମୃତ୍ୟୁପରେ ମଧ୍ୟ ସକ୍ରିୟ ରହିଥିଲା । ନେତୃତ୍ୱବିହୀନ ହୋଇଥିଲେ ମଧ୍ୟ ଏହାର ସଦସ୍ୟମାନେ ଶିକ୍ଷା ଓ ସାମ୍ବାଦିକତା ମାଧ୍ୟମରେ ବୈପ୍ଳବିକ ଚିନ୍ତାଧାରାର ପ୍ରଚାର ଜାରି ରଖିଥିଲେ ।

### ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର

ବଙ୍ଗଳାର ଅନ୍ୟତମ ସଂସ୍କାରକ ଥିଲେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (୧୮୨୦–୧୮୯୧ ଖ୍ରୀଷ୍ଟାବ୍ଦ) ଏହି ଉଚ୍ଚମନା ବିଦ୍ୱାନ୍ ନାରୀମାନଙ୍କର ମୁକ୍ତି ଆନ୍ଦୋଳନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଆନ୍ତରିକ ଉଦ୍ୟମ ଫଳରେ ବିଧବା ବିବାହ କ୍ଷେତ୍ରରେ ଥିବା ପ୍ରତିବନ୍ଧକଗୁଡ଼ିକ ୧୮୫୬ ମସିହାର ଆଇନ୍ ବଳରେ ଦୂରୀଭୂତ ହୋଇପାରିଥିଲା । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କର ଶିକ୍ଷାଦାନ ପାଇଁ ଉତ୍ସାହିତ କରିବା ସହିତ ସେ ନୂତନ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ବିଶେଷ ଭାବରେ ଧର୍ମ ପ୍ରଚାର ପ୍ରତି ଆକୃଷ୍ଟ ନହୋଇ ଧର୍ମ ନାମରେ ହେଉଥିବା ସଂସ୍କାରଗୁଡ଼ିକୁ ଘୋର ବିରୋଧ କରିଥିଲେ ।

## ୧୦. ୫ ପଶ୍ଚିମ ଓ ଦକ୍ଷିଣ ଭାରତରେ ସଂସ୍କାର ଆନ୍ଦୋଳନର ପ୍ରସାର

ବଙ୍ଗଳା ପରେ ପରେ ପଶ୍ଚିମ ଭାରତରେ ଏହି ସଂସ୍କାର ଆନ୍ଦୋଳନର ବ୍ୟାପକ ପ୍ରସାର ଘଟିଥିଲା । ବାଳଶାସ୍ତ୍ରୀ ଜମ୍ଭେକର ବମ୍ବେର ପ୍ରଥମ ସଂସ୍କାରକ ଥିଲେ । ସେ ବ୍ରାହ୍ମଣ୍ୟଧର୍ମର ସଂସ୍କାର ବିରୋଧୀ ନୀତିକୁ ବିରୋଧ କରିବା ସହ ହିନ୍ଦୁଧର୍ମରେ ସଂସ୍କାର ଆଣିବା ପାଇଁ ଚେଷ୍ଟିତ ଥିଲେ ।

୧୮୪୯ ମସିହାରେ ପୁନା, ସାତାରା ଏବଂ ମହାରାଷ୍ଟ୍ରର ଅନେକ ସହରରେ ପରମହଂସ ମଣ୍ଡଳୀ ସ୍ଥାପିତ ହୋଇଥିଲା । ଏହାର ଅନୁଗାମୀମାନେ ଏକେଶ୍ୱରବାଦରେ ବିଶ୍ୱାସ କରିବା ସହ ଜାତିପ୍ରଥାର ଘୋର ବିରୋଧୀ ଥିଲେ । ଏହାର ବିଭିନ୍ନ ସାମବେଶରେ, ଏହାର ଅନୁଗାମୀମାନେ ଅସବର୍ଣ୍ଣମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଉଥିଲେ । ସମାଜରେ





ବିଧବା ବିବାହ ପ୍ରଥା ଓ ନାରୀମାନଙ୍କର ଶିକ୍ଷାର ପ୍ରଚଳନ ପାଇଁ ସେମାନେ ଦାବୀ କରୁଥିଲେ । ମହାଦେବ ରାଣାଡେଙ୍କ ମତରେ ସାମାଜିକ ସଂସ୍କାର ବିନା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପ୍ରଗତି ଅସମ୍ଭବ ଥିଲା । ହିନ୍ଦୁ-ମୁସଲମାନ ଏକତାର ସେ ଦୃଢ଼ ସମର୍ଥକ ଥିଲେ ।

ପଶ୍ଚିମ ଭାରତର ଅନ୍ୟ ଦୁଇଜଣ ପ୍ରସିଦ୍ଧ ସଂସ୍କାରକ ଥିଲେ ଗୋପାଳହରି ଦେଶମୁଖ ଲୋକହିତଓ୍ୱାରି ଏବଂ ଜ୍ୟୋତିରାଓ ଗୋବିନ୍ଦରାଓ ଫୁଲେ । ଜ୍ୟୋତିରାଓ ଗୋବିନ୍ଦରାଓ ଫୁଲେ ଜ୍ୟୋତିବା ନାମରେ ଲୋକପ୍ରିୟ ଥିଲେ । ନାରୀ ଏବଂ ଅନୁନ୍ନତ ଶ୍ରେଣୀର ମଙ୍ଗଳବିଧାନ ପାଇଁ ସେମାନେ କାର୍ଯ୍ୟ କରିଥିଲେ । ଜ୍ୟୋତିବା ଓ ତାଙ୍କ ପତ୍ନୀ ୧୮୫୭ ମସିହାରେ ପୁନାଠାରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ଅନୁନ୍ନତ ଶ୍ରେଣୀର ପିଲାମାନଙ୍କ ପାଇଁ ଏକ ସ୍କୁଲ ମଧ୍ୟ ସେ ସ୍ଥାପନ କରିଥିଲେ । ଜ୍ୟୋତିବା ଫୁଲେ ମହାରାଷ୍ଟ୍ରରେ ବିଧବା ପୁନଃବିବାହ ଆନ୍ଦୋଳନର ଅଗ୍ରଣୀ ନେତା ଥିଲେ । ସମାଜରେ ବ୍ରାହ୍ମଣମାନଙ୍କର ଆଧିପତ୍ୟକୁ ସେ ଅସ୍ୱୀକାର କରିଥିଲେ । ସେ ଗ୍ରାମାଞ୍ଚଳରେ ବାସକରୁଥିବା ଲୋକମାନଙ୍କର ପୃଷ୍ଠପୋଷକତା କରି ମହାରାଷ୍ଟ୍ରରେ ଗ୍ରାମ୍ୟ ପୁର୍ନଗଠନ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ 'ମହାତ୍ମା' ଉପାଧି ପ୍ରଦାନ କରାଯାଇଥିଲା । ୧୮୭୩ ମସିହାରେ ନିଜ ଆନ୍ଦୋଳନକୁ ଅଧିକ ସକ୍ରିୟ କରିବାପାଇଁ ସତ୍ୟ-ଶୋଧକ ନାମକ ଏକ ସଂଗଠନ ପ୍ରତିଷ୍ଠା କରି ଏହାକୁ ଅଧିକ ଲୋକପ୍ରିୟ କରିପାରିଥିଲେ ।

ଦେଶର ଦକ୍ଷିଣାଞ୍ଚଳରେ କଣ୍ଡୁକୁରୀ ବୀରସାଲିଙ୍ଗମ୍ (୧୮୪୮-୧୯୧୯) ବିଧବା ବିବାହ ଓ ନାରୀ ଶିକ୍ଷା ଆନ୍ଦୋଳନରେ ଆନ୍ଧ୍ରପ୍ରଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ୧୮୬୪ରେ ମାଡ୍ରାସଠାରେ ବେଦ ସମାଜ ପ୍ରତିଷ୍ଠିତ ହୋଇଥିଲା । ଏହି ସଂଗଠନ ଜାତି ଜାତି ମଧ୍ୟରେ ଥିବା ବିଭେଦର ଦୂରୀକରଣ, ବିଧବା ବିବାହ ପ୍ରଥା ପ୍ରଚଳନ ଏବଂ ନାରୀ ଶିକ୍ଷା ପ୍ରବର୍ତ୍ତନ ପାଇଁ ଦାବୀ କରିଥିଲା । ହିନ୍ଦୁ ଧର୍ମରେ ପ୍ରଚଳିତ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୃଢ଼ ନିନ୍ଦା କରିବା ସହ ଏହି ସଂଗଠନ ଏକେଶ୍ୱରବାଦରେ ବିଶ୍ୱାସ କରିବା ପାଇଁ ପ୍ରଚାର କରିଥିଲା । ଚେମ୍ବେଟି ଶ୍ରୀଧରଲୁ ନାଇଡୁ ବେଦସାମାଜର ଅନ୍ୟତମ ଲୋକପ୍ରିୟ ପ୍ରବକ୍ତା ଥିଲେ । ବେଦସମାଜର ପୁସ୍ତକଗୁଡ଼ିକୁ ସେ ତାମିଲ ଓ ତେଲୁଗୁ ଭାଷାରେ ଅନୁବାଦ କରିଥିଲେ ।

ସମାଜର ଅବହେଳିତ ଓ ଅନୁନ୍ନତ ବର୍ଗର ଲୋକମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିଥିବା ଅନ୍ୟ ଏକ ପ୍ରସିଦ୍ଧ ସଂଗଠନ ଶ୍ରୀ ନାରାୟଣ ଗୁରୁ (୧୮୫୪-୧୯୨୮)ଙ୍କ ଦ୍ୱାରା କେରଳରେ ପ୍ରତିଷ୍ଠିତ ହୋଇଥିଲା । ୧୯୦୩ ମସିହାରେ ସେ ନିଜର ସମାଜ ସଂସ୍କାର କାର୍ଯ୍ୟ ପାଇଁ ଶ୍ରୀ ନାରାୟଣ ଧର୍ମ ପରିପାଳନ ଯୋଗମ୍ ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ । ଧର୍ମ ଧର୍ମ ମଧ୍ୟରେ ଥିବା ପାର୍ଥକ୍ୟକୁ ମୂଲ୍ୟହୀନ ବୋଲି ମତଦେଇ ଶ୍ରୀ ନାରାୟଣ ଗୁରୁ ଏକ ଜାତି, ଏକ ଧର୍ମ ଓ ଏକ ଈଶ୍ୱର ନୀତିର ପ୍ରଚାର କରିଥିଲେ ।

## ପାଠଗତ ପ୍ରଶ୍ନାବଳୀ ୧୦.୧

୧. ବ୍ରାହ୍ମସମାଜ ପ୍ରତିଷ୍ଠା ପାଇଁ କେଉଁ କାରଣ ଦାୟୀ ଥିଲା ?

______________________

୨. ବ୍ରାହ୍ମସମାଜର ନୀତିଗୁଡ଼ିକ କ'ଣ ଥିଲା ?

______________________

୩. ପ୍ରାର୍ଥନା ସମାଜ ସମାଜରୁ ବୈଷମ୍ୟଗୁଡ଼ିକୁ କିପରି ଦୂର କରିବାରେ ସକ୍ଷମ ହୋଇଥିଲା ?

_______________________________________________

୪. ଏମ୍.ଜି. ରାଣାଡେ କିଏ ଥିଲେ ?

_______________________________________________

ଟିପ୍ପଣୀ

## ୧୦.୬ ସ୍ୱାମୀ ଦୟାନନ୍ଦ ସରସ୍ୱତୀ (୧୮୨୪–୧୮୮୩) ଏବଂ ଆର୍ଯ୍ୟସମାଜ

ଆର୍ଯ୍ୟସମାଜର କୌଣସି ସଭାରେ ଯୋଗଦେଲେ, ଏଥିରେ ଅନେକ ମହିଳା ଉପସ୍ଥିତ ଥିବାର ଦେଖିବାକୁ ମିଳିବ । ନାରୀମାନେ ଯଜ୍ଞ କାର୍ଯ୍ୟରେ ଯୋଗଦେଇ ମନ୍ତ୍ର ଉଚ୍ଚାରଣ କରୁଥିଲେ । ଗୁଜୁରାଟର ମୂଳଶଙ୍କରଙ୍କର ଏହା ହିଁ ଥିଲା ଭାରତୀୟ ଧର୍ମସଂସ୍କାର ଆନ୍ଦୋଳନ ପ୍ରତି ମୌଳିକ ଅବଦାନ । ପରବର୍ତ୍ତୀ ସମୟରେ ସେ ଦୟାନନ୍ଦ ସରସ୍ୱତୀ (୧୮୨୪–୧୮୮୩) ନାମରେ ପରିଚିତ ହେବା ସହ ୧୮୭୫ ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ଧାର୍ମିକ ସଂସ୍କାର ଆନ୍ଦୋଳନ ସମଗ୍ର ଉତ୍ତର ଭାରତରେ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସେ ବେଦ ସମୂହକୁ ଜ୍ଞାନର ପ୍ରାକୃତିକ ଅସରନ୍ତି ଭଣ୍ଡାର, ଶାଶ୍ୱତ ଓ ଚିରନ୍ତନ ବୋଲି ଗ୍ରହଣ କରିଥିଲେ । ସେ କହୁଥିଲେ ଯେ ବେଦ ସମୂହରେ ଆଧୁନିକ ବିଜ୍ଞାନର ସମସ୍ତ ତଥ୍ୟ ଉପଲବ୍ଧ ଏବଂ ଏହା ଈଶ୍ୱରଙ୍କର ସମଗ୍ର ମାନବଜାତିକୁ ଏକ ଅମୂଲ୍ୟ ଦାନ । ସେ ମୂର୍ତ୍ତିପୂଜା, କର୍ମକାଣ୍ଡ ଏବଂ ପୂଜାପଦ୍ଧତିକୁ ନିନ୍ଦା କରିବା ସହ ସମାଜରେ ପ୍ରଚଳିତ ଜାତିପ୍ରଥାକୁ ବିରୋଧ କରିଥିଲେ । ପାଶ୍ଚାତ୍ୟ ବିଜ୍ଞାନର ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ସେ ଦାବୀ କରିଥିଲେ । ଏହିସବୁ ବାଣୀ ପ୍ରଚାର କରି ସେ ସମଗ୍ର ଦେଶ ପରିଭ୍ରମଣ କରିଥିଲେ ଓ ୧୮୭୫ ମସିହାରେ ପ୍ରସିଦ୍ଧ ଆର୍ଯ୍ୟ ସମାଜ ବମ୍ବେଠାରେ ପ୍ରତିଷ୍ଠା କରିଥିଲେ ।

ତାଙ୍କର 'ସତ୍ୟାର୍ଥ ପ୍ରକାଶ' ହେଉଛି ଏକ ମୂଲ୍ୟବାନ ପୁସ୍ତକ । ସେ ନିଜ ଲେଖାରେ ହିନ୍ଦୀ ଭାଷା ବ୍ୟବହାର କରିବା ଫଳରେ ସମଗ୍ର ଉତ୍ତର ଭାରତର ଲୋକମାନଙ୍କର ଏହା ବୋଧଗମ୍ୟ ହେବାସହ ଲୋକପ୍ରିୟ ହୋଇପାରିଥିଲା । ଆର୍ଯ୍ୟସମାଜ ସମାଜରେ ପ୍ରଚଳିତ ବାଲ୍ୟବିବାହ ପ୍ରଥାର ବିଲୋପ ଓ ବିଧବା ବିବାହ ପ୍ରଥାର ପ୍ରଚଳନ କରିବା ପାଇଁ ଦୃଢ଼ ଦାବୀଦାର ଥିଲା । ଆର୍ଯ୍ୟ ସମାଜର ଏହି ଆନ୍ଦୋଳନ ଦ୍ରୁତଗତିରେ ପଞ୍ଜାବ, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଗୁଜୁରାଟରେ ବ୍ୟାପୀ ଯାଇଥିଲା ।

ଏକ ସଙ୍ଗରେ ଉତ୍ତର ଭାରତର ଅନେକ ସ୍ଥାନରେ ବାଳିକା ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟମାନ ଗଢ଼ିଉଠିଥିଲା । ଲାହୋରଠାରେ ଥିବା ଦୟାନନ୍ଦ ଆଙ୍ଗ୍ଲୋ ଭେଦିକ୍ ସ୍କୁଲ ଏକ ମହାବିଦ୍ୟାଳୟକୁ ରୂପାନ୍ତରିତ ହୋଇଥିଲା । ଏଠାରେ ଆଧୁନିକ ଢ଼ାଞ୍ଚାରେ ହିନ୍ଦୀ ଓ ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ଲାଲା ହଂସରାଜଙ୍କ ଅବଦାନ ଅତୁଳନୀୟ ଥିଲା । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ନେତୃତ୍ୱରେ ଶିକ୍ଷାର ପାରମ୍ପରିକ ମୌଳିକ ଶିକ୍ଷାର ପ୍ରସାର ପାଇଁ ହରଦ୍ୱାରଠାରେ 'ଗୁରୁକୁଳ' ପ୍ରତିଷ୍ଠା କରାଯାଇଥିଲା । ପ୍ରାଚୀନ କାଳର ବୈଦିକ ପଦ୍ଧତି ଅନୁସରଣ ଦ୍ୱାରା ଏହି 'ଗୁରୁକୁଳ'ମାନ ପ୍ରତିଷ୍ଠା କରାଯାଇଥିଲା । ଆର୍ଯ୍ୟସମାଜ ଲୋକମାନଙ୍କ ମନରେ ଆତ୍ମସମ୍ମାନ ଓ ଆତ୍ମନିର୍ଭରଶୀଳତା ପ୍ରତି ଭାବ ସଞ୍ଚାରଣ କରିବାରେ ସର୍ବଦା ଚେଷ୍ଟିତ ଥିଲା । ଏହା ଜାତୀୟତାବାଦକୁ ପ୍ରୋତ୍ସାହିତ କରିଥିଲା । ଏଥିସହିତ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମଗ୍ରହଣ କରୁଥିବା ହିନ୍ଦୁମାନଙ୍କୁ ଆର୍ଯ୍ୟସମାଜ ଏଥିରୁ ନିବୃତ୍ତ ରଖିବାକୁ ଚେଷ୍ଟା କରିଥିଲା । ଯଦି କୌଣସି ହିନ୍ଦୁ ମୁସଲମାନ କିମ୍ବା ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରୁଥିଲେ ସେମାନଙ୍କୁ ଏକ ପବିତ୍ର ପଦ୍ଧତି 'ଶୁଦ୍ଧି' ମାଧ୍ୟମରେ ଧର୍ମକୁ ଫେରାଇ ଅଣାଯାଉଥିଲା ।





## ୧୦.୭ ରାମକୃଷ୍ଣ ମିଶନ ଓ ସ୍ୱାମୀ ବିବେକାନନ୍ଦ

ଗଦାଧର ଚଟ୍ଟୋପାଧ୍ୟାୟ (୧୮୩୬-୮୬) ନାମକ ଜଣେ ଗରୀବ ବ୍ରାହ୍ମଣ ପୁରୋହିତ ପରବର୍ତ୍ତୀ ସମୟରେ ରାମକୃଷ୍ଣ ପରମହଂସ ନାମରେ ପରିଚିତ ହୋଇଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରାଥମିକ ସ୍ତରରେ ସୀମିତ ଥିଲା ଓ ସେ ମଧ୍ୟ ଆନୁଷ୍ଠାନିକ ଭାବେ ଦର୍ଶନ ଓ ଶାସ୍ତ୍ର ସମୂହ ଶିକ୍ଷା ଲାଭ କରିନଥିଲେ । ସେ ତାଙ୍କର ଜୀବନକୁ ଭଗବାନଙ୍କ ନିକଟରେ ଉତ୍ସର୍ଗ କରି ଦେଇଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଈଶ୍ୱରପ୍ରାପ୍ତି ନିମିତ୍ତ ଅନେକ ମାର୍ଗ ଅଛି । ମାନବ ସେବା ହିଁ ଈଶ୍ୱର ସେବା । କାରଣ ମଣିଷ ହେଉଛି ଈଶ୍ୱରଙ୍କ ମୂର୍ତ୍ତିମନ୍ତ ରୂପ । ତାଙ୍କ ମତରେ ଶିକ୍ଷା ବ୍ୟବସ୍ଥାରେ ସାଂପ୍ରଦାୟିକତାର ସ୍ଥାନ ନଥିଲା । ସେ ପ୍ରତ୍ୟେକ ମଣିଷଠାରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଉପଲବ୍ଧି କରୁଥିଲେ ଓ ମଣିଷର ସେବାକୁ ମୋକ୍ଷପ୍ରାପ୍ତିର ମାଧ୍ୟମ ବୋଲି ମନେ କରୁଥିଲେ ।

ନରେନ୍ଦ୍ର ନାଥ ଦତ୍ତ (୧୮୬୩-୧୯୦୨) ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ନାମରେ ବିଶ୍ୱବିଦିତ ହୋଇଥିଲେ । ସେ ରାମକୃଷ୍ଣ ପରମହଂସଙ୍କର ପ୍ରିୟ ଶିଷ୍ୟ ଥିଲେ । ସେ ନିଜର ଗୁରୁ ରାମକୃଷ୍ଣଙ୍କ ବାର୍ତ୍ତା ସୁଦୂର ଆମେରିକା ଓ ଇଉରୋପ ସହ ସମଗ୍ର ବିଶ୍ୱରେ ପହଞ୍ଚାଇ ପାରିଥିଲେ । ବିବେକାନନ୍ଦ ଭାରତର ଆଧ୍ୟାତ୍ମିକ ପରମ୍ପରାକୁ ନେଇ ଗର୍ବ କରୁଥିଲେ । ତାଙ୍କ ମତରେ କୌଣସି ବ୍ୟକ୍ତି ସମାଜଠାରୁ ନିଜକୁ ଦୂରେଇ ରଖିପାରିବ ନାହିଁ । ସେ ଜାତିପ୍ରଥା, କଠୋର ରୀତିନୀତି, ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ପ୍ରଚଳିତ ପ୍ରାଚୀନ ଅନ୍ଧବିଶ୍ୱାସ ଓ କୁସଂସ୍କାରଗୁଡ଼ିକର ଘୋର ବିରୋଧି ଥିଲେ ଓ ସ୍ୱାଧୀନ ମୁକ୍ତ ବିଚାରଧାରା ଓ ସାମ୍ୟବାଦ ସପକ୍ଷରେ ମତ ପୋଷଣ କରିଥିଲେ ।

ବିବେକାନନ୍ଦ ଜଣେ ଉତ୍ସର୍ଗୀକୃତ ସଚ୍ଚା ଦେଶପ୍ରେମୀ ଥିଲେ । ଭାରତୀୟ ସଂସ୍କୃତିର କ୍ରମ ବିକାଶର ସେ ବିଶ୍ୱାସୀ ଥିଲେ ଏବଂ ସେହି ଅଧଃପତିତ ସଂସ୍କୃତିର ପୁନଃରୁଦ୍ଧାର ପାଇଁ ସେ ସଦା ଚେଷ୍ଟିତ ଥିଲେ । ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣଙ୍କ ଉପଦେଶାବଳୀକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିଲେ । ତାହା ଥିଲା ସର୍ବଧର୍ମର ସମନ୍ୱୟ । ସେ ବେଦାନ୍ତ ଦର୍ଶନ ମଧ୍ୟରେ ମନୁଷ୍ୟକୁ ସୁମହାନ୍ ପ୍ରକୃତିର ଏକ ଅଙ୍ଗ ରୂପେ ଦେଖିଥିଲେ ।

ବିବେକାନନ୍ଦଙ୍କ ସାମାଜିକ ଦର୍ଶନର ମୂଖ୍ୟ ଆଧାର ଥିଲା ମାନବିକ ଧର୍ମର ବିକାଶ । ତାଙ୍କ ମତରେ ଗରୀବ ଓ ଦଳିତଙ୍କର ସେବା ହେଉଛି ସବୁଠାରୁ ବଡ଼ ଧର୍ମ । ଏହି ସେବା କାର୍ଯ୍ୟ ପାଇଁ ସେ ୧୮୯୭ ମସିହାରେ ରାମକୃଷ୍ଣ ମିଶନ୍‌ର ପ୍ରତିଷ୍ଠା କରିଥିଲେ । ଏହି ମିଶନ୍ ଆଜି ପର୍ଯ୍ୟନ୍ତ ବନ୍ୟା, ବାତ୍ୟା, ମରୁଡ଼ି ଓ ମହାମାରୀ ଭଳି ଜାତୀୟ ଦୁର୍ବିପାକରେ ସାମାଜିକ ସେବା ଯୋଗାଇଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଅଛି । ଏହି ମିଶନ ଦ୍ୱାରା ଅନେକ ବିଦ୍ୟାଳୟ ଚିକିତ୍ସାଳୟ ଓ ଅନାଥାଶ୍ରମ ପ୍ରତିଷ୍ଠିତ ହୋଇ କାର୍ଯ୍ୟ କରୁଅଛି ।

୧୮୯୩ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱଧର୍ମ ସମ୍ମିଳନୀ (Parliament of Religions)ରେ ଭାରତର ହିନ୍ଦୁଧର୍ମର ପ୍ରତିନିଧି ରୂପେ ଅଂଶଗ୍ରହଣ କରିଥିଲେ । ବେଦାନ୍ତ କେବଳ ହିନ୍ଦୁମାନଙ୍କର ନୁହେଁ, ଏହା ସମସ୍ତଙ୍କର ଧର୍ମ ବୋଲି ସେ ସେଠାରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ସେଠାରେ ସେ ନିଜର ବାଗ୍ମିତା ବଳରେ ସବୁ ଦେଶର ଲୋକମାନଙ୍କୁ ପ୍ରଭାବିତ କରିପାରିଥିଲେ ଓ ଭାରତୀୟ ସଂସ୍କୃତିର ଗୌରବକୁ ସମଗ୍ର ବିଶ୍ୱଦରବାରରେ ପରିଚିତ କରାଇପାରିଥିଲେ । ଯଦିଓ ତାଙ୍କର କାର୍ଯ୍ୟଗୁଡ଼ିକ ଧର୍ମ ଭିତ୍ତିକ ଥିଲା, ତଥାପି ଜାତୀୟ ଜୀବନର ସମସ୍ତ କ୍ଷେତ୍ରରେ ଉନ୍ନତି ପ୍ରତି ସେ ଯତ୍ନବାନ ଥିଲେ । ନିଷ୍ପେସିତ ଦରିଦ୍ର ଲୋକମାନଙ୍କର ଶୋଚନୀୟ ଅବସ୍ଥା ତାଙ୍କୁ ମର୍ମାହତ କରୁଥିଲା । ସେମାନଙ୍କୁ ଅବହେଳା ପ୍ରଦର୍ଶନକୁ ସେ ପାପ ବୋଲି ବିବେଚନା କରୁଥିଲେ । ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ ଯେ ''ଆମର ଏ'ପ୍ରକାର ଦୂରାବସ୍ଥା ପାଇଁ ଆମେ ନିଜେ ହିଁ

ଦାୟୀ'' । ନିଜର ଏହି ଅବସ୍ଥାର ପରିବର୍ତ୍ତନ ପାଇଁ ନିଜର ଚେଷ୍ଟା ଜାରୀ ରଖିବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏଥିପାଇଁ ଏହି କାର୍ଯ୍ୟକୁ ଆଗେଇନେବା ପାଇଁ ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ ।

## ପାଠଗତ ପ୍ରଶ୍ନାବଳୀ ୧୦.୨

୧. ଆର୍ଯ୍ୟ ସମାଜର ପ୍ରତିଷ୍ଠାତା କିଏ ?

୨. ପ୍ରଥମ ଦୟାନନ୍ଦ ଆଙ୍ଗ୍ଲୋ-ଭେଦିକ୍ କଲେଜ କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

୩. ଗଦାଧର ଚଟ୍ଟୋପାଧ୍ୟାୟଙ୍କ ମତରେ ମୋକ୍ଷ ପ୍ରାପ୍ତିର ମାଧ୍ୟମ କ'ଣ ଥିଲା ?

୪. ସ୍ୱାମୀ ବିବେକାନନ୍ଦଙ୍କ ପ୍ରକୃତ ନାମ କ'ଣ ଥିଲା ?

୫. ସ୍ୱାମୀ ବିବେକାନନ୍ଦଙ୍କ ମତରେ ସବୁଠାରୁ ବଡ଼ ଧର୍ମ କ'ଣ ଥିଲା ?

## ୧୦.୮ ଥିଓସୋଫିକାଲ ସୋସାଇଟି ଓ ଆନିବେସାନ୍ତ

ଭାରତର ଆଧୁନିକ ସାଂସ୍କୃତିକ, ଧାର୍ମିକ ଓ ସାମାଜିକ ଜାଗରଣ ପାଇଁ ଥିଓସୋଫିକାଲ ସୋସାଇଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଋଷୀୟ ଆଧ୍ୟାତ୍ମବାଦୀ ମାଡ଼ାମ ଏଚ.ପି.ବ୍ଲାଭାଟ୍ସ୍କି ଓ ଆମେରିକୀୟ କର୍ଣ୍ଣେଲ ଏଚ୍.ଏସ୍.ଓଲକଟଙ୍କ ଦ୍ୱାରା ୧୮୭୫ ମସିହାରେ ଏହି ଥିଓସୋଫିକାଲ ସୋସାଇଟି ବା ବ୍ରହ୍ମବିଦ୍ୟା ସମିତି ଆମେରିକାରେ ପ୍ରଥମେ ପ୍ରତିଷ୍ଠିତ ହୋଇଥିଲା । ପ୍ରାଚୀନ ଧର୍ମ, ଦର୍ଶନ ଓ ବିଜ୍ଞାନ ସଂପର୍କରେ ଗବେଷଣାତ୍ମକ ଅଧ୍ୟୟନ, ମଣିଷର ଅନ୍ତର୍ନିହିତ ଐଶ୍ୱରିକ ଶକ୍ତିର ବିକାଶ ଓ ସାର୍ବଜନୀନ ଭ୍ରାତୃଭାବର ପ୍ରତିଷ୍ଠା ଏହି ଅନୁଷ୍ଠାନର ମୂଳଲକ୍ଷ୍ୟ ଥିଲା ।

ଏହି ସୋସାଇଟି ଭାରତରେ ୧୮୭୯ ମସିହାରେ ପ୍ରଥମେ ପ୍ରତିଷ୍ଠିତ ହୋଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ମାଦ୍ରାଜ ନିକଟବର୍ତ୍ତୀ ଆଡାୟାରଠାରେ ୧୮୮୬ ମସିହାରେ ପ୍ରତିଷ୍ଠା ହୋଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆନିବେସାନ୍ତଙ୍କ ନେତୃତ୍ୱରେ ଏହା ୧୮୯୩ ମସିହାରେ ପ୍ରଭାବ ବିସ୍ତାର କରିଥିଲା । ସେ ଓ ତାଙ୍କର ସହକର୍ମୀମାନେ ପ୍ରାଚୀନ ହିନ୍ଦୁଧର୍ମ, ଜୋରାଷ୍ଟ୍ରୀୟ ଧର୍ମ ଓ ବୌଦ୍ଧଧର୍ମର ପୁନରୁତ୍‌ଥାନ ପାଇଁ ଚେତନା ସୃଷ୍ଟି କରିଥିଲେ । ସେମାନେ ଆତ୍ମାର ଏକ ସ୍ଥାନରୁ ଅନ୍ୟ ସ୍ଥାନ ଗମନକୁ ବିଶ୍ୱାସ କରୁଥିଲେ । ସେମାନେ ମନୁଷ୍ୟମାନଙ୍କ ମଧ୍ୟରେ ବିଶ୍ୱଭ୍ରାତୃତ୍ୱକୁ ଗୁରୁତ୍ୱ ମଧ୍ୟ ଦେଉଥିଲେ । ଭାରତୀୟ ଆଦର୍ଶକୁ ନେଇ ପ୍ରତିଷ୍ଠିତ ଏକ ଶିକ୍ଷା ପଦ୍ଧତିର ପ୍ରଚଳନ ନିତାନ୍ତ ଜରୁରୀ ବୋଲି ସେମାନେ କହୁଥିଲେ । ପାଶ୍ଚାତ୍ୟ ଜଗତର ବିଦ୍ୱାନ୍‌ମାନେ ଆନିବେସାନ୍ତଙ୍କ ଆନ୍ଦୋଳନକୁ ଦୃଢ଼ ସମର୍ଥନ କରିଥିଲେ । ସେମାନେ ଭାରତୀୟ ସଂସ୍କୃତିର ବିଭିନ୍ନ ଆଦର୍ଶ ଓ ଦର୍ଶନ ତତ୍ତ୍ୱ ଦ୍ୱାରା ପ୍ରଭାବିତ ମଧ୍ୟ ହୋଇଥିଲେ । ଏହା ଭାରତୀୟମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ଶିକ୍ଷା କ୍ଷେତ୍ରରେ ଆନିବେସାନ୍ତଙ୍କ ଉଦ୍ୟମ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିଲା । ବନାରସର କେନ୍ଦ୍ରୀୟ ହିନ୍ଦୁ ମହାବିଦ୍ୟାଳୟ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହାର ଦାୟିତ୍ୱ ସେ ମଦନ ମୋହନ ମାଲବ୍ୟଙ୍କ ହସ୍ତରେ ଅର୍ପଣ କରିଥିଲେ । ମଦନ ମୋହନ ମାଲବ୍ୟ ଏହି ମହାବିଦ୍ୟାଳୟକୁ ପରେ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ । ଯଦିଓ ଆନିବେସାନ୍ତଙ୍କ ଏହି ଥିଓସୋଫିକାଲ ଆନ୍ଦୋଳନ ଲୋକପ୍ରିୟତା ହାସଲ କରିପାରି ନଥିଲା ତଥାପି ଆନିବେସାନ୍ତଙ୍କ ନେତୃତ୍ୱରେ ଭାରତୀୟମାନଙ୍କୁ ଜାଗ୍ରତ କରିବାରେ ଏହି ସଂଗଠନ ସଫଳତା ହାସଲ କରିଥିଲା । ଭାରତୀୟମାନଙ୍କ ମନରେ ଜାତୀୟତାଭାବ ସୃଷ୍ଟି କରିବାରେ ଆନିବେସାନ୍ତଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଥିଓସୋଫିକାଲ ସୋସାଇଟିର ମୁଖ୍ୟକାର୍ଯ୍ୟାଳୟ ଆଡାୟାରଠାରେ ପ୍ରତିଷ୍ଠିତ ପାଠାଗାରରେ ବହୁ ସଂଖ୍ୟାରେ ଦୁର୍ଲଭ ସଂସ୍କୃତ ଗ୍ରନ୍ଥ ଗଚ୍ଛିତ ଥିଲା ।

ଏହି ସୋସାଇଟି ସମାଜରେ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରବା ସହିତ ନାରୀ ଜାଗରଣକୁ ସମର୍ଥନ କରିଥିଲା । ଭାରତୀୟ ସମାଜରେ ପରିବର୍ତ୍ତନର ଏକ ଧାରା ଆଣିବା ପାଇଁ ଆନିବେସାନ୍ତ ନିଜ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ । ସେ ତାଙ୍କର କାର୍ଯ୍ୟଧାରର ପ୍ରଣାଳୀ ସଂପର୍କରେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ''ସମସ୍ତ ସାଂସ୍କୃତିକ ପୁନର୍ଜାଗରଣ, ପ୍ରାଚୀନ ଧର୍ମ ଧାରଣାର ସର୍ବାଙ୍ଗୀନ ବିକାଶ ସାଧନ, ନିଜସ୍ୱ ଇଚ୍ଛା-ଶକ୍ତି ଓ ବିଶ୍ୱାସକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ଭାରତୀୟମାନଙ୍କର ସର୍ବପ୍ରଥମ କାମ ।''

''କେନ୍ଦ୍ରୀୟ ହିନ୍ଦୁ ବିଦ୍ୟାଳୟ'' ପ୍ରତିଷ୍ଠା ଶ୍ରୀମତୀ ଆନିବେସାନ୍ତଙ୍କର ଭାରତରେ ଅନେକ ଉଲ୍ଲେଖନୀୟ ସଫଳତା ମଧ୍ୟରୁ ଗୋଟିଏ । ଆନିବେସାନ୍ତ ଭାରତର ସ୍ଥାୟୀ ବାସିନ୍ଦା ପାଲଟି ଯାଇଥିଲେ ଓ ଭାରତୀୟ ରାଜନୀତିରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ । ଭାରତୀୟ ସମାଜର ପୁନରୁତ୍‌ଥାନ ପାଇଁ ସେ କହିଥିଲେ, ''ଅନ୍ୟାନ୍ୟ ବିଷୟ ମଧ୍ୟରେ ଭାରତର ଆବଶ୍ୟକତା ହେଉଛି ଜାତୀୟ ଜୀବନୀଶକ୍ତିର କ୍ରମବିକାଶ ଏବଂ ଭାରତୀୟ ଆଦର୍ଶ ଉପରେ ପ୍ରତିଷ୍ଠିତ ତଥା ପାଶ୍ଚାତ୍ୟ ଚିନ୍ତାଧାରା ଓ ସଂସ୍କୃତିର ପ୍ରାଧାନ୍ୟ ଦ୍ୱାରା ନୁହେଁ, ପରନ୍ତୁ ତାହାଦ୍ୱାରା ଋଦ୍ଧିମନ୍ତ ହୋଇଥିବା ଏକ ଶିକ୍ଷା ପଦ୍ଧତି । ସେସବୁ ସମୟରେ ଭାରତୀୟମାନଙ୍କ ପାଇଁ ଘରୋଇ ଆଇନ୍ ବା ହୋମରୁଲ ସମର୍ଥନ କରୁଥିଲେ ଏବଂ ୧୯୧୬ ମସିହାରେ ହୋମ୍‌ରୁଲ ଲିଗ୍ ପ୍ରତିଷ୍ଠା କରି ନିଜେ ନିଜର ଶାସନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଥିଓସୋଫିକାଲ ସୋସାଇଟିର ଅନେକ ଶାଖା ସମଗ୍ର ଭାରତରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହାର ମୁଖପତ୍ର ଥିଓସୋଫିଷ୍ଟର ବହୁଳ ପ୍ରସାର ଘଟିଥିଲା । ଏହି ସମିତି ଧାର୍ମିକ ଓ ସାମାଜିକ ସଂସ୍କାର କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲା । ବିଶେଷକରି ଦକ୍ଷିଣ ଭାରତରେ ଏହା ଅଧିକ ଅନୁଭୂତ ହେଉଥିଲା । ଏହାର ଅଧିକାଂଶ କାର୍ଯ୍ୟକଳାପ ଆନିବେସାନ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୧୦.୩

୧. ଥିଓସୋଫିକାଲ ସୋସାଇଟି କେଉଁଠାରେ ପ୍ରତିଷ୍ଠିତ ହୋଇଥିଲା ?

___

୨. କିଏ ଥିଓସୋଫିକାଲ ସୋସାଇଟିର ପ୍ରତିଷ୍ଠାତା ଥିଲେ ?

___

୩. ଥିଓସୋଫିକାଲ ସୋସାଇଟିର ମୁଖ୍ୟକାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ଥିଲା ?

___

୪. କିଏ ୧୯୧୬ ମସିହାରେ ହୋମରୁଲ ଲିଗ୍ ପ୍ରତିଷ୍ଠା କରିଥିଲେ ?

---

## ୧୦.୯ ଆଲିଗଡ଼ ଆନ୍ଦୋଳନ ଓ ସୟେଦ୍ ଅହମ୍ମଦ ଖାନ୍

ତୁମେ ହିନ୍ଦୁ ଧର୍ମରେ ଅନେକ ପ୍ରଚଳିତ ପଦ୍ଧତି ଓ ସାମାଜିକ ଅନୁଷ୍ଠାନଗୁଡ଼ିକର ସଂସ୍କାର ସଂପର୍କରେ ପଢ଼ି ସାରିଛ । ସେହିଭଳି ସମାନ ଭାବରେ ଇସ୍‌ଲାମ ଧର୍ମରେ ମଧ୍ୟ ଅନେକ ସଂସ୍କାର ଆନ୍ଦୋଳନ ସଂଗଠିତ ହୋଇଥିଲା । ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିଠାରୁ ସମ୍ଭ୍ରାନ୍ତ ଶ୍ରେଣୀର ମୁସଲମାନମାନେ ଏକ ପ୍ରକାର ନିଜକୁ ଦୂରେଇ ରଖୁଥିଲେ । କିନ୍ତୁ ୧୮୫୭ର ସିପାହୀ ବିଦ୍ରୋହ ପରଠାରୁ ଧାର୍ମିକ ସଂସ୍କାର ଭଳି ଆଧୁନିକ ଚିନ୍ତାଧାରାର ପରିପ୍ରକାଶ ଦେଖିବାକୁ ମିଳିଥିଲା । ମହମ୍ମଡ଼ିଆନ ସାହିତ୍ୟ ସମାଜ ୧୮୬୩ ମସିହାରେ କଲିକତାଠାରେ ପ୍ରତିଷ୍ଠିତ ହୋଇଥିଲା ଓ ଏହି ଅନୁଷ୍ଠାନଦ୍ୱାରା ସଂସ୍କାର କାର୍ଯ୍ୟକ୍ରମର ଅୟମାରମ୍ଭ ହୋଇଥିଲା । ଏହି ସାହିତ୍ୟ ସମାଜ, ସାମାଜିକ, ରାଜନୈତିକ ଓ ଧାର୍ମିକ ସମସ୍ୟାର ଆଧୁନିକ ଦୃଷ୍ଟିଭଙ୍ଗୀ ଉପରେ ଅନେକ ଆଲୋଚନା କାର୍ଯ୍ୟକ୍ରମ ହାତକୁ ନେଲା । ସମ୍ଭ୍ରାନ୍ତ ଓ ମଧ୍ୟବିତ୍ତ ଶ୍ରେଣୀର ମୁସଲମାନମାନଙ୍କୁ ପାଶ୍ଚାତ୍ୟ ଶିକ୍ଷା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା । ଏହି ସୁସଲମାନମାନେ ମଧ୍ୟ ଚିସ୍ତି ସୁଫିସନ୍ଥମାନଙ୍କ ଦ୍ୱାରା ହୋଇଥିବା ସଂସ୍କାର ଆନ୍ଦୋଳନ ଦ୍ୱାରା ଅନେକଟା ପ୍ରଭାବିତ ହୋଇଥିଲେ ଓ ସେମାନେ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବ ସହିତ ସାଧୁସନ୍ଥମାନଙ୍କୁ ଭକ୍ତି ଓ ଆନୁଗତ୍ୟ ପ୍ରଦର୍ଶନ କରିବାକୁ ଶିକ୍ଷାଦାନ କରୁଥିଲେ । ଆଉ ଗୋଟିଏ ଆନ୍ଦୋଳନ ଦିଲ୍ଲୀର ସାହାଓ୍ୱାଲିଉଲ୍ଲାଙ୍କ ଦ୍ୱାରା ସଂଗଠିତ ହୋଇଥିଲା । ସେ କଠୋର ପୁରାତନ ପନ୍ଥୀ ଧାର୍ମିକ କ୍ରିୟାନୁଷ୍ଠାନଗୁଡ଼ିକୁ ଘୋର ବିରୋଧ କରୁଥିଲେ ଓ ସିହା ସଂପ୍ରଦାୟର ପୁନରୁତ୍‌ଥାନ କରି ଏକେଶ୍ୱରବାଦ ସପକ୍ଷରେ ସଂଗଠନ କରିଥିଲେ । ଲକ୍ଷ୍ନୌର ପ୍ରତିଷ୍ଠିତ ଫିରଙ୍ଗୀ ମହଲସ୍ଥିତ ଦାର୍ଶନିକ ଓ ବୌଦ୍ଧିକ ପରମ୍ପରା ସହିତ ଆଧୁନିକ ଶିକ୍ଷା ପଦ୍ଧତିର ସମ୍ମିଶ୍ରଣ ଘଟିଥିଲା ଏବଂ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ସମଗ୍ର ଭାରତକୁ ଏହା ସଂପ୍ରସାରିତ ହୋଇଥିଲା ।

ମୁସଲମାନ ସଂସ୍କାରକମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଅନ୍ତର୍ଗତ ରାୟବରେଲୀର ସୟଦ୍ ଅହମ୍ମଦ ହେଉଛନ୍ତି ଜଣେ ବିଖ୍ୟାତ ସ୍ମରଣୀୟ ବ୍ୟକ୍ତି । ଶିଳ୍ପରେ ପ୍ରସିଦ୍ଧି ଲାଭ କରିଥିବା ଆଲ୍ଲାହାବାଦ ଓ ପାଟନା ସହରର ପତନୋନ୍ମୁଖୀ ମୁସଲମାନ ଶିଳ୍ପୀ ଓ କାରିଗରମାନଙ୍କୁ ସେ ନିଜଆଡକୁ ଆକର୍ଷିତ କରିଥିଲେ । ମନେ ହେଉଥିଲା ସେମାନେ ବହୁପୂର୍ବରୁ ପ୍ରସ୍ତୁତ ହୋଇ ତାଙ୍କୁ ଯେପରି ଅପେକ୍ଷା କରିଥିଲେ। ସେ ଅନୁଭବ କରିଥିଲେ ଯେ ଇଂରେଜଶାସନର ପରିବର୍ତ୍ତିତ ଧାରା ଓ ସାମାଜିକ ଚଳଣି ସହିତ ନିଜକୁ ଖାପଖୁଆଇ ନ ପାରିଲେ ମୁସଲମାନମାନେ ନୂତନ ସୁଯୋଗ ସୁବିଧା ଯାହା ଉନ୍ନତି ଓ ସାମାଜିକ ମର୍ଯ୍ୟାଦା ଲାଭ ନିମିତ୍ତ ଏକାନ୍ତ ପ୍ରୟୋଜନ, ତହିଁରୁ ନିଶ୍ଚିତ ଭାବେ ବଞ୍ଚିତ ହେବେ । ଆଧୁନିକ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ସେ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଓ ଇସ୍‌ଲାମ ଧର୍ମ ସହିତ ସଂହତି ସ୍ଥାପନ କରିବା ପାଇଁ ଜୀବନବ୍ୟାପୀ କାମ କରିଥିଲେ । ସେ କୋରାନ୍‌କୁ ବିଶ୍ୱାସ ଓ ଜ୍ଞାନର ଭିତ୍ତିଭୂମି – ବୌଦ୍ଧିକତା ଓ ବିଜ୍ଞାନର ଅନୁପାତିକ ସମନ୍ୱୟ ରୂପେ ବର୍ଣ୍ଣନା କରିଥିଲେ । ସେ ଲୋକମାନଙ୍କୁ ଯୁକ୍ତିମୂଳକ, ତଥ୍ୟଭିତ୍ତିକ ଦୃଷ୍ଟିଭଙ୍ଗୀ ଓ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଉତ୍ସାହ ଓ ପ୍ରେରଣା ଦେଇଥିଲେ । ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ଆନୁଗତ୍ୟ ପ୍ରତି ସାବଧାନ ଓ ସଚେତନ ରହିବାକୁ ସେ ଲୋକମାନଙ୍କୁ ସତର୍କ କରି ଦେଇଥିଲେ । ସେ ଲୋକମାନଙ୍କୁ ଉଦାରଭାବାପନ୍ନ ଓ ସହିଷ୍ଣୁ ହେବା ପାଇଁ ପରାମର୍ଶ ଦେଉଥିଲେ । ୧୮୮୩ରେ ସେ କହିଥିଲେ – ‘‘ବର୍ତ୍ତମାନ ଆମେ ଦୁଇ (ହିନ୍ଦୁ ଓ ମୁସଲମାନ) ସଂପ୍ରଦାୟ ଭାରତବର୍ଷର ବାୟୁ ମଣ୍ଡଳରେ ବାସ କରୁଛନ୍ତି । ଗଙ୍ଗା ଓ ଯମୁନାର ପବିତ୍ର ଜଳପାନ କରୁଛନ୍ତି, ଆମେ ଦୁଇ ଜାତି ଭାରତ ଭୂମିର ଉତ୍ପାଦିତ ଶସ୍ୟକୁ ଖାଦ୍ୟରୂପେ ଗ୍ରହଣ

କରୁଛନ୍ତି । ଆମେ ଗୋଟିଏ ଦେଶର ସନ୍ତାନ । ଏହି ଦେଶର ପ୍ରଗତି ଓ କଲ୍ୟାଣ ଆମ ଦୁଇ ଜାତିର । ଏହା ଆମର ଏକତା, ପାରସ୍ପରିକ ସଦ୍‌ଭାବ ଓ ସହାନୁଭୂତି ଉପରେ ଏକାନ୍ତ ଭାବରେ ନିର୍ଭର କରେ । ଅନ୍ୟଥା ଆମ ଭିତରେ ଭୁଲ୍ ବୁଝାମଣା, ଜିଦ୍‌ଖୋର ଅସହିଷ୍ଣୁ ଭାବ, ବିରୋଧାଭାସ ଓ କୁତ୍ସିତ ଆଭିମୁଖ୍ୟ ନିଶ୍ଚିତ ଭାବେ ଆମକୁ ଧ୍ୱଂସ କରିଦେବ ।’’

ସୟଦ ଅହମ୍ମଦ ଖାନ୍ ବିଶ୍ୱାସ କରୁଥିଲେ ଯେ ମୁସଲମାନମାନଙ୍କର ସାମାଜିକ ଓ ଧାର୍ମିକ ଜୀବନର ଉନ୍ନତି କେବଳ ଆଧୁନିକ ପାଶ୍ଚାତ୍ୟ ବୈଜ୍ଞାନିକ ଜ୍ଞାନକୌଶଳ ଓ ସାଂସ୍କୃତିକ ପ୍ରଭାବ ବଳରେ ସମ୍ଭବ ହୋଇପାରିବ । ଶତ୍ରୁ ବୋଲି ଭାବୁଥିବା ଇଂରେଜମାନଙ୍କ ସହ ସୁସଂପର୍କ ରଖିପାରିଲେ ମୁସଲମାନ ସଂପ୍ରଦାୟର କଲ୍ୟାଣ ହୋଇପାରିବ, ଏହା ସୟଦ ଅହମ୍ମଦ ଖାନ୍ ହୃଦୟଙ୍ଗମ କରିଥିଲେ ।

ସେ ମଧ୍ୟ ଏହା ହୃଦୟଙ୍ଗମ କରିଥିଲେ ଯେ ମୁସଲମାନମାନେ ପାଶ୍ଚାତ୍ୟ ଶିକ୍ଷା ଗ୍ରହଣ କଲେ ସେମାନଙ୍କ ସାମାଜିକ ଓ ଧାର୍ମିକ ଜୀବନଧାରା ଉନ୍ନତ ହୋଇପାରିବ । ତେଣୁ ସେ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ଓ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଏହି ଆଧୁନିକ ଶିକ୍ଷା ପାଇଁ ସେ କେତେଗୁଡ଼ିଏ ବିଦ୍ୟାଳୟ ସ୍ଥାପନ କରିଥିଲେ । ଅନେକ ସଂଖ୍ୟାରେ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ପୁସ୍ତକମାନ ସେ ଉର୍ଦ୍ଦୁ ଭାଷାରେ ଅନୁବାଦ ମଧ୍ୟ କରାଇଥିଲେ । ୧୮୭୫ ମସିହାରେ ସେ ଆଲିଗଡ଼ଠାରେ ମୁସଲିମ ଆଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ ସ୍ଥାପନ କରିଥିଲେ । ପାଶ୍ଚାତ୍ୟ ବିଜ୍ଞାନ ସମୂହ ଓ ସାଂସ୍କୃତିକ ଚେତନାର ପ୍ରସାର ଓ ପ୍ରଚାର ନିମନ୍ତେ ଏହା ଏକ କେନ୍ଦ୍ର ରୂପେ ବିବେଚିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି କଲେଜ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା ।

ସୟଦ ଅହମ୍ମଦ ଖାନ୍‌ଙ୍କ ଦ୍ୱାରା ଆଲିଗଡ଼ରେ ଆରମ୍ଭ ହୋଇଥିବା ମୁସଲମାନଙ୍କର ଏହି ସାମାଜିକ, ସାଂସ୍କୃତିକ ଓ ଉଦାରପନ୍ଥୀ ଆନ୍ଦୋଳନ ଆଲିଗଡ଼ ଆନ୍ଦୋଳନ ନାମରେ ପରିଚିତ । ଆଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ ଏହି ଆନ୍ଦୋଳନର କେନ୍ଦ୍ରସ୍ଥଳୀରୂପେ କାର୍ଯ୍ୟ କରିଥିଲା । ଏହା ମୁସଲମାନମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷାର ବିକାଶ ସହିତ ଇସଲାମ ଧର୍ମ ସହ ଥିବା ଗତାନୁଗତିକ ସଂପର୍କକୁ ଦୁର୍ବଳ ନକରିବାକୁ ଗୁରୁତ୍ୱ ଦେଉଥିଲା । ଏହା ଭାରତୀୟ ମୁସଲମାନମାନଙ୍କ ପାଇଁ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ପରିଣତ ହୋଇଥିଲା ।

ଏହି ଆଲିଗଡ଼ ଆନ୍ଦୋଳନ ମୁସଲମାନ ସଂପ୍ରଦାୟର ପୁନରୁତ୍‌ଥାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଂପନ୍ନ କରିଥିଲା । ଦେଶର ବିଭିନ୍ନ ଅଞ୍ଚଳରେ ଅବ୍ୟବସ୍ଥିତ ଭାବରେ ବସବାସ କରୁଥିବା ମୁସଲମାନ ସଂପ୍ରଦାୟ ପାଇଁ ଏହା ଏକ କେନ୍ଦ୍ରସ୍ଥଳ ଯୋଗାଇ ଦେଇଥିଲା । ଏହା ସେମାନଙ୍କୁ ଏକ ପ୍ରକାର ଭାଷା ଉର୍ଦ୍ଦୁ, ଏକ ଯୋଜନାବଦ୍ଧ ମତ ଓ ବିଶ୍ୱାସ ପାଇଁ ସୁଯୋଗ ସୃଷ୍ଟି କରିଥିଲା । ଗୋଟିଏ ମୁସଲିମ ଛାପାଖାନା ମଧ୍ୟ ଉର୍ଦ୍ଦୁ ଭାଷାରେ ସଂକଳନ ସବୁ ପ୍ରସ୍ତୁତ କରିବା ପାଇଁ ପ୍ରତିଷ୍ଠିତ ହୋଇଥିଲା ।

ସୟଦ ଅହମ୍ମଦଙ୍କ ପ୍ରଚେଷ୍ଟା ଓ କାର୍ଯ୍ୟାବଳୀ ସାମାଜିକସ୍ତରକୁ ସଂପ୍ରସାରିତ ହୋଇଥିଲା । ସେ ସାମାଜିକ ସଂସ୍କାର ପାଇଁ ଅନେକ କାର୍ଯ୍ୟ କରିଥିଲେ । ସେ ନାରୀଶିକ୍ଷାର ପ୍ରସାର ପାଇଁ ଆଗ୍ରହ ପ୍ରକାଶ କରିବା ସହ ପରଦା ପ୍ରଥାର ଉଚ୍ଛେଦ ପାଇଁ କାର୍ଯ୍ୟ କରିଥିଲେ । ସେ ବହୁପତ୍ନୀ ଓ ବହୁପତି ବିବାହ ପ୍ରଥାର ବିରୋଧ କରିଥିଲେ ।

ଆହୁରି ଅନେକ ସାମାଜିକ ଓ ଧର୍ମ ସଂସ୍କାର ଆନ୍ଦୋଳନ ମୁସଲମାନମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା । ମିର୍ଜା ଗୁଲାମ ଅହମ୍ମଦ ୧୮୯୯ ମସିହାରେ ଅହମ୍ମଦିଆ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହି ଆନ୍ଦୋଳନ ଫଳରେ ସମଗ୍ର ଦେଶରେ ଆଧୁନିକ ଶିକ୍ଷାର ପ୍ରସାର ପାଇଁ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନ ସ୍ଥାପନ କରାଯାଇଥିଲା । ଏହି ଆନ୍ଦୋଳନର ଅନୁଗାମୀମାନେ ଧର୍ମ କ୍ଷେତ୍ରରେ ମୁସଲମାନମାନେ ଇସଲାମ ଧର୍ମର ମହନୀୟତାର ପ୍ରଚାର କରିଥିଲେ । ସେମାନେ ହିନ୍ଦୁ-ମୁସଲମାନ୍ ଏକତା ସପକ୍ଷରେ ସ୍ୱରଉତ୍ତୋଳନ କରିଥିଲେ ।





ଆଧୁନିକ ଭାରତର ଅନ୍ୟତମ ପ୍ରସିଦ୍ଧ କବି ମହମ୍ମଦ ଇକ୍‌ବାଲ (୧୮୭୬-୧୯୩୮) ନିଜର କବିତା ମାଧ୍ୟମରେ ପରବର୍ତ୍ତୀ ପୀଢ଼ିର ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ମଧ୍ୟରେ ନୂତନ ଦର୍ଶନ ଓ ଚିନ୍ତାଧାରା ଉଦ୍ରେକ କରିପାରିଥିଲେ । ସକ୍ରିୟ ଚିନ୍ତାଧାରାକୁ ଗ୍ରହଣ କରିପାରିଲେ ପୃଥିବୀର ଅବସ୍ଥା ବଦଳିପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ମୂଳତଃ ସେ ଥିଲେ ଜଣେ ମାନବବାଦୀ ।

## ୧୦.୧୦ ପାରସିକମାନଙ୍କ ସଂସ୍କାର ଆନ୍ଦୋଳନ

ପାରସିକମାନଙ୍କର ଧାର୍ମିକ ଆନ୍ଦୋଳନ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ମୁମ୍ବାଇରେ ଆରମ୍ଭ ହୋଇଥିଲା । ୧୮୫୧ ମସିହାରେ ଫରଦୋନ୍‌ଜି ନାଉରୋଜି, ଦାଦାଭାଇ ନାରୋଜୀ, ଏସ୍.ଏସ୍.ବେଙ୍ଗଲୀ ଓ ଅନ୍ୟମାନଙ୍କ ଦ୍ୱାରା ରେହ୍ନୁମାଇ ମାଜଦୟାସାନ୍ ସଭା ବା ଧର୍ମ ସଂସ୍କାର ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ପାରସିକମାନଙ୍କ ମଧ୍ୟରେ ସାମାଜିକ ଓ ଧର୍ମ ସଂସ୍କାର ଭାବନା ସୃଷ୍ଟି ପାଇଁ ସେମାନେ ରସ୍ତଗଫତର (Rast Goftar) ନାମରେ ଏକ ମୁଖପତ୍ର ପ୍ରକାଶ କରିଥିଲେ । ନାରୀଶିକ୍ଷାର ପ୍ରଚଳନ କ୍ଷେତ୍ରରେ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଧର୍ମ କ୍ଷେତ୍ରରେ ଥିବା ଅସଂଗତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ସେମାନେ ପାରସିକମାନଙ୍କର ଚଳଣି ଓ ନାରୀମାନଙ୍କର ଶିକ୍ଷା ଓ ବିବାହ ଉପରେ ଗୁରୁତ୍ୱ ଦେଇଥିଲେ ।

## ୧୦.୧୧ ଶିଖ୍‌ମାନଙ୍କର ଧର୍ମ ସଂସ୍କାର ଆନ୍ଦୋଳନ

ଊନବିଂଶ ଶତାବ୍ଦୀର ଶେଷଭାଗରେ ଅମୃତସରରେ ଖାଲ୍‌ସା କଲେଜ ପ୍ରତିଷ୍ଠା ପରେ ଶିଖ୍‌ମାନଙ୍କର ଧର୍ମ ସଂସ୍କାର ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ବ୍ରିଟିଶ ସରକାର ସାହାଯ୍ୟ ଓ ସିଂହ ସଭାର ଉଦ୍ୟମ (୧୮୭୦) ଫଳରେ ୧୮୯୨ ମସିହାରେ ଅମୃତସରଠାରେ ଖାଲ୍‌ସା କଲେଜ ପ୍ରତିଷ୍ଠିତ ହୋଇଥିଲା । ଏହି କଲେଜ ଓ ସ୍କୁଲଗୁଡ଼ିକ ଦ୍ୱାରା ଗୁରୁମୁଖୀ ଭାଷା, ଶିଖ୍‌ମାନଙ୍କର ଶିକ୍ଷା ଓ ପଞ୍ଜାବୀ ସାହିତ୍ୟର ଯଥେଷ୍ଟ ଉନ୍ନତି ଘଟିଥିଲା ।

୧୯୨୦ ମସିହା ପରେ ପଞ୍ଜାବରେ ଅକାଳୀ ଆନ୍ଦୋଳନ ଆରମ୍ଭ ପରେ ପରେ ଶିଖ୍ ଶକ୍ତିର ଶକ୍ତି ବୃଦ୍ଧି ଘଟିଥିଲା । ସେମାନଙ୍କ ଗୁରୁଦ୍ୱାରମାନ ଓ ଶିଖ୍ ତୀର୍ଥସ୍ଥାନଗୁଡ଼ିକୁ ପୁରୋହିତ ବା ମହନ୍ତମାନଙ୍କର ଅକ୍ତିଆରରୁ ମୁକ୍ତ କରିବାକୁ ଅକାଳୀମାନେ ଦାବୀ କରିଥିଲେ । ପୁରୋହିତ ବା ମହନ୍ତମାନେ ସେଗୁଡ଼ିକୁ ସେମାନଙ୍କର ନିଜସ୍ୱ ସଂପତ୍ତି ରୂପେ ଉପଭୋଗ କରୁଥିଲେ । ୧୯୨୫ ମସିହାରେ ଏହି ଗୁରୁଦ୍ୱାରଗୁଡ଼ିକର ପରିଚାଳନା ଦାୟିତ୍ୱ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି ହସ୍ତରେ ଦେବା ପାଇଁ ଏକ ଆଇନ୍ ପ୍ରଣୟନ ହୋଇଥିଲା ।

## ୧୦.୧୨ ସଂସ୍କାର ଆନ୍ଦୋଳନର ପ୍ରଭାବ

ଇଂରେଜମାନେ ଉଚ୍ଚବର୍ଗର ପୁରାତନପନ୍ଥୀମାନଙ୍କୁ ତୁଷ୍ଟିକରଣ କରିବା ନୀତି ଗ୍ରହଣ କରିଥିଲେ । ସେଥିପାଇଁ କେବଳ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରାଯାଇଥିଲା । ନାରୀମାନଙ୍କର ସାମାଜିକ ସମ୍ମାନ ବୃଦ୍ଧି ପାଇଁ କେତେଗୁଡ଼ିଏ ଆଇନଗତ ସୁଚିନ୍ତିତ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା । ଉଦାହରଣ ସ୍ୱରୂପ, ସତୀଦାହ ପ୍ରଥାକୁ ୧୮୨୯ ମସିହାରେ ବେଆଇନ୍ ଘୋଷଣା କରାଯାଇଥିଲା । ଏଥିସହିତ ଶିଶୁ ହତ୍ୟାକୁ ମଧ୍ୟ ଆଇନ୍ ଦ୍ୱାରା ବନ୍ଦ କରାଯାଇଥିଲା । ୧୮୫୬ ମସିହାରେ ପ୍ରଣୟନ କରାଯାଇଥିବା ଆଇନ୍ ବଳରେ ବିଧବାମାନଙ୍କୁ ପୁନର୍ବିବାହ କରିବାକୁ ଅନୁମତି ମିଳିଥିଲା । ୧୮୬୦ ମସିହାରେ ପ୍ରଣୟନ ହୋଇଥିବା ଅନ୍ୟ ଏକ ଆଇନ୍‌ରେ ମହିଳାମାନଙ୍କର ବିବାହ କରିବାର ସର୍ବନିମ୍ନ ବୟସ ୧୦ ବର୍ଷ ରଖାଯାଇଥିଲା ।

୧୮୭୨ ମସିହାରେ ପ୍ରଣୀତ ଆଇନ୍ ବଳରେ ଜାତି-ଜାତି ଓ ସଂପ୍ରଦାୟ ମଧ୍ୟରେ ବିବାହକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ବାଲ୍ୟବିବାହକୁ ହତୋତ୍ସାହିତ କରିବା ପାଇଁ ୧୮୯୧ ମସିହାରେ ଅନ୍ୟ ଏକ ଆଇନ୍ ପ୍ରଣୟନ କରାଯାଇଥିଲା । ଏହାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ୧୯୨୯ ମସିହାରେ ଶାରଦା ଆଇନ୍ ପ୍ରଣୟନ ହୋଇଥିଲା । ଏହି ଆଇନ୍ ଅନୁସାରେ ୧୪ ବର୍ଷରୁ କମ୍ କୌଣସି ବାଳିକା ଓ ୧୮ ବର୍ଷରୁ କମ୍ କୌଣସି ବାଳକ ବିବାହ କଲେ ଆଇନ୍ ଦୃଷ୍ଟିରେ ଦଣ୍ଡନୀୟ ହେବ । ବିଂଶ ଶତାବ୍ଦୀରେ ବିଶେଷତଃ ୧୯୧୯ ମସିହା ପରେ ପରେ ଭାରତୀୟ ଜାତୀୟ ଆନ୍ଦୋଳନ ଦ୍ୱାରା ସାମାଜିକ ସଂସ୍କାରଗୁଡ଼ିକ ପ୍ରସାରିତ ଓ ପ୍ରଚାରିତ ହୋଇଥିଲା । ଅଧିକରୁ ଅଧିକ ସଂସ୍କାରକମାନେ ଭାରତୀୟ ଭାଷାଗୁଡ଼ିକ ମାଧ୍ୟମରେ ସେମାନଙ୍କର ପ୍ରଚାରକାର୍ଯ୍ୟ କରିବା ଫଳରେ ଏହା ସମସ୍ତଙ୍କର ବୋଧଗମ୍ୟ ହୋଇପାରିଥିଲା । ସେମାନଙ୍କ ମତ ଓ ବିଚାରଗୁଡ଼ିକର ପ୍ରସାର ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ସମ୍ବାଦପତ୍ର ମାଧ୍ୟମରେ ହୋଇପାରୁଥିଲା ଏବଂ ୧୯୩୦ ମସିହାରେ ଚଳଚ୍ଚିତ୍ର ଦ୍ୱାରା ଏହା ଆହୁରି ସହଜ ହୋଇପାରିଥିଲା ।

ବହୁ ସଂଖ୍ୟକ ବ୍ୟକ୍ତିବିଶେଷ ସଂସ୍କାର ସଂସ୍ଥା ଓ ଧର୍ମ ଅନୁଷ୍ଠାନଗୁଡ଼ିକ ନାରୀ ଶିକ୍ଷାର ଉନ୍ନତି ଓ ପ୍ରସାର, ବାଲ୍ୟ ବିବାହ ଓ ପରଦା ପ୍ରଥାର ଉଚ୍ଛେଦ, ଏକ ପତ୍ନୀ ବିବାହ ପ୍ରଥାର ପ୍ରଚଳନ ଏବଂ ମଧ୍ୟବିତ୍ତ ଶ୍ରେଣୀର ମହିଳାମାନଙ୍କୁ ଚାକିରୀ କରିବା ସୁଯୋଗ ପ୍ରଦାନ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିଥିଲେ । ଏହିସବୁ ଉଦ୍ୟମ ଫଳରେ ବହୁ ସଂଖ୍ୟକ ମହିଳା ଭାରତର ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହା ଫଳରେ ଅନେକଗୁଡ଼ିଏ ଅନ୍ଧବିଶ୍ୱାସର ଅବସାନ ଘଟିଥିଲା । ବର୍ତ୍ତମାନ ବିଦେଶଯାତ୍ରାକୁ ପାପ ଭାବରେ ଆଉ ଗ୍ରହଣ କରାଯାଇନଥିଲା ।

## ପାଠଗତ ପ୍ରଶ୍ନାବଳୀ ୧୦.୪

୧. କିଏ ମହମ୍ମଡାନ ଆଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ ପ୍ରତିଷ୍ଠା କରିଥିଲେ ?

_______________

୨. ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?

_______________

୩. ମୁସଲମାନ ମହିଳାଙ୍କ ସଂପର୍କରେ ସୟଦ ଅହମ୍ମଦ୍ ଖାନ୍‌ଙ୍କ ମତ କ'ଣ ଥିଲା ?

_______________

୪. ମହମ୍ମଡ଼ାନ ଲିଟେରାରୀ ସୋସାଇଟି (ମହମ୍ମଡ଼ିଆନ୍ ସାହିତ୍ୟ ସମାଜ) କେଉଁଠାରେ ପ୍ରତିଷ୍ଠା ହୋଇଥିଲା ?

_______________

୫. ପାରସିକମାନଙ୍କର ଅନ୍ୟୁନ ତିନିଜଣ ପ୍ରସିଦ୍ଧ ସାମାଜିକ ଓ ଧାର୍ମିକ ସଂସ୍କାରକଙ୍କ ନାମ ଲେଖ ।

_______________

## ତୁମେ କ'ଣ ଶିଖିଲ ?

- ବ୍ରିଟିଶ ଶାସନର ପ୍ରଭାବରେ ଭାରତରେ ବହୁ ସାମାଜିକ ଓ ଧାର୍ମିକ ସଂସ୍କାର ସମ୍ଭବ ହୋଇଥିଲା ।
- ଭାରତରେ ଆଧୁନିକ ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ଗଭୀର ଅଧ୍ୟବସାୟ ଓ ସଫଳତାର ସହିତ ତତ୍କାଳୀନ ସାମାଜରେ ପ୍ରଚଳିତ ସାମାଜିକ କୁସଂସ୍କାର ସମୂହର ମୂଳୋତ୍ପାଟନ ପାଇଁ ସଂଗ୍ରାମ ନିମିତ୍ତ ରାଜା ରାମମୋହନ ରାୟଙ୍କୁ ସମସ୍ତ ଜନଜାଗରଣ ଓ ସଚେତନତାର ପ୍ରାଣ ପ୍ରତିଷ୍ଠାତା ରୂପେ ବିବେଚନା କରାଯାଇଛି ।
- ଆର୍.ଜି. ଭଣ୍ଡାରକର ଓ ଏମ୍.ଜି. ରାଣାଡେ ସମଗ୍ର ମହାରାଷ୍ଟ୍ରରେ ସେମାନଙ୍କ ପ୍ରାର୍ଥନା ସମାଜ ମାଧ୍ୟମରେ ସବର୍ଣ୍ଣ–ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହିତ କରିଥିଲେ । ଏହା ସହିତ ନାରୀମାନଙ୍କର ବହୁ ଉନ୍ନତିମୂଳକ କାର୍ଯ୍ୟ ଓ ପୁରୋହିତମାନଙ୍କର ପ୍ରାଧାନ୍ୟ ହ୍ରାସ ସହିତ ଅନେକ ଧର୍ମୀୟ ସଂସ୍କାର କାର୍ଯ୍ୟ କରିଥିଲେ ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିବା ସହ ପୁରୋହିତମାନଙ୍କ ଅତ୍ୟାଚାରରୁ ସମାଜକୁ ମୁକ୍ତ କରିଥିଲେ । ସେ ବେଦର ସଠିକ୍ ବ୍ୟାଖ୍ୟା ନିମନ୍ତେ ବ୍ୟକ୍ତିଗତ ଅଧିକାର ସଂପର୍କରେ ବିତର୍କ ସୃଷ୍ଟି କରିଥିଲେ । ଏହା ବ୍ୟତୀତ ତାଙ୍କର ଏହି ଅନୁଷ୍ଠାନ ଅସ୍ପୃଶ୍ୟତା ନିରୋଧ ଓ ଜାତିପ୍ରଥା ସଂପର୍କୀୟ କଠୋର ସାମାଜିକ ଅନୁଶାସନ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ସହିତ ଆଧୁନିକ ଶିକ୍ଷାର ପ୍ରସାର ନିମନ୍ତେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ।
- ସ୍ୱାମୀ ବିବେକାନନ୍ଦ ଜଣେ ପ୍ରସିଦ୍ଧ ମାନବବାଦୀ ସଂସ୍କାରକ ରୂପେ ସୁପରିଚିତ । ସେ ରାମକୃଷ୍ଣ ମିଶନ୍ ମାଧ୍ୟମରେ ଧର୍ମୀୟ କୁସଂସ୍କାର ଓ ସଂକୀର୍ଣ୍ଣତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।
- ଥିଓସୋଫିକାଲ ବା ବ୍ରହ୍ମବିଦ୍ୟା ସମିତିର ପ୍ରତିଷ୍ଠାତା ଆନିବେସାନ୍ତଙ୍କ ନେତୃତ୍ୱରେ ଭାରତବର୍ଷର ପ୍ରାଚୀନ ଧର୍ମ, ଦର୍ଶନ ଓ ମୂଲ୍ୟବାନ ଧର୍ମତତ୍ତ୍ୱ ସଂପର୍କରେ ଚର୍ଚ୍ଚାର ପରିସର ସୃଷ୍ଟି କରିଥିଲେ ।
- ମୁସଲମାନମାନଙ୍କର ଧର୍ମୀୟ ସଂସ୍କାର ଆନ୍ଦୋଳନ ସୟଦ ଅହମ୍ମଦ ଖାନ୍ଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ସେ ମୁସଲମାନମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷାର ପ୍ରସାର ସହିତ ବହୁପତ୍ନୀ ବିବାହ ବ୍ୟବସ୍ଥା, ପରଦା ପ୍ରଥା, ଧାର୍ମିକ ଅସହିଷ୍ଣୁତା, ଅଜ୍ଞତା ଓ ଅସଂଗତ ବିଚାରହୀନତା ପ୍ରଭୃତିକୁ ବିରୋଧ କରୁଥିଲେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଭାରତରେ ସାମାଜିକ ସଂସ୍କାର ଆନ୍ଦୋଳନରେ ରାଜା ରାମମୋହନ ରାୟଙ୍କ ଭୂମିକା ଆଲୋଚନା କର ।

୨. ପ୍ରାର୍ଥନା ସମାଜ କିପରି ଭାବରେ ଧାର୍ମିକ ସଂସ୍କାର ଓ ସାମାଜିକ ସଂସ୍କାର କରିଥିଲା ?

୩. ଆର୍ଯ୍ୟ ସମାଜର ବେଦ ସଂପର୍କରେ କ'ଣ ବିଶ୍ୱାସ ଥିଲା, ଏହା ଆଲୋଚନା ମାଧ୍ୟମରେ ପ୍ରତିପାଦନ କର ।

୪. ଊନବିଂଶ ଶତାବ୍ଦୀରେ ରାମକୃଷ୍ଣ ମିଶନ୍ କିଭଳି ଭାରତୀୟ ଜାତୀୟ ଚେତନାକୁ ଜାଗ୍ରତ କରିଥିଲା ?

୫. ମୁସଲମାନ ସଂପ୍ରଦାୟ ମଧ୍ୟରେ ଥିବା ମନ୍ଦ କୁସଂସ୍କାରଗୁଡ଼ିକୁ ଦୂର କରିବା ପାଇଁ ସୟଦ ଅହମଦ ଖାଁ କେଉଁ ପ୍ରକାର ସଂସ୍କାର କାର୍ଯ୍ୟକ୍ରମ ସଂପାଦନ କରିଥିଲେ ?

୬. ଭାରତୀୟ ସମାଜର ଉନ୍ନତି ପଥରେ ଥିଓସୋଫିକାଲ ବା ବ୍ରହ୍ମବିଦ୍ୟା ସମିତିର ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ବିଶଦ୍ ଭାବରେ ବ୍ୟାଖ୍ୟା କର ।

୭. ଶିଖ୍ ଧର୍ମର ସଂସ୍କାରକମାନଙ୍କର ସଂସ୍କାର କାର୍ଯ୍ୟ ସଂପର୍କରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୦.୧**

୧. ସମାଜରେ ପ୍ରଚଳିତ ସତୀଦାହ ଓ ଜାତି ପ୍ରଥା ।

୨. ମୂର୍ତ୍ତିପୂଜାର ବିରୋଧ, ବଳି ପ୍ରଥାର ବିରୋଧ, ନୈବେଦ୍ୟ ପ୍ରଦାନର ବିରୋଧ, ସତୀ ପ୍ରଥାର ବିରୋଧ ଓ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ।

୩. ସବର୍ଣ୍ଣ–ଅସବର୍ଣ୍ଣ ମଧ୍ୟରେ ବିବାହ, ସବର୍ଣ୍ଣ–ଅସବର୍ଣ୍ଣଙ୍କ ଏକତ୍ର ପଂକ୍ତି ଭୋଜନ, ବିଧବା ପୁନର୍ବିବାହ, ମହିଳାମାନଙ୍କର ଓ ନିମ୍ନେସିତମାନଙ୍କର ଉନ୍ନତି ।

୪. ପ୍ରାର୍ଥନା ସମାଜର ଆଦର୍ଶବାଦର ଦୃଢ଼ ସମର୍ଥକ ।

**୧୦.୨**

୧. ଆର୍ଯ୍ୟସମାଜ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

୨. ୧୮୮୬ ମସିହାରେ ଲାହୋରଠାରେ ।

୩. ମଣିଷ ଜାତିର ସେବା ମୁକ୍ତି ବା ମୋକ୍ଷ ପ୍ରାପ୍ତିର ମାଧ୍ୟମ ।

୪. ନରେନ୍ଦ୍ରନାଥ ଦତ୍ତ

୫. ଗରୀବ ଓ ଦଳିତମାନଙ୍କର ସେବା

**୧୦.୩**

୧. ଯୁକ୍ତରାଷ୍ଟ୍ର ଆମେରିକା

୨. ଏଚ୍.ପି. ବ୍ଲାଭାଟ୍‌ସ୍କି (ଋଷୀୟ) ଏବଂ ଆମେରିକୀୟ କର୍ଣ୍ଣେଲ ଏଚ୍.ଏସ୍. ଓଲକଟ୍

୩. ଚେନ୍ନାଇ ନିକଟସ୍ଥ ଆଡାୟାର

୪. ଶ୍ରୀମତୀ ଆନିବେସାନ୍ତ

**୧୦.୪**

୧. ସୟଦ ଅହମ୍ମଦ ଖାନ୍

୨. ଆଲିଗଡ଼

୩. ପରଦା ପ୍ରଥାର ଉଚ୍ଛେଦ ଓ ନାରୀଶିକ୍ଷାର ପ୍ରଚଳନ

୪. ୧୮୬୩ ମସିହାରେ କଲିକତାଠାରେ

୫. ଦାଦାଭାଇ ନାଓରୋଜୀ, ଏସ୍.ଏସ୍. ବେଙ୍ଗଲୀ, ନାଓରୋଜୀ ଫରଦୋଙ୍ଗୀ